

ମୁହଁ ଖୋଲିଲେ ଜାହ୍ନବୀ

▶ଭିତର ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-314 ♦BHUBANESWAR ♦SATURDAY ♦11 MAY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୧୪ ♦ଭୁବନେଶ୍ୱର ♦ଶନିବାର ♦୧୧ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


# ଆମ ଲକ୍ଷ୍ୟ ଓଡ଼ିଶା ନଂ 1



ବିଜୁ ଜନତା ଦଳ

## ଲୋକଙ୍କ ଘୋଷଣାପତ୍ର - ୨୦୨୪



### ଯୁବବର୍ଗ

- ସ୍ୱତନ୍ତ୍ର ଯୁବ ବଜେଟ୍ ଆଣିବାରେ ଓଡ଼ିଶା ହେବ ପ୍ରଥମ ରାଜ୍ୟ।
- ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ୍।
- ୧ ହଜାର କୋଟି ବଜେଟ୍ ଉପରେ ନିଜ ନିଷ୍ପତ୍ତି ନେବେ ଯୁବବର୍ଗ।
- ନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କୁ ୧୪,୦୦୦ ଟଙ୍କା ଓ ଛାତ୍ରଙ୍କୁ ୧୨,୦୦୦ ଟଙ୍କାର ବର୍ଦ୍ଧିତ ବୃତ୍ତି ପ୍ରଦାନ କରାଯିବ।
- ନୂଆ-ଓ ଛାତ୍ରବୃତ୍ତି ଓ ମ୍ୟାଜିକ୍ କାର୍ଡ଼ର ପରିସର ବୃଦ୍ଧି କରାଯାଇ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ।
- ଯୁବବର୍ଗଙ୍କୁ ମିଳିବ ୨ ଲକ୍ଷ ସରକାରୀ ନିଯୁକ୍ତି।



### ସହରୀକରଣ

- ଚାରୋଟି ମେଗା ଅର୍ବାନ କ୍ଲଷ୍ଟର ଏବଂ ୨୦ଟି ଅତିରିକ୍ତ ସହରର ବିକାଶ କରାଯିବ।
- ପୁରୀକୁ ଏକ ଅନ୍ତର୍ଜାତୀୟ ସହର ରୂପେ ବିକଶିତ କରାଯିବ।
- ଭୁବନେଶ୍ୱର-କଟକ ମେଟ୍ରୋ ପ୍ରୋଜେକ୍ଟରେ ପୁରୀ ଏବଂ ଖୋର୍ଦ୍ଧାକୁ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ସମସ୍ତ ପ୍ରମୁଖ ସହରମାନଙ୍କୁ ଯୋଡ଼ିବ ଲକ୍ଷ୍ମୀ ବସ୍।
- ୨୦ଟି ସହରକୁ ବିମାନ ସେବା ଦ୍ୱାରା ସଂଯୋଗ କରାଯିବ।



### ନିବେଶ ଏବଂ ଅର୍ଥନୈତିକ ବିକାଶ

- ନୂତନ ଟେକ୍ନୋଲୋଜି ଏବଂ ଅର୍ଥନୀତି ସହ ସେମିକଣ୍ଡକ୍ଟର ହବ୍, ଆଇଟି ଇଣ୍ଡଷ୍ଟ୍ରି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଉପରେ ବିଶେଷ ଧ୍ୟାନ ଦିଆଯିବ।
- ରାଜ୍ୟରେ ନିବେଶର ସର୍ବାଧିକ ସୁଯୋଗ ସୃଷ୍ଟି କରିବାର ପ୍ରକ୍ରିୟା ଆହୁରି ସୁଦୃଢ଼ କରାଯିବ।
- ନୂତନ ଟେକ୍ନିକାଲ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ହେବ।
- ୧୦୦ଟି ପରିବେଶ ଅନୁକୂଳ(eco-friendly) ପର୍ଯ୍ୟଟନ ସ୍ଥଳର ବିକାଶ କରାଯିବ।



### ଶକ୍ତି ନିରାପତ୍ତା

- ପ୍ରତି ପରିବାରକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିନା ମୂଲ୍ୟରେ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ପ୍ରାୟ ୯୦% ପରିବାର ହେବେ ଉପକୃତ।



### ମଧ୍ୟବିତ୍ତ

- ସରକାରୀ କର୍ମଚାରୀଙ୍କ ସମେତ ଚୁକ୍ତିଭିତ୍ତିକ କର୍ମଚାରୀ, ତୃଣମୂଳ ସ୍ତରରେ କାମ କରୁଥିବା କର୍ମଚାରୀ ଏବଂ ଯୋଗ୍ୟ ସହରାଞ୍ଚଳ ପରିବାରକୁ BSKYରେ ଅନ୍ତର୍ଭୁକ୍ତ କରାଯିବ।
- ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ସୁଧ ଉପରେ ରିହାତି ମିଳିବ।
- ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ସୁଧ ଉପରେ ରିହାତି ମିଳିବ।
- ସହରାଞ୍ଚଳକୁ ମାଗଣା ବିଜୁଳି ସେବାରେ ଅନ୍ତର୍ଭୁକ୍ତ କରାଯିବ।
- ସମସ୍ତଙ୍କ ପାଇଁ ସୁଲଭ ପରିବହନ ବ୍ୟବସ୍ଥା କରାଯିବ।



### ମହିଳା ସଶକ୍ତିକରଣ

- ମିଶନ ଶକ୍ତି ମହିଳାଙ୍କୁ ମିଳିବ ସାମାଜିକ ସୁରକ୍ଷା ପେନସନ।
- ମିଶନ ଶକ୍ତି ମହିଳାଙ୍କୁ ମିଳିବ ବିନା ସୁଧରେ ୧୫ ଲକ୍ଷ ଟଙ୍କାର ଋଣ।
- ମିଶନ ଶକ୍ତିକୁ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ।
- ମହିଳା ଉଦ୍ୟୋଗୀଙ୍କ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି କରାଯିବ।
- BSKYର ପରିସରକୁ ବୃଦ୍ଧି କରାଯାଇ ତୃଣମୂଳସ୍ତରର ମହିଳା କର୍ମଚାରୀଙ୍କୁ ସାମିଲ୍ କରାଯିବ।



### ସାମାଜିକ ନିରାପତ୍ତା

- ୧ ଲକ୍ଷ ଯୋଗ୍ୟ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ବ୍ୟକ୍ତିବିଶେଷଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧,୦୦,୦୦୦ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ସମସ୍ତ ଯୋଗ୍ୟ ପରିବାରକୁ ରାସନ କାର୍ଡ଼ ଯୋଗାଇ ଦିଆଯିବ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରଙ୍କ ପାଇଁ ୧୦ ଲକ୍ଷ ଗୃହ ନିର୍ମାଣ କରାଯିବ।



### ଚାଷୀ

- ବିନା ସୁଧରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ବିରତି ସମୟରେ ମତ୍ସ୍ୟଜୀବୀମାନଙ୍କୁ ୧୫,୦୦୦ ଟଙ୍କାର ସହାୟତା ମିଳିବ।
- ଝିଅ ବିବାହ ପାଇଁ ଚାଷୀ ପରିବାରକୁ ୨୫,୦୦୦ ଟଙ୍କାର ସହାୟତା ମିଳିବ।



### ଭାଷା, ଐତିହ୍ୟ ଓ ସଂସ୍କୃତି

- ଐତିହ୍ୟ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଶାସ୍ତ୍ରୀୟ ଭାଷା ଓଡ଼ିଆର ବିକାଶ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯିବ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ଭାଷାଗୁଡ଼ିକର ଗବେଷଣା ଓ ବିକାଶ ପାଇଁ ୨୫ ଲକ୍ଷ ଟଙ୍କାର କର୍ପସ ପାଣ୍ଠି କରାଯିବ।

5T ନବୀନ ଗ୍ୟାରେଣ୍ଟି

**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ** ଲୋକସଭା ବିଧାନସଭା

PUBLISHED BY DR SASMIT PATRA, GENERAL SECRETARY, BIJU JANATA DAL






# ୧୨ ମାଓବାଦୀ ନିପାତ; ୨ ଯବାନ ଆହତ

## ସୁରକ୍ଷାବାହିନୀକୁ ସଫଳତା

## ୧୩୧ ଦିନରେ ୧୦୩ ମାଓବାଦୀ ସଫା

ମାଲକାନଗିରି,୧୦।୫(ସମିସ)

ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ ଓ ପୁଲିସ ମଧ୍ୟରେ ଶୁକ୍ରବାର ବଡ଼ଧରଣର ଗୁଳିବିନିମୟ ହୋଇଛି। ଏଥିରେ ୧୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ସଂଘର୍ଷରେ ଏସ୍‌ଟିଏଫ୍ ଏବଂ ଡିଆରଜିର ୨ ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି। ସୂଚନାଯୋଗ୍ୟ ଯେ ଏହାକୁ ମିଶାଇ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୧୩୧ ଦିନ ମଧ୍ୟରେ ୧୦୩ ମାଓବାଦୀ ନିପାତ ହେଲେଣି।

ସୂଚନା ଅନୁଯାୟୀ, ଛତିଶଗଡ଼ ବିଜାପୁର ଜିଲ୍ଲାର ଗାଙ୍ଗାଲୁର ଥାନା ଅନ୍ତର୍ଗତ ପିଡ଼ିଆ ଅଞ୍ଚଳର ଏକ ଜଙ୍ଗଲରେ ଦୁର୍ଦ୍ଧାନ୍ତ ମାଓବାଦୀ ଲିଙ୍ଗା, ପାପାରାଓ ବଡ଼ ନେତା ତାଙ୍କ ୧୦୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଏକ ବୈଠକ କରୁଥିବା ନେଇ ଗୁଇନ୍ଦା ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ମାଓବାଦୀମାନେ ବଡ଼ଧରଣର ହିଂସାକାଣ୍ଡ ଭିଆଇବା ସହ ଆଗାମୀ ୧୩ ତାରିଖ ଦିନ ଓଡ଼ିଶା ସୀମାନ୍ତରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ମଧ୍ୟ ଟାର୍ଗେଟ କରି ବାଧା ସୃଷ୍ଟି ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ନେଇ ଠୋସ୍ ସୂଚନା ପାଇବା ପରେ ତିନି ଜିଲ୍ଲା ବିଜାପୁର, ଦାନ୍ତେୱାଡ଼ା, ସୁକମାର ଫୋର୍ସ ମିଳିତ ଅଭିଯାନ ଆରମ୍ଭ କରିଥିଲେ। ଡିଆରଜି, ଏସ୍‌ଟିଏଫ ଏବଂ ସିଆରପିଏଫ୍‌ର କୋବ୍ରା ବାଟାଲିୟନ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ଯବାନ ସକାଳୁ ଅଞ୍ଚଳକୁ ଘେରି ରଖିଥିଲେ। ଦୀର୍ଘ ସମୟର ତଲାସୀ ଅଭିଯାନ ପରେ ଯବାନମାନେ ମାଓକ୍ୟାମ୍ପ ନିକଟତର ହେଉଥିବାବେଳେ ମାଓବାଦୀମାନେ ଯବାନଙ୍କୁ ଦେଖି ଗୁଳିମାଡ଼ କରିଥିଲେ। ପରେ ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳିବିନିମୟ ଜାରି ରହିଥିଲା। ମାଓବାଦୀମାନେ ଲୁଚି ପଳାଇବାକୁ ପ୍ରୟାସ କରୁଥିବା ସତ୍ତ୍ୱେ ସୁରକ୍ଷାକର୍ମୀ ମାଓକ୍ୟାମ୍ପକୁ ଘେରାବନ୍ଦୀ କରି ତଲାସୀ ଅଭିଯାନକୁ ଜୋରଦାର କରିଥିଲେ।

ଅଧିକାରୀଙ୍କ ସୂଚନା ଅନୁଯାୟୀ ମାଓବାଦୀଙ୍କ ପଶ୍ଚିମ ଡିଭିଜନ କମିଟି ସହ ଯବାନଙ୍କ ସଂଘର୍ଷ ହୋଇଥିଲା। ଡିଆଇଜି କମଲଲୋଚନ କଶ୍ୟପ କହିଛନ୍ତି ଯେ ମାଓବାଦୀମାନେ ବିଜିଏଲ୍ ମାଡ଼ କରିଥିଲେ। ଜଣେ ଯବାନ ଏହା ସଂସ୍ପର୍ଶରେ ଆସି ଯାଇଥିଲେ। ସେହିପରି ଅନ୍ୟ ଜଣେ ଯବାନ ଆଇଇଡି ବିସ୍ଫୋରଣରେ ଆହତ ହୋଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ତଲାସୀ ଅଭିଯାନ ଜାରି ରହିଥିବାରୁ କେତେ ମାଓବାଦୀ ନିପାତ ହୋଇଛନ୍ତି ତାହାର ପ୍ରକୃତ ତଥ୍ୟ ଆସିନାହିଁ। ଟିମ୍ ଫେରିବା ପରେ ସଠିକ୍ ସୂଚନା ଦିଆଯିବ ବୋଲି ସେ କହିଛନ୍ତି।



### ପାପାରାଓ ଉପରେ ୪୦ ଲକ୍ଷ ପୁରସ୍କାର

ପିଡ଼ିଆ ଏନକାଉଣ୍ଟରରେ ସାମିଲ ପଶ୍ଚିମ ବସ୍ତର ଡିଭିଜନର କମାଣ୍ଡର ମାଓବାଦୀ ପାପାରାଓ ଦଣ୍ଡକାରଣ୍ୟ ସ୍ପେସିଆଲ ଜୋନାଲ କମିଟି (ଡିକେଏସ୍‌ଜେଡ୍‌ସି) ସଦସ୍ୟ। ତା ଉପରେ ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି। ସେ ପ୍ରାୟ ୨ ପର୍ଯ୍ୟାୟ ସୁରକ୍ଷା ଘେର ଭିତରେ ରହିଥାଏ। ସେ ବସ୍ତରରେ ହୋଇଥିବା ଏନ୍‌କାଉଣ୍ଟରର ମାଷ୍ଟରମାଇଣ୍ଡ ଥିଲା। ସେ ସମୟ ସମୟରେ ଠିକଣା ବଦଳାଉ ଥିଲା।





ଖୋଲିଲା ବାବା କେଦାରନାଥଙ୍କ ପହଡ଼। ଦିନକରେ ଦର୍ଶନ କଲେ ୨୯ ହଜାର ୩୦ ଭକ୍ତ

## କୃଷ୍ଣକାୟଙ୍କୁ ହତ୍ୟାକଲା ଆମେରିକା ପୁଲିସ

ଫ୍ଲୋରିଡ଼ା, ୧୦।୫ (ଏଜେନ୍ସି)



ଆମେରିକା ପୁଲିସ ଜଘନ୍ୟ କାଣ୍ଡ ଘଟାଇଛି। ଫ୍ଲୋରିଡ଼ାରେ ବାୟୁସେନାର ଜଣେ କୃଷ୍ଣକାୟ ସୈନିକ ରୋଜର ଫୋର୍ଟସନକୁ ଗୁଳି କରି ହତ୍ୟା କରିଛି। ପୁଲିସ କର୍ମଚାରୀଙ୍କ ଶରୀରରେ ଲାଗିଥିବା କ୍ୟାମେରାରେ ସମ୍ପୂର୍ଣ୍ଣ ଘଟଣା କଏଦ ହୋଇଯାଇଛି। ଏହାକୁ ଗୁରୁବାର ଜାରି କରାଯାଇଛି। ରିପୋର୍ଟ ଅନୁଯାୟୀ ଏକ ଅଭିଯୋଗର ଯାଞ୍ଚ ପାଇଁ ପୁଲିସ କର୍ମଚାରୀ ଭୁଲ୍ ଘରେ ପହଞ୍ଚି ଯାଇଥିଲେ। ସେ କିଛି ପଚରାଉଚୁରା ନ କରି ସିଧା ଦୁଆର ମୁହଁରେ ୨୩ ବର୍ଷୀୟ ରୋଜରଙ୍କୁ ଗୁଳି ମାରି ଦେଇଥିଲେ। ଏହି ଘଟଣା ପରେ ଅଭିଯୁକ୍ତ ପୁଲିସ କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ କିଛି ବର୍ଷ ହେଲା ଆମେରିକାରେ କୃଷ୍ଣକାୟଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି।

● ଅଭିନେତ୍ରୀ ଲୈଲା ଖାନ୍ ହତ୍ୟା ମାମଲା

## ସାବତ ବାପା ଦୋଷୀ



ମୁମ୍ବାଇ, ୧୦।୫ (ଏଜେନ୍ସି): ତେର ବର୍ଷ ପରେ ଅଭିନେତ୍ରୀ ଲୈଲା ଖାନ୍‌ଙ୍କୁ ନ୍ୟାୟ ମିଳିଛି। ଅଭିନେତ୍ରୀଙ୍କ ହତ୍ୟା ମାମଲାରେ ତାଙ୍କ ସାବତ ବାପା ପରଭେଜ ତକକୁ ମୁମ୍ବାଇର ଏକ ସେସନ କୋର୍ଟ ଗୁରୁବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଜମ୍ମୁ-କାଶ୍ମୀର ବାସିନ୍ଦା ତକ୍ ସମ୍ପତ୍ତି ପାଇଁ ୧୩ ବର୍ଷ ତଳେ (୨୦୧୧ ଫେବୃଆରୀ) ସାବତ ଝିଅ, ପତ୍ନୀ, ୩ ଭାଇଭଉଣୀଙ୍କ ସମେତ ମୋଟ ୬ ଜଣଙ୍କୁ ହତ୍ୟା କରିଥିଲା। ସେ ଲୈଲାଙ୍କ ମାଆଙ୍କ ତୃତୀୟ ସ୍ୱାମୀ ଥିଲେ। ତକ୍ ସମସ୍ତଙ୍କୁ ହତ୍ୟା କରି ମୁମ୍ବାଇର ଇଗତପୁରିରେ ଥିବା ଲୈଲାଙ୍କ ଫାର୍ମହାଉସରେ ପୋତି ଦେଇଥିଲେ। ୧୪ ତାରିଖରେ କୋର୍ଟ ଏହି ମାମଲାରେ ଦଣ୍ଡ ଘୋଷଣା କରିବେ। ସୂଚନାଯୋଗ୍ୟ ଯେ ଲୈଲା ୨୦୦୨ରେ ଚଳଚ୍ଚିତ୍ର ଜଗତରେ କ୍ୟାରିୟର ଆରମ୍ଭ କରିଥିଲେ। ମାତ୍ର ୨୦୦୮ରେ ମୁକ୍ତିଲାଭ କରିଥିବା ରାଜେଶ ଖନ୍ନାଙ୍କ ଚଳଚ୍ଚିତ୍ରରୁ ତାଙ୍କୁ ପରିଚୟ ମିଳିଥିଲା।

## ଖାର୍‌କିଭ୍‌ରେ ପଶିଲା ରୁଷ୍ ସେନା

କିଭ୍, ୧୦।୫ (ଏଜେନ୍ସି): ରୁଷ୍-ୟୁକ୍ରେନ ଯୁଦ୍ଧ ପୁଣି ଜୋରଦାର ହେବାକୁ ଲାଗିଛି। ୟୁକ୍ରେନର୍ ଖାର୍‌କିଭର ଏକ କିମି ଭିତରକୁ ରୁଷ୍ ସେନା ଅନୁପ୍ରବେଶ କରିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେନ୍‌ସ୍କି ଏହି ସୂଚନା ଦେଇଛନ୍ତି। ସେ ଖାରକିଭରୁ ଲୋକଙ୍କୁ ବାହାର କରିବାକୁ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ମୁତୟନ ପାଇଁ ସଂରକ୍ଷିତ ସେନାକୁ ଡକାଇଛନ୍ତି। ୨୦୨୨ରେ ରୁଷ୍ ସେନା ଖାର୍‌କିଭରୁ ହାରି ଯାଇଥିଲା। ଏହା ପୂର୍ବରୁ ଗୁରୁବାର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୁଦ୍ଧକୁ ଜୋରଦାର କରି ପରମାଣୁ ଅସ୍ତ୍ରଶସ୍ତ୍ରରେ ଯୁଦ୍ଧାଭ୍ୟାସ ପାଇଁ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି ସମୟରେ ୟୁକ୍ରେନ ପାଖରେ ଅସ୍ତ୍ରଶସ୍ତ୍ରର ଅଭାବ ଦେଖାଦେଇଛି। ଏହା ସତ୍ତ୍ୱେ ଲୋକଙ୍କ ରକ୍ଷା ପାଇଁ ସେନା ଛିଡ଼ା ହୋଇଛି।

## ଇଡି ଆରୋପପତ୍ରରେ କେ କବିତା

ନୂଆଦିଲ୍ଲୀ, ୧୦।୫(ଏଜେନ୍ସି): ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ନୂଆ ଆରୋପପତ୍ର ଦାଖଲ କରିଛି। ଏଥିରେ ଭାରତୀୟ ରାଷ୍ଟ୍ର ସମିତି ନେତ୍ରୀ କେ କବିତାଙ୍କ ନାମ ରହିଛି। କେ କବିତା ମାର୍ଚ୍ଚ ୧୬ରୁ ତିହାର ଜେଲରେ ଅଛନ୍ତି। ଇଡ଼ି ପକ୍ଷରୁ କୁହାଯାଇଛି ଯେ କେ କବିତା ଦିଲ୍ଲୀ ମୁଖ୍ୟ ମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସହ ଅର୍ଥ କାରବାର ପାଇଁ ଚୁକ୍ତି କରିଥିଲେ।

## କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ଦେଲେ ସୁପ୍ରିମକୋର୍ଟ

# ଇଡିକୁ ପ୍ରଶ୍ନ; ଦେଢ଼ ବର୍ଷ ହେଲା କରୁଥିଲ କ'ଣ

ନୂଆଦିଲ୍ଲୀ, ୧୦।୫ (ଏଜେନ୍ସି)

ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ନିର୍ବାଚନ ପ୍ରଚାରରେ

- ଜୁନ୍ ୨ରେ କେଜ୍ରିୱାଲଙ୍କ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ
- ନିର୍ବାଚନ ପ୍ରଚାର କରିପାରିବେ; ଅଫିସକୁ ଯାଇପାରିବେନି
- ୩୯ ଦିନ ପରେ ଜେଲ୍‌ରୁ ବାହାରିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ଅଂଶଗ୍ରହଣ କରିବାକୁ ଅନୁମତି ଦେଇଛନ୍ତି। ମାତ୍ର ଜୁନ୍ ୧ ପର୍ଯ୍ୟନ୍ତ ତାଙ୍କୁ ଜେଲ୍ ବାହାରେ ରହିବାକୁ ଅନୁମତି ଦିଆଯାଇଛି। ଯେ କୌଣସି ସ୍ଥିତିରେ ଜୁନ୍ ୨ରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ନିର୍ବାଚନ ପାଇଁ କେଜ୍ରିୱାଲଙ୍କୁ ଏହି ଆଶ୍ୱସ୍ତି ଦିଆଯାଇଛି ବୋଲି ଜଷ୍ଟିସ ସଞ୍ଜୀବ ଖନ୍ନା ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେଜ୍ରିୱାଲଙ୍କ ଜାମିନକୁ ତୀବ୍ର ବିରୋଧ କରିଥିଲା। ଜାମିନ ଦେଲେ ଭୁଲ୍



ଉଦାହରଣ ସୃଷ୍ଟି ହେବ ବୋଲି କୁହାଯାଇଥିଲା। ଏହାକୁ ନେଇ ଖଣ୍ଡପୀଠ କହିଛନ୍ତି ଯେ ୨୦୨୨ ଅଗଷ୍ଟରେ ଏହି ମାମଲା ରୁଜୁ କରାଯାଇଥିଲା। ମାତ୍ର ଚଳିତ ବର୍ଷ ମାର୍ଚ୍ଚରେ କେଜ୍ରିୱାଲଙ୍କୁ ଗିରଫ କରାଯାଇଥିଲା। ଦେଢ଼ ବର୍ଷ ହେଲା କେଜ୍ରିୱାଲ ବାହାରେ ଥିଲେ। ମାତ୍ର ଏଜେନ୍ସି ଏହି ସମୟରେ କ'ଣ କରୁଥିଲା? ପୂର୍ବରୁ କିମ୍ବା ପରେ ମଧ୍ୟ ଗିରଫ କରାଯାଇ ପାରିଥାନ୍ତା। କିନ୍ତୁ ଏପରି କରାଯାଇ ନ ଥିଲା। ତେଣୁ ୨୨ ଦିନ ଏପାଖସେପାଖ ହୋଇଗଲେ କୌଣସି ଫରକ ପଡ଼ିବ ନାହିଁ। ଅନ୍ତରୀଣ ଜାମିନକୁ ତାଙ୍କ ମାମଲା ସମ୍ବନ୍ଧିତ ଗୁଣ, ଦୋଷ ଉପରେ ଦିଆଯାଇଥିବା ରାୟ ଧରା ନ ଯାଉ। କେଜ୍ରିୱାଲଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲାଗିଛି, ମାତ୍ର ଏ ପର୍ଯ୍ୟନ୍ତ ସେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ତାଙ୍କର କୌଣସି ଆପରାଧିକ ଇତିହାସ ନାହିଁ, କି ସେ ସମାଜ ପାଇଁ ବିପଦ ନୁହଁନ୍ତି। ଲୋକସଭା ନିର୍ବାଚନକୁ ପାଇଁ ସାମୂହିକ ଏବଂ ଉଦାର ଦୃଷ୍ଟିକୋଣ ରଖାଯିବା ଉଚିତ। ସେହିପରି ଆଗାମୀ ସପ୍ତାହରୁ ଗିରଫ ବିରୋଧରେ ଦାଏର ଆବେଦନ ଉପରେ ଶୁଣାଣି ହେବ ବୋଲି ଖଣ୍ଡପୀଠ କହିଛନ୍ତି। ୨୦ ତାରିଖରୁ ଆରମ୍ଭ ଗ୍ରୀଷ୍ମ ଛୁଟି ପୂର୍ବରୁ ନିଷ୍ପତ୍ତି ଶୁଣାଇବାକୁ ପ୍ରୟାସ କରାଯିବ।

ସର୍ବୋଚ୍ଚ ନ୍ୟାୟାଳୟ କେଜ୍ରିୱାଲଙ୍କ ପାଇଁ ବିଭିନ୍ନ ସର୍ତ୍ତ ଧାର୍ଯ୍ୟ କରିଛନ୍ତି। ତାଙ୍କୁ ୫୦ ହଜାର ଟଙ୍କାର ବ୍ୟକ୍ତିଗତ ମୁଚାଲିକା ଭରିବାକୁ ହେବ। ସେ ଦୁର୍ନୀତି ମାମଲାରେ ନିଜ ଭୂମିକାକୁ ନେଇ କୌଣସି ଟିପ୍ପଣୀ ଦେଇପାରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇପାରିବେ ନାହିଁ, କି କୌଣସି ଫାଇଲରେ ଦସ୍ତଖତ କରିପାରିବେ ନାହିଁ। ସେତେ ଜରୁରୀ ହୋଇ ନ ଥିଲେ କିମ୍ବା ଉପ-ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ କରିବା ଭଳି ଜରୁରୀ ହୋଇ ନ ଥିଲେ ଏଭଳି କାର୍ଯ୍ୟରୁ ବିରତ ରହିବେ। କେଜ୍ରିୱାଲ ଦିଲ୍ଲୀ ସଚିବାଳୟକୁ ମଧ୍ୟ ଯିବେ ନାହିଁ। ସେ କୌଣସି ସାକ୍ଷୀଙ୍କ ସହ ଆଲୋଚନା କରିପାରିବେ ନାହିଁ। ଏହି ମାମଲା ସମ୍ବନ୍ଧିତ ସରକାରୀ କାଗଜପତ୍ର ମଧ୍ୟ ଦେଖିପାରିବେ ନାହିଁ। ପାସପୋର୍ଟ ସମର୍ପଣ କରିବେ। ଦିଲ୍ଲୀରୁ ବାହାରକୁ ଗଲେ ଏଜେନ୍ସିକୁ ସୂଚନା ଦେବେ ଏବଂ ନିଜ ଲାଇଭ ଲୋକେସନ ସେୟାର କରିବେ।

ଅନ୍ତରୀଣ ଜାମିନ ପାଇଁ କେଜ୍ରିୱାଲ ଶୁକ୍ରବାର ସନ୍ଧ୍ୟା ୬ଟା ୫୫ରେ ୩୯ ଦିନ ପରେ ତିହାର ଜେଲ୍‌ରୁ ବାହାରିଥିଲେ। ଏହାକୁ ନେଇ ଆମ ଆଦମୀ ପାର୍ଟି (ଆପ୍) କର୍ମୀ ସାରା ଦେଶରେ ଉତ୍ସବ ପାଳନ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ମୁକ୍ତ ହେବା ପରେ ରାଲି କରିଛନ୍ତି। ସେ କହିଛନ୍ତି ଯେ 'ଖୁବଶୀଘ୍ର ଆସିବି ବୋଲି କହିଥିଲେ, ଏବେ ଆସିଗଲି। ଏଥିପାଇଁ ସେ ସୁପ୍ରିମକୋର୍ଟ ବିଚାରପତିଙ୍କୁ ଧନ୍ୟବାଦ ଦେଇଛନ୍ତି। ସମସ୍ତେ ମିଶି ଏକଛତ୍ରଶାସକଙ୍କଠାରୁ ଦେଶକୁ ବଞ୍ଚାଇବା ବୋଲି କର୍ମୀଙ୍କୁ କହିଛନ୍ତି। ସେ ଅପରାହ୍ଣରେ ଦଳୀୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରିବେ ବୋଲି ଉଲ୍ଲେଖ କରିଛନ୍ତି।

## ନାବାଳିକାଙ୍କୁ ହତ୍ୟା କରି ମୁଣ୍ଡ ନେଇ ପଳାଇଲା ଯୁବକ

ବେଙ୍ଗାଲୁରୁ, ୧୦।୫ (ଏଜେନ୍ସି): କର୍ଣ୍ଣାଟକ କୋଡାଗୁର ସୁରଲବୀ ଗ୍ରାମରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ବିବାହ ଭାଙ୍ଗିଯିବାରୁ କ୍ଷୁବ୍ଧ ହୋଇ ଯୁବକ ବାନ୍ଧବୀଙ୍କ ଗଳା କାଟି ହତ୍ୟା କରିଛି। ପରେ କଟା ମୁଣ୍ଡ ଧରି ଫେରାର ହୋଇଯାଇଛି। ପୁଲିସ ସୂଚନା ଅନୁଯାୟୀ ଗୁରୁବାର ୩୨ ବର୍ଷୀୟ ପ୍ରକାଶର ବିବାହ ମୀନା (୧୬)ଙ୍କ ସହ ହେବାର ଥିଲା। କିନ୍ତୁ ଶିଶୁ କଲ୍ୟାଣ ଟିମ୍ ଏହା ଜାଣିପାରି ବିବାହକୁ ଅଟକାଇ ଦେଇଥିଲା। ଅଧିକାରୀମାନେ ବୁଝାଇବା ପରେ ନାବାଳିକାଙ୍କ ମାତାପିତା ବୁଝି ଯାଇଥିଲେ। ୧୮ ବର୍ଷ ପରେ ଝିଅର ବିବାହ କରିବାକୁ କହିଥିଲେ। ବିବାହ ଭାଙ୍ଗିଯିବାରୁ ମୀନାଙ୍କ ଘରେ ପହଞ୍ଚି ପ୍ରକାଶ ମାର୍‌ପିଟ ଆରମ୍ଭ କରିଦେଇଥିଲା। ନାବାଳିକାଙ୍କ ମାଆଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ପରେ ମୀନାଙ୍କୁ ଘରୁ ଘୋଷାଡ଼ି ଘୋଷାଡ଼ି ନେଇ ଶହେ ମିଟର ଦୂରରେ ହତ୍ୟା କରିଥିଲା। ଏବେ ପୁଲିସ ହତ୍ୟାକାରୀକୁ ଧରିବାକୁ ପ୍ରୟାସ କରୁଛି।

## ଷ୍ଟେଟ ଗାର୍ଡ ମୁଖ୍ୟଙ୍କୁ ହଟାଇଲେ ଜେଲେନ୍‌ସ୍କି

କିଭ୍, ୧୦।୫ (ଏଜେନ୍ସି): ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେନ୍‌ସ୍କି ଷ୍ଟେଟ ଗାର୍ଡ ମୁଖ୍ୟ ସେରହି ରଡ୍‌ଙ୍କୁ ବରଖାସ୍ତ କରିଦେଇଛନ୍ତି। ସେ ଜେଲେନ୍‌ସ୍କିଙ୍କ ହତ୍ୟା ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ଲାଗିଛି। ରାଜ୍ୟ ସୁରକ୍ଷା ସେବା (ଏସ୍‌ବିୟୁ) ପକ୍ଷରୁ ଶୁକ୍ରବାର କୁହାଯାଇଛି ଯେ ଷ୍ଟେଟ୍ ଗାର୍ଡର କର୍ଣ୍ଣେଲ ପଦରେ ମୁତୟନ ୨ ସଦସ୍ୟ ଜେଲେନ୍‌ସ୍କିଙ୍କୁ ଅପହରଣ ପରେ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ। ଏସ୍‌ବିୟୁର ପ୍ରମୁଖ ଭେସିଲ ମେଲିୟୁକ ଏବଂ ସେନା ଗୁଇନ୍ଦା ଏଜେନ୍ସି ମୁଖ୍ୟ କିରିଲୋ ବୁଦାନେଭ ମଧ୍ୟ ନିଶାଣରେ ଥିଲେ। ଏହି ମାମଲାରେ ୨ ଅଧିକାରୀଙ୍କୁ ଗିରଫ କରାଯାଇଥିଲା।

## ବୋମା ଧମକ ମାମଲାର ପାକିସ୍ତାନ ଲିଙ୍କ୍

ଅହମଦାବାଦ, ୧୦।୫ (ଏଜେନ୍ସି): ଗୁଜରାଟ ଅହମଦାବାଦର ୧୪ ସ୍କୁଲ୍‌ରେ ବୋମା ଧମକ ମାମଲାରେ ପାକିସ୍ତାନ ଲିଙ୍କ୍ ସାମ୍ନାକୁ ଆସିଛି। କ୍ରାଇମବ୍ରାଞ୍ଚର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ରୁଷିୟ ଡୋମେନରୁ ଇମେଲ ମାଧ୍ୟମରେ ଏହି ଧମକ ଦିଆଯାଇଥିଲା। ଏହା ପାକିସ୍ତାନର ସେନା କ୍ୟାଣ୍ଟନମେଣ୍ଟ ସହ ଜଡ଼ିତ। ଏହି ଧମକ ଏକ ଗୁଜବ ଥିବା। ପାକିସ୍ତାନର ତୋହିକ ଲିୟାକତ ଓରଫ ଅହମ୍ମଦ ଜାଭେଦ ଏହାକୁ ପଠାଇ ଥିଲା। ଅନ୍ୟ ଏଜେନ୍ସିର ତଦନ୍ତରୁ ମଧ୍ୟ ତାର ସମ୍ପୃକ୍ତି ସାମ୍ନାକୁ ଆସିଛି। ଗତ ୬ ତାରିଖରେ ଏହି ଧମକ ଆସିବା ପରେ ପୁଲିସ ସମ୍ବନ୍ଧିତ ସ୍କୁଲ୍‌କୁ ଯାଇ ତଲାସୀ ନେଇଥିଲା। ସ୍କୁଲ୍‌ଗୁଡ଼ିକରୁ କୌଣସି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିଲା।

## ଡାଭୋଲକର୍ ହତ୍ୟା ମାମଲା

# ୨ ଦୋଷୀ ସାବ୍ୟସ୍ତ, ୩ ଅଭିଯୁକ୍ତ ଖଲାସ

ପୁନେ,୧୦।୫(ଏଜେନ୍ସି)

ଅନ୍ଧବିଶ୍ୱାସ ଦୂରୀକରଣରେ ବ୍ରତୀ ହେତୁବାଦୀ ଡ. ନରେନ୍ଦ୍ର ଡାଭୋଲକର୍‌ଙ୍କ ହତ୍ୟା ମାମଲାରେ ଆଜି ସ୍ୱତନ୍ତ୍ର ୟୁଏପିଏ(ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ) କୋର୍ଟ ଦୁଇଜଣ ସୁଟର୍ ସାରଦ କାଲାସକର ଓ ସଚ୍ଚିନ ଆନ୍ଧୁରେଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ଅନ୍ୟ ୩ଜଣ ଅଭିଯୁକ୍ତ ବିରେନ୍ଦ୍ର ସିଂହ ତାଉଡେ, ସଞ୍ଜୀବ ପୁନାଲେକର ଓ ବିକ୍ରମ ଭାଭେଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ୨୦୧୩ ଅଗଷ୍ଟ ୨୦ରେ ପୁନେର ଓଙ୍କାରେଶ୍ୱର ବ୍ରିଜ୍ ନିକଟରେ ୨ଜଣ ସୁଟର୍ ବାଇକ୍‌ରେ ଆସି ପ୍ରାତଃଭ୍ରମଣରେ ବାହାରିଥିବା ୬୭ବର୍ଷ ବୟସର ହେତୁବାଦୀ ଡାଭୋଲକର୍‌ଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହି ମାମଲାରେ ୫ ଜଣ ଅଭିଯୁକ୍ତ ଥିଲେ। ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ୨୦ଜଣ ସାକ୍ଷୀଙ୍କୁ ଓ ଅଭିଯୁକ୍ତମାନଙ୍କ



ଓକିଲ ୨ଜଣ ସାକ୍ଷୀଙ୍କୁ ଜେରା କରିଥିଲେ। ୨୦୧୪ରେ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ଏହି ମାମଲାର ତଦନ୍ତଭାର ଗ୍ରହଣ କରିଥିଲା। ପରେ ଏହି ମାମଲାରେ ଇଏନଟି ସର୍ଜନ ବିରେନ୍ଦ୍ର ସିଂହ ତାଉଡେଙ୍କୁ ଗିରଫ କରାଯାଇଥିଲା। ପରେ ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଆଇପିସିର ଧାରା ୩୦୨, ଆର୍ମସ ଆକ୍ଟ ଓ ୟୁଏପିଏ'ର ଅନୁଚ୍ଛେଦ ୧୬ ଅନୁଯାୟୀ ଚାର୍ଜ ଫ୍ରେମ୍ କରାଯାଇଥିଲା। ତାଉଡେ ଦକ୍ଷିଣପନ୍ଥୀ ହିନ୍ଦୁ ସଂଗଠନ 'ସନାତନ ସଂସ୍ଥା' ସହ ସମ୍ପର୍କରେ ଥିଲେ। ସେ ଡାଭୋଲକର୍ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ବୋଲି ପ୍ରସିକ୍ୟୁସନ୍ ଦର୍ଶାଇଥିଲା। ଡାଭୋଲକର୍ ମହାରାଷ୍ଟ୍ର ଅନ୍ଧଶ୍ରଦ୍ଧା ନିର୍ମୂଳନ ସମିତି ନାମକ ସଂସ୍ଥା ପରିଚାଳନା କରି ଅନ୍ଧବିଶ୍ୱାସ ଦୂରୀକରଣରେ ବ୍ରତୀ ଥିଲେ। ସନାତନ ସଂସ୍ଥା ତାଙ୍କ କାର୍ଯ୍ୟକଳାପକୁ ବିରୋଧ କରୁଥିଲା। ଡାଭୋଲକର୍ ହତ୍ୟାକାଣ୍ଡ ଘଟିବାର ୪ବର୍ଷ ଭିତରେ ମହାରାଷ୍ଟ୍ରର କୋହ୍ଲାପୁରର ଗୋବିନ୍ଦ ପାନେସର, କର୍ଣ୍ଣାଟକର ଧରୱାଡର କନ୍ନାଡା ଗବେଷକ ଓ ଲେଖକ ଏମଏମ କୁଲବର୍ଗୀ ଓ ସାମ୍ବାଦିକ ଗୌରୀ ଲଙ୍କେଶଙ୍କ ଭଳି ଖ୍ୟାତନାମା ହେତୁବାଦୀ ଓ ସାମାଜିକ କର୍ମୀଙ୍କୁ ହତ୍ୟା କରାଯାଇଥିଲା, ଯାହାକୁ ନେଇ ସମଗ୍ର ଦେଶରେ ତୁମୂଳ ଆଲୋଡ଼ନ ଦେଖାଦେଇଥିଲା।

## ଦିଲ୍ଲୀ ରାଉଜ ଆଭିନ୍ୟୁ କୋର୍ଟଙ୍କ ଆଦେଶ

# ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଚାର୍ଜଫ୍ରେମ୍ କର

ନୂଆଦିଲ୍ଲୀ, ୧୦।୫(ଏଜେନ୍ସି)

ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ମୁଖ୍ୟ ବ୍ରିଜ୍‌ଭୂଷଣ ଶରଣ ସିଂହ ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବାର ଯଥେଷ୍ଟ ପ୍ରମାଣ ତଦନ୍ତ ପରେ ପୁଲିସ୍ ଦାଖଲ କରିଥିବା ଚାର୍ଜସିଟ୍‌ରେ ଥିବାରୁ ତାଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବାକୁ ଦିଲ୍ଲୀର ରାଉଜ ଆଭିନ୍ୟୁ ସ୍ୱତନ୍ତ୍ର କୋର୍ଟ ଆଜି ଆଦେଶ ଦେଇଛନ୍ତି। ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମହିଳାଙ୍କ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନର ଅଭିଯୋଗରେ ମଧ୍ୟ ଚାର୍ଜଫ୍ରେମ୍ ହେବ। ଦିଲ୍ଲୀ ପୁଲିସ୍ ଗତବର୍ଷ ଜୁନ୍ ୧୫ରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆଇପିସିର ଧାରା ୩୫୪, ୩୫୪(ଏ), ୩୫୪(ଡି) ଅନୁଯାୟୀ ଚାର୍ଜସିଟ୍ ଦେଇଥିଲା। ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଦାଖଲ ଚାର୍ଜସିଟ୍‌ରେ ପୁଲିସ୍ ଲେଖିଛି ଯେ ୬ଜଣ ମହିଳା କୁସ୍ତିବିତ୍‌ଙ୍କ ଅଭିଯୋଗ ଆଧାରରେ ଏହି ଚାର୍ଜସିଟ୍ ପ୍ରସ୍ତୁତ କରାଯାଇଛି। ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦେବା,ମହିଳାଙ୍କୁ ଅସଙ୍ଗତ, ଅଶାଳୀନ, ଅଭଦ୍ର ଭାବେ ଛୁଇଁବା, ମନ୍ଦ ଉଦ୍ଦେଶ୍ୟ ରଖି ମହିଳାଙ୍କୁ ଅନୁସରଣ କରିବା ଆଦି ଅପରାଧିକ କାର୍ଯ୍ୟକଳାପ ପାଇଁ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମାମଲା ଚାଲିବା ଓ ତାଙ୍କୁ ଦଣ୍ଡ ଦିଆଯିବା ନ୍ୟାୟୋଚିତ ହେବ ବୋଲି ଚାର୍ଜସିଟ୍‌ରେ ଉଲ୍ଲେଖ ଅଛି। ଏହା ମଧ୍ୟ ସେଥିରେ ଉଲ୍ଲେଖ ଅଛି ଯେ ସାକ୍ଷୀମାନେ କହିଛନ୍ତି, ବ୍ରିଜ୍‌ଭୂଷଣ ମହିଳା କୁସ୍ତିବିତ୍‌ମାନଙ୍କୁ ଅଭଦ୍ର ଢଙ୍ଗରେ ଛୁଆଁଛୁଇଁ କରୁଥିଲେ। ମହିଳା କୁସ୍ତିବିତ୍‌ମାନଙ୍କ ଅଭିଯୋଗ ଆଧାରରେ ୨ଟି ଏଫଆଇଆର୍ ପଞ୍ଜିକୃତ ହୋଇଥିଲା। ଗୋଟିଏ ଏଫଆଇଆର୍ ପ୍ରୋଟେକ୍ସନ୍ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନସେସ୍ ବା ପୋକ୍ସୋ ଆକ୍ଟ ଅନୁଯାୟୀ ପଞ୍ଜିକୃତ ହୋଇଥିଲା ଯାହାର କ୍ୟାନସିଲେସନ୍ ରିପୋର୍ଟ ଫାଇଲ ହୋଇଥିଲା କାରଣ ନାବାଳିକା କୁସ୍ତିବିତ୍ ଜଣଙ୍କର ଗାର୍ଡିଆନ୍ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରିନେଇଥିଲେ। ବ୍ରିଜ୍‌ଭୂଷଣଙ୍କ ବ୍ୟତୀତ ଭାରତୀୟ କୁସ୍ତି ମହାସଂଘର ତତ୍କାଳୀନ ସହକାରୀ ସଚିବ ବା ଆସିଷ୍ଟାଣ୍ଟ ସେକ୍ରେଟାରୀ ଥିବା ବିନୋଦ ତୋମାରଙ୍କ ବିରୋଧରେ ମଧ୍ୟ ଆଇପିସିର ଧାରା ୧୦୯, ୩୫୪, ୩୫୪(ଏ) ଓ ୫୦୬ ଅନୁଯାୟୀ ମାମଲା ଚାଲିବ।



■ ଯୌନ ଉତ୍ପୀଡ଼ନର ଯଥେଷ୍ଟ ପ୍ରମାଣ ରହିଛି





RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-314 ♦BHUBANESWAR ♦SATURDAY ♦11 MAY 2024 ♦PAGE-16 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୩୧୪ ♦ଭୁବନେଶ୍ୱର ♦ଶନିବାର ♦୧୧ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ବରଗଡ଼ ଓ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରରେ ମାରାଥନ୍ ପ୍ରଚାର

**ପାଣ୍ଡିଆନଙ୍କ ଖୋଲା ଚ୍ୟାଲେଞ୍ଜ**

# ସରକାର ଗଢ଼ି ନ ପାରିଲେ ସନ୍ନ୍ୟାସ ନେବେ କି ଧର୍ମେନ୍ଦ୍ର



- ନବୀନ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ନ ହେଲେ ମୁଁ ରାଜନୀତିରୁ ସନ୍ନ୍ୟାସ ନେବି
- ୧୦ ବର୍ଷରେ ସାମାନ୍ୟ ଏନ୍‌ଏଚ୍ ଠିକ୍ କରିପାରିଲେନି; ବଡ଼ ବଡ଼ କଥା କହୁଛନ୍ତି
- ମୋତେ ଗାଳି କରନ୍ତୁ; କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନରେ ଆଞ୍ଚ୍ ଆଣିଲେ ସହିବି ନାହିଁ
- ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରିବାକୁ କେମିତି ସାହସ କରିପାରିଲେ କେନ୍ଦ୍ରମନ୍ତ୍ରୀ
- ପରାଜୟ ଭୟରେ ଢେଙ୍କାନାଳ ଛାଡ଼ି ସମ୍ବଲପୁର ପଳାଇ ଆସିଲେ କେନ୍ଦ୍ରମନ୍ତ୍ରୀ
- ମା'ମାନେ ପ୍ରଗତିର ସେନାପତି; ମହିଳାଙ୍କୁ ଏଠାରୁ ପ୍ରାର୍ଥୀ କରିଛନ୍ତି ନବୀନ
- ଗରିବଙ୍କୁ ୧୦୦ ୟୁନିଟ୍ ମାଗଣା ବିଜୁଳି; ମିଶନ ଶକ୍ତି ମହିଳାଙ୍କୁ ପେନସନ
- ମୁଖ୍ୟମନ୍ତ୍ରୀ ଦୂର କରିଛନ୍ତି ହୀରାକୁଦ ବିସ୍ଥାପିତଙ୍କ ୫୦ ବର୍ଷର ସମସ୍ୟା
- ଝାରସୁଗୁଡ଼ା ଅଞ୍ଚଳର ବିକାଶରେ ନବ ବାବୁଙ୍କ ଭୂମିକା ସର୍ବଦା ଅବିସ୍ମରଣୀୟ

■ **ବ୍ରଜରାଜନଗର/ଝାରସୁଗୁଡ଼ା, ୧୦।୫(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୋତେ ଗାଳି ଦେଉଛନ୍ତି, କୁତ୍ସା ରଟନା ଓ ବିଷୋଦଗାର କରୁଛନ୍ତି। ମୋ ପ୍ରତି ଚାମ୍‌ଚା, ଗୁମାସ୍ତା ଆଦି ଶବ୍ଦ ପ୍ରୟୋଗ କରୁଛନ୍ତି; ଏଥିରେ ମୋର କିଛି ସମସ୍ୟା ନାହିଁ । ମୋତେ ସେ ଏତେ ଗୁରୁତ୍ୱ ଦେଉଥିବାରୁ ମୁଁ ଖୁସି । ମାତ୍ର ମୁଖ୍ୟମନ୍ତ୍ରୀଙ୍କୁ ସାମାନ୍ୟ ଅସମ୍ମାନକୁ ମୁଁ ସହ୍ୟ କରିବି ନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅସମ୍ମାନସୂଚକ ମନ୍ତବ୍ୟ ଦେବାର ତାଙ୍କର ସାହସ ହେଲା କେମିତି? ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନି ଚତୁର୍ଥାଂଶ ବହୁମତ ସହ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବେ। ଯଦି ପୂର୍ଣ୍ଣ ବହୁମତରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ନ ହୁଅନ୍ତି, ତେବେ ମୁଁ ରାଜନୀତିରୁ ସନ୍ନ୍ୟାସ ନେବି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏପରି ଘୋଷଣା କରି ପାରିବେ କି ? ତାଙ୍କ ଦଳ ରାଜ୍ୟରେ ସରକାର ଗଢ଼ି ନ ପାରିଲେ କେନ୍ଦ୍ରମନ୍ତ୍ରୀ ରାଜନୀତିରୁ ସନ୍ନ୍ୟାସ ନେବାକୁ ଘୋଷଣା କରିବେ କି ବୋଲି ଆହ୍ୱାନ ଦେଇଛନ୍ତି ବିଜେଡିର ଅନ୍ୟତମ ଶୀର୍ଷ ତାରକା ପ୍ରଚାରକ ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ଶୁକ୍ରବାର ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ଏବଂ ବ୍ରଜରାଜନଗରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଧୂଆଁଧାର ପ୍ରଚାର କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କରିଛନ୍ତି ତୀବ୍ର ସମାଲୋଚନା। କେନ୍ଦ୍ରରେ ୧୦ବର୍ଷ କ୍ୟାବିନେଟ ମନ୍ତ୍ରୀ ରହିଥିବା ଶ୍ରୀ ପ୍ରଧାନଙ୍କ ଦକ୍ଷତା ଓ ରାଜ୍ୟ ପ୍ରତି ତାଙ୍କର ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ନିଜ ଅଞ୍ଚଳ ପାଇଁ ତାଙ୍କର ଅସୀମ ଅବହେଳାକୁ ନେଇ ଶ୍ରୀ ପ୍ରଧାନଙ୍କୁ ଦାୟବଦ୍ଧତାର କାଠଗଡ଼ାରେ ଠିଆ କରିଛନ୍ତି। ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ସାମାନ୍ୟ ଗୋଟିଏ ଜାତୀୟ ରାଜପଥକୁ କେନ୍ଦ୍ରମନ୍ତ୍ରୀ ଗତ ୧୦ ବର୍ଷ ମଧ୍ୟରେ ଠିକ୍ କରିପାରିଲେ ନାହିଁ; କିନ୍ତୁ ବହୁତ ବଡ଼ ▶ପୃଷ୍ଠା-୧୧

# ଭୁବନେଶ୍ୱରରେ ମୋଦୀ

## ରାମ ମନ୍ଦିରରୁ ବାଣୀ ବିହାର ରୋଡ୍ ଶୋ'



**୨ ଦିନିଆ ଓଡ଼ିଶା ଗସ୍ତରେ ପ୍ରଧାନମନ୍ତ୍ରୀ**
**ଆଜି ୩ଟି ସାଧାରଣ ସଭାରେ ଉଦ୍‌ବୋଧନ**

■ **ଭୁବନେଶ୍ୱର,୧୦।୫(ସମିସ):** ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। କଡ଼ା ସୁରକ୍ଷା ମଧ୍ୟରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ରାଜ୍ୟ ବିଜେପି କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରୁ ଜନପଥରେ ବାଣୀ ବିହାର ପର୍ଯ୍ୟନ୍ତ ଏକ ବିରାଟ୍ ରୋଡ୍ ଶୋ'ରେ ଯୋଗଦେବା ପରେ ରାଜଭବନରେ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସନ୍ଧ୍ୟା ୮ ଟାରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ଓଡ଼ିଶା ବିଜେପି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଛିଡ଼ାହୋଇ ବହୁସଂଖ୍ୟାର ଲୋକେ ମୋଦୀଙ୍କୁ ସ୍ୱାଗତ କରିଥିଲେ। ବାଣୀବିହାର ମଧ୍ୟରେ ୧୦ଟି ସ୍ଥାନରେ ୧୦ଟି ଆଇକନ୍ ସ୍ଥାପନ କରାଯିବା ସହିତ ବିଜେପିର ମହିଳା ନେତ୍ରୀମାନେ ପଦଯାତ୍ରା କରି ପ୍ରଧାନମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ। ଜନପଥର ଉଭୟ ପାର୍ଶ୍ୱରେ କୋଣାର୍କ ସୂର୍ଯ୍ୟମନ୍ଦିରର ଚକ, ରାମମନ୍ଦିର ପରିସରରେ ୨୦ ଜଣ ପୂଜକଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ ଆଳତୀ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ରୋଡ୍ ଶୋ' ରାତି ପ୍ରାୟ ୧୦ ଟା ପର୍ଯ୍ୟନ୍ତ ଜାରି ରହିଥିଲା। ରୋଡ୍ ଶୋ' ଶେଷ କରି ପ୍ରଧାନମନ୍ତ୍ରୀ ରାଜଭବନ ଅଭିମୁଖେ ଗସ୍ତ କରିଥିଲେ। ସେଠାରେ ସେ ରାତ୍ରୀ ଯାପନ କରିବେ ଓ ଶନିବାର ବିଜେପି ପକ୍ଷରୁ ଆୟୋଜିତ ୩ ଟି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସ୍ଥିର ହୋଇଛି। ଶନିବାର ପ୍ରଧାନମନ୍ତ୍ରୀଙ୍କ ୩ଟି କାର୍ଯ୍ୟକ୍ରମ ରହିଛି। କନ୍ଧମାଳ, ବରଗଡ଼ ଓ ବଲାଙ୍ଗିରରେ ଆୟୋଜିତ ସାଧାରଣ ସଭାକୁ ମୋଦୀ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।




## କନ୍ଧମାଳ ନିର୍ବାଚନମଣ୍ଡଳୀ

# ନମ୍ବର ୧ ପାଇଁ ବିଜେଡି-ବିଜେପିର ସଂଘର୍ଷ

**ମନମୁଣ୍ଡା, ୧୦।୫ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ନିର୍ବାଚନମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ଟକ୍କର୍ ହେବାକୁ ଯାଉଛି। ଏନେଇ ନିର୍ବାଚନୀ ମାହୋଲ ସରଗରମ ରହିଥିବା ବେଳେ ପ୍ରଚାର ମଧ୍ୟ ଜମୁଛି। ବିଜେଡିରୁ ମହୀଧର ରଣା,


ମହୀଧର ରଣା


କହ୍ନେଇଚରଣ ଡାଙ୍ଗ

ବିଜେପିରୁ କହ୍ନେଇଚରଣ ଡ଼ାଙ୍ଗ, କଂଗ୍ରେସରୁ ସରୋଜ ପ୍ରଧାନ, ମାନସ ଲୋକଶକ୍ତି ପାର୍ଟିରୁ କୁଞ୍ଜବିହାରୀ ସିଂ, ସ୍ୱାଧୀନ ପ୍ରାର୍ଥୀ ଭାବେ ସତ୍ୟବ୍ରତ ସାହୁ, ସୁଧାଂଶୁ ଡାଙ୍ଗ ନିର୍ବାଚନୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ନିର୍ବାଚନୀ ଉଷ୍ମତା ଇତି ମଧ୍ୟରେ ବୃଦ୍ଧି ପାଇଛି।

ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟକୁ ଆଧାର କରି ବିଜେଡି ଭୋଟ ପ୍ରଚାର କରୁଛି। ବର୍ତ୍ତମାନର ବିଧାୟକ ମହୀଧର ରଣା ତାଙ୍କ ସମୟରେ ନିର୍ବାଚନମଣ୍ଡଳୀରେ କରିଥିବା ଅନେକ ଉନ୍ନତିମୂଳକ କାମକୁ ନେଇ ହ୍ୟାଟ୍ରିକ ବିଜୟ ହେବାକୁ ଆଶା ବାନ୍ଧିଛନ୍ତି। ବିଜେପି ପ୍ରାର୍ଥୀ ନିଜ ସ୍ଥିତି ବଜାୟ ରଖିବାକୁ ଉଦ୍ୟମ ଜାରି ରଖିଥିବା ବେଳେ ରାଜ୍ୟ ଓ କେନ୍ଦ୍ର ବିରୋଧରେ ରହିଥିବା ଅସନ୍ତୋଷର ଫାଇଦା ଉଠାଇବାକୁ କଂଗ୍ରେସ ଉଦ୍ୟମ ଜାରି ରଖିଛି। ତେବେ କିଏ ବାଜି ମାରୁଛି, ତାହା ଜୁନ ୪ ତାରିଖରେ ହିଁ ଜଣାପଡ଼ିବ।

ଶାସକ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଥିବା ବେଳେ ବିଜେପି ଓ କଂଗ୍ରେସ ମଧ୍ୟ ପଛରେ ପଡ଼ିନାହାଁନ୍ତି। ବିଜେଡିରୁ କାର୍ତ୍ତିକ ପାଣ୍ଡିଆନ ଷ୍ଟାର ପ୍ରଚାରକ ଭାବେ କନ୍ଧମାଳରେ ବିରାଟ ନିର୍ବାଚନୀ ସଭା କରି ଫେରିଯାଇଛନ୍ତି। ଅଦ୍ୟାବଧି କଂଗ୍ରେସର କୌଣସି ଷ୍ଟାର ପ୍ରଚାରକ ଜିଲ୍ଲାକୁ ଆସି ନାହାନ୍ତି। ହେଲେ ପ୍ରାର୍ଥୀମାନେ ଗାଁକୁ ଗାଁ, ଘରକୁ ଘର ବୁଲି ସିଧାସଳଖ ଭୋଟରଙ୍କ ସହ ସମ୍ପର୍କ ରଖି ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ପ୍ରାର୍ଥୀ ମହୀଧର ରଣା ତୃତୀୟ ଥର ପାଇଁ ବିଜୟ ହେବା ଆଶା ରଖି ଗଡ଼ ରକ୍ଷା କରିବାକୁ ବିଭିନ୍ନ ରଣନୀତି ଚଳାଇଛନ୍ତି। ଅନ୍ୟପକ୍ଷରେ ବିଜେପି ଓ କଂଗ୍ରେସ ବିଜେଡିର ଗଡ଼ ଭାଙ୍ଗିବାକୁ ଉଦ୍ୟମ କରୁଥିଲେ ହେଁ ସେମାନେ ବହୁତ ପଛରେ ପଡ଼ି ଯାଇଛନ୍ତି। ୨୦୧୯ ନିର୍ବାଚନରେ ବିଜେଡିର ମହୀଧର ରଣା ୪୩, ୦୯୯, ବିଜେପିର କହ୍ନେଇ ଚରଣ ଡାଙ୍ଗ ୩୯, ୪୪୯, କଂଗ୍ରେସରୁ ପ୍ରଶାନ୍ତ ସାହୁ ୧୩, ୧୬୬ ଓ ସ୍ୱାଧୀନ ପ୍ରାର୍ଥୀ ଶେଷ ମେହେର ୨୮, ୩୭୦ ଖଣ୍ଡ ଭୋଟ ପାଇଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୬ ଜଣ ପ୍ରାର୍ଥୀ ଥିବାବେଳେ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ସିଧାସଳଖ ଲଢ଼େଇ ହେବ। କଂଗ୍ରେସ ଅପେକ୍ଷାକୃତ ଦୁର୍ବଳ ରହିଛି।

## କଟକ ଲୋକସଭା ଆସନ

# ୨୦୧୯ର ସ୍ଥିତି ବଜାୟ ରଖିପାରିବ ତ ବିଜେପି

**କଟକ, ୧୦।୫ (ସମିସ):**

କଟକ ଲୋକସଭା ଆସନରେ ଏଥର ବେଶ ରୋଚକ ଲଢ଼େଇ ହେଉଛି। ବିଜୁ ଜନତା ଦଳର ଗଡ଼ ଏହି ନିର୍ବାଚନମଣ୍ଡଳୀରୁ ୬ଥର ବିଜେଡି ଟିକଟରେ ଜିତିଥିବା ଭର୍ତ୍ତୃହରି ମହତାବ ଏଥର ବିଜେପି ପ୍ରାର୍ଥୀ। ଏହି ନିର୍ବାଚନମଣ୍ଡଳୀରେ ବିଜେପି ସ୍ଥିତି ପୂର୍ବ ନିର୍ବାଚନଗୁଡ଼ିକ ତୁଳନାରେ ୨୦୧୯ରେ ସାମାନ୍ୟ ସୁଧୁରି ପାରିଥିଲା। ହେଲେ ସେହି ସମୟରେ ବିଜେପି ପ୍ରାର୍ଥୀ ଥିବା ପ୍ରକାଶ ମିଶ୍ରଙ୍କୁ ଯେଉଁ ଭୋଟ ମିଳିଥିଲା, ତାହାକୁ ଏଥର ବଜାୟ ରଖିବା ଭର୍ତ୍ତୃହରିଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। କାରଣ ଗତ ୨୦୧୯ରେ ଭର୍ତ୍ତୃହରିଙ୍କ ବିରୋଧରେ ଥିବା ହାୱାରୁ ଫାଇଦା ନେଇଥିଲେ ବିଜେପି ପ୍ରାର୍ଥୀ ପ୍ରକାଶ। ଏଥର ବିଜେଡି ଭର୍ତ୍ତୃହରିଙ୍କୁ ଟିକଟ ନଦେବାରୁ ସେ ବିଜେପିରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ରଙ୍କ ସହ ଭର୍ତ୍ତୃହରି ଏଥର କଡ଼ା ମୁକାବିଲାର ସମ୍ମୁଖୀନ ହେଉଛନ୍ତି।

ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟ୍ଟରେ

### ଭର୍ତ୍ତୃହରିଙ୍କ ଚିନ୍ତା ବଢ଼ାଇଛନ୍ତି ବିଦ୍ରୋହୀ

ଭର୍ତ୍ତୃହରିଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି ବିଭିନ୍ନ ବିଧାନସଭା କ୍ଷେତ୍ରରେ ରହିଥିବା ଦଳୀୟକନ୍ଦଳ। ଏପରିକି କେତେକ ବିଧାନସଭା କ୍ଷେତ୍ରରେ ବିଜେପିର କେତେକ ଟିକଟ ଆଶାୟୀ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିବା ବେଳେ ଆଉ କେତେକ ନିର୍ବାଚନ ନଲଢ଼ି ମଧ୍ୟ ଦଳରେ ରହି ଚେର କାଟିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଗୋଟିଏ ପଟରେ ଅସନ୍ତୁଷ୍ଟଙ୍କୁ ମନାଇବାରେ ଭର୍ତ୍ତୃହରି ସକ୍ଷମ ହୋଇ ନଥିବା ବେଳେ କଟକ ଲୋକସଭା ଅନ୍ତର୍ଗତ ପ୍ରାୟତଃ ଅଧିକାଂଶ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ସଂଗଠନ ବିଭାଜିତ ହୋଇଛି। ଦଳର ବିଧାନସଭା ପ୍ରାର୍ଥୀଙ୍କୁ ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିରୋଧ ହୋଇ ଆସୁଥିବା ବେଳେ ଏହା ଲୋକସଭା ଭୋଟକୁ ମଧ୍ୟ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ହେଉଛି।

ଆଠଗଡ଼ ଓ ବଡ଼ମ୍ବାରେ ଦୁଇଜଣ ଟାଣୁଆ ବିଜେପି ନେତା ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଙ୍କୀ, ବାରବାଟୀ-କଟକ ଓ ଚୌଦ୍ୱାର-କଟକ ବିଜେପିରେ ରହିଥିବା ଗୋଷ୍ଠୀକନ୍ଦଳ କାହାକୁ



ଅଛପା ନାହିଁ। ଗତ ୨୦୦୯ରେ କଟକ ଲୋକସଭାର ବିଜେପି ପ୍ରାର୍ଥୀ ଅନାଦି ସାହୁ ୭୫୧୧୮ ଖଣ୍ଡ ଭୋଟ (୫.୮୫ପ୍ରତିଶତ) ପାଇ ତୃତୀୟ ହୋଇଥିବା ବେଳେ ୨୦୧୪ରେ ସମୀର ଦେଙ୍କୁ ମିଳିଥିଲା ୧, ୪୬, ୦୯୩ଭୋଟ (୧୫.୯୯ପ୍ରତିଶତ)। ସେହିପରି ୨୦୧୯ରେ ପ୍ରକାଶ ମିଶ୍ର ୪,୦୩, ୩୯୧ଖଣ୍ଡ (୩୮.୦୪ପ୍ରତିଶତ) ଭୋଟ ପାଇ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦୀ ହୋଇଥିଲେ ମଧ୍ୟ ଲକ୍ଷାଧିକ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ତେବେ ୨୦୧୯ରେ ବିଜେପିକୁ ମିଳିଥିବା ଏହି ଭୋଟକୁ ୨୦୨୪ରେ ବଜାୟ ରଖିବା ବିଜେପି ପ୍ରାର୍ଥୀ ଭର୍ତ୍ତୃହରିଙ୍କ ପାଇଁ ଚାଲେଞ୍ଜ ହୋଇଛି।

କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବିଧାନସଭା କ୍ଷେତ୍ରରେ ବିଜେପି ସଂଗଠନରେ ଥିବା ଫାଟ ଜଳଜଳ ଦିଶୁଛି। ବାଙ୍କୀରେ ବିଜେପି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ହୁଅନ୍ତୁ ଅବା ଆଠଗଡ଼ରେ ଅଭୟ ବାରିକ, ବଡ଼ମ୍ବାରେ ସମ୍ବିତ ତ୍ରିପାଠୀଙ୍କ ବିରୋଧରେ ଅନ୍ୟ ପ୍ରମୁଖ ଟିକଟ ଆଶାୟୀ ସମାନ୍ତରାଳ ସଂଗଠନ ଚଳାଇଛନ୍ତି। ସେହିପରି ଚୌଦ୍ୱାର-କଟକରେ ନୟନ କିଶୋର ମହାନ୍ତି ଓ ବାରବାଟୀ-କଟକରେ ଡାକ୍ତର ପୂର୍ଣ୍ଣ ମହାପାତ୍ରଙ୍କ ପ୍ରାର୍ଥିତ୍ୱକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଦଳର ନେତା। ଦଳ ଭିତରେ ଥିବା ଅସନ୍ତୋଷ କୁହୁଳୁଥିବା ବେଳେ ଏହା ବିଜେପିର ଭୋଟବ୍ୟାଙ୍କକୁ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ହେଉଛି। ବିଗତ ୬ଗୋଟି ସାଧାରଣ ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇ ଆସିଛନ୍ତି।

ଆସନ୍ତା ମେ' ୨୫ରେ କଟକ ଲୋକସଭା ନିର୍ବାଚନ କ୍ଷେତ୍ରରେ ମତଦାନ ଅନୁଷ୍ଠିତ ହେବ। ଏବେ ବିଜେଡି ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଜୋରଦାର ପ୍ରଚାର ଚଳାଇଛନ୍ତି। କଟକ ଲୋକସଭା ଆସନ ଅଞ୍ଚଳରେ ୭ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ବାଙ୍କୀ, ବଡ଼ମ୍ବା, ଆଠଗଡ଼ ଓ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ରହିଛି। ଗତ ୨୦୧୯ କଟକ ଲୋକସଭା ଆସନ ଅନ୍ତର୍ଗତ ବାରବାଟୀ-କଟକ ବ୍ୟତୀତ ସବୁ ବିଧାନସଭା କ୍ଷେତ୍ରରେ ବିଜେଡି ବିଧାୟକ ପ୍ରାର୍ଥୀମାନେ ବିଜୟୀ ହୋଇପାରିଥିଲେ।

## କଣ୍ଟାବାଞ୍ଜିରେ ଖାଲି ହେଉଛି କଂଗ୍ରେସ ଶିବିର

# ବିଜେଡିରେ ମିଶିଲେ କଂଗ୍ରେସର ୨ ବ୍ଲକ୍ ଅଧ୍ୟକ୍ଷା

**ଭୁବନେଶ୍ୱର, ୧୦।୫(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅଧ୍ୟକ୍ଷା ତଥା କଂଗ୍ରେସ ନେତ୍ରୀ ରଞ୍ଜୁବାଳା ବେହେରା ଓ ତୁରେଇକେଲା ବ୍ଲକ୍ ଅଧ୍ୟକ୍ଷା ତଥା କଂଗ୍ରେସ ନେତ୍ରୀ ପୂଜା ବେହେରା ଆଜି ଶଙ୍ଖଭବନଠାରେ ବିଜେଡିରେ ଯୋଗ ଦେଇଛନ୍ତି। ଦୁହିଁଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ଶତାଧିକ କଂଗ୍ରେସ କର୍ମୀ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ରଞ୍ଜୁବାଳା ଓ ପୂଜା କହିଥିଲେ ଯେ ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁରୂପେ ତୁଲାଇବୁ।






ଏହି ମିଶ୍ରଣ ପର୍ବରେ ଭୋଳାନାଥ ବେହେରା, କସ୍ତୁରୀ ମାଝୀ, ଦ୍ରୋଣସେନ ବେହେରା, ଦ୍ରୌପଦୀ ବାରିକ, କୁନ୍ତି ସାହୁ, ଅହଲ୍ୟା ବେହେରା, ନୀଳକଣ୍ଠ ବାରିକ, ରୀତା ସାହୁ, ଉର୍ମିଳା ତାଣ୍ଡି, ଯୋଗେଶ୍ୱର ବେହେରା, ମୁରଲୀଧର କୁମ୍ଭାର, ହର ମେହେର, ବିନୋଦିନୀ ବାଗ, ସୁମିତ୍ରା ଜାଲ, ନନ୍ଦିନୀ ବାଗ, ସୁଦାମ ଭୋଇ, ଯୁବରାଜ ବେହେରା, ପ୍ରଦୀପ ଭୋଇ, ଘାସିରାମ ସାହୁ, ବଂଶୀ ବାଗ, କୁରୁକ୍ଷେତ୍ର ଭୋଇ, ମନ ତାଣ୍ଡି, ଦିବାକର ବାଗ, ଗିରିରାଜ ସିଂ ମାଝୀ, ପ୍ରମୋଦ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମାଝୀ, ପିତ ସମ୍ରାଟ, ପଦ୍ମ ଭୋଇ, ମୋତିରାମ ଭୋଇ, ଶୁଭକେଷି ଜାନି, କବିତା ପଟେଲ, ମୋତିଲାଲ ମହାନନ୍ଦ, ସୁଶିଳା ଭୋଇ, ଦେବରାଜ ପଟେଲ, ଦୁଲାଧର ବାଗ, ଗୋଜା କୁମ୍ଭାର, ରୀତା ଭତ୍ରା, ଆରତୀ ସୁନା, ଛାୟାବତୀ ମେହେରା, ଜ୍ଞାନରଞ୍ଜନ ତାଣ୍ଡି, ବିନୋଦିନୀ ନାଗ, ଲବଣୀ ଭୋଇ, ନୀଳାବତୀ ଧାରୁଆ, ରଶ୍ମିତା ଦାସ, ବିଳାସ ପୁଟେଲ, କାର୍ତ୍ତିକ ପୁଟେଲ, ସୁଦାମ ବେହେରା, ଦେବରା ମେହେର, କିଶୋର ଚନ୍ଦ୍ର ବେହେରା, ନରେନ୍ଦ୍ର ମେହେର, ମୁକେଶ ମେହେର, ଭରତ ଚନ୍ଦ୍ର ପ୍ରଧାନ, ସଞ୍ଜୟ କୁଅଁର, ଚକ୍ରଧର ମାଝୀ, ଅନୁ ଭୋଇ, ମନୋହର ଜାନି, ବିପିନ ଭୋଇ, ଛବିଳ ଭୋଇ, ପ୍ରକାଶ ଭୋଇ, କୈବଲ୍ୟ ଭୋଇ, ନନ୍ଦ ବେହେରା, ନେପାଳ ପୋଢ଼, ହରି ସିଂ ପୋଢ଼, ହରେକୃଷ୍ଣ ଶଗରିଆ, ବିଦେଶୀ ବେହେରା, ଉପା ବାଗ, ଭଜମନ ବେହେରାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।


ନାମାଙ୍କନ ଦାଖଲ ପୂର୍ବରୁ ବାଲେଶ୍ୱରରେ ବିଜେଡିର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ଶୋଭାଯାତ୍ରା


ବଡ଼ଚଣା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶନୀ ନାମାଙ୍କନ ଦାଖଲ କରୁଛନ୍ତି

## ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ୫ ଲୋକସଭା ଆସନ ପାଇଁ ୪୦ ପ୍ରାର୍ଥୀ

**ଭୁବନେଶ୍ୱର, ୧୦।୫(ସମିସ):** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ୫ ଲୋକସଭା ଆସନରେ ମୋଟ ୪୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ଏହି ୫ ଲୋକସଭା ଅଧୀନରେ ଆସୁଥିବା ୩୫ ବିଧାନସଭା ଆସନରେ ୨୬୫ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

**୩୫ ବିଧାନସଭା ଆସନରେ ୨୬୫ ପ୍ରାର୍ଥୀ**

ସୂଚନାଯୋଗ୍ୟ ଯେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଏପ୍ରିଲ ୨୬ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇ ଗତ ୩ ତାରିଖରେ ଶେଷ ହୋଇଥିଲା। ୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ପରେ ଲୋକସଭା ପାଇଁ ୪୧ଜଣ ପ୍ରାର୍ଥୀଙ୍କର ପ୍ରାର୍ଥିପତ୍ର ବୈଧ ରହିଥିଲା। ୬ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିବା ବେଳେ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। ଅତଏବ ୫ ଲୋକସଭା କ୍ଷେତ୍ର ପାଇଁ ମୋଟ ୪୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବା ନେଇ ସ୍ପଷ୍ଟ ହୋଇଛି। ସେହିପରି ପ୍ରାର୍ଥିପତ୍ର ଯାଞ୍ଚ ପରେ ୩୫ ବିଧାନସଭା ଆସନ ପାଇଁ ୨୭୫ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥିପତ୍ର ବୈଧ ରହିଥିଲା। ୧୦ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପରେ ମଇଦାନରେ ମୋଟ ୨୬୫ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ଏହି ପର୍ଯ୍ୟାୟ ପାଇଁ ଆସନ୍ତା ୨୦ତାରିଖରେ ମତଦାନ ହେବାକୁ ଯାଉଛି। ଏଥିରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା ସଂସଦୀୟ କ୍ଷେତ୍ର ଏବଂ ଏହା ଅଧୀନସ୍ଥ ୩୫ବିଧାନସଭା ଆସନ ପାଇଁ ମତଦାନ ହେବ।

# ସ୍ୱାମୀ, ଶଶୁରଙ୍କ ପାଇଁ ହାତ ଯୋଡୁଛନ୍ତି ସ୍ତ୍ରୀ, ବୋହୂ







**ନୂଆପଡ଼ା, ୧୦।୫ (ସମିସ):** ଏମାନେ କୌଣସି ସିନେ ତାରକା ନୁହଁନ୍ତି କି ସେଲିବ୍ରିଟି ନୁହଁନ୍ତି; ସାଧାରଣ ଗୃହିଣୀ। ହେଲେ ଏଥର ନୂଆପଡ଼ା ଜିଲ୍ଲା ରାଜନୈତିକ ମୈଦାନରେ ପ୍ରଥମ ଥର ପାଇଁ ଏଭଳି ଗୃହିଣୀମାନେ ଘରର ଚାରିକାନ୍ଥରୁ ବାହାରି ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଏଥିରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କ ବୋହୂ ସୁମନ ଢୋଲକିଆ, ବିଜେଡିର କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ପତ୍ନୀ ଛାୟାରାଣୀ ନିଆଲ ଏବଂ ଖଡିଆଳ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ହିତେଶ ବଗର୍ତ୍ତିଙ୍କ ପତ୍ନୀ ରୀତାରାଣୀ ବଗର୍ତ୍ତି ରହିଛନ୍ତି।

ରାଜେନ୍ଦ୍ର ଢୋଲକିଆ କୋମନା ଏବଂ ନୂଆପଡ଼ା ବ୍ଲକ୍ ଅଞ୍ଚଳରେ ବୁଲି ବୁଲି ପ୍ରଚାର

### ଷ୍ଟାର୍ ପ୍ରଚାରକ ସାଜିଛନ୍ତି ସୁମନ, ଛାୟାରାଣୀ ଓ ରୀତାରାଣୀ

କରୁଥିବା ବେଳେ ସୁମନ ନୂଆପଡ଼ା ଏବଂ ଖଡ଼ିଆଳରୋଡ୍ ଏନ୍ଏସିରେ ପ୍ରଚାରରେ ବାହାରୁଛନ୍ତି। ଚାରିକାନ୍ଥ ଭିତରୁ ବାହାରି ସେ ସକାଳୁ ସନ୍ଧ୍ୟା ଯାଏଁ ବିଜେଡି ପରିବାରର ସଦସ୍ୟଙ୍କ ସହ ପ୍ରତିଟି ଘର ବୁଲୁଛନ୍ତି। ହାତରେ ପ୍ରଚାରପତ୍ର ସହ ନିଜ ଶ୍ୱଶୁର ରାଜେନ୍ଦ୍ରଙ୍କ ୨୦ ବର୍ଷର କାର୍ଯ୍ୟ ଓ ନବୀନ ସରକାରଙ୍କ ଯୋଜନା ଉପରେ ଲୋକଙ୍କୁ ଅବଗତ କରି ଭୋଟ୍ ଭିକ୍ଷା କରୁଛନ୍ତି। ବିଧାୟକ ପ୍ରାର୍ଥୀଙ୍କ ପରିବାର ସହ ବିଜେଡି ପରିବାରର ଜଣେ ସକ୍ରିୟ ସଦସ୍ୟା ଭାବେ ତାଙ୍କର ମଧ୍ୟ ପ୍ରଚାରପ୍ରସାରରେ ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଛନ୍ତି। ଏଥର ଲୋକେ ବହୁ ଉତ୍ସାହିତ ରହିଛନ୍ତି। ବହୁ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବେ ବୋଲି ସେ କହିଛନ୍ତି।

ସେହିଭଳି ବିଜେଡିର କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ପତ୍ନୀ ଛାୟାରାଣୀ ନିଆଲ ମଧ୍ୟ ଚାରିକାନ୍ଥ ମଧ୍ୟରୁ ବାହାରକୁ ଯାଉନଥିଲେ। ଏଥର ତାଙ୍କର ଗୁରୁଦାୟିତ୍ୱ ବଢ଼ି ଯାଇଛି। ବିଜେଡି ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରତ୍ୟେକ ପରିବାର ନିକଟକୁ ନେଇ ସୂଚିତ କରିବା ଜରୁରୀ ମନେ କରି ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଚାର କାମରେ ବାହାରୁଥିବା ସେ କହିଛନ୍ତି। ଲୋକେ ନବୀନ ସରକାରଙ୍କ ଯୋଜନା ଉପରେ ଖୁସି ବ୍ୟକ୍ତ କରୁଛନ୍ତି। ନିଶ୍ଚିତ ଭାବେ ଏଥର ଡବଲ ଶଙ୍ଖରେ ଲୋକେ ଭୋଟ ଦେବେ ବୋଲି ସେ ଆଶାବାଦୀ ରହିଥିବା କହିଛନ୍ତି।

ସେପଟେ ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପି ତରଫରୁ ବିଧାୟକ ପ୍ରାର୍ଥୀ ହୋଇଥିବା ହିତେଶ ବଗର୍ତ୍ତିଙ୍କ ତରଫରୁ ତାଙ୍କ ସ୍ତ୍ରୀ ରୀତାରାଣୀ ଘରକୁ ଘର ବୁଲି ପ୍ରଚାର ଚଳାଇଛନ୍ତି। ପ୍ରତି ପରିବାରକୁ ଯାଇ ମହିଳା ଭୋଟରଙ୍କୁ ସେ ନିର୍ବାଚନ ସମ୍ପର୍କିତ ବାର୍ତ୍ତା ଦେଇ ସ୍ୱାମୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରୁଥିବା କହିଛନ୍ତି। ମହିଳାମାନଙ୍କ ପ୍ରଚାରକୁ ଲୋକେ ସହଜରେ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି।

# ଶଙ୍ଖ ଫୁଙ୍କିଲେ କଂଗ୍ରେସ ନେତା ବଳରାମ ଦାସ

**ଭୁବନେଶ୍ୱର, ୧୦।୫ (ସମିସ):** ଯାଜପୁର ଜିଲ୍ଲାର କାର୍ଯ୍ୟକାରୀ କଂଗ୍ରେସ ସଭାପତି ବଳରାମ ଦାସଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି, କର୍ମୀ ଆଜି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଧଳଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ଯାଜପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ଧଳ କହିଥିଲେ। ଏହି ଅବସରରେ ବଳରାମ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ଏହି ମିଶ୍ରଣ ପର୍ବରେ ଭରତ ଚନ୍ଦ୍ର ବେହେରା, ତଥାଗତ ନାୟକ, ଦେବେନ୍ଦ୍ର ସ୍ୱାଇଁ, ରୀନା ସିଂ, ଗଜେନ୍ଦ୍ର ସେଠୀ, ଭରତ ଚନ୍ଦ୍ର ଜେନା, ମାନସ ରଞ୍ଜନ ଜେନା, ହୃଷୀକେଶ ମହାନ୍ତି, ସୁଦାମ ଚରଣ ଜେନା, ଉତ୍କଳ ମହାପାତ୍ର, ଅଜୟ କୁମାର ସେଠୀ, ନନ୍ଦିନୀ ଦଳାଇ, କୁଳମଣି ରାଉତ, ହରିହର ସାମଲ, ସୁଜିତ ସାମଲ, ଅରବିନ୍ଦ ସୁତାର, ହୃଷିକେଶ ମହାନ୍ତି, ସୁବ୍ରତ ମହାନ୍ତିଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।



# ଯାତ୍ରା ଅନୁକୂଳ; ଶିବାଳୟରେ ଉଠିଲା ଥାଳ




**ସମ୍ବଲପୁର, ୧୦।୫ (ସମିସ):** ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଆଜି ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଥାଳଉଠା ପର୍ବ ସହ ଯାତ୍ରା ପାଇଁ ବିଧି ଅନୁଯାୟୀ ଆନୁଷ୍ଠାନିକ ପ୍ରସ୍ତୁତି ଅନୁକୂଳ ହୋଇଛି। ବିଭିନ୍ନ ଶିବାଳୟରେ ଭକ୍ତିମୟ ପରିବେଶରେ ଏହି ପରମ୍ପରା ସମ୍ପନ୍ନ ହୋଇଛି। ଶିବ-ପାର୍ବତୀଙ୍କ ବିବାହ ପାଇଁ ବରପକ୍ଷ ଓ କନ୍ୟାପକ୍ଷଙ୍କ ସହ ପୂଜକ, ପୁରୋହିତ, ଯାତ୍ରା କମିଟିର କର୍ମକର୍ତ୍ତା ଏବଂ ସ୍ୱେଚ୍ଛାସେବୀ ଏଥିରେ ଯୋଗ ଦେଇଥିଲେ। ପଞ୍ଜିକା ଅନୁଯାୟୀ ଆଗାମୀ ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ଜୁନ୍ ୧୦ତାରିଖ ରାତିରେ ଶିବ-ପାର୍ବତୀଙ୍କ ଶୁଭ ପରିଣୟ ଅନୁଷ୍ଠିତ ହେବ। ୧୧ ତାରିଖ ଶୀତଳଷଷ୍ଠୀ ତିଥିରେ ଦେବଦମ୍ପତି ମନ୍ଦିର ବେଢ଼ାକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ରାତିରେ ଶିବ-ପାର୍ବତୀ ଶୀତଳଷଷ୍ଠୀ ଯାତ୍ରାରେ ନଗର ପରିକ୍ରମା କରିବେ। ୧୨ ତାରିଖ ଅପରାହ୍ଣରେ ଦେବଦମ୍ପତିଙ୍କ ଗମ୍ଭୀରା ପ୍ରବେଶ କାର୍ଯ୍ୟକ୍ରମ ରହିଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-314 ◆BHUBANESWAR ◆SATURDAY ◆11 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୧୪ ◆ଭୁବନେଶ୍ୱର ◆ଶନିବାର ◆୧୧ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




## ମା' ମାନେ ପାଇବେ ପେନ୍‌ସନ୍

# ଆପଣମାନେ ଖୁସି ତ?



**ଭୁବନେଶ୍ୱର, ୧୦।୫ (ସମିସ):** ମିଶନ୍ ଶକ୍ତି ମା' ମାନେ ପେନସନ୍ ପାଇବେ । ଆପଣମାନେ ଖୁସି ତ? ରାଜ୍ୟର ୭୦ ଲକ୍ଷରୁ ଅଧିକ ମିଶନ୍ ଶକ୍ତି ସଦସ୍ୟାମାନଙ୍କୁ ଏପରି ପ୍ରଶ୍ନ ପଚାରିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗତକାଲି ଦଳର ନିର୍ବାଚନୀ ଇସ୍ତାହାରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ମିଶନଶକ୍ତି ସହ ସମ୍ପୃକ୍ତ ମା' ମାନଙ୍କ ପାଇଁ ପେନ୍‌ସନ ଓ ୧୫ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ଏହି ଘୋଷଣାକୁ ନେଇ ରାଜ୍ୟର ମା' ମାନେ କେତେ ଖୁସି ସେ ସମ୍ପର୍କରେ ଜାଣିବାକୁ ଚାହିଁଛନ୍ତି ନବୀନ । ଏକ ଛୋଟ ଭିଡ଼ିଓ ବାର୍ତ୍ତା ଜରିଆରେ ସେ ରାଜ୍ୟର ମା' ମାନଙ୍କୁ ଏହି ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଛୋଟ ଭିଡ଼ିଓ ଜଙ୍ଗଲ ନିଆଁ ପରି ଭାଇରାଲ ହେବାରେ ଲାଗିଛି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଯୋଡ଼ା ଶଙ୍ଖରେ ଭୋଟ ଦାନ ସଂକ୍ରାନ୍ତ ଛୋଟ ଭିଡ଼ିଓ ପ୍ରବଳ ଭାଇରାଲ ହୋଇଥିଲା। ମାତ୍ର ୨୪ ଘଣ୍ଟାରେ ଏହାକୁ ୪୦ ଲକ୍ଷ ଲୋକ ଦେଖିଥିଲେ ଓ ଖୁବ୍ କମ୍ ସମୟ ମଧ୍ୟରେ ଏହାର ଦର୍ଶକ ସଂଖ୍ୟା କୋଟିଏ ଟପିଥିଲା। ଆଜି ମିଶନଶକ୍ତି ମା'ଙ୍କୁ ନବୀନଙ୍କ 'ଆପଣମାନେ ଖୁସି ତ' ଭିଡ଼ିଓ ପୁଣି ଭାଇରାଲ ହୋଇଛି ।

ମହିଳା ସଶକ୍ତିକରଣ କ୍ଷେତ୍ରରେ ସମଗ୍ର ଦେଶରେ ନୂଆ କୀର୍ତ୍ତିମାନ ରଚିଥିବା ମିଶନ୍ ଶକ୍ତି ଆଉ ଏକ ପର୍ଯ୍ୟାୟକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି ବିଜେଡି ନେତୃତ୍ୱାଧୀନ ନବୀନ ସରକାର। ଗତକାଲି ବିଜେଡି ଜାରି କରିଥିବା ନିଜର ଘୋଷଣାପତ୍ରରେ ବ୍ୟାପକ ପ୍ରତିଶ୍ରୁତି ଦେଇଛି। ଏଥିରେ ମିଶନ୍ ଶକ୍ତି ମା' ମାନଙ୍କ ପାଇଁ ବିବିଧ ସୁବିଧା ଘୋଷଣା କରାଯାଇ ଥିବା ବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସେମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା। ବିଜେଡି ସରକାର ଗଠନ କରିବା ପରେ ପ୍ରଥମ କ୍ୟାବିନେଟ୍ ବୈଠକରେ ମା' ମାନଙ୍କ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ଉପରେ ବିଧିବଦ୍ଧ ମୋହର ବାଜିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ମିଶନ୍ ଶକ୍ତି ଗୋଷ୍ଠୀଙ୍କୁ ବିନା ସୁଧରେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ। ଏପରି କରିବାରେ ଓଡ଼ିଶା ହେବ ଦେଶର ପ୍ରଥମ ରାଜ୍ୟ। ଆଗାମୀ ୫ ବର୍ଷ ମଧ୍ୟରେ ଏସ୍‌ଏଚ୍‌ଜି ଗୁଡିକୁ ୧.୫ ଲକ୍ଷ କୋଟି ଟଙ୍କାର ଆର୍ଥିକ ଲିଙ୍କେଜ ହାସଲ କରି ସେମାନଙ୍କୁ ୨୫୦୦ କୋଟି ଟଙ୍କାର ସୁଧ ଫେରସ୍ତ ଦିଆଯିବ । ଏହି ପଦକ୍ଷେପ ସେମାନଙ୍କୁ ଏସ୍‌ଏଚ୍‌ଜିରୁ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗରେ ପରିଣତ କରିବ। ସେହିପରି ଆଗାମୀ ୧୦ ବର୍ଷ ଭିତରେ ସେମାନଙ୍କୁ ୨୦ ହଜାର କୋଟିର ସରକାରୀ କାରବାର ଦାୟିତ୍ୱ ପ୍ରଦାନ କରାଯିବ। ସେମାନଙ୍କୁ ବିଏସ୍‌କେୱାଇରେ ସାମିଲ ସହିତ ସେମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନିଆଯିବ।

**ଜଙ୍ଗଲ ନିଆଁ ପରି ଭାଇରାଲ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଛୋଟ ଭିଡ଼ିଓ**

**ଯୋଡ଼ି ଶଙ୍ଖ ଭିଡ଼ିଓ ୨୪ ଘଣ୍ଟାରେ ଦେଖିଥିଲେ ୪୦ ଲକ୍ଷ ଲୋକ**

# ରାଉରକେଲାରେ ପାଣ୍ଡିଆନଙ୍କ ରୋଡ୍ ଶୋ'






**ରାଉରକେଲା, ୧୦।୫ (ସମିସ):** ହଜାର ହଜାର ଜନସମୁଦ୍ର ମଧ୍ୟରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଶୁକ୍ରବାର ସନ୍ଧ୍ୟାରେ ରାଉରକେଲାରେ ବିଶାଳ ରୋଡ୍ ଶୋ' କରିଛନ୍ତି। 'ଜୟ ଜଗନ୍ନାଥ... ଆପଣମାନେ କେମିତି ଅଛନ୍ତି...' ବୋଲି କହି ବିଶ୍ରା ଛକରୁ ରୋଡ ଶୋ' ଆରମ୍ଭ କରିଥିଲେ ପାଣ୍ଡିଆନ୍। ସେ କହିଲେ ମୁଁ ରାଉରକେଲାରେ ମାତ୍ର ୮ ମାସ ପାଇଁ ସେବା କରିବାର ସୁଯୋଗ ପାଇଥିଲି। ସେତେବେଳେ ରାଉରକେଲା ନୂଆ ବସଷ୍ଟାଣ୍ଡ ରାସ୍ତାର ଦୋହରୀକରଣ ଓ ଛେଣ୍ଡ ରାସ୍ତାର ଦୋହରୀକରଣ କାର୍ଯ୍ୟ ହୋଇଥିଲା। ରାଉରକେଲାବାସୀଙ୍କ ସ୍ନେହଶ୍ରଦ୍ଧା, ଭଲପାଇବା ଏବେ ବି ମନେଅଛି। ରାଉରକେଲାରେ ଏବେ ଅଭୂତପୂର୍ବ ବିକାଶ ହୋଇଛି। ରାଉରକେଲା ସହରରେ ଭିତ୍ତିଭୂମିର ପ୍ରଭୂତ ବିକାଶ ହୋଇଛି। ରାଉରକେଲାରେ ଏହି ବିକାଶଧାରା ଜାରି ରଖିବା ପାଇଁ ଆଗାମୀ ୨୦ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ଶଙ୍ଖଚିହ୍ନରେ ବଟନ ଦବାଇ ରାଉରକେଲା ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ଓ ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀଙ୍କୁ ଆଶୀର୍ବାଦ କରିବାକୁ ସେ ନିବେଦନ କରିଥିଲେ।

ପାଣ୍ଡିଆନ ରାଉରକେଲା ବିଶ୍ରା ଛକଠାରେ ପହଞ୍ଚି ରୋଡ ଶୋ' ଆରମ୍ଭ କରିଥିଲେ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ ସେ କହିଲେ, ସୁନ୍ଦରଗଡ଼ ଜିଲ୍ଲା ସମେତ ରାଉରକେଲା ସହରର ଅନେକ ବିକାଶ କାର୍ଯ୍ୟ କରାଯାଇଛି। ମୁଁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଓ ଆରଡିଏ ମୁଖ୍ୟ ଥିବା ସମୟରେ ସହରର ମାନଚିତ୍ର ସମ୍ପୂର୍ଣ୍ଣ ବଦଳାଇଥିଲି। ଆଗାମୀ ଦିନରେ ସହରର ଆହୁରି ବିକାଶ ହେବ। ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିବାରେ ଲାଗି ପଡ଼ିଛନ୍ତି। ବର୍ତ୍ତମାନ ରାଉରକେଲା ବିଶ୍ୱ ଦରବାରରେ ସ୍ଥାନ ପାଇଛି। ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କରାଯାଇଛି। ଏଥର ମଧ୍ୟ ବିଜେଡି ବାଜିମାତ କରିବ। ବିଜେଡି ସରକାର ଗଠନ ▶ପୃଷ୍ଠା-୧୧

**ସାରଦା ଓ ଦିଲୀପଙ୍କୁ ଭୋଟ ଦେବାକୁ ଅନୁରୋଧ**

## ବିଜେଡି ଇସ୍ତାହାର

# ଶ୍ରେଷ୍ଠ ଓଡ଼ିଶାର ଭିତ୍ତି

### ସମସ୍ତଙ୍କୁ ନେଇ ଗଠନ ହେବ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା'



**ଭୁବନେଶ୍ୱର, ୧୦।୫(ସମିସ):** ବିଜେଡିର ନିର୍ବାଚନୀ ଇସ୍ତାହାର ହେଉଛି ଏକ ଐତିହାସିକ ଘୋଷଣାପତ୍ର। ଦେଶର କୌଣସି ଜାତୀୟ କିମ୍ବା ଆଞ୍ଚଳିକ ଦଳ ଏପରି ଇସ୍ତାହାର ଆଣିପାରି ନାହାନ୍ତି। ବିଜେଡି ଯେଉଁ ନିର୍ବାଚନୀ ଇସ୍ତାହାର ଆଣିଛି ତାହା ଓଡ଼ିଶାକୁ ସବୁ କ୍ଷେତ୍ରରେ ଦେଶର ଏକ ନମ୍ବର ରାଜ୍ୟର ପରିଣତ କରିବା ପାଇଁ ବେଶ୍ ସମର୍ଥ। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହିତ ସାମଗ୍ରିକ ବିକାଶ ପାଇଁ ଥିବା ଆମର ଉଦ୍ଦେଶ୍ୟକୁ ସାକାର କରିବ। ଓଡ଼ିଶାବାସୀଙ୍କ ପ୍ରସ୍ତାବ ଆଧାରରେ ପ୍ରସ୍ତୁତ ଏହି ଇସ୍ତାହାର ଏକ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା' ଗଠନ କରିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଇସ୍ତାହାର କମିଟିର ଆବାହକ ଡ଼ ଅମର ପଟ୍ଟନାୟକ କହିଛନ୍ତି ଯେ ବିଜେଡିର ନିର୍ବାଚନୀ ଘୋଷଣାପତ୍ର ଓଡ଼ିଶା ଇତିହାସରେ ଲିପିବଦ୍ଧ ହୋଇ ରହିବ। ଗତ ୨୪ ବର୍ଷ ଭିତରେ ଏକ ପଛୁଆ, ଗରିବ, ଅନାହାର ଜର୍ଜରିତ ଓ ପ୍ରାକୃତିକ ବିପର୍ଯ୍ୟୟ ବିଧ୍ୱସ୍ତ ରାଜ୍ୟକୁ ବିଜେଡି ସରକାର ଏକ ଆଦର୍ଶ ରାଜ୍ୟରେ ପରିଣତ କରିଛନ୍ତି। ଏବେ ଏକ ନୂଆ ଓଡ଼ିଶା ନିର୍ମାଣ କରିବାର ସମୟ ଆସିଛି। ମହାପ୍ରଭୂଙ୍କ କୃପାରୁ ବିଜେଡିର ଏହି ଘୋଷଣାପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି '୫-ଟି' ଉପକ୍ରମରେ ପୂରଣ କରାଯିବ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୨ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୩୪ ସୁଦ୍ଧା ସବୁ କ୍ଷେତ୍ରରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବ ଆମର ଏହି ଇସ୍ତାହାର ବୋଲି ▶ପୃଷ୍ଠା-୧୧



# ଅନୁକୂଳ ହେଲା ରଥ ନିର୍ମାଣ

**ପୁରୀ, ୧୦।୫ (ସମିସ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟାରେ ଶ୍ରୀଜିଉଙ୍କ ତିନିରଥ ନିର୍ମାଣ ଅନୁକୂଳ ହୋଇଛି। ସନ୍ଧ୍ୟା ୬ଟାରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ଶ୍ରୀନଅର ସମ୍ମୁଖରେ ରଖାଯାଇଥିବା କାଠରେ ବିଜେ ହୋଇଥିଲା। ଦେଉଳ ପୁରୋହିତ ପୂଜା ହୋଇଥିବା ସୁନା କୁରାଢ଼ିରେ ସ୍ପର୍ଶ କରି ରଥ ନିର୍ମାଣ ଅନୁକୂଳ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ସ୍ନାନ କରାଯାଇ ରଖାଯାଇଥିଲା। ଦେଉଳ ପୁରୋହିତ ଓ ଶ୍ରୋତ୍ରୀୟ ବ୍ରାହ୍ମଣ ଅପରାହ୍ଣରେ ରଥଖଳାରେ ବନଯାଗର ସଂକ୍ଷିପ୍ତ ପଦ୍ଧତିରେ ରଥକାଠ ଅନୁକୂଳ ନୀତି କରିଥିଲେ। ମା' ▶ପୃଷ୍ଠା-୧୧

# ଫମ୍ପା 'ଆକାଂକ୍ଷୀ'; ଅନୁଦାନ ନିଅଣ୍ଟିଆ

**ଭୁବନେଶ୍ୱର, ୧୦।୫(ସମିସ):** ଦେଶର ଅନୁନ୍ନତ ଏବଂ ପଛୁଆ ଭାବେ ପରିଗଣିତ ୧୧୨ଟି ଜିଲ୍ଲାରେ ଦ୍ରୁତ ବିକାଶ ତଥା ରୂପାନ୍ତରଣ ଆଣିବାକୁ କେନ୍ଦ୍ର ସରକାର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି। ୟୁପିଏ ସରକାର ସମୟରେ ପ୍ରଚଳିତ ପଛୁଆ ଅଞ୍ଚଳ ବିକାଶ ପାଣ୍ଠି (ବିଆର୍‌ଜିଏଫ୍) କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିଲା ଓ ଗତ ୨୦୧୮ ମସିହା ଜାନୁଆରୀ ମାସରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାତ୍ର କେନ୍ଦ୍ର ସରକାରଙ୍କ ଏହି ତଥାକଥିତ ଦ୍ରୁତ ବିକାଶ ନିମନ୍ତେ 'ଆକାଂକ୍ଷୀ' କାର୍ଯ୍ୟକ୍ରମର ଅନୁଦାନ ଅନୁଧ୍ୟାନ କଲେ ନିରାଶ ହେବାକୁ ପଡ଼େ। ବିଆର୍‌ଜିଏଫ୍‌ରେ ଓଡ଼ିଶାକୁ ମିଳୁଥିବା ଅନୁଦାନ ତୁଳନାରେ ଯଥେଷ୍ଟ କମ୍ 'ଆକାଂକ୍ଷୀ' ଅନୁଦାନ ସମ୍ପୃକ୍ତ ଜିଲ୍ଲାର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିଛି।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଜିଲ୍ଲାଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଣୟନ ହେଉଥିବା ବେଳେ ଜିଲ୍ଲାଗୁଡ଼ିକର ପ୍ରଗତିକୁ ମାପିବା ପାଇଁ ମାସିକ ଡେଲ୍‌ଟା ର୍‌ୟାଙ୍କିଙ୍ଗ୍‌ର ପ୍ରଣୟନ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ, ଭିତ୍ତିଭୂମି ପରି ମୋଟ ୫ଟି ବଡ଼ ସାମାଜିକ-ଅର୍ଥନୈତିକ ବିଷୟବସ୍ତୁ/କ୍ଷେତ୍ରରେ ବିଭିନ୍ନ ଯୋଜନାର କାର୍ଯ୍ୟନ୍ୱୟନ ହେଉଥିବା ବେଳେ ଏଥିରେ ଉନ୍ନତ ପ୍ରଦର୍ଶନ କରୁଥିବା ରାଜ୍ୟଗୁଡ଼ିକର ପ୍ରଦର୍ଶନ ପ୍ରାୟ ୪୯ଟି ସୂଚକାଙ୍କ ମାଧ୍ୟମରେ ନିର୍ଦ୍ଧାରଣ କରାଯାଉଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଲ୍ଲାମାନଙ୍କୁ ଦିଆଯାଉଥିବା ଅନୁଦାନ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଥ୍ୟ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅଧୀନରେ କୋରାପୁଟ ଭଳି ଜିଲ୍ଲାକୁ ମାତ୍ର ୩ କୋଟି ଟଙ୍କାର ଅନୁଦାନ କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ସେହିପରି ଢେଙ୍କାନାଳକୁ ୬ କୋଟି, କନ୍ଧମାଳକୁ ୮ କୋଟି, ମାଲକାନଗିରିକୁ ୨.୯ କୋଟି, ନବରଙ୍ଗପୁରକୁ ୮ କୋଟି, କଳାହାଣ୍ଡିକୁ ୬ କୋଟି, ନୂଆପଡ଼ାକୁ ୧୧ କୋଟି, ବଲାଙ୍ଗୀରକୁ ୧୩ କୋଟି ଏବଂ ଗଜପତିକୁ ୧୫.୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତ ୫ ବର୍ଷରେ ଉପରୋକ୍ତ ଜିଲ୍ଲାମାନଙ୍କୁ ଉପରୋକ୍ତ ଅର୍ଥ ପ୍ରଦାନ କରାଯାଇଥିବା ବେଳେ ବାସ୍ତବରେ ଏହା ସମୁଦ୍ରକୁ ଶଙ୍ଖେ ବୋଲି ତଥ୍ୟଭିତ୍ତିକ ମହଲରେ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ ପୂର୍ବରୁ ୟୁପିଏ ସରକାର ପଛୁଆ ଅଞ୍ଚଳ ଅନୁଦାନ ରାଶି(ବିଆରଜିଏଫ୍)ରେ ଦେଶର ପଛୁଆ ଜିଲ୍ଲାଗୁଡ଼ିକର ବିକାଶ ପାଇଁ ଏହାଠାରୁ ଯଥେଷ୍ଟ ଅଧିକ ଅନୁଦାନ ମିଳୁଥିଲା। ଏପରିକି ୨୦୧୧-୧୨ ଆର୍ଥିକ ବର୍ଷରେ ବିଆରଜିଏଫ୍‌ରେ ସାମିଲ ଥିବା ଓଡ଼ିଶାର ୧୯ ଜିଲ୍ଲାକୁ ବାର୍ଷିକ ପ୍ରାୟ ୩୨୦.୯୬ କୋଟି ▶ପୃଷ୍ଠା-୧୧

**ବିଆର୍‌ଜିଏଫ୍ ପରିବର୍ତ୍ତେ ଆରମ୍ଭ ହୋଇଛି 'ଆକାଂକ୍ଷୀ'**

**ବିଆର୍‌ଜିଏଫ ତୁଳନାରେ ଆକାଂକ୍ଷୀ ରାଶି ନଗଣ୍ୟ**

**୫ ବର୍ଷରେ ୧୦ ଜିଲ୍ଲାକୁ ଅନୁଦାନ ମାତ୍ର ୭୩ କୋଟି**

## ଲୋକକଥା



ଓଡ଼ିଶାକୁ 'ଫୁଲ' ନେତା ଧାଉଁଛନ୍ତି
ଭୋଅଟ ମାଗିବା ପାଇଁ,
ରାଇଜବାସୀଙ୍କୁ କ'ଣ ଦେଇଛନ୍ତି
କହିପାରିବେକି କେହି !
ଖଣି-ପାଣି ସବୁ ନେଇ,
ଆଜି ଯାଏ ରାଜ୍ୟ ପ୍ରାପ୍ୟ ଦିଅନ୍ତିନି
ଚାଲନ୍ତି ଭୁଆଁ ବୁଲେଇ !!

## କେନ୍ଦ୍ରମନ୍ତ୍ରୀଙ୍କ ବିହାର ପ୍ରୀତି

# ବିହାର ପାଇଁ ଗୋଟିଏ ନୀତି, ଓଡ଼ିଶା ପାଇଁ ଭିନ୍ନ

**ଭୁବନେଶ୍ୱର, ୧୦।୫(ସମିସ):** ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ସଂଶୋଧିତ ନିୟମ ପ୍ରଣୟନ କରିଛନ୍ତି। ନିଯୁକ୍ତିରେ ସ୍ୱଚ୍ଛତା ଆଣି ଶୈକ୍ଷିକ ମାନ ବୃଦ୍ଧି କରିବାକୁ ସରକାରଙ୍କ ଯୋଜନା କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅଦାଲତି ମାମଲାରେ ଫସିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଥିବାରୁ ରାଜ୍ୟରେ ଅଧ୍ୟାପକ ନିଯୁକ୍ତି ବାଧାପ୍ରାପ୍ତ ହୋଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ଓ ନିଯୁକ୍ତି ଆଶାୟୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଆବେଦନ ଆଧାରରେ ସୁପ୍ରିମକୋର୍ଟ ୨୦୨୨ ମସିହା ମେ ୨୦ ତାରିଖରେ ସୁପ୍ରିମ୍‌କୋର୍ଟ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ଉପରେ ରହିତାଦେଶ ଜାରି କରିଛନ୍ତି। ଏଥିମଧ୍ୟରେ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଏଯାଏଁ ରାୟ ପ୍ରକାଶ ପାଇନାହିଁ। ଏହା ଯୋଗୁଁ ରାଜ୍ୟର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ହଜାର ହଜାର ଶିକ୍ଷକ ଓ ଅଣଶିକ୍ଷକ ପଦ ପୂରଣ ହୋଇପାରୁ ନାହିଁ, ଅନ୍ୟପକ୍ଷରେ ରାଜ୍ୟର ଲକ୍ଷଲକ୍ଷ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଅଧୀନସ୍ଥ ୟୁଜିସି ନିଯୁକ୍ତି କ୍ଷେତ୍ରରେ ବିହାର ପାଇଁ ଗୋଟିଏ ନୀତି ଆପଣେଇଥିବାବେଳେ ଓଡ଼ିଶା ପାଇଁ ଭିନ୍ନ ନୀତି ଆପଣେଇବା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରଶାସନ ଓ ନିଯୁକ୍ତିକୁ ସ୍ୱଚ୍ଛ କରିବା ଏବଂ ତାହାର ଗୁଣବତ୍ତା ବୃଦ୍ଧି କରିବା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ରେ ସଂଶୋଧନ କରାଯାଇଛି। ବିଶେଷ କରି କୁଳପତି ଚୟନ, ସିଣ୍ଡିକେଟ ଗଠନ, ଅଧ୍ୟାପକ ତଥା ଅନ୍ୟାନ୍ୟ ପଦରେ ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇ ନୂତନ ନିୟମ ପ୍ରଣୟନ ▶ପୃଷ୍ଠା-୧୧

**ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନିଯୁକ୍ତିରେ ୟୁଜିସିର ଦୋହରା ନୀତି**

**କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧୀନରେ ରହିଛି ୟୁଜିସି**

ମହିଳାଙ୍କୁ ଅଧିକାର କେବଳ ଏକ ସୁଯୋଗ ନୁହେଁ, ମାନବାଧିକାରର ମୌଳିକ ଉପାଦାନ ।
-ସାବିତ୍ରୀବାଈ ଫୁଲେ

ସକାଳ THE SAKALA

## ମହିଳା ବିକାଶ ପାଇଁ ସଶକ୍ତ ସଂକଳ୍ପ

# ‘ମିଶନ୍ ଶକ୍ତି’ ପାଇଁ ନବୀନ ପ୍ରତିଶ୍ରୁତି

ଅନେକବର୍ଷ ଧରି ‘ମିଶନ ଶକ୍ତି’ ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଭାବେ ରାଜ୍ୟରେ ତଥା ସାରା ଦେଶରେ ବହୁଳଭାବେ ଆଦୃତ । ରାଜ୍ୟର ଲୋକପ୍ରିୟ ମୁଖିଆ ନବୀନ ପଟ୍ଟନାୟକଙ୍କ ମାନସ ସନ୍ତାନ ‘ମିଶନ ଶକ୍ତି’ ଆରମ୍ଭ ହୋଇଥିଲା ୨୦୦୧ ମାର୍ଚ୍ଚ ୮ ତାରିଖ ‘ଆନ୍ତର୍ଜାତିକ ମହିଳା ଦିବସ’ ଅବସରରେ । ଏହାର ଲକ୍ଷ୍ୟ ଥିଲା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନ ଗଠନ କରି ରାଜ୍ୟର ନାରୀମାନଙ୍କୁ ରୋଜଗାର ମାଧ୍ୟମରେ ସଶକ୍ତ କରିବା । ସମଗ୍ର ଦେଶରେ ଏହା ଥିଲା ଏ ଧରଣର ଅଭିନବ ଯୋଜନା । ଓଡ଼ିଶାରେ ‘ମିଶନ ଶକ୍ତି’ର ସଫଳତା ଆଧାରରେ କେନ୍ଦ୍ର ସରକାର ସମଗ୍ର ଦେଶରେ ଏଭଳି କାର୍ଯ୍ୟକ୍ରମକୁ ଉତ୍ସାହିତ କଲେ ଏବଂ କେନ୍ଦ୍ର ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ‘ମିଶନ ଶକ୍ତି’କୁ ରଖାଗଲା । ‘ମହିଳା ସଶକ୍ତୀକରଣ’ ପାଇଁ ବିଜେଡି ସରକାର ଆରମ୍ଭ କରିଥିବା ଏହି ଅଭିନବ ରୋଜଗାର କାର୍ଯ୍ୟକ୍ରମ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ସଫଳତାର ସହ ଅତିକ୍ରମ କଲାଣି । ୨୦୦୧-୦୨ରେ ରାଜ୍ୟରେ ୪୧, ୪୭୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବା ଏସ୍‌ଏଚ୍‌ଜି ଥିବାବେଳେ ୨୦୨୦-୨୧ରେ ଏହା ୧୪ ଗୁଣ ବୃଦ୍ଧି ପାଇ ୬, ୦୨, ୦୧୩ ରେ ପହଞ୍ଚିଥିଲା । ‘ମିଶନ ଶକ୍ତି’ର ଏହି ବୈପ୍ଳବିକ ବୃଦ୍ଧି ଦ୍ୱାରା ଛ’ଲକ୍ଷରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ୭୦ ଲକ୍ଷରୁ ଅଧିକ ମା’ମାଉସୀମାନଙ୍କୁ କାମ ଓ ବହୁବିଧ ରୋଜଗାର ମିଳିପାରିଛି । ସେମାନେ ଆର୍ଥିକ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହେବା ସହିତ ମହିଳା ସଶକ୍ତୀକରଣ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି ।

‘ମିଶନ ଶକ୍ତି’ ମାଧ୍ୟମରେ ଏସ୍‌ଏଚ୍‌ଜିଗୁଡ଼ିକ ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଛନ୍ତି । ଏମାନେ ଗୋଷ୍ଠୀଭିତ୍ତିକ ସଂସ୍ଥାଗୁଡ଼ିକର ଦକ୍ଷତା ବଢ଼ାଇବା ସହିତ ଜୀବନଜୀବିକାକୁ ସୁଦୃଢ଼ କରୁଛନ୍ତି । ଏସ୍‌ଏଚ୍‌ଜି ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ବଜାର ସୁବିଧା ଯୋଗାଣ, ସେମାନଙ୍କୁ ବିନା ସୁଧରେ ସରକାରୀ ଋଣ ଯୋଗାଣ, ଆର୍ଥିକ ପ୍ରତିଷ୍ଠାନ ସହିତ ଏସ୍‌ଏଚ୍‌ଜିର ସଂଯୋଗ ସ୍ଥାପନ, ଅଭାବୀ ମହିଳାଙ୍କୁ ଋଣ ଯୋଗାଣ, ଠିକ୍ ସମୟରେ ଋଣ ଓ ସୁଧ ଅସୁଲ କରି ମୂଳଋଣ ବ୍ୟାଙ୍କକୁ ଫେରସ୍ତ, ସଞ୍ଚୟ ଅଭ୍ୟାସ ବୃଦ୍ଧି ଏବଂ ସର୍ବୋପରି ମହିଳାମାନଙ୍କ ମଧ୍ୟରେ ସାମାଜିକ ଓ ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଆଦି କାମ କରାଯାଉଛି । ସତକଥା କହିଲେ ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ‘ମିଶନ ଶକ୍ତି’ ମହିଳା ସଶକ୍ତୀକରଣ ଓ ଅର୍ଥନୀତିକ ବିକାଶ କ୍ଷେତ୍ରରେ ଏକ ବିଶାଳ ନିରବ ବିପ୍ଳବ ସୃଷ୍ଟି କରିଛି । ଓଡ଼ିଶାର ମହିଳା ସମାଜ ପାଇଁ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ବହୁମୁଖୀ ମହିଳା ସଶକ୍ତୀକରଣର ବତୀଘର ଭଳି ଆଦର୍ଶ ସୃଷ୍ଟି କରିପାରିଛି ।

ଗଣତନ୍ତ୍ରରେ ଭଲ ଯୋଜନାଟିଏ ସରକାର କାର୍ଯ୍ୟକାରୀ କରି ତାହାକୁ ଆଗକୁ ବଢ଼ାଇଲେ ଏବଂ ନିୟମିତ ପ୍ରୋତ୍ସାହନ ଦେଲେ ସେଥିସହିତ ସମ୍ପୃକ୍ତ ହିତାଧିକାରୀଙ୍କର ସରକାରଙ୍କ ପ୍ରତି ଦରଦ ଓ ସମର୍ଥନ ରହେ । ସେଥିପାଇଁ ୨୦୦୧ ପରଠାରୁ ‘ମିଶନ୍ ଶକ୍ତି’ର ସଭ୍ୟାମାନେ ଶାସକ ବିଜେଡି ଦଳର ଏକ ଦୃଢ଼ ସମର୍ଥକ ଭାବେ ଉଭା ହୋଇ ଆସିବା ସ୍ୱାଭାବିକ । ଆପଣ କଳନା କରନ୍ତୁ ୭୧ ଲକ୍ଷରୁ ଅଧିକ ସଦସ୍ୟ ଓ ତାଙ୍କର ପରିବାରବର୍ଗ, ଯେଉଁମାନେ ‘ମିଶନ ଶକ୍ତି’ ମାଧ୍ୟମରେ ଉପକୃତ ହେଉଛନ୍ତି, ମର୍ଯ୍ୟାଦାର ସହ ବଞ୍ଚି ରୋଜଗାର ସୁବିଧା ପାଉଛନ୍ତି ସେମାନେ ବିଜେଡି ସରକାର ଓ ତାହାର ମୁଖ୍ୟ ନବୀନବାବୁଙ୍କ ପାଖରେ କୃତଜ୍ଞ ନ ହେବେ କାହିଁକି? ଏତେ ଲୋକଙ୍କୁ କର୍ମନିଯୁକ୍ତି ଓ ରୋଜଗାର ଯୋଗାଇବା ଏକ ଅସାଧାରଣ ଘଟଣା । ବିଶେଷକରି, ସମାଜରେ ମହିଳା ବର୍ଗ ପାଇଁ ସମ୍ମାନସୂଚକ ଓ ଅର୍ଥ ଉପାର୍ଜନର ରାସ୍ତା ଯୋଗାଇ ଦେବା କେବଳ ସମ୍ପୃକ୍ତ ମହିଳା ଓ ତାଙ୍କ ପରିବାର ପାଇଁ ଆଶ୍ୱସ୍ତିକର ବିଷୟ ନୁହେଁ, ବରଂ ସାରା ସମାଜ ଓ ରାଜ୍ୟ ପାଇଁ ସୁଶାସନର ବାର୍ତ୍ତାବହ ହୋଇଥାଏ । ରାଜନୈତିକ ଇଚ୍ଛାଶକ୍ତି ଓ ସ୍ୱତନ୍ତ୍ର ଆଗ୍ରହ ଦ୍ୱାରା ‘ମିଶନ ଶକ୍ତି’ ରାଜ୍ୟରେ ଏକ ସଫଳ ଯୋଜନାରେ ପରିଣତ ହୋଇଛି, ଏଥିରେ ସନ୍ଦେହ ନାହିଁ । ତେଣୁ ନିର୍ବାଚନ ସମୟରେ ହେଉ କିମ୍ବା ଯେକୌଣସି ଅନ୍ୟ ସମୟରେ ହେଉ ଏଭଳି ରାଜ୍ୟବ୍ୟାପୀ ଜନମଙ୍ଗଳ କାର୍ଯ୍ୟକ୍ରମର ଯେତେ ପ୍ରଶଂସା କଲେ ତାହା ଯଥେଷ୍ଟ ନୁହେଁ ।

ନିର୍ବାଚନ ଆସିଲେ ସବୁଦଳ ନିଜ ନିଜର ଇସ୍ତାହାର ପ୍ରକାଶ କରି କ୍ଷମତାକୁ ଆସିଲେ ଲୋକଙ୍କୁ କ’ଣ ଦେବେ ଓ ସେମାନଙ୍କ ପାଇଁ କ’ଣ କରିବେ, ତାହା ପ୍ରକାଶିତ କରନ୍ତି । ଏଭଳି ସଂକଳ୍ପ ପତ୍ର ମାଧ୍ୟମରେ ବିଭିନ୍ନ ବିରୋଧୀ ଦଳ ରାଜ୍ୟରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶାସନ ସହିତ ଜଡ଼ିତ ନଥିବାରୁ ଅନେକ ଉଦ୍‌ଘୋଷଣା ସ୍ୱପ୍ନଗୁନ୍ଥା ପୁଷ୍ପମାଳା ଭଳି ରଙ୍ଗୀନ୍ ତଥା ହାଲ୍‌କା ପ୍ରତୀୟମାନ ହୁଏ । ଏତଦ୍‌ବ୍ୟତୀତ ଅନ୍ୟବହୁ ଘୋଷଣା ଶାସକ ଦଳର ନିନ୍ଦାଗାନ ଓ ତ୍ରୁଟିବିଚ୍ୟୁତି ସୂଚିତ କରିବାରେ ବିନିଯୋଗ କରାଯାଏ । ଏଭଳି କ୍ଷେତ୍ରରେ ଦୁଇ ଦଶନ୍ଧିରୁ ଅଧିକ ସ୍ଥିର ଶାସନ ପ୍ରଦାନ କରିଥିବା ସାମଗ୍ରିକ ବିକାଶ ଓ ଜନମଙ୍ଗଳ ଭିତ୍ତିକ ରାଜନୈତିକ ଦଳ ଯେଉଁ ନିର୍ବାଚନୀ ଘୋଷଣା କରନ୍ତି ତାହା ଅଧିକାଂଶ ତଥ୍ୟ, ସତ୍ୟ, ସେବା ଓ ଅଭିଜ୍ଞତା ଆଧାରିତ ହୁଏ । ସେହି ଭିତ୍ତିଭୂମିରେ ନିର୍ବାଚନ ଇସ୍ତାହାରରେ କରାଯାଇଥିବା ପ୍ରତିଜ୍ଞା ସବୁ ବାସ୍ତବଧର୍ମୀ ତଥା ସମ୍ଭାବ୍ୟ ଲକ୍ଷ୍ୟର ରଙ୍ଗ ନିଏ । ତଦନୁସାରେ ଏଥର ବିଜେଡିର ନିର୍ବାଚନ ଇସ୍ତାହାରରେ ଯେଉଁସବୁ ଦୂରଗାମୀ ପ୍ରତିଜ୍ଞା ଓ ପ୍ରତିଶ୍ରୁତି ରହିଛି ସେଥିମଧ୍ୟରେ ‘ମିଶନ୍ ଶକ୍ତି’କୁ ଆସନ୍ତା ଦଶନ୍ଧିରେ ଆହୁରି ବିକଶିତ ଓ ରୂପାନ୍ତରିତ କରିବା ପାଇଁ ଅନେକ ଗୁରୁତ୍ୱ ଦିଆଯାଇଛି । ଏଥର ଗୋଟିଏ ବଡ଼ ପ୍ରତିଶ୍ରୁତି ହେଲା ‘ମିଶନ ଶକ୍ତି’ର ମା’ମାନଙ୍କୁ ରାଜ୍ୟ ସରକାର ପେନ୍‌ସନ୍ ଦେବେ । ଏହାଫଳରେ ପ୍ରାୟ ୭୧ ଲକ୍ଷ ମା’ ଓ ଭଉଣୀ ଉପକୃତ ହେବେ । ଦୀର୍ଘ ଚବିଶ ବର୍ଷ ଧରି କାମ କରି ଆସୁଥିବା ‘ମିଶନ ଶକ୍ତି’ର ସଭ୍ୟମାନଙ୍କୁ ସ୍ୱୟଂ ସହାୟିକା ସ୍ତରରୁ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗୀ ରୂପାନ୍ତରିତ ଓ ଉନ୍ନୀତ କରାଇବା ଆଉ ଏକ ବଡ଼ ପ୍ରତିଶ୍ରୁତି । ତା’ଛଡ଼ା ପ୍ରତ୍ୟେକ ‘ମିଶନ ଶକ୍ତି’ ସଦସ୍ୟାଙ୍କୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି । ସଂକ୍ଷେପରେ କହିଲେ ‘ମିଶନ ଶକ୍ତି’ର ମା’ମାନଙ୍କ ପାଇଁ ଏହା ବିଜେଡିର ଏକ ଚମତ୍କାର ସଂକଳ୍ପ ଓ ଅନନ୍ୟ ଉପହାର । ଏହାଦ୍ୱାରା ସମ୍ପୃକ୍ତ ମା’ଭଉଣୀମାନଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆସିବ । ସେମାନେ କେବଳ ଆତ୍ମନିର୍ଭରଶୀଳ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହେବେ ନାହିଁ, ସେମାନଙ୍କର ସାମାଜିକ ଦାୟିତ୍ୱବୋଧ ମଧ୍ୟ ବଢ଼ିବ ।

ବିଜେଡି ଇସ୍ତାହାରରେ ଏଥର ଆଉ କେତେକ ଭଲ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି । ଉପଭୋକ୍ତାମାନଙ୍କୁ ମାସିକ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ‘ନୂଆ ଓ’ ଛାତ୍ରବୃତ୍ତି ପରିମାଣ ବୃଦ୍ଧି, ଯୁବବର୍ଗଙ୍କ ପାଇଁ ସ୍ୱତନ୍ତ୍ର ବଜେଟ୍, ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ନିର୍ମାଣ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଠିକା କର୍ମଚାରୀ, ସରକାରୀ କର୍ମଚାରୀ ଓ ମଧ୍ୟବିତ୍ତ ବର୍ଗଙ୍କୁ ସାମିଲ ଇତ୍ୟାଦି । ନବୀନବାବୁ କଥା ଅପେକ୍ଷା କାମରେ ଅଧିକ ବିଶ୍ୱାସ କରନ୍ତି । ସେ ଥରେ ଯେଉଁ ସଂକଳ୍ପ ନିଅନ୍ତି, ତାହାକୁ ଅଚିରେ ଯେ ପୂରଣ କରନ୍ତି ଏ ଅଭିଜ୍ଞତା ଓଡ଼ିଶାବାସୀଙ୍କର ରହିଛି । ଏଥର ନିର୍ବାଚନରେ ସେ ‘ମିଶନ ଶକ୍ତି’ର ମହିଳା, ଯୁବବର୍ଗ, ସାଧାରଣ ଜନତାଙ୍କ ସୁଖ ସୁବିଧା ପାଇଁ ଯେଉଁ ସଂକଳ୍ପ ନିର୍ବାଚନ ଇସ୍ତାହାରରେ ଘୋଷଣା କରିଛନ୍ତି, ତାହା ସ୍ୱାଗତଯୋଗ୍ୟ । ନିର୍ବାଚନରେ ସଫଳତା ପାଇଁ ଆସନ୍ତା ସମୟ ପାଇଁ ନିଆଯାଇଥିବା ପ୍ରତିଶ୍ରୁତି ଜନାଦେଶକୁ ଯେତିକି ପ୍ରଭାବିତ କରେ, ବିଗତ ଶାସନ କାଳମାନଙ୍କରେ ରାଜନୈତିକ ଦଳର କାର୍ଯ୍ୟର ରେକର୍ଡ ସମ ପରିମାଣରେ ଭୋଟରମାନଙ୍କୁ ପ୍ରଭାବିତ କରେ । ଓଡ଼ିଶାର ବହୁ ପ୍ରଶଂସିତ ‘ମିଶନ୍ ଶକ୍ତି’ କାର୍ଯ୍ୟକ୍ରମ ଏହିଭଳି ଏକ ଯୁଗ ପ୍ରବର୍ତ୍ତକ ଅଭିଯାନ । ସମକାଳୀନ ଓଡ଼ିଶାର ଅନେକଗୁଡ଼ିଏ ‘ସ୍ମାର୍ଟ’ ପରିଚୟ ମଧ୍ୟରେ ‘ମିଶନ ଶକ୍ତି’ ଅନ୍ୟତମ । ଶାସକ ବିଜେଡି ଦଳର ସଦ୍ୟତମ ନିର୍ବାଚନ ଇସ୍ତାହାରରେ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ପାଇବା ଦ୍ୱାରା ‘ମିଶନ୍ ଶକ୍ତି’ ଆଧୁନିକ ଓଡ଼ିଶା ବିକାଶର ଏକ ବିଶିଷ୍ଟ ଅକ୍ଷପଥ ହୋଇ ଉଭା ହେବ ।

## ଘୋଷଣା

ଦୈନିକ **‘ସକାଳ’** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

### ଦୁଇଶହ ବର୍ଷର ପ୍ରାଚୀନ ପରମ୍ପରା

# ‘ବିଶିପଡ଼ା’ର ବିଖ୍ୟାତ ରାମଲୀଳା



ଡ. ଶାନ୍ତନୁ କୁମାର ରଥ
ଭୁବନେଶ୍ୱର, ମୋ: ୯୪୩୭୪୮୦୮୦୬

ସର୍ବଭାରତୀୟ ସ୍ତରରେ ରାମକଥାର ପ୍ରସାର ହେବା ପରେ ଆଞ୍ଚଳିକ ଭାଷାର କବିମାନେ ମଧ୍ୟ ନିଜ ନିଜ ଭାଷାରେ ରାମାୟଣ ରଚନା ଆରମ୍ଭ କଲେ । ମୂଳ ବାଲ୍ମିକୀ ରାମାୟଣ ଅବଲମ୍ବନରେ ପ୍ରାନ୍ତୀୟ ଭାଷାରେ ରାମାୟଣ ରଚନା ହେବାର ପରମ୍ପରାରେ ଓଡ଼ିଆ ସାହିତ୍ୟର ପଞ୍ଚସଖା ଯୁଗରେ କବି ବଳରାମ ଦାସ ଓଡ଼ିଆ ଭାଷାରେ ରଚନା କଲେ ‘ଜଗମୋହନ ରାମାୟଣ’ । ପୂର୍ବରୁ ରଚିତ ସାରଳା ଦାସଙ୍କ ମହାଭାରତରେ ଅନୁସୃତ ଦାଣ୍ଡି ବୃତ୍ତ ଶୈଳୀରେ ଏହା ରଚନା ହୋଇଥିବାରୁ ଏହାକୁ ‘ଦାଣ୍ଡୀ ରାମାୟଣ’ ବୋଲି କୁହାଗଲା । ଦାଣ୍ଡି ବୃତ୍ତରେ ଦୁଇ ପାଦର ଅକ୍ଷର ସଂଖ୍ୟା ସମାନ ନଥିବାରୁ ତାକୁ ଗାନ କରିବା ସହଜ ନୁହେଁ । ସୁଗେୟ ନଥିବା କାରଣରୁ ଏଗୁଡ଼ିକୁ ଲୋକଙ୍କ ମଧ୍ୟରେ ପ୍ରଚାର କରିବା ମଧ୍ୟ ସହଜ ହେଲାନାହିଁ । ଏହା ପରେ ପରେ କାବ୍ୟ କବିତା ଗାୟନ ଧର୍ମୀ ହେଲେ । ଏହି ସମୟରେ ରାମାୟଣର ବିଷୟବସ୍ତୁକୁ ଛନ୍ଦ, ବୃତ୍ତ, ବାଣୀ ପ୍ରୟୋଗ କରି ଲୀଳା ରଚନା ଆରମ୍ଭ ହେଲା ଏବଂ ୧୮ଶ ଶତାବ୍ଦୀ ଆରମ୍ଭରେ ଶ୍ରୀକ୍ଷେତ୍ର ନିବାସୀ ବିଶ୍ୱନାଥ ଖୁଣ୍ଟିଆ ରଚନା କଲେ ବିଚିତ୍ର ରାମାୟଣ ଯାହା ବିଶି ରାମାୟଣ ଭାବରେ ପରିଚିତ । ଏହା ଅତ୍ୟନ୍ତ ଲୋକପ୍ରିୟ ହେଲା ମୁଖ୍ୟତଃ ଦୁଇଟି କାରଣରୁ । ପ୍ରଥମଟି ହେଲା ଏହାର ଅତି ସରଳ ଭାଷା । ଦ୍ୱିତୀୟଟି ହେଲା ଏହାର ଗାୟନ ଧର୍ମିତା । ଏହାର ଗୀତ ‘ଆହା ଧନୁର୍ଦ୍ଧର ବୀରବର’, ‘ମନ୍ତ୍ରୀମୁଖୁ ଶୁଣି କୋପେ ବିଂଶ ପାଣି’, ଶିଂଶପା ବୃକ୍ଷର ଡାଳେହେ’, ‘କହ ହନୁ ମୋର କାନ୍ତର କୁଶଳ’- ଏଗୁଡ଼ିକ ଏବେ ମଧ୍ୟ ଲୋକ ମୁଖରୁ ଶୁଣିବାକୁ ମିଳେ । ଏହି ଧାରାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଲୋକ କବିମାନେ ରାମଲୀଳା ମାନ ରଚନା କରିବାକୁ ଆରମ୍ଭ କଲେ । ଏଗୁଡ଼ିକୁ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରାଗଲା । ସେତେବେଳେ ମିଳୁଥିବା ବାଦ୍ୟଯନ୍ତ୍ର ଖୋଳ, ଗିନି ବ୍ୟବହାର କରି ଗାୟକମାନେ ଏହାକୁ ରସପୂର୍ଣ୍ଣ କରି ପରିବେଷଣ କଲେ ଏବଂ ଏହା ଖୁବ୍ ଆଦୃତି ଲାଭ କଲା । ଏହି ରାମଲୀଳା ରଚନାକାରଙ୍କ ମଧ୍ୟରେ ବିଶ୍ୱନାଥ ଖୁଣ୍ଟିଆ, ବିକ୍ରମ ନରେନ୍ଦ୍ର, ଅନଙ୍ଗ ନରେନ୍ଦ୍ର, ବୈଶ୍ୟ ସଦାଶିବ, କଳ୍ପତରୁ ଦାସ, ବିପ୍ର ଜନାର୍ଦ୍ଦନ ଇତ୍ୟାଦିଙ୍କ ନାମ ଉଲ୍ଲେଖଯୋଗ୍ୟ ।

କନ୍ଧମାଳ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିଲେ ମଧ୍ୟ ଅଣଆଦିବାସୀମାନେ ଭଲ ସଂଖ୍ୟାରେ ଏଠାରେ ବସବାସ କରନ୍ତି । କନ୍ଧମାଳର ଅନେକ ଅଞ୍ଚଳ ଅତୀତରେ ଘୁମୁସର ରାଜ୍ୟ ଅନ୍ତର୍ଗତ ଥିବାରୁ ଘୁମୁସର (ଅଧୁନା ଭଞ୍ଜନଗର) ଅଞ୍ଚଳରୁ ବହୁ ସାଧାରଣ ବର୍ଗର ବ୍ୟକ୍ତି ଏଠାକୁ ଆସି ବହୁକାଳରୁ ବସବାସ କରି ଆସୁଛନ୍ତି । ଫୁଲବାଣୀ ସହରଠାରୁ ମାତ୍ର ଆଠ କିଲୋମିଟର ଦୂରରେ ଫୁଲବାଣୀ- ବାଲିଗୁଡ଼ା ରାସ୍ତାରେ ଗୋଟିଏ ବଡ଼ ଗାଁ ବିଶିପଡ଼ା । ଗୋଟିଏ ଗାଁ ଗୋଟିଏ ପଞ୍ଚାୟତ । ଏହି ଗ୍ରାମରେ ବିଷୋୟୀ ସଂଜ୍ଞାଧାରୀ ବହୁସଂଖ୍ୟାରେ ବାସ କରନ୍ତି, ଯେଉଁମାନେ ଗଞ୍ଜାମ ମୂଳ । ବ୍ରିଟିଶ ରାଜତ୍ୱ ସମୟରେ ଏହି ଗ୍ରାମଟି ବ୍ରିଟିଶ ଶାସନର ଏକ କେନ୍ଦ୍ରସ୍ଥଳ ଥିଲା । ବିଷୋୟୀ ଏବଂ କନ୍ଧମାଳର ମୂଳ ଆଦିବାସୀ କନ୍ଧମାନେ ଖୁବ୍ ଦୁର୍ଦ୍ଧର୍ଷ । ବ୍ରିଟିଶ ଅତ୍ୟାଚାର ବିରୁଦ୍ଧରେ ଘୁମୁସର ବିଦ୍ରୋହ ଆରମ୍ଭ ହୋଇସାରିଥାଏ ଏବଂ ଏହି ଅଞ୍ଚଳରୁ ସେହି ବିଦ୍ରୋହକୁ ସମର୍ଥନ ମଧ୍ୟ ମିଳୁଥାଏ । ଏ ବିଦ୍ରୋହରୁ ସେମାନଙ୍କୁ ଦୂରେଇ ରଖିବା ପାଇଁ ଏଠାରେ ଥିବା ବ୍ରିଟିଶ ଅଧୀନସ୍ଥ ଓଡ଼ିଆ ଅଧିକାରୀମାନେ ସାଂସ୍କୃତିକ ଉପାୟ ଅବଲମ୍ବନ କରି ଏଠାରେ ରାମଲୀଳା ଅଭିନୟ ଆରମ୍ଭ କରାଇଲେ । ସେଥିପାଇଁ ସବୁ ବ୍ୟବସ୍ଥା ମଧ୍ୟ କରିଦେଲେ । ରାମଲୀଳା ଅଭିନୟ ପାଇଁ ପୃଷ୍ଠପୋଷକତା ଯୋଗାଇବା ସହ ବଣରୁ ଯାବତୀୟ କାଠ ଏବଂ ଅନ୍ୟାନ୍ୟ ଆବଶ୍ୟକ ବସ୍ତୁ ସଂଗ୍ରହ ପାଇଁ ଏକ ସ୍ଥାୟୀ ଅନୁମତି ମଧ୍ୟ ଦେଇଦେଲେ ।



ଘୁମୁସର ଅଞ୍ଚଳର କବି ଜନାର୍ଦ୍ଦନ ସାମନ୍ତରା ଯେ ବିପ୍ର ଜନାର୍ଦ୍ଦନ ନାମରେ ପରିଚିତ, ତାଙ୍କ ରଚିତ ରାମଲୀଳା ସଂଗ୍ରହ କରି ୧୮୩୫ ମସିହାରେ ବିଶିପଡ଼ାରେ ରାମଲୀଳା ଅଭିନୟ ଆରମ୍ଭ ହେଲା । ଏହି ସମୟଟି ହେଉଛି ଘୁମୁସର ବିଦ୍ରୋହର ପ୍ରଚଣ୍ଡ କାଳ । ଘୁମୁସରର ଦୁର୍ଦ୍ଧର୍ଷ ବୀର ଦୋରା ବିଶୋୟୀ ଓ ତାଙ୍କ ପରେ ଇତିହାସ ପ୍ରସିଦ୍ଧ ବିଦ୍ରୋହୀ ବୀର ଚକରା ବିଶୋୟୀ ବ୍ରିଟିଶ ବିରୁଦ୍ଧରେ ପ୍ରବଳ ସଂଗ୍ରାମ ଚଳାଇ ରଖିଥିଲେ । ଠିକ୍ ଏହି ସମୟରେ ବିଶିପଡ଼ାରେ ରାମଲୀଳାର ଅଭିନୟ ଆରମ୍ଭ କରାଇ ବ୍ରିଟିଶ ଅଧିକାରୀମାନେ ଏହି ଅଞ୍ଚଳକୁ ବିଦ୍ରୋହରୁ ଦୂରେଇ ରଖିବାର କୌଶଳ କରିଥିଲେ । ତେବେ ଏହି କୌଶଳ ସହିତ ଏକ ଲୀଳାଭିନୟର ବିକାଶ ମଧ୍ୟ ସଂଘଟିତ ହେଲା, ଯାହା କଳାତ୍ମକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ । ସବୁଠାରୁ ବିସ୍ମୟକର କଥା ହେଲା ପାଖାପାଖି ଦୁଇଶହ ବର୍ଷ ହେବାକୁ ବସିଲାଣି । ଏ ଅଭିନୟ ଏବେ ମଧ୍ୟ ଅବ୍ୟାହତ ରହିଛି । ଚଳିତବର୍ଷ ଏହା ଦେଖିବା ପାଇଁ ଏ ଲୋକ ଯାଇଥିଲା ବିଶିପଡ଼ା ।

ବିଶିପଡ଼ା ରାମଲୀଳାର କେତେକ ବିଶେଷତ୍ୱ ଅଛି । ବିଶିପଡ଼ା ହେଉଛି ବଣ ପାହାଡ଼ ଘେରା ଏକ ଅଞ୍ଚଳ । ରାମାୟଣର ଅଧିକାଂଶ ଅଂଶର ଘଟଣାସ୍ଥଳ ଅରଣ୍ୟ ହୋଇଥିବାରୁ ଅଭିନୟ ପାଇଁ ଏହି ଅଞ୍ଚଳରେ ଏକ ସ୍ୱାଭାବିକ ପ୍ରାକୃତିକ ପରିବେଶ ମିଳିଥାଏ । ବିଶିପଡ଼ା ଗାଁ ଦାଣ୍ଡଟି ହୁଏ ମୁଖ୍ୟ ଅଭିନୟ ସ୍ଥଳ । ଗାଁ ବାହାରେ ଥିବା ଗୋଟିଏ ପଡ଼ିଆର ଗୋଟିଏ ପାର୍ଶ୍ୱ ହୁଏ ଲଙ୍କା । ଗାଁ ପାଖ ଦେଇ ବହି ଯାଉଥିବା ସାଲୁଙ୍କୀ ନଦୀ ହେଉଛି ଗଙ୍ଗା । ଏ ସବୁ ସ୍ଥାନକୁ ଅଭିନୟ କ୍ଷେତ୍ର ଭାବରେ ବ୍ୟବହାର କରାଯାଏ ଠିକ୍ ବରଗଡ଼ ଧନୁଯାତ୍ରା ପରି । ରାମନବମୀରୁ ଅଭିନୟ ଆରମ୍ଭ ହୋଇ ଚଉଦ ଦିନରେ ଲଙ୍କା ପୋଡ଼ି ସହ ଏହା ଶେଷ ହୁଏ । ଅଭିନୟ ଅବଧିରେ ପ୍ରତି ଘର ଦୁଆର ଲିପା ପୋଛା ହୋଇ କୁମ୍ଭ ବସେ । ଲୋକମାନେ ଶୁଦ୍ଧ, ସାତ୍ତ୍ୱିକ ଭାବରେ ବ୍ରତ, ଉପବାସ ରଖନ୍ତି । ଶ୍ରୀରାମଙ୍କ ପାଖରେ ଲଙ୍କେଶ୍ୱରୀ ଦେବୀଙ୍କ ପାଖରେ ଭୋଗ ଲଗାନ୍ତି । ଦୀପ ଜାଳନ୍ତି । ପ୍ରତି ଘରମାନଙ୍କୁ ବନ୍ଧୁ, ବାନ୍ଧବ ଆସନ୍ତି । ଏହିଭଳି ଭାବରେ ରାମଲୀଳା ଅଭିନୟ ସହ ଏକ ବିପୁଳ ଜନ ସମୁଦାୟ ଅଙ୍ଗୀଭୂତ ହୋଇଯାଆନ୍ତି । ଏହାରି ଭିତରେ ସେମାନଙ୍କର ଆସ୍ଥା, ଭକ୍ତି, ବିଶ୍ୱାସ ସବୁ ସମନ୍ୱିତ ହୋଇଥାଏ । ଗ୍ରାମରେ ପୂଜା ପାଉଥିବା ଲଙ୍କେଶ୍ୱରୀ ବା ଲଙ୍କାଦେବୀ ବର୍ଷ ସାରା ଆବୃତ ହୋଇଥା’ନ୍ତି । ଲଙ୍କାପୋଡ଼ି ପୂର୍ବଦିନ ରାତ୍ରିରେ ତାଙ୍କୁ ଏକ ରଥରେ ଅଭିନୟ ସ୍ଥଳକୁ ଅଣାଯାଏ । ଅଳ୍ପ ସମୟ ପାଇଁ ତାଙ୍କ ଉପରେ ଆବରଣ ଖୋଲାଯାଏ । ଲୋକମାନେ ତାଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ତାଙ୍କୁ ପୁନର୍ବାର ଆବୃତ କରାଯାଇ ମନ୍ଦିରକୁ ଫେରାଇ ନିଆଯାଏ । ଏ ପଦ୍ଧତି ତାନ୍ତ୍ରିକ ପରମ୍ପରାରୁ ଆସିଥିବା ସମ୍ଭବ । ମୂର୍ତ୍ତି ଭୟଙ୍କର ହୋଇଥିବାରୁ ତାଙ୍କୁ ଅଧିକ ସମୟ ଦର୍ଶନ କରିବା ପାଇଁ ମଧ୍ୟ ବାରଣ ରହିଛି ।

ଏହି ରାମଲୀଳାର ଏକ ପ୍ରମୁଖ ବିଶେଷତ୍ୱ ହେଉଛି ଏହାର ଚରିତ୍ରମାନଙ୍କ ଦ୍ୱାରା ମୁଖାର ବ୍ୟବହାର । ଅଭିନୟର ବିଷୟବସ୍ତୁରେ ମାନବ ଏବଂ ମାନବେତର ଚରିତ୍ରସବୁ ଥିବାରୁ ମାନବେତର ଚରିତ୍ର ଯଥା- ରାକ୍ଷସ, ବାନର, ଭଲ୍ଲୁକ, ପକ୍ଷୀ, ବାଘ ଇତ୍ୟାଦି କାଠ ତିଆରି ମୁଖା ବ୍ୟବହାର କରନ୍ତି । ରାବଣ ପକ୍ଷର ସମସ୍ତ ରାକ୍ଷସ ଯଥା ଇନ୍ଦ୍ରଜିତ, କୁମ୍ଭକର୍ଣ୍ଣ ଇତ୍ୟାଦି ମୁଖା ବ୍ୟବହାର କରନ୍ତି । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା ରାବଣ ଦଶମୁଣ୍ଡ ଥିବା ଏକ ବିରାଟ ମୁଖା ବ୍ୟବହାର କରେ । ଏ ମୁଖାଟିର ଓଜନ ପ୍ରାୟ ପଚାଶ କେଜି । ମୁଖାଟି ପେଟ ପାଖରୁ ମସ୍ତକ ପର୍ଯ୍ୟନ୍ତ ତିଆରି ହୋଇଥାଏ । ରାବଣ କଳାକାର ତା’ ଭିତରେ ପଶି ତାକୁ ନିଜର ପେଟ ପର୍ଯ୍ୟନ୍ତ ଗଳାଇ ଧାରଣ କରି ଅଭିନୟ କରନ୍ତି, ଯାହା ଅତ୍ୟନ୍ତ ଆୟାସ ଏବଂ ଅଭ୍ୟାସସାଧ୍ୟ । ଅନ୍ୟ ରାମଲୀଳା ମାନଙ୍କରେ ମୁଖା ଧାରଣ ଦେଖାଯାଉ ନଥିବାବେଳେ କାଠ ତିଆରି ମୁଖା ଧାରଣ କରିବା ଏହି ବିଶିପଡ଼ା ରାମଲୀଳାର ଅନନ୍ୟତା । ଗଞ୍ଜାମର ବେଲଗୁଣ୍ଠା ନିକଟବର୍ତ୍ତୀ ଚଡ଼ିଆପଲ୍ଲୀ ଗ୍ରାମର କାଷ୍ଠ ଶିଳ୍ପୀ ତଥା ଚିତ୍ରଶିଳ୍ପୀମାନେ ଏହି ମୁଖା ନିର୍ମାଣ କରିଛନ୍ତି ଏବଂ ସେହି ମୁଖାଗୁଡ଼ିକୁ ଅତି ଜାଗ୍ରତରେ ରଖି ତାକୁ ମଝିରେ ମଝିରେ ରଙ୍ଗ ଦେଇ ଗ୍ରାମବାସୀମାନେ ସୁରକ୍ଷିତ କରି ରଖିଛନ୍ତି ଏବଂ ଅଭିନୟରେ ବ୍ୟବହାର କରୁଛନ୍ତି ।

ବିଷୟବସ୍ତୁ ଦୃଷ୍ଟିରୁ ବିଚାର କଲେ ଏହି ରାମଲୀଳା ରାମାୟଣର ଆଦ୍ୟକାଣ୍ଡରୁ ଆରମ୍ଭ ହୋଇ ସୁନ୍ଦରାକାଣ୍ଡର ହନୁମାନ ଦ୍ୱାରା ଲଙ୍କା ଦହନରେ ଶେଷ ହୁଏ । ତେଣୁ ଏହି ଯାତ୍ରାର ଅନ୍ୟ ନାମ ଲଙ୍କାପୋଡ଼ି ଯାତ୍ରା । ଗ୍ରାମ ଉପକଣ୍ଠରେ ଥିବା ଗୋଟିଏ ପଡ଼ିଆର ଗୋଟିଏ ପାଖରେ ଲଙ୍କାଗଡ଼ ଭଳି ଗୋଟିଏ ତୋରଣ ନିର୍ମାଣ କରାଯାଇଥାଏ । ତା’ର ପଛପଟରେ ଶୁଖିଲା ଡାଳ ପତ୍ରରେ ଉଦ୍ୟାନ ନିର୍ମାଣ ହୋଇଥାଏ । ଯାତ୍ରାର ଶେଷ ଦିନ ସେହି ପଡ଼ିଆରେ ଏକ ସ୍ଥାୟୀ ମଞ୍ଚରେ ଏହି ଅଂଶଟି ଅଭିନୀତ ହୁଏ । ଲଙ୍କାର ତୋଟା ନଷ୍ଟ କରିଥିବା ହନୁମାନ ବନ୍ଧାହୋଇ ଆସି ରାବଣ ଦରବାରରେ ଉପସ୍ଥିତ ହୁଅନ୍ତି । ରାବଣ ଆଦେଶରେ ହନୁମାନଙ୍କ ଲାଞ୍ଜରେ ଅଗ୍ନି ସଂଯୋଗ କରାଯାଏ । ଜଣେ ବିଶିଷ୍ଟ ନିମନ୍ତ୍ରିତ ବ୍ୟକ୍ତି ଏହି ଅଗ୍ନି ସଂଯୋଗ କରନ୍ତି । ଏହାପୂର୍ବରୁ ଅଭିନୟ ସ୍ଥଳୀରେ ଗ୍ରାମବାସୀ, ଆଖପାଖ ଗାଁରୁ ଆସିଥିବା ଦର୍ଶକମାନେ ହନୁମାନଙ୍କୁ ମୁଣ୍ଡିଆ ମାରି ତାଙ୍କ ବେଶଭୂଷାରେ ଉପହାର ସ୍ୱରୂପ ଟଙ୍କା, ନୋଟ୍ ଲଗାନ୍ତି । ହନୁମାନଙ୍କ ଶରୀର ସାରା ଟଙ୍କା ମାଳ ଲମ୍ବିଯାଏ । ହନୁମାନଙ୍କୁ ଭୋଗ ସ୍ୱରୂପ ଦେଉଥିବା କଦଳୀ, ଫଳ ସେ ଲୋକଙ୍କ ମଧ୍ୟରେ ବିତରଣ କରୁଥା’ନ୍ତି । ଲାଞ୍ଜରେ ଅଗ୍ନି ସଂଯୋଗ ପରେ ହନୁମାନ ଧାଇଁ ଧାଇଁ ଯାଇ କନା, ତାଳପତ୍ରରେ ନିର୍ମିତ ସୁଦୃଶ୍ୟ ଲଙ୍କାପୁରୀ ଭିତରେ ପଶି ସେଥିରେ ନିଆଁ ଲଗାଇ ବାହାରି ଆସନ୍ତି । ମୁହୂର୍ତ୍ତକ ମଧ୍ୟରେ ତାହା ଜଳିଯାଇ ଛାରଖାର ହୋଇଯାଏ । ଏହାପରେ ଆତସବାଜି ହୋଇ ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ ହୁଏ । ପ୍ରଚଣ୍ଡ ଗ୍ରୀଷ୍ମକୁ ଖାତିର ନ କରି ରାତିର ଅଭିନୟ ଓ ଶେଷଦିନର ଲଙ୍କାପୋଡ଼ି ଯାତ୍ରା ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୁଏ । ଲଙ୍କାପୋଡ଼ି ପରେ ରାମାୟଣର ଆଉ ଯେତେକ ଅଂଶ ରହିଗଲା ତାକୁ ଆଉ ଅଭିନୟ ନକରି ଗାୟକମାନେ ତାକୁ ଗାୟନ କରନ୍ତି ଏବଂ ଲୋକେ ଶୁଣନ୍ତି । ଏହିଭଳି ଭାବରେ ବିଷୟ ମଧ୍ୟ ପୂର୍ଣ୍ଣ ହୁଏ ।

ଦୀର୍ଘ ଦୁଇଶହ ବର୍ଷ ଧରି କେବଳ ଲୋକଙ୍କ ଶ୍ରଦ୍ଧା, ଅନୁରାଗକୁ ପାଥେୟ କରି ଏହି ରାମଲୀଳା ବଞ୍ଚି ରହିବା ଏକ ବିଲକ୍ଷଣ ନିଶ୍ଚୟ । ଓଡ଼ିଶାର ଜନତା କୃତବିଦ୍ୟ ନାଟ୍ୟକାର, ଲୋକସଂସ୍କୃତି ଗବେଷକ ମନ୍ମଥ କୁମାର ଶତପଥୀଙ୍କ ଉଦ୍ୟମରେ ଏହି ରାମଲୀଳା ଦିଲ୍ଲୀ ତଥା ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ପ୍ରଦର୍ଶିତ ହୋଇଛି । କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏହାର ପୂର୍ଣ୍ଣାଙ୍ଗ ଦୃଶ୍ୟ ଉତ୍ତୋଳନ କରି ଭବିଷ୍ୟତ ପାଇଁ ସଂଗ୍ରହ କରିଛନ୍ତି । ନାଟ୍ୟଦଳର ବେଶଭୂଷା, ଆଲୋକ, ଶବ୍ଦ, ବାଦ୍ୟଯନ୍ତ୍ର ଇତ୍ୟାଦିର ସମୃଦ୍ଧି ପାଇଁ ଆର୍ଥିକ ସହାୟତା ମଧ୍ୟ ଦେଇଛନ୍ତି । ଏଭଳି ଏକ ମୂଲ୍ୟବାନ ଲୀଳାଭିନୟର ଅନନ୍ୟ ପରମ୍ପରାର ସଂରକ୍ଷଣ ପାଇଁ ଆହୁରି ଅଧିକ ସହଯୋଗ, ପୃଷ୍ଠପୋଷକତାର ଆବଶ୍ୟକତା ରହିଛି । ଏ ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର, ବୁଦ୍ଧିଜୀବୀ, ଲୋକସଂସ୍କୃତି ବିଶେଷଜ୍ଞମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ । ବିଶେଷକରି ଏହାର ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି ।

## ଲୋକମତ

### ଶୌଚାଳୟ ବର୍ଜ୍ୟର ସୁପରିଚାଳନା

ଶୌଚାଳୟରୁ ନିର୍ଗତ ବର୍ଜ୍ୟ ପରିଚାଳନା ଏକ ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ହେଉଛି କିଛି ପରିମାଣରେ ଉପରୋକ୍ତ ସମସ୍ୟାର ସମାଧାନର ସୂତ୍ର । ଫିକାଲ୍ ସ୍ଲଜ୍ କହିଲେ, ଶୌଚାଳୟ ଓ ରୋଷେଇ ଘରୁ ବାହାରୁଥିବା ବର୍ଜ୍ୟଜଳ ଆଦିକୁ ବୁଝାଏ । ଫିକାଲ୍ ସ୍ଲଜ୍‌କୁ ନାଳ ଇତ୍ୟାଦିରେ ନିଷ୍କାସିତ କରାନଯାଇ ସେହି ସ୍ଥାନ ନିକଟରେ ନିର୍ମାଣାଧୀନ ପିଟ୍, ସେପ୍ଟିକ୍ ଟ୍ୟାଙ୍କ୍ ଆଦିରେ ଜମା କରାଯାଇଥାଏ । ଫିକାଲ୍ ସ୍ଲଜ୍‌କୁ ନିୟମିତ ବ୍ୟବଧାନରେ ଭାକ୍ୟୁମ୍ ଟ୍ରକ୍ ଦ୍ୱାରା ପିଟ୍ ବା ସେପ୍ଟିକ୍ ଟ୍ୟାଙ୍କ୍‌ରୁ ବାହାର କରାଯାଇ ବର୍ଜ୍ୟ ଉପଚାର ପ୍ଲାଣ୍ଟ ବା ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏଫ୍‌ଏସ୍‌ଟିପି)କୁ ପଠାଯାଇଥାଏ । ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଏହି ଫିକାଲ୍ ସ୍ଲଜ୍‌କୁ ଭିନ୍ନ ପ୍ରକ୍ରିୟାରେ ଉପଚାର କରାଯାଇ ବିଶୋଧନ କରାଯାଇଥାଏ । ଏହି ବିଶୋଧିତ ଜଳକୁ ଜଳସେଚନ ତଥା ଅନ୍ୟାନ୍ୟ କାମରେ (ପିଇବା ବ୍ୟତୀତ) ଉପଯୋଗ କରାଯାଇଥାଏ । ଏହି ପ୍ଲାଣ୍ଟରୁ ବାହାରୁଥିବା ଅନ୍ୟ ଏକ ଉପାଦାନ ହେଉଛି ଶୁଖିଲା ଦ୍ରବ୍ୟ, ଯାହାକୁ ଅଧିକ ଉପଚାର କରାଯାଇ ଜୈବିକ ଖତ ପ୍ରସ୍ତୁତ କରାଯାଇଥାଏ । ତଥ୍ୟ ଅନୁଯାୟୀ ଆମ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ କ୍ଷମତା ବିଶିଷ୍ଟ ୧୦୬ରୁ ଊର୍ଦ୍ଧ୍ୱ ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକାରୀ କରୁଛି, ଯାହାକି ପ୍ରାୟ ଦୈନିକ ୧୮୨୭ କିଲୋଲିଟର୍ ଫିକାଲ୍ ସ୍ଲଜ୍‌କୁ ଉପଚାର କରିବାର କ୍ଷମତା ରଖିଛି । ୧୩ରୁ ଊର୍ଦ୍ଧ୍ୱ ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣାଧୀନ ଅବସ୍ଥାରେ ଅଛି, ଯାହାକି ଦୈନିକ ୨୩୦ କିଲୋଲିଟର୍ ଫିକାଲ୍ ସ୍ଲଜ୍‌କୁ ଉପଚାର କରିପାରିବ । କେତେକ ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ମିଶନ ଶକ୍ତି ମହିଳା ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଛି । ଚଳିତବର୍ଷ ଶେଷ ସୁଦ୍ଧା ରାଜ୍ୟ ଖୋଲା ନିଷ୍କାସନକୁ ମୁକ୍ତ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଯାହାଫଳରେ ପିଟ୍, ସେପ୍ଟିକ୍ ଟ୍ୟାଙ୍କ୍ ଆଦିର ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଇବ । ପ୍ରାଥମିକତା ଆଧାରରେ ଏହିପରି ଅନେକ ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ଭିନ୍ନ ଭିନ୍ନ ସ୍ଥାନରେ ପ୍ରତିଷ୍ଠା କରିବାର ଆବଶ୍ୟକତା ଅଛି । ଫଳସ୍ୱରୂପ ରୋଗମୁକ୍ତ ସମାଜ ଗଠନ ତଥା ଜଳାଭାବରୁ ଫସଲ ପ୍ରଭାବିତ ସଂଖ୍ୟାରେ ହ୍ରାସ ଘଟିବ ଏବଂ ଜୈବ ଖତକୁ ବଜାରଭିତ୍ତିକ କରାଯାଇପାରିବ । ଲୋକଙ୍କୁ ଶୌଚାଳୟର ବ୍ୟବହାର ସମ୍ବନ୍ଧରେ ସଚେତନ କରିବାର ମଧ୍ୟ ଆବଶ୍ୟକ ଅଛି । ଦିନ ଆସିବ, ହୁଏତ ଫିକାଲ୍ ସ୍ଲଜ୍ ବିକ୍ରୟ ହେବ । ଏହି ପ୍ରକ୍ରିୟା ମାଧ୍ୟମରେ ମଳ ବଳରେ ରୂପାନ୍ତରିତ ହେବ । ମିଳିତ ଭାବେ ଫିକାଲ୍ ସ୍ଲଜ୍ ସଂଗ୍ରହ, ପରିବହନ, ଉପଚାର ତଥା ଶେଷ ବ୍ୟବହାର ପରିଚାଳନା ହେଉଛି ‘ମୂଲ୍ୟ ଶୃଙ୍ଖଳା’ କିମ୍ବା ‘ସେବା ଶୃଙ୍ଖଳା’ ର ଏକ ଉତ୍କୃଷ୍ଟ ଉଦାହରଣ ।

ନବ୍‌ନିତ୍ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

### ଗ୍ରୀଷ୍ମଛୁଟିରେ ପିଲାଙ୍କୁ ଚାପମୁକ୍ତ କରନ୍ତୁ

ଏବେ ଗ୍ରୀଷ୍ମ ଛୁଟି ଚାଲିଛି । କିନ୍ତୁ କିପରି ଏହି ଛୁଟିରେ ସିଲାବସ ସରିଯିବ, ସେହି ଲକ୍ଷ୍ୟରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏହି ସମୟରେ ଅତିରିକ୍ତ ଟ୍ୟୁସନ ଦେବାରେ ବ୍ୟସ୍ତ । ଏହି ଅତ୍ୟଧିକ ଚାପ ଯୋଗୁଁ କୋମଳମତି ପିଲାଙ୍କ ମାନସିକ ଅବସ୍ଥା ଠିକ ରହୁ ନଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏପରିକି ମାତ୍ରାଧିକ ମାନସିକ ଚାପ ଯୋଗୁଁ ଛୋଟ ପିଲାମାନେ ମଧୁମେହ, ଆଖିସମସ୍ୟା ଭଳି ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ଟ୍ୟୁସନ ଓ ବିଦ୍ୟାଳୟରେ ପାଠପଢ଼ାର ଚାପ ଭିତରେ ସେମାନେ ଆତ୍ମୀୟସ୍ୱଜନଙ୍କୁ ମଧ୍ୟ ଭୁଲିଯାଉଥିବା ଦେଖାଯାଉଛି । ଅଜା, ଆଇ, ମାମୁ, ମାଇଁ, ମାଉସୀ, ପିଉସୀ ଆଦିଙ୍କ ସଂସ୍ପର୍ଶରେ ସେମାନେ ଆସି ପାରୁନାହାନ୍ତି । ତେଣୁ ଅଭିଭାବକଙ୍କୁ ମୋର ଅନୁରୋଧ ଏହି କୋମଳମତି ଶିଶୁଙ୍କୁ ଗ୍ରୀଷ୍ମଛୁଟିରେ ୫ ରୁ ୭ ଦିନ ଆତ୍ମୀୟସ୍ୱଜନ ଓ ସମ୍ପର୍କୀୟଙ୍କ ପାଖରେ ଛାଡ଼ି ଦିଅନ୍ତୁ । ସେମାନେ ସେଠାରେ ବିଭିନ୍ନ ବିଷୟରେ କଥାବାର୍ତ୍ତା ହେବେ । ଏହାଦ୍ୱାରା ସେମାନଙ୍କ ବିଚାରଧାରା ବିକଶିତ ହେବ ଏବଂ ସେମାନେ ମାନସିକ ଭାବରେ ସୁସ୍ଥ ରହିବେ ।

ଅନୁପମ ଜେନା, ମୟୂରଭଞ୍ଜ

### ନିର୍ବାଚନ ସଚେତନତା ସ୍ୱାଗତଯୋଗ୍ୟ

ଏବେ ଚାଲିଛି ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନ । ଭୋଟରମାନଙ୍କୁ ସଚେତନ କରାଇବା ପାଇଁ ନିର୍ବାଚନ କମିଶନ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଯେପରିକି ୱାକାଥନ, ମାରାଥନ, ପଥପ୍ରାନ୍ତ ନାଟକ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା, ନୂତନ ଭୋଟରଙ୍କୁ ସମ୍ବର୍ଦ୍ଧନା, ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତି, ଛାପା ଓ ସାମାଜିକ ଗଣମାଧ୍ୟମରେ ଅଧିକରୁ ଅଧିକ ସୂଚନା ପ୍ରଦାନ, ଘରୁ ଭୋଟ ଦେବା, ଦିବ୍ୟାଙ୍ଗଙ୍କ ଲାଗି ହୁଇଲ ଚେୟାର ଆଦି । ସମାଜର ସାମଗ୍ରିକ ବିକାଶ ପାଇଁ ଉପଯୁକ୍ତ ନେତା ନିର୍ବାଚିତ କରିବାକୁ ହେଲେ ସବୁ ଭୋଟର ମତଦାନ କରିବା ନିହାତି ଦରକାର । ଏହାଦ୍ୱାରା ଗଣତନ୍ତ୍ର ସୁଦୃଢ଼, ଦେଶ ସଶକ୍ତ ହେବା ସହ ରାଷ୍ଟ୍ରର ବିକାଶ ତ୍ୱରାନ୍ୱିତ ହୁଏ । ଓଡ଼ିଶାର ସାମଗ୍ରିକ ମତଦାନ ହାର ଜାତୀୟ ସ୍ତରଠୁଁ ଅଧିକ ହୋଇଥିଲେ ହେଁ ଭୁବନେଶ୍ୱରରେ ଏହା ରାଜ୍ୟ ହାରାହାରି ମତଦାନଠାରୁ କମ୍ । ପୂର୍ବ ନିର୍ବାଚନଗୁଡ଼ିକରେ ଏଠାରେ ଭୋଟଦାନ ୫୦%ରୁ ଅଧିକ ହୋଇ ନାହିଁ । ଚକିତ କଲାଭଳି କଥା ହେଉଛି ଆମ ରାଜ୍ୟର ଗ୍ରାମାଞ୍ଚଳର ଭୋଟଦାନ ହାର ସହରାଞ୍ଚଳଠୁ ଅଧିକ । ସଚେତନ ଓ ବୁଦ୍ଧିଜୀବୀ ନାଗରିକଙ୍କ ବାସଭୂମି ରୂପେ ପରିଚିତ ରାଜଧାନୀ ଭୁବନେଶ୍ୱରରେ ଭୋଟଦାନ ହାରରେ ବୃଦ୍ଧି ଲାଗି ଓମଫେଡ୍ କ୍ଷୀର ପ୍ୟାକେଟରେ ଭାରତୀୟ ନିର୍ବାଚନ କମିଶନଙ୍କ ଲୋଗୋ ସହ ‘୨୫ ମଇ ୨୦୨୪ରେ ଭୋଟ ଦେବାକୁ ଭୁଲନ୍ତୁ ନାହିଁ’ ଇଂରାଜୀରେ ଲେଖା ଅତ୍ୟନ୍ତ ପ୍ରଶଂସନୀୟ । ଏବେ ଏହି ବିଶେଷଧରଣର କ୍ଷୀର ପ୍ୟାକେଟ କେବଳ ଗୋଲାପୀ ରଙ୍ଗ ଥିବା ‘ପ୍ରିମିୟମ୍’ ଶ୍ରେଣୀରେ ଉପଲବ୍ଧ । ତେବେ ଓମଫେଡ୍ ଦ୍ୱାରା ପ୍ରସ୍ତୁତ ସମସ୍ତ ପ୍ରକାରର ସାମଗ୍ରୀ ଯେପରିକି କ୍ଷୀର, ଦହି, ଲସି, ଘୋଳଦହି ଆଦି ସବୁ ପ୍ୟାକେଟରେ ଏବଂ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଛାପା ହେଲେ ଏହା ଅଧିକ ଗ୍ରହଣୀୟ ହୁଅନ୍ତା ।

ପ୍ରତାପ ନାୟକ
ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯

### ଗ୍ରାମାଞ୍ଚଳରେ ହେଉ ଅଳିଆ ସଂଗ୍ରହ

କଥାରେ ଅଛି ‘ଗାଁ ପରିମଳ ଧୋବା ତୁଠରୁ ।’ ବର୍ତ୍ତମାନର ଚଳଣିରେ ଆମେ ସୁବିଧାବାଦୀ ହୋଇଯାଇଛୁ । ସବୁକିଛି ଆମ ସୁବିଧା ଅନୁସାରେ ବ୍ୟବହାର କରିଚାଲିଛେ । କିନ୍ତୁ ଏହି ସୁବିଧା ଆମ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ଭୁଲିଯାଉଛୁ । ନିତ୍ୟ ବ୍ୟବହାରରେ ବହୁଳ ପ୍ଲାଷ୍ଟିକ, ପଲିଥିନ ଆଦି ବ୍ୟବହାର ହିଁ ଏହାର ମୁଖ୍ୟ କାରଣ । ମ୍ୟୁନିସିପାଲିଟି ବା ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କରେ ଅଳିଆ ସଂଗ୍ରହ ଗାଡ଼ି ବୁଲିବୁଲି ପ୍ରତ୍ୟହ ତାହାକୁ ସଂଗ୍ରହ କରିଥାଏ, କିନ୍ତୁ ଆମ ଗ୍ରାମାଞ୍ଚଳରେ ସେପରି ସୁବିଧା ନଥିବାରୁ କୁଢ଼କୁଢ଼ ଆବର୍ଜନା ଏଣେତେଣେ ଦେଖିବାକୁ ମିଳୁଛି । ଏହା ଗ୍ରାମାଞ୍ଚଳର ସ୍ୱଚ୍ଛ ଓ ସୁସ୍ଥ ପରିବେଶ ପାଇଁ ବାଧକ ସାଜୁଛି । ତେଣୁ ଗାଁ ପରିବେଶକୁ ସରସ ସୁନ୍ଦର କରିବା ପାଇଁ ସପ୍ତାହରେ ଅନ୍ତତଃ ଥରୁଟେ ଅଳିଆ ସଂଗ୍ରହ ଗାଡ଼ି ପରିକ୍ରମାର ବ୍ୟବସ୍ଥା କରାଯିବା ଦରକାର ।

ନିରଞ୍ଜନ ମହାରଣା, ମାହାଙ୍ଗା, କଟକ




ଅକ୍ଷୟ ତୃତୀୟା ଅବସରରେ ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ତିନି ରଥ ନିର୍ମାଣ ନିମନ୍ତେ ଶିଳ୍ପୀମାନଙ୍କୁ ଦାୟିତ୍ୱ ପ୍ରଦାନ

## ବିକାଶକୁ ନେଇ ଜବାବ ମାଗୁଛି ଜନ୍ମମାଟି

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଭୂମିକାକୁ ନେଇ ଉଠିଲା ପ୍ରଶ୍ନ

ତାଳଚେର ସଦର, ୧୦ା୫




- ପ୍ରଚୁର ରାଜସ୍ୱ ଦେଇ ଅନୁଗୋଳ, ଢେଙ୍କାନାଳ ଅବହେଳିତ
- ଚିନ୍ତା ବଢ଼ାଇଛି ପ୍ରଦୂଷଣ ଓ ରାସ୍ତାଘାଟ ସମସ୍ୟା

ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ରାଜ୍ୟ ତଥା ଦେଶକୁ ସର୍ବାଧିକ ରାଜସ୍ୱ ଦେଉଥିବା ବେଳେ ଦେଶର ଅନେକ ରାଜ୍ୟକୁ ଆଲୋକିତ କରୁଛି। ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଏବେ ବି ବିକାଶ କ୍ଷେତ୍ରରେ ଦୀପତଳ ଅନ୍ଧାର ସଦୃଶ ହୋଇ ରହିଛି। ଅନୁଗୋଳ ଜିଲ୍ଲା ତାଳଚେରରେ ୧୦ରୁ ଅଧିକ କୋଇଲା ଖଣି, ଏନଟିପିସି ସୁପର ଥର୍ମାଲ ପାୱାର ଷ୍ଟେସନ, ଏଫସିଆଇ, ଥର୍ମାଲ, ନାଲକୋ, ଜିନ୍ଦଲ, ଛେଣ୍ଡିପଦାରେ କୋଇଲା ଖଣି ଭଳି ଅନେକ ରାଷ୍ଟ୍ରାୟତ ସଂସ୍ଥା କାର୍ଯ୍ୟ କରୁଛି। ସେହିପରି ଢେଙ୍କାନାଳ ଜିଲ୍ଲାରେ ଟାଟା, ଭୂଷଣ, ଜିଏମଆର, ନବଭାରତ, ରୁଙ୍ଗଟା ପ୍ରଭୃତି ଦେଶର ବଡ଼ ବଡ଼ ଶିଳ୍ପାନୁଷ୍ଠାନମାନ ଗଢ଼ି ଉଠିଛି। ଏଥିସହିତ ଅନ୍ୟାନ୍ୟ ଘରୋଇ ସଂସ୍ଥା ପକ୍ଷରୁ ବିଭିନ୍ନ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇ ଉତ୍ପାଦିତ ସାମଗ୍ରୀଗୁଡିକୁ ଦେଶର ବିଭିନ୍ନ କୋଣ ଅନୁକୋଣକୁ ଚାଲାଣ କରାଯାଇଛି। ଏହିସବୁ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ଲାଭାଂଶ ପ୍ରଚୁର ପରିମାଣରେ ମିଳୁଥିବା ବେଳେ ଶିଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳର ବିକାଶ ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦିଆଯାଇଛି। ଯାହା ଫଳରେ ଏହି ଦୁଇ ଜିଲ୍ଲା ଏବେ ସମସ୍ୟା ବହୁଳ ଜିଲ୍ଲା ଭାବେ ପରିଗଣିତ ହୋଇଛି।



ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ସେପରି କୌଣସି ଆଖିଦୃଶିଆ ବିକାଶ ହୋଇପାରି ନାହିଁ। ଏହି ଦୁଇ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୫୫ ଓ ୧୪୯ର ଅବସ୍ଥା ଶୋଚନୀୟ ହେବା ସହ ରାସ୍ତାରେ ଦୁର୍ଘଟଣା ଘଟି ମୁଣ୍ଡ ପରେ ମୁଣ୍ଡ ଗଡ଼ିଚାଲିଛି। ଏହି ଦୁଇ ଜିଲ୍ଲାରେ କଳ କାରଖାନା ଯୋଗୁଁ ପ୍ରଦୂଷଣ ମାତ୍ରା ବଢ଼ିଚାଲିଥିବା ବେଳେ ଅଞ୍ଚଳବାସୀ ପ୍ରତ୍ୟହ ବିଷ ପାନକରି ତ୍ରାହି ତ୍ରାହି ଡାକ ଦେଉଛନ୍ତି। ଏହାକୁ ରୋକିବା ଦିଗରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଠାକାର ତୁଙ୍ଗ ନେତା ବୋଲାଉଥିବା ଧର୍ମେନ୍ଦ୍ରଙ୍କ ଅପାରଗତା ପ୍ରମାଣ ହୋଇସାରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସାଧାରଣ ଲୋକଙ୍କ ଯାତାୟାତ ପାଇଁ ଭଲ ରାସ୍ତା ଖଣ୍ଡିଏ ମଧ ଏହି ଅଞ୍ଚଳ ପାଇଁ ଦିବାସ୍ୱପ୍ନ ପାଲଟିଛି। ଢେଙ୍କାନାଳ ସାଂସଦ ମହେଶ ସାହୁ ୫୫, ୨୩, ୧୪୯ ନମ୍ବର ଜାତୀୟ ରାଜପଥର ନିର୍ମାଣ ଓ ପ୍ରଶସ୍ତିକରଣ ଦିଗରେ ସଂସଦଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କୁ ସାକ୍ଷାତ କରିବା ସହ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଶେଷରେ କୌଣସି ସୁଫଳ ନ ମିଳିବା ପରେ ସ୍ଥାନୀୟ ବିଧାୟକ, ସାଂସଦ ମିଶି ଆନ୍ଦୋଳନ କରି ରାଜପଥ ଅବରୋଧ ମଧ କରିଥିଲେ। ତଥାପି ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ରାଜନୀତି ପ୍ରତିହିଂସା ପରାୟଣ ହୋଇ ଏହାକୁ ଅଧପନ୍ତରିଆ କରି ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି। ସେହିପରି ୧୪୯ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ମଧ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଥିଲା ବେଳେ ଲୋକଙ୍କୁ କ୍ଷତିପୂରଣ ଅର୍ଥ ଦେବାରେ ପ୍ରତିବନ୍ଧକ ସୃଷ୍ଟି କରିଛନ୍ତି କେନ୍ଦ୍ର ସରକାର। ଯାହା ଫଳରେ ୧୪୯ ନମ୍ବର ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଏହି ଜାତୀୟ ରାଜପଥ ଏବେ ଚର୍ଚ୍ଚାରେ ରହିଛି। ପ୍ରତିଦିନ ଟ୍ରାଫିକ ସମସ୍ୟା ସହ ରାସ୍ତାଘାଟ ଜାମ ହୋଇ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଯେମିତି ଏହା ନିତିଦିନିଆ ଘଟଣା ହୋଇଗଲାଣି। ପ୍ରଚୁର ରାଜସ୍ୱ ଦେଉଥିବା ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ପ୍ରତି କେନ୍ଦ୍ର ସରକାରଙ୍କ ଏପରି ହୀନ ମନୋଭାବକୁ ସମଗ୍ର ଜିଲ୍ଲାବାସୀ ନାପସନ୍ଦ କରୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାର ବିଜେପି ନେତାଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଥିବା ବେଳେ ସେମାନଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମମାଟି ତାଳଚେର ହୋଇଥିବା ବେଳେ ସେ ମଧ ଏହି ତିନି ଜାତୀୟ ରାଜପଥ ଦେଇ ଯାତାୟାତ କରୁଛନ୍ତି। ତେବେ କିପରି ଏହି ଅଞ୍ଚଳର ପ୍ରମୁଖ ସମସ୍ୟା ସମ୍ପର୍କରେ ସେ ଅବଗତ ହେଉନାହାନ୍ତି, ତାହାକୁ ନେଇ ଅନୁରୂପ ଚର୍ଚ୍ଚା ଜୋର ଧରିଛି। ମନ୍ତ୍ରୀ ହୋଇ ସଦାସର୍ବଦା ଦିଲ୍ଲୀରେ ରହି ନିଜ ଜନ୍ମମାଟିର ଦୁଃଖକୁ ନ ବୁଝିବା ଆଗାମୀ ଦିନରେ ମହଙ୍ଗା ପଡିବ ବୋଲି ଆଲୋଚନା ହେଉଛି। ସ୍ଥାନୀୟ ଅଞ୍ଚଳର ବିକାଶକୁ ଅଣଦେଖା କରି ପରାଜୟ ଭୟରେ ନିଜେ ଏହି ଅଞ୍ଚଳରୁ ପ୍ରତିନିଧିତ୍ୱ ନ କରି ସୁଦୂର ସମ୍ବଲପୁର ସଂସଦୀୟକ୍ଷେତ୍ରକୁ ବାଛିବା ଅପାରଗତା ଛଡ଼ା ଆଉ କିଛି ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

## ବିଜୁ ଜନତା ଦଳର ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀ



**ଅନୁଗୋଳ, ୧୦ା୫(ସମିସ):** ଅନୁଗୋଳ ନିର୍ବାଚନ ମଣ୍ଡଳୀର ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ. ୧୮ ଓ ୱାର୍ଡ ନଂ. ୨ ରେ ବିଜୁ ଜନତା ଦଳର ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଢେଙ୍କାନାଳ ଲୋକସଭା କ୍ଷେତ୍ର ବିଜେଡି ସାଂସଦ ପ୍ରାର୍ଥୀ ଡ. ଅବିନାଶ ସାମଲ, ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟିକା ପ୍ରାର୍ଥିନୀ ସଂଯୁକ୍ତା ସିଂହ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଅନୁଗୋଳ ଜିଲ୍ଲା ସହପର୍ଯ୍ୟବେକ୍ଷକ କୁନବିହାରୀ ଦାସ, ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳ ସଭାପତି ମହେନ୍ଦ୍ର କୁମାର ବସ୍ତିଆ, ନଗରପାଳ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ଜିଲ୍ଲା ସହପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଅନୁଗୋଳ ନିର୍ବାଚନ ମଣ୍ଡଳୀର ସହପର୍ଯ୍ୟବେକ୍ଷକ ଅରୂପ ଶ୍ରୀଚନ୍ଦନ, ୧୮ ନଂ. କାଉନସିଲର ଶଙ୍କର ସେଠୀ, ୨ ନଂ. କାଉନସିଲର ଉଷା ସାମଲ, ୨୩ ନଂ. କାଉନସିଲର ସୂର୍ଯ୍ୟସ୍ୱାତା ସାହୁ, ନଗର ବିଜୁ ଜନତା ଦଳ ସଭାପତି ବୃନ୍ଦାବନ ସ୍ୱାଇଁ, ନଗର ମହିଳା ସଭାପତି ମାଳିନୀ ସର, ନଗର ଯୁବ ସଭାପତି ବିଶ୍ୱରଂଜନ ସାହୁ, ନଗର ଛାତ୍ର ସଭାପତି ଓ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ସଙ୍ଗଠନ ଓ ଆଗାମୀ ନିର୍ବାଚନ ରଣନୀତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କିପରି ଯୋଡ଼ିଶଙ୍ଖରେ ଲୋକମାନେ ଭୋଟ ଦେବେ, ସେନେଇ କର୍ମୀ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ଉଦବୋଧନ ଦେଇଥିଲେ।

## ଦୁଇ କୋଇଲା ଚୋର ଗିରଫ

ତାଳଚେରସଦର, ୧୦ା୫(ସମିସ): ଲିଙ୍ଗରାଜ କୋଇଲା ଖଣିରୁ ଗତକାଲି ଏକ ଟ୍ରକରେ କୋଇଲା ଚୋରି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୨୫ ଟନ୍ କୋଇଲା ସହ ଟ୍ରକକୁ ଜବତ କରି ୨ ଖଣି କର୍ମଚାରୀଙ୍କ ନାମରେ ପୁଲିସ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ଏକ ଟ୍ରକରେ ଲିଙ୍ଗରାଜ କୋଇଲା ଖଣିରୁ କୋଇଲା ମାଫିଆ ୨୫ ଟନ୍ ଟ୍ରକ ଯୋଗେ କୋଇଲା ନେଇ ପଳାଇ ଯାଇଥିଲେ। ଏ ସଂପର୍କରେ ପୁଲିସ କୌଣସି ବିଶେଷ ସୂତ୍ରରୁ ଖବର ପାଇ କୋଇଲା ବୋଝେଇ ଟ୍ରକକୁ ପିଛା କରିଥିଲା। ପୁଲିସ ବାଙ୍କଧରା ଛକ ନିକଟରେ କାଇଲା ବୋଝେଇ ଟ୍ରକ (ଓଡି ୩୫ ଇ ୩୫୮୪)କୁ ଅଟକାଇ ଚାଳକ ଲକ୍ଷ୍ମୀଧର ବାରିକଙ୍କୁ ଏହାର କାଗଜପତ୍ର ମାଗିଥିଲା। ହେଲେ ଟ୍ରକ୍ ଚାଳକ କୌଣସି କାଗଜ ପତ୍ର ଦେଖାଇ ପାରି ନଥିଲେ। ଯାହା ଫଳରେ ପୁଲିସର ଉକ୍ତ ଚାଳକ ଉପରେ ସନ୍ଦେହ ହୋଇଥିଲା। ଠିକ ଏହି ସମୟ ଟ୍ରକ୍ ଚାଳକ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ତାଙ୍କୁ ଗୋଡ଼ାଇ ଧରି ଗିରଫ କରିଥିଲା। ପରେ ପୁଲିସର ଖୋଳତାଳରୁ ଲିଙ୍ଗରାଜ କୋଇଲା ଖଣିର ଦୁଇଜଣ କର୍ମଚାରୀ ସହ କେନ୍ଦୁଝର ଜିଲ୍ଲାର ଜଣେ କୋଇଲା ମାଫିଆ ଏହି କୋଇଲା ଚୋରାଚାଲାଣ ଘଟଣାରେ ସମ୍ପୃକ୍ତ ରହିଥିବା ଜଣାପଡ଼ିଥିଲା। କୋଇଲା ମାଫିଆକୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ଜଣାପଡ଼ିଛି। ପୁଲିସ ଏହି କୋଇଲା ଚୋରା ଚାଲାଣରେ ସମ୍ପୃକ୍ତ ଥିବା ବିକ୍ରମପୁର ଥାନା ଅନ୍ତର୍ଗତ ଭଞ୍ଜ କଲୋନିର ଭଜମନ ନାଏକ (୪୫) ଓ ତାଳଚେର ଥାନା ଅନ୍ତର୍ଗତ ବାଘୁଆବୋଲ ଅଞ୍ଚଳର ଟ୍ରକ୍ ଚାଳକ ଲକ୍ଷ୍ମୀଧର ବାରିକ(୩୬)ଙ୍କୁ ଗିରଫ କରିଛି। ଏହି ଘଟଣା ଲିପ୍ତଥିବା ଲିଙ୍ଗରାଜ କୋଇଲା ଖଣିର ଲୋଡର୍ ଚାଳକ ଏବଂ ଅନ୍ୟ ଜଣେ କର୍ମଚାରୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ଥାନା ପକ୍ଷରୁ ଜଣାପଡ଼ିଛି।

## ଦେବଦତ୍ତ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ବିଜେପି ପର୍ଯ୍ୟବେକ୍ଷକ

**ଅନୁଗୋଳ, ୧୦ା୫(ସମିସ):** ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ବିଜେପି ପର୍ଯ୍ୟବେକ୍ଷକ ଓ ସହ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ବିଜେପି ନେତା ଦେବଦତ୍ତ ପଟ୍ଟନାୟକ ଓ ସହପର୍ଯ୍ୟବେକ୍ଷକ ଭାବେ ପ୍ରକାଶ ମଙ୍ଗରାଜଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି।

## ରାମଚନ୍ଦ୍ର ବଜାରରେ ମା' ତାରିଣୀଙ୍କ ବାର୍ଷିକ ଉତ୍ସବ

ତାଳଚେର, ୧୦ା୫(ସମିସ): ଜ୍ୟେଷ୍ଠମାସ କୃଷ୍ଣପକ୍ଷ ପଞ୍ଚମୀ ଅକ୍ଷୟ ତୃତୀୟା ତିଥିରେ ତାଳଚେର ଟାଉନ ସ୍ଥିତ ଫାଷ୍ଟଗେଟ୍ ରାମଚନ୍ଦ୍ର ବଜାରରେ ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ମାର୍କେଟର ସଦସ୍ୟମାନେ ଜଗନ୍ନାଥ ମନ୍ଦିର ସମ୍ମୁଖ ବ୍ରାହ୍ମଣୀ ନଦୀ ପଠାରେ ପୂଜାର୍ଚ୍ଚନା କରି ଝାଞ୍ଜ, ଶଙ୍ଖନାଦ, ମୃଦଙ୍ଗ, ଘଣ୍ଟବାଦ୍ୟ, ହୁଳହୁଳି ପକାଇ କଳସରେ ଜଳ ଆଣି ମା'ଙ୍କ ପୂଜାସ୍ଥାନରେ ସ୍ଥାପନା କରିଥିଲେ ଏବଂ ନୀତିକାନ୍ତି ଅନୁଯାୟୀ ପୁରୋହିତଙ୍କ ଦ୍ୱାରା ବିଭିନ୍ନ ଦେବାଦେବୀଙ୍କୁ ଆହ୍ୱାନ କରାଯାଇ ଆଜି ମା'ଙ୍କ ବାର୍ଷିକ ଉତ୍ସବ ବେଶ ଧୁମଧାମ ସହକାରେ ପାଳିତ ହୋଇଯାଇଛି। ମା'ଙ୍କ ଏହି ପୂଜା ଉତ୍ସବରେ ରାମଚନ୍ଦ୍ର ବଜାରଟି ଏକ ଆଧାତ୍ମିକ ପରିବେଶରେ ପରିଣତ ହୋଇଯାଇଥିଲା। ବଜାର କମିଟି ପକ୍ଷରୁ ରାତ୍ରୀ ସମୟରେ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ଏହି ପୂଜା ଉତ୍ସବରେ ବଜାର କମିଟିର ସଦସ୍ୟମାନେ ସାହାଯ୍ୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର ସଦସ୍ୟମାନଙ୍କ ସହିତ ସ୍ଥାନୀୟ ଭକ୍ତମାନେ ମଧ ଉପସ୍ଥିତ ଥିଲେ।



## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ଆଠମଲ୍ଲିକ, ୧୦ା୫(ସମିସ):** ଆଠମଲ୍ଲିକ ସହରର ପ୍ରତିଷ୍ଠିତ ଯୁବ ବ୍ୟବସାୟୀ ସୁନୀଲ କୁମାର ଅଗ୍ରୱାଲ ନିଜ ସ୍ୱର୍ଗୀୟ ପିତା ଘାସିରାମ ଅଗ୍ରୱାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଠମଲ୍ଲିକ ବ୍ଲକ ଅଏଡ଼ାଠାରେ ୧ଟି ଓ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ସଦର ମହକୁମା ଠାରେ ୧ଟି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିବା ଜଣାଯାଇଛି। ବ୍ୟବସାୟୀ ସୁନୀଲଙ୍କ ପରିବାର ପକ୍ଷରୁ ଏହି ୨ଟି ପ୍ରକଳ୍ପକୁ ତାଙ୍କ ମାତା ସତ୍ୟଭାମା ଦେବୀଙ୍କ ଦ୍ୱାରା ଉଦଘାଟିତ କରାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ରାସ୍ତାରେ ଯାଉଥିବା ବାଟୋଇ ପ୍ରଚଣ୍ଡ ରୌଦ୍ରତାପ ସମୟରେ ଥଣ୍ଡା ପାଣିଟିକେ ପାଇପାରିବ। ସୁନୀଲଙ୍କ ପକ୍ଷରୁ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ପର୍ଯ୍ୟାୟକ୍ରମେ ଏହିଭଳି ଥଣ୍ଡା ପାନୀୟଜଳ ପ୍ରକଳ୍ପ ମାଧପୁର, କିଶୋରନଗର, ବଇଣ୍ଡା ଇତ୍ୟାଦି ସ୍ଥାନରେ ସ୍ଥାପିତ କରାଯିବ ବୋଲି ସୁନୀଲଙ୍କ ଠାରୁ ପ୍ରକାଶ। ପ୍ରକଳ୍ପଗୁଡିକ ଉଦଘାଟନ ସମୟରେ ସୁନୀଲଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## ଜୋର ଧରିଲା ଅଣ୍ଡରପାସ୍ ନିର୍ମାଣ ଦାବି

# ବଇଣ୍ଡାରେ ଆନ୍ଦୋଳନ; ଦୋକାନ ବଜାର ବନ୍ଦ

ଅନୁଗୋଳ /ବଇଣ୍ଡା, ୧୦ା୫(ସମିସ)




ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ନିର୍ମାଣ ହେଉଥିବା ବ୍ରିଜର ଆଉ ୩ ଟି ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବି ଜୋର ଧରିବାରେ ଲାଗିଛି। ଏ ନେଇ ବାରମ୍ବାର ଦାବି କରାଯାଉଥିଲେ ମଧ କୌଣସି ସୁଫଳ ମିଳୁ ନଥିବା ଯୋଗୁଁ ଶୁକ୍ରବାର ବଇଣ୍ଡା ଗ୍ରାମବାସୀ ଆନ୍ଦୋଳନ କରିଛନ୍ତି। ଗ୍ରାମବାସୀ ଓ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ମିଳିତ ଭାବରେ ବଜାରକୁ ସକାଳ ୯ରୁ ଅପରାହ୍ନ ୧୨ ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦକରି ଆନ୍ଦୋଳନ କରିଥିଲେ। ସମସ୍ତ ବ୍ୟବସାୟୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ବଇଣ୍ଡାଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ରାଜକୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାଗିରଥି ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ସୁନିଲ ପ୍ରଧାନ, ଜିତେନ୍ଦ୍ର ବେହେରା, ବିନୀତ ସାହା, ଜଳଧର ସାହୁ, ଅରବିନ୍ଦ ସାହୁ, ଲକ୍ଷ୍ମୀଧର ବେହେରା, ସଞ୍ଜୟ ସାହୁଙ୍କ ସମେତ ଗ୍ରାମବାସୀ ଯୋଗଦେଇଥିଲେ। ଗ୍ରାମବାସୀ କହିଥିଲେ ଯେ, ବଇଣ୍ଡା ଜନଗହଳିପୂର୍ଣ୍ଣ ଅଞ୍ଚଳଥିବା ବେଳେ ଦୁର୍ଘଟଣାକୁ ଏଡାଇବା ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କରାଯାଉଛି। ହେଲେ ଏହି ବ୍ରିଜ ନିର୍ମାଣ ଯୋଗୁଁ ବଇଣ୍ଡାରେ ବ୍ୟବସାୟ ଉପରେ ପ୍ରବାହ ପଡୁଥିବା ବେଳେ ଦେଢ଼ କିମି ବ୍ରିଜ ନିର୍ମାଣ ହେଉଥିବା ବେଳେ ଆବଶ୍ୟକ ଅଣ୍ଡରପାସ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉ ନାହିଁ। ଆଠମଲ୍ଲିକ ରାସ୍ତାକୁ ଯାତାୟାତ ପାଇଁ ଗୋଟିଏ ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାସ )ନିର୍ମାଣ କରାଯାଇଥିବା ବେଳେ ଆଉ ୨ ଟି ମେଡିକାଲ ଓ ରେଳ ଷ୍ଟେସନକୁ ଯାତାୟାତ ପାଇଁ ନିର୍ମାଣ କରାଯାଇଛି। ହେଲେ ଛକରେ ଆଉ ୩ ଟି ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାସ ) ନିର୍ମାଣ ପାଇଁ ଦାବି ହେଇଆସୁଛି। ବଇଣ୍ଡା ଏକ ମୁଖ୍ୟ ବେବସାୟିକ କେନ୍ଦ୍ର ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟାଳୟ ରହିଛି। ସେଗୁଡିକକୁ ଯିବା ଆସିବା ପାଇଁ ଛାତ୍ରୀଛାତ୍ର ଅସୁବିଧା ସମୁଖୀନ ହେବେ। ଏପରିକି ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ ବସଷ୍ଟାଣ୍ଡକୁ ବସ ଯିବା ଆସିବା ପାଇଁ ଅସୁବିଧା ସୃଷ୍ଟି ହେବ। ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେବ। ଏଥି ପାଇଁ ଆଉ ୩ ଟି ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାସ )ନିର୍ମାଣ ପାଇଁ ଦାବି ହେଉଛି। ନିର୍ମାଣ ହୋଇଥିବା ଫ୍ଲାଏ ଓଭର ବ୍ରିଜ ନିକଟର ଗୋଟିଏ ପାର୍ଶ୍ୱରେ କାମ ଚାଲିଥିବା ବେଳେ ଅନ୍ୟ ପାର୍ଶ୍ୱ ରେ ଏହି ଅଣ୍ଡରପାସ ବ୍ରିଜଗୁଡିକ ନିର୍ମାଣ ପାଇଁ ଦାବି ହୋଇଛି। ଏ ନେଇ ଗ୍ରାମବାସୀ ଗତ ୩୦ ତାରିଖରେ ଏକ ଦାବିପତ୍ର ଏନଏଚଆଇ ପିଡିଙ୍କୁ ପ୍ରଦାନ କରିବା ପରେ ପିଡି ମେ ପହିଲାରେ ବଇଣ୍ଡା ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଠିକାସଂସ୍ଥା ଅନ୍ୟ ପାର୍ଶ୍ୱରେ ରାସ୍ତା କାମ ଆରମ୍ଭ କରିଥିବା ଯୋଗୁଁ ଅସନ୍ତୋଷ ଦେଖାଦେଇଛି। ସେହିପରି ବଇଣ୍ଡା ଠାରେ ଥିବା ଯାତ୍ରୀ ବିଶ୍ରାମଗାରଟି ଦୀର୍ଘ ୬ ବର୍ଷ ହେବ ଭଙ୍ଗାଯାଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ମାଣ କରାଯାଇନାହିଁ। ବିଶେଷ କରି ପ୍ରତ୍ୟେକ ଦିନ ଆସପଣ୍ଡ ଉଡୁଥିବା ଯୋଗୁଁ ଅନେକ ବ୍ୟବସାୟୀ ସେମାନଙ୍କ ଦୋକାନ ସଠିକ ଭାବରେ ଖୋଲିପାରୁ ନଥିବା ବେଳେ ଅନେକ ବ୍ୟକ୍ତିଙ୍କ ନାକରେ ଏହି ଗୁଣ୍ଡ ପଶି ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପ୍ରତ୍ୟେକଙ୍କ ଘରେ ଏହି ପାଉଁଶ ଉଡ଼ି ପଡିବା ସହ ଖୋଲା କୂଅରେ ପଡୁଥିବା ଯୋଗୁଁ ଲୋକେ ପାନୀୟ ଜଳ ବ୍ୟବହାର କରିପାରୁନାହାନ୍ତି। ବହୁ ସମସ୍ୟା ଦେଇ ଅଞ୍ଚଳବାସୀ ଗତି କରୁଥିଲେ ମଧ ପ୍ରଶାସନ ଦୃଷ୍ଟି ଦେଉ ନଥିବା ଯୋଗୁଁ ଅସନ୍ତୋଷ ଦେଖାଦେଇଛି। ଆଗାମୀ ନିର୍ବାଚନକୁ ବର୍ଜନ କରିବା ପାଇଁ ଅଞ୍ଚଳବାସୀ ଚେତାବନୀ ମଧ ଦେଇଛନ୍ତି।

# ନୂଆ ଓଡ଼ିଶାର ଗ୍ୟାରେଣ୍ଟି ପତ୍ର

# ଓଡ଼ିଶା ନମ୍ବର ୱାନ୍



ଅର୍ଥଶାସ୍ତ୍ର'ରେ ସୁଶାସନ ସମ୍ପର୍କରେ ଅବତାରଣା କରି ଚାଣକ୍ୟ କୁହନ୍ତି ଯେ ନିଜ ପ୍ରଜାର ଖୁସିରେ, ରାଜାର ଖୁସି ଥାଏ। ସେମାନଙ୍କ କଲ୍ୟାଣରେ ରାଜାର କଲ୍ୟାଣ ନିହିତ ଥାଏ। ପ୍ରଜାକୈନ୍ଦ୍ରିକ ଶାସନ ହିଁ ପ୍ରକୃତ ରାଜଧର୍ମ ଆଉ ସୁଶାସନ ଅଟେ। ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୪ ବର୍ଷର ମୁଖ୍ୟମନ୍ତ୍ରିତ୍ୱକୁ ଅନୁଶୀଳନ କଲେ ଚାଣକ୍ୟଙ୍କ ସୁଶାସନର ସଂଜ୍ଞା ପ୍ରତିବିମ୍ବିତ ହୁଏ। ନିଜର ଦୀର୍ଘ ଶାସନ କାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଲୋକଙ୍କୁ ନିଜ ଶାସନର କେନ୍ଦ୍ରରେ ରଖି ପ୍ରଶାସନକୁ ଗତିଶୀଳ କରିଛନ୍ତି। ଶାସନରେ ଜନଭାଗିଦାରୀକୁ ସୁନିଶ୍ଚିତ କରି ଲୋକାଭିମୁଖୀ ନୀତି-ନିଷ୍ପତ୍ତି ଓ ସମୟଭିତ୍ତିକ କାର୍ଯ୍ୟାନ୍ୱୟନରେ ସମଗ୍ର ଦେଶରେ ଉଦାହରଣ ସାଜିଛନ୍ତି ନବୀନ। ନିଜର ପ୍ରତିଟି ନିଷ୍ପତ୍ତିରେ ଜନକଲ୍ୟାଣକୁ ସର୍ବାଗ୍ରେ ରଖୁଥିବା ନବୀନ ୨୦୨୪ ନିର୍ବାଚନ କାଳରେ ଦଳର ଇସ୍ତାହାରକୁ ମଧ୍ୟ ଜନମତ ଆଧାରରେ ପ୍ରସ୍ତୁତ କରିଛନ୍ତି। ଏହା ବୋଧହୁଏ ସମଗ୍ର ଦେଶରେ ବିରଳ, ଅନନ୍ୟ। ବଡ଼ ବଡ଼ ପ୍ରତିଶ୍ରୁତି ନୁହେଁ; ବରଂ ରାଜ୍ୟର ସବୁ ବର୍ଗ ଯେପରି ସଶକ୍ତ ଓ ଆତ୍ମନିର୍ଭର ହୋଇପାରିବେ, ସ୍ୱାଭିମାନୀ ସଶକ୍ତ ଓଡ଼ିଶା ଗଠନରେ ନିଜ ନିଜ ଭୂମିକାକୁ ସୁନିଶ୍ଚିତ କରିପାରିବେ, ତାହାକୁ ଦଳର ଇସ୍ତାହାରରେ ଗୁରୁତ୍ୱ ଦିଆଯାଇଛି। ୨୦୩୪ ସୁଦ୍ଧା ଓଡ଼ିଶା ଯେପରି ସବୁକ୍ଷେତ୍ରରେ ଶ୍ରେଷ୍ଠତ୍ୱ ଲାଭ କରିବ, ସେନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଆଗାମୀ ନୂଆ ସରକାରର ପ୍ରଥମ କ୍ୟାବିନେଟ ବୈଠକରେ ଏହି ବୈପ୍ଳବିକ ଘୋଷଣାପତ୍ରକୁ ଓଡ଼ିଶା ସରକାରଙ୍କ ନୀତି ଭାବରେ ଗ୍ରହଣ କରାଯିବ। ଘୋଷଣାପତ୍ରରେ ପ୍ରତିଟି ପ୍ରତିଶ୍ରୁତି ସମୟୋଚିତ ଭାବେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବାସ୍ତବିକ ଏହାହିଁ ନବୀନ ଗ୍ୟାରେଣ୍ଟି। ଓଡ଼ିଶାର ସୁବର୍ଣ୍ଣ ଯୁଗର ଭିତ୍ତିଭୂମି, ନୂଆ ଓଡ଼ିଶାର ଗ୍ୟାରେଣ୍ଟି ପତ୍ର।

## କ'ଣ ଏହି ନବୀନ ଓଡ଼ିଶା

ଓଡ଼ିଶା ତ ବିକାଶ ପଥରେ ଅଗ୍ରସର ହେଉଛି। ତା'ହେଲେ ନବୀନ ଓଡ଼ିଶା କଣ? ଏହାର ପରିକଳ୍ପନା କ'ଣ ପାଇଁ? ଏହାର ଲକ୍ଷ୍ୟ ଏବଂ ଆଭିମୁଖ୍ୟ କଣ? ଏହାର ଉତ୍ତର ରଖିବାକୁ ଯାଇ ମୁଖ୍ୟମନ୍ତ୍ରୀ କହନ୍ତି ଯେ ୨୦୩୬ରେ ଓଡ଼ିଶା ରାଜ୍ୟ ଗଠନର ଗୌରବମୟ ୧୦୦ ବର୍ଷ ପୂରଣ ହେବାକୁ ଯାଉଛି। ରାଜ୍ୟରେ ଜାରି ରହିଥିବା ବିକାଶର ଏହି ଧାରାକୁ ଆହୁରି ବଳିଷ୍ଠ କରି ରାଜ୍ୟ ସରକାର ଏକ ନୂଆ ଓଡ଼ିଶା ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି- ଯାହା ହେବ ପ୍ରଗତିଶୀଳ, ସମନ୍ୱିତ, ଆକାଂକ୍ଷିତ, ବିକଶିତ ଏବଂ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ; ଯେଉଁଠି ପ୍ରତିଟି ନାଗରିକ ସମାନ ସୁଯୋଗ ପାଇ ଏକ ସୁଖୀ ଜୀବନ ଅଭିମୁଖେ ଅଗ୍ରସର ହେବେ।

### ନୂଆ ଓଡ଼ିଶାର ବୈଶିଷ୍ଟ୍ୟ

- ଯେଉଁଠି ଯୁବବର୍ଗଙ୍କ ସ୍ୱପ୍ନ ହେବ ସାକାର
- ଯେଉଁଠି ମହିଳାମାନେ ଅଭିବୃଦ୍ଧି ଓ ବିକାଶରେ ସମାନ ଅଂଶୀଦାର ହେବେ
- ସମସ୍ତ ଦୁର୍ବଳ ବର୍ଗ ବିକାଶଧାରାରେ ଅନ୍ତର୍ଭୁକ୍ତ ହେବେ
- ଦାରିଦ୍ର୍ୟ ଅତୀତର କାହାଣୀ ସାଜିବ। ଓଡ଼ିଶା ଦେଶର ଶ୍ରେଷ୍ଠ ତିନି ରାଜ୍ୟ ମଧ୍ୟରେ ରହିବ

## ନବୀନ ଗ୍ୟାରେଣ୍ଟି: ଯାହା କେହି ଭାବନ୍ତିନି; ତାହା ନବୀନ ଭାବନ୍ତି

ବିଜେପି ଓ କଂଗ୍ରେସ ଉଭୟ ସରକାରକୁ ଆସିବା ପାଇଁ ନିଜର ନିର୍ବାଚନ ଇସ୍ତାହାର ଆଣିଛନ୍ତି। ମାତ୍ର ନବୀନ ବାବୁ ଓଡ଼ିଶାକୁ ଆହୁରି ସଶକ୍ତ କରିବାକୁ ଇସ୍ତାହାର ଆଣୁଛନ୍ତି। ଆମେ ଭୋଟ ପାଇଁ ନୁହେଁ; ରାଜ୍ୟର ବିକାଶ ପାଇଁ ଇସ୍ତାହାର ଆଣୁଛୁ, ଯାହା ସମସ୍ତଙ୍କୁ ଚକିତ କରିବ। '୫-ଟି' ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଉପରୋକ୍ତ ଉକ୍ତି ବାସ୍ତବରେ ପରିଣତ ହୋଇଛି। ରାଜ୍ୟର ସାମଗ୍ରିକ ବିକାଶ, ଆଗାମୀ ଦଶନ୍ଧିରେ ବିକଶିତ ଓଡ଼ିଶାକୁ ଆଖି ଆଗରେ ରଖି ବିଜେଡି ନିଜ ଇସ୍ତାହାର ପ୍ରସ୍ତୁତ କରିଛି। ଇସ୍ତାହାରରେ କିଛି ମୌଳିକ ଦିଗକୁ ଗୁରୁତ୍ୱ ଦିଆଯାଇଛି, ଯାହାର ବେଶ୍ ସୁଦୂରପ୍ରସାରୀ ପ୍ରଭାବ ରହିଛି ବୋଲି କୁହାଯାଉଛି।

- ରାଜ୍ୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଇକୋସିଷ୍ଟମକୁ ବ୍ୟାପକ ପ୍ରୋତ୍ସାହନ ଦେବା ଲାଗି ପିପିପି ଜରିଆରେ ସୁପରକମ୍ପ୍ୟୁଟିଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଲଷ୍ଟର ସୃଷ୍ଟି କରାଯିବ।
- ଓଡ଼ିଶାକୁ ଏଆଇ-ହବ୍ କରିବା ପାଇଁ ଓଡ଼ିଶାର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପଲିସି ଆସିବ
- ରୋଜଗାରଭିତ୍ତିକ ଦକ୍ଷତା ପାଇଁ ସ୍ଥାପନ ହେବ ଦକ୍ଷତା ବିକାଶ ବିଶ୍ୱବିଦ୍ୟାଳୟ
- ପରିବେଶ ସୁରକ୍ଷା ପାଇଁ ସମଗ୍ର ରାଜ୍ୟରେ ଗୋଷ୍ଠୀ ଭାଗିଦାରୀ ସହିତ ସୃଷ୍ଟି ହେବ ଗ୍ରୀନ୍-ଜୋନ୍
- ରାଜ୍ୟର ବରପୁତ୍ରମାନଙ୍କ ନାମ ସହ ଜଡ଼ିତ ୧୦୦ଟି ବିଦ୍ୟାଳୟକୁ 'ଐତିହ୍ୟ ବିଦ୍ୟାଳୟ ପ୍ରକଳ୍ପ' ଅଧୀନର କରାଯିବ ରୂପାନ୍ତରଣ
- ସୁଦୃଢ଼ ତଥା ଗୁଣାତ୍ମକ ଭିତ୍ତିଭୂମି ସୃଷ୍ଟି କରି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକୁ ଓଡ଼ିଶାରେ ନିଜସ୍ୱ ଶିକ୍ଷା ଓ ଗବେଷଣା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ଆକର୍ଷିତ କରାଯିବ
- ବୁଣାକାର ଏବଂ କାରିଗରଙ୍କୁ ନୂତନ ଡିଜାଇନ ସମ୍ପର୍କରେ ଜ୍ଞାନ ଦେବାକୁ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ରାଜ୍ୟ ଫ୍ୟାସନ ଟେକ୍ନୋଲୋଜି ସଂସ୍ଥାନ ପ୍ରତିଷ୍ଠା କରାଯିବ
- ଏଣ୍ଡ-ଟୁ-ଏଣ୍ଡ ସେମିକଣ୍ଡକ୍ଟର ଇକୋ ସିଷ୍ଟମର ପ୍ରୋତ୍ସାହନ ପାଇଁ ଏକ ମେଗା ସେମିକଣ୍ଡକ୍ଟର ପାର୍କ ସୃଷ୍ଟି କରାଯିବ।
- ଉଦୀୟମାନ ଏବଂ ନୂତନ ପ୍ରଯୁକ୍ତି ବିଦ୍ୟା ପାଇଁ ପ୍ରତିଷ୍ଠା ହେବ ବିଶ୍ୱ ବିଦ୍ୟାଳୟ

**ଆସନ୍ତୁ, ସଭିଏଁ ମିଶି ସମୃଦ୍ଧ ଓଡ଼ିଶା ଗଠନ କରିବା**

ଓଡ଼ିଶା ଆଜି ବିକାଶର ନୂଆ ଉଡ଼ାଣ ଭରୁଛି। ସାମାଜିକ-ଅର୍ଥନୈତିକ କ୍ଷେତ୍ରରେ ଦେଶର ୩ ଶ୍ରେଷ୍ଠ ରାଜ୍ୟ ମଧ୍ୟରେ ସ୍ଥାନିତ ହେବାକୁ ଓଡ଼ିଶା ପାଇଁ ଆଗାମୀ ୧୦ ବର୍ଷ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଦେଶର ଏକ ଅଗ୍ରଣୀ ରାଜ୍ୟ ହେବାକୁ ଆମର ଆକାଂକ୍ଷାର ପ୍ରତିଫଳନ ହେଉଛି ଆମର ନିର୍ବାଚନୀ ଇସ୍ତାହାର। ଏହି ଇସ୍ତାହାର ଆପଣଙ୍କ ଆପଣଙ୍କ ଆଶା, ଆକାଂକ୍ଷା ଏବଂ ଆମର ପ୍ରତିବଦ୍ଧତା। ଏଥିରେ ଆମେ ଆପଣଙ୍କ ବହୁମୂଲ୍ୟ ମତାମତ ସାମିଲ କରିଛୁ। ଏହା ଆପଣଙ୍କ ସରକାର ଏବଂ ଆପଣଙ୍କ ନିର୍ବାଚନୀ ଇସ୍ତାହାର। ଆସନ୍ତୁ ଆମେ ସମସ୍ତେ ଏକ ହୋଇ ସମୃଦ୍ଧ ଓଡ଼ିଶା ଗଠନ କରିବା।



## ସମୃଦ୍ଧିର ଶିଖର ଛୁଇଁବ ଭାଷା, ସଂସ୍କୃତି, ଐତିହ୍ୟ

ଓଡ଼ିଶାର ଦୁଇ ହଜାର ବର୍ଷର ପୁରୁଣା ସମୃଦ୍ଧ ସାଂସ୍କୃତିକ ଇତିହାସ ରହିଛି। ଆମର ସଂସ୍କୃତି, ଭାଷା ଓ ସାହିତ୍ୟ ବହୁ ମୂଲ୍ୟବାନ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ। ଏହି ପ୍ରାଚୁର୍ଯ୍ୟଭରା ଐତିହ୍ୟର ସଂରକ୍ଷଣ ଓ ପ୍ରସାର କରିବା ଆମର ନୈତିକ କର୍ତ୍ତବ୍ୟ ଅଟେ। ଏହିକ୍ରମରେ ଆଗାମୀ ୫ ବର୍ଷ ଭିତରେ ଓଡ଼ିଶାର କଳା, ସଂସ୍କୃତି, ଭାଷା ଓ ପରମ୍ପରା ନୂଆ ଉତ୍କର୍ଷ ଛୁଇଁବ। ଏଥିପାଇଁ ବିଜେଡି ଘୋଷଣାପତ୍ରରେ ଦିଆଯାଇଛି ନିର୍ଭର ପ୍ରତିଶ୍ରୁତି। ପ୍ରମୁଖ ପ୍ରତିଶ୍ରୁତି ମଧ୍ୟରେ ଓଡ଼ିଶାର ଉପାସନା ପୀଠ, ଐତିହ୍ୟ ସ୍ଥଳ ଏବଂ ବରପୁତ୍ରମାନଙ୍କ ନାମ ସହଜଡ଼ିତ ସ୍ଥାନଗୁଡିକ ସଂରକ୍ଷଣ କରିବା ପାଇଁ ଏକ ହେରିଟେଜ୍ ବିକାଶ ପାଣ୍ଠି ଭାବେ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର କର୍ପସ୍ ପାଣ୍ଠି ଗଠନ କରାଯିବ। ସେହିପରି ଶାସ୍ତ୍ରୀୟ ଭାଷା ଭାବେ ଓଡ଼ିଆର ବିକାଶ ଏବଂ ପ୍ରୋତ୍ସାହନ ପାଇଁ ୧୦୦ କୋଟି ଟଙ୍କା ବ୍ୟୟ ହେବ। ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଠାରୁ ଶାସ୍ତ୍ରୀୟ ଭାଷା ଭାବରେ ଓଡ଼ିଆର ପ୍ରଚାର, ପ୍ରସାର ଓ ଗବେଷଣା ପାଇଁ ଟଙ୍କାଟିଏ ବି ମିଳି ନାହିଁ। ଆମେ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବୁ ଯେ ଓଡ଼ିଶୀକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ପ୍ରଦାନ କରାଯାଉ। ସେହିପରି ହୋ, ମୁଣ୍ଡାରୀ, ଭୂମିଜଙ୍କୁ ସମ୍ବିଧାନର ୮ମ କାର୍ଯ୍ୟସୂଚୀରେ ସ୍ଥାନ ଦେବା ପାଇଁ କେନ୍ଦ୍ର ଆଗରେ ଦାବି ଉପସ୍ଥାପନ କରାଯିବ ବୋଲି ବିଜେଡି ନିଜ ଘୋଷଣାପତ୍ରରେ କହିଛି। ଏଥିରେ କୁହାଯାଇଛି ଯେ ପଶ୍ଚିମ ଓଡ଼ିଶା ଭାଷାର ବିକାଶ ତଥା ଗବେଷଣା, ଅଧ୍ୟୟନ ଏବଂ ଅନୁସନ୍ଧାନ ପାଇଁ ୨୫ କୋଟି ଟଙ୍କାର କର୍ପସ୍ ଫଣ୍ଡ ସହିତ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। ସେହିପରି ଓଡ଼ିଶାର ପ୍ରସିଦ୍ଧ ବ୍ୟକ୍ତିତ୍ୱ ସହିତ ସଂଯୁକ୍ତ ୧୦୦ଟି ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ଭାବରେ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବ। ପଦ୍ମଶ୍ରୀ, ପଦ୍ମ ଭୂଷଣ ଭଳି ପ୍ରତିବର୍ଷ କଳିଙ୍ଗଶ୍ରୀ ଏବଂ କଳିଙ୍ଗ ଭୂଷଣ ପୁରସ୍କାର ପ୍ରଦାନ କରାଯିବ।

**୧୦୦୦ କୋଟି ଟଙ୍କାର ଐତିହ୍ୟ ବିକାଶ ପାଣ୍ଠି**

**ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ଭାଷା ଉତ୍କର୍ଷ କେନ୍ଦ୍ର**

**ପ୍ରଦାନ କରାଯିବ କଳିଙ୍ଗଶ୍ରୀ ଓ କଳିଙ୍ଗଭୂଷଣ ପୁରସ୍କାର**

## ବିଜୁଳିର ନବୀନ ଚମକରେ ଝଟକୁଛି ବିଜେଡି ଇସ୍ତାହାର



ଦିନ ଥିଲା, ବିଜୁଳିବତି ଓଡ଼ିଶାବାସୀଙ୍କ ପାଇଁ ଥିଲା ସାତ ସପନ। ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ବିଜୁଳି କ୍ଷେତ୍ରରେ ସଂସ୍କାର ଆଣିଲା। ପରେ ନବୀନ ଶାସନକୁ ଆସିଲେ, ଓଡ଼ିଶାରେ ବିଜୁଳି ସେବାରେ ଆଖିଦୃଶିଆ ରୂପାନ୍ତର ଆଣିଲେ। ଏବେ ବିଜୁଳି କ୍ଷେତ୍ରରେ ଓଡ଼ିଶା ବଳକା ରାଜ୍ୟ। ରାଜ୍ୟରେ ୨୪ ଘଣ୍ଟିଆ ଗୁଣାତ୍ମକ ବିଜୁଳି ସେବା ଓଡ଼ିଶାର ପରିଚୟ ହେଲାଣି। ଏତିକିବେଳେ ନିଜ ନିର୍ବାଚନୀ ଇସ୍ତାହାରରେ ନବୀନ ଆଙ୍କିଛନ୍ତି ବିଜୁଳିର ଚମକ। ଅପେକ୍ଷାକୃତ କମ୍ ବିଜୁଳି ବ୍ୟବହାର କରୁଥିବା ଗରିବ ଓ ନିମ୍ନ ମଧ୍ୟବିତ୍ତଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ଯୋଗାଇଦେବାକୁ ଘୋଷଣା କରି ରାଜ୍ୟର ୯୦ ପ୍ରତିଶତ ଉପଭୋକ୍ତଙ୍କ ପାଇଁ ଆଣିଛନ୍ତି ଏକ ବଡ଼ ଆଶ୍ୱସ୍ତି।

**୧୦୦ ୟୁନିଟ ଯାଏଁ ବିଜୁଳି ମାଗଣା**

**୯୦ ପ୍ରତିଶତ ଉପଭୋକ୍ତାଙ୍କୁ ଲାଭ**

ରାଜ୍ୟରେ ନୂଆ ସରକାର ଗଠନ ହେବା ମାତ୍ରକେ ବିଜେଡି ସରକାର ୧୦୦ ୟୁନିଟ୍‌ରୁ କମ୍ ବିଜୁଳି ବ୍ୟବହାର କରୁଥିବା ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ଯୋଗାଇ ଦେବେ ବୋଲି ଇସ୍ତାହାରରେ ବଡ଼ ଘୋଷଣା କରିଛନ୍ତି। ୧୦୦ରୁ ୧୫୦ ୟୁନିଟ୍ ବିଜୁଳି ବ୍ୟବହାର କରୁଥିବା ଘରୋଇ ଉପଭୋକ୍ତାଙ୍କୁ ୫୦ ୟୁନିଟ୍ ମାଗଣା ଦିଆଯିବ। ଗ୍ରାମାଞ୍ଚଳର ପ୍ରାୟ ସମସ୍ତ ପରିବାର ଏହାଦ୍ୱାରା ଉପକୃତ ହେବେ। କେବଳ ଏତିକି ନୁହେଁ; ଚାଷୀଙ୍କ ପାଇଁ ମାଗଣା ବିଜୁଳି ଉପଲବ୍ଧ ହେବ। ସହରାଞ୍ଚଳ ବାସିନ୍ଦାମାନେ ମଧ୍ୟ ଏହାଦ୍ୱାରା ଲାଭବାନ ହେବେ। ବର୍ତ୍ତମାନ ତଥା ଭବିଷ୍ୟତର ବିଜୁଳି ଆବଶ୍ୟକତା ପୂରଣ ପାଇଁ ବିଜେଡି ଗୁରୁତ୍ୱ ଦେବ। ଏହି ଘୋଷଣା ରାଜ୍ୟରେ କେବଳ ଶକ୍ତି ସୁରକ୍ଷା ବୃଦ୍ଧି କରିବ ନାହିଁ; ବରଂ ବିଦ୍ୟୁତ୍‌ର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ମଧ୍ୟ ଉତ୍ସାହିତ କରିବ ବୋଲି ବିଜେଡି ନିଜ ଇସ୍ତାହାରରେ ଦର୍ଶାଇଛି।

## କୃଷକଙ୍କ ଓଡ଼ିଶା: ସାଥିରେ ଅଛନ୍ତି ନବୀନ

ନବୀନ ଓଡ଼ିଶାରେ କୃଷକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ନବୀନ ଓଡ଼ିଶାରେ କୃଷି କ୍ଷେତ୍ରରେ ଦୀର୍ଘସ୍ଥାୟୀ ବିକାଶ ହେବା ସହ ଓଡ଼ିଶାକୁ ଭାରତର ଏକ ଅଗ୍ରଣୀ କୃଷି ରାଜ୍ୟରେ ପରିଣତ କରିବ ବୋଲି ଇସ୍ତାହାରରେ କୁହାଯାଇଛି। ଏହିକ୍ରମରେ କ୍ଷୁଦ୍ର, ନାମମାତ୍ର ତଥା ଭୂମିହୀନ ଚାଷୀଭାଇଙ୍କ ପାଇଁ କାଳିଆ ଯୋଜନା କାର୍ଯ୍ୟକାରିତାକୁ ଆହୁରି ମଜଭୁତ କରାଯିବ।

**ଚାଷୀମାନଙ୍କୁ ବିନା ସୁଧରେ ଋଣ:** ଚାଷୀଭାଇମାନଙ୍କୁ ବିନା ସୁଧରେ ଦିଆଯାଉଥିବା ଋଣକୁ ୧ ଲକ୍ଷରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ।

**ଜଳସେଚନ ସୁବିଧାର ବିସ୍ତାର:** ଜଳସମ୍ପଦ ବିକାଶରେ ବିପୁଳ ପୁଞ୍ଜି ବିନିଯୋଗ କରାଯିବ। ସମସ୍ତ ଜଳସେଚନ ପ୍ରକଳ୍ପ, ପ୍ରମୁଖ ପ୍ରକଳ୍ପଗୁଡିକ ସମୟସୀମା ମଧ୍ୟରେ ଶେଷ ହେବାନେଇ ସୁନିଶ୍ଚିତ କରାଯିବ। ଆସନ୍ତା ୧୦ ବର୍ଷରେ ୨୦ ଲକ୍ଷ ଏକର ଜମିକୁ ଜଳସେଚନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

**ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକୁ ଧ୍ୟାନ:** ଗୋପାଳନ, କୁକୁଡ଼ାପାଳନ, ମତ୍ସ୍ୟପାଳନ, ଉଦ୍ୟାନ କୃଷି ଇତ୍ୟାଦି ସହିତ ଜଡିତ ଚାଷ ପାଇଁ ମିଳିବ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ।

**ମଣ୍ଡିଗୁଡ଼ିକର ଆଧୁନିକୀକରଣ:** ଚାଷୀମାନଙ୍କ ପାଇଁ ମଣ୍ଡିଗୁଡ଼ିକରେ ଅତ୍ୟାଧୁନିକ ଷ୍ଟୋରେଜ୍ ସୁବିଧା ସୁନିଶ୍ଚିତ କରିବା ପାଇଁ ପ୍ରତିବର୍ଷ ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯିବ।

**ବିବାହ ସହାୟତା:** ଝିଅ ବିବାହ ପାଇଁ ଚାଷୀ ପରିବାରଙ୍କୁ ୨୫, ୦୦୦ ଟଙ୍କାର ସହାୟତା ମିଳିବ।

**ଆସନ୍ତା ୧୦ ବର୍ଷରେ ୨୦ ଲକ୍ଷ ଏକର ଜମିକୁ ମାଡ଼ିବ ପାଣି**



## ପରିବେଶ ସୁରକ୍ଷା ଓ ନିରନ୍ତରତା ହେବ ସୁନିଶ୍ଚିତ

ସୁଶାସନର ଅର୍ଥ ହେଉଛି ସାମଗ୍ରିକ ବିକାଶ। ଏହିକ୍ରମରେ ନିଜ ନିର୍ବାଚନୀ ଇସ୍ତାହାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିବେଶ ସୁରକ୍ଷାକୁ ସମଗୁରୁତ୍ୱ ପ୍ରଦାନ କରିଛନ୍ତି। ଇସ୍ତାହାରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଜଳବାୟୁ ପରିବର୍ତ୍ତନ ପ୍ରଶମନ ରଣନୀତି ଏବଂ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ସହିତ ଓଡ଼ିଶା ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନା ୨୦୩୬ ଉପସ୍ଥାପନ କରାଯିବ। ବାତ୍ୟା ପ୍ରତିରୋଧୀ ଦୃଢ଼ ସୁରକ୍ଷା ପ୍ରାଚୀର ସୃଷ୍ଟି କରିବା ପାଇଁ ହେନ୍ତାଳ ବଣର ବିସ୍ତାର ଜାରି ରହିବ। ଆମେ ଜଙ୍ଗଲ ସୃଷ୍ଟି, ବୃକ୍ଷରୋପଣ, ଏବଂ ସହରାଞ୍ଚଳ ସବୁଜିକରଣ ଉପରେ ଅଧିକ ଗୁରୁତ୍ୱ ଦେବୁ। ସମଗ୍ର ରାଜ୍ୟରେ ଗୋଷ୍ଠୀ ଭାଗିଦାରୀ ସହିତ ଆମେ ଗ୍ରୀନ୍-ଜୋନ୍ ସୃଷ୍ଟି କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୧୧ ସହରରେ ୧୧ ବିମାନବନ୍ଦରର ହେବ ବିକାଶ

ଆଗାମୀ ଦିନରେ ଯୋଗାଯୋଗ କ୍ଷେତ୍ରରେ ଆସିବ ଅଭୂତପୂର୍ବ ପରିବର୍ତ୍ତନ। ଏନେଇ ଇସ୍ତାହାରରେ ବିଜେଡି ବ୍ୟାପକ ପ୍ରତିଶ୍ରୁତି ଦେଇଛି। ଜୟପୁର ସହିତ ଗୋପାଳପୁରକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସୱେ (ଦକ୍ଷିଣ) ସମ୍ପୂର୍ଣ୍ଣ ହେବ। ଭୁବନେଶ୍ୱର ଏବଂ ପୁରୀ ବିମାନବନ୍ଦର ମଧ୍ୟରେ ସହରୀକରଣ ଓ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ପାଇଁ ଭିତ୍ତିଭୂମି ସହିତ ଏକ ଏକ୍ସପ୍ରେସୱେ ନିର୍ମାଣ କରାଯିବ ଯାହା ଏହାକୁ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ କରିଡର ଭାବରେ ବିକଶିତ କରିବ। ସେହିପରି ପୁରୀର ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦରକୁ କାର୍ଯ୍ୟକ୍ଷମ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରୁ ତୀର୍ଥଯାତ୍ରୀମାନେ ଏହି ପବିତ୍ର ନଗରୀରେ ସିଧାସଳଖ ଅବତରଣ କରିବା ପାଇଁ ଅନ୍ତର୍ଜାତୀୟ ଉଡାଣ ସେବା ସୁନିଶ୍ଚିତ କରିବାକୁ ବିଜେଡି ଇସ୍ତାହାରରେ ଉଲ୍ଲେଖ କରିଛି। ଏହାବ୍ୟତୀତ ରାଜ୍ୟରେ ଉଡାଣ ସେବା ସଂଯୋଗ ବୃଦ୍ଧି ପାଇଁ ୧୧ଟି ପ୍ରମୁଖ ସହରରେ ୧୧ଟି ବିମାନବନ୍ଦର ଏବଂ ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ଏୟାରଷ୍ଟ୍ରିପ୍ ବିକାଶ କରାଯିବ। ରାଜ୍ୟର ସମସ୍ତ ବନ୍ଦରକୁ ୪- ଲେନ୍ ସଡ଼କ ସଂଯୋଗ କରାଯିବ ବୋଲି ବିଜେଡି ଇସ୍ତାହାରରେ ପ୍ରତିଶ୍ରୁତି ପ୍ରଦାନ କରିଛି।

**ଯୋଗାଯୋଗ ବ୍ୟବସ୍ଥାରେ ଆସିବ ଅଭୂତପୂର୍ବ ରୂପାନ୍ତରଣ**



## ବଢ଼ିବ ପରିସର, ସହରୀ ହେବେ ଅଧିକ ଲୋକ

ଆଗାମୀ ୧୦ ବର୍ଷରେ ରାଜ୍ୟର ସହରୀ ଜନସଂଖ୍ୟାକୁ ଦ୍ୱିଗୁଣିତ କରାଯିବ। ଉତ୍ତମ ଗୁଣବତ୍ତା ସମ୍ପର୍ଣ ସୁବିଧା ସୁଯୋଗ ପ୍ରଦାନ ସହ ସହରଗୁଡ଼ିକୁ ଉନ୍ନତ କରାଯିବ। ଏଥିପାଇଁ ଚାରିଟି ମେଗା ସହରୀ କ୍ଲଷ୍ଟର ଯୋଜନା କରାଯାଇଛି। ସେଗୁଡ଼ିକ ମଧ୍ୟରେ ରହିଛି ଭୁବନେଶ୍ୱର-କଟକ-ଖୋର୍ଦ୍ଧା-ପୁରୀ କ୍ଲଷ୍ଟର, ସମ୍ବଲପୁର-ଝାରସୁଗୁଡ଼ା-ରାଉରକେଲା କ୍ଲଷ୍ଟର, ବାରିପଦା -ବାଲେଶ୍ୱର-ଭଦ୍ରକ କ୍ଲଷ୍ଟର ଏବଂ ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର କ୍ଲଷ୍ଟର।

ଏହି ସହରୀ କ୍ଲଷ୍ଟରଗୁଡ଼ିକ ଚାହିଦା ସୃଷ୍ଟି କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧିର କେନ୍ଦ୍ର ହେବ। ସେହିପରି ବଲାଙ୍ଗିର, କୋରାପୁଟ-ଜୟପୁର, ବରଗଡ଼, ରାୟଗଡ଼ା, ଭବାନୀପାଟନା, ପାରାଦୀପ, ଢେଙ୍କାନାଳ, ଯୋଡା-ବଡ଼ବିଲ, କେନ୍ଦୁଝର, ଅନୁଗୁଳ, ମାଲକାନଗିରି, ନବରଙ୍ଗପୁର, ପାରଳାଖେମୁଣ୍ଡି, ଫୁଲବାଣୀ, ବୌଦ୍ଧ, ସୋନପୁର, ଦେବଗଡ଼, କେନ୍ଦ୍ରାପଡ଼ା ଓ ନୟାଗଡ଼ ଭଳି ୨୦ଟି ପ୍ରମୁଖ ସହରକୁ ବିକଶିତ କରାଯିବ ବୋଲି ବିଜେଡି ଘୋଷଣା କରିଛି।

**୧୦ ବର୍ଷରେ ଦ୍ୱିଗୁଣିତ ହେବ ସହରୀ ଜନସଂଖ୍ୟା**

## ଆଗକୁ ବଢ଼ିବେ ମା'; ସମୃଦ୍ଧ ହେବ ଓଡ଼ିଶା

### ଏସ୍‌ଏଚ୍‌ଜି ମା'ଙ୍କୁ ପେନ୍‌ସନ୍, ବିନା ସୁଧରେ ୧୫ ଲକ୍ଷର ଋଣ



ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାର ଅଭିବୃଦ୍ଧି କାହାଣୀର ମୂଳଦୁଆ ପାଲଟିଛି ମହିଳା ସଶକ୍ତିକରଣ। ମହିଳାଙ୍କୁ ସବୁକ୍ଷେତ୍ରରେ ସଶକ୍ତ ଏବଂ ଆତ୍ମନିର୍ଭର ରୂପେ ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ଓଡ଼ିଶାର ଅଭିବୃଦ୍ଧି କାହାଣୀରେ ମହିଳାମାନେ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ସେମାନେ ଏହା ଜାରି ରଖିବେ ବୋଲି ଇସ୍ତାହାରରେ ଉଲ୍ଲେଖ ରହିଛି।

- ବିନା ସୁଧରେ ମହିଳାଙ୍କୁ ୧୫ ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ। ଏପରି ଋଣ ପ୍ରଦାନରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ରାଜ୍ୟ ହେବାକୁ ଯାଉଛି।
- ଆସନ୍ତା ୫ ବର୍ଷ ମଧ୍ୟରେ ଏସ୍‌ଏଚ୍‌ଜିଗୁଡ଼ିକୁ ୧.୫ ଲକ୍ଷ କୋଟି ଟଙ୍କାର ଆର୍ଥିକ ଲିଙ୍କେଜ୍ ଦେଇ ସେମାନଙ୍କ ନିକଟକୁ ୨୫୦୦ କୋଟି ଟଙ୍କାର ସୁଧ ଫେରାଇ ଦିଆଯିବ। ଏହା ସେମାନଙ୍କୁ ସେମାନଙ୍କର ବ୍ୟବସାୟକୁ ଇନ୍ଧନ ଯୋଗାଇବାରେ ସାହାଯ୍ୟ କରିବ ଏବଂ ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ଇ ରୂପାନ୍ତର ତ୍ୱରାନ୍ୱିତ କରିବ।
- ଏସ୍‌ଏଚ୍‌ଜିକୁ ଆଗାମୀ ୧୦ ବର୍ଷରେ ୨୦ ହଜାର କୋଟିର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ।
- ବ୍ୟକ୍ତିଗତ ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ବ୍ୟବସାୟ ଆରମ୍ଭ ଏବଂ ବୃଦ୍ଧି ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ସବସିଡିଯୁକ୍ତ ଋଣ ଯୋଗାଇବା ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ସହିତ ସହାୟତା କରାଯିବ।
- ମିଶନ୍ ଶକ୍ତି ମହିଳାଙ୍କ ପାଇଁ ପେନ୍‌ସନ୍ ରହିବ। ସମସ୍ତ ତୃଣମୂଳ ସ୍ତରର ମହିଳା କର୍ମୀ, ସମ୍ପ୍ରଦାୟର ସହାୟତା କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଏବଂ ଆଶା ଦିଦିମାନଙ୍କୁ ବିଏସ୍‌କେୱାଇ କଭରେଜ୍ ଏବଂ ସାମାଜିକ ସୁରକ୍ଷା ପେନସନ ମଧ୍ୟ ପାଇବେ।

### ମହିଳାଙ୍କ ପାଇଁ ବଢ଼ିବ ବିଏସ୍‌କେୱାଇ ପରିସର

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଜାରି ରହିବା ସହ ଏହାକୁ ଆହୁରି ବିସ୍ତାର କରାଯିବ। ୪୦ ବର୍ଷରୁ ଅଧିକ ବୟସର ମହିଳାମାନଙ୍କ କ୍ଷେତ୍ରରେ ସାଧାରଣତଃ ଦେଖାଦେଉଥିବା ସ୍ତନ କର୍କଟ ଓ ଗର୍ଭାଶୟ କର୍କଟ ସ୍କ୍ରିନିଂ ଆଦି ଚିକିତ୍ସାର ସୁବିଧା ପାଇବେ।



### ୨ ଲକ୍ଷ କୋଟି ହେବ ଜେଣ୍ଡର ବଜେଟ

ଝିଅ, ଭଉଣୀ ଏବଂ ମା'ମାନଙ୍କ ପାଇଁ ଜେଣ୍ଡର ବଜେଟରେ ଆବଣ୍ଟନକୁ ୨୦୩୬ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯିବ। ଏହା ଫଳରେ ରାଜ୍ୟର ୫୦ ପ୍ରତିଶତ ଲୋକ ଉପକୃତ ହେବେ।

## ବଢ଼ିବ 'ନୂଆ ଓ' ଛାତ୍ରବୃତ୍ତି ରାଶି: ଝିଅଙ୍କୁ ୧୪ ହଜାର, ପୁଅଙ୍କୁ ୧୨ ହଜାର

#ନୂଆ-ଓ ଛାତ୍ରବୃତ୍ତି

ପାଠ ପଢ଼ିବା ପାଇଁ ଅର୍ଥାଭାବ ଏବେ ଆଉ ଆଦୌ ସମସ୍ୟା ହୋଇ ରହିବ ନାହିଁ। ସମସ୍ତେ ପଢ଼ିବେ, ସମୃଦ୍ଧ ଓଡ଼ିଶାର ସାରଥି ହେବେ। ସେଥିପାଇଁ ନିଜ ଇସ୍ତାହାରରେ ନୂଆ ଓ ଛାତ୍ରବୃତ୍ତିକୁ ବୃଦ୍ଧି କରିବାକୁ ବିଜେଡି ଘୋଷଣା କରିଛି। ରାଜ୍ୟରେ ପୁନର୍ବାର ବିଜେଡି ସରକାର ଆସିବା ପରେ ବାଳିକାମାନଙ୍କ ପାଇଁ ବାର୍ଷିକ ୧୪, ୦୦୦ ଏବଂ ପୁଅମାନଙ୍କ ପାଇଁ ବାର୍ଷିକ ୧୨, ୦୦୦ ଟଙ୍କା ନୂଆ ଓ ଛାତ୍ରବୃତ୍ତକୁ ବୃଦ୍ଧି କରାଯିବ। ବର୍ତ୍ତମାନ ଏହି ରାଶି ଯଥା ପୁଅଙ୍କୁ ୯ ହଜାର ଓ ଝିଅଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ସେହିପରି ସରକାରୀ ପ୍ରବେଶ ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟତା ହାସଲ କରିବା ପରେ ଡିପ୍ଲୋମା ଏବଂ ଡିଗ୍ରୀ ପାଠ୍ୟକ୍ରମ କରୁଥିବା କଲେଜରେ ପଢୁ ଥିବା ସମସ୍ତ ଯୋଗ୍ୟ ଛାତ୍ରଙ୍କୁ ଏହା ପ୍ରଦାନ କରାଯିବ।

**■ ପ୍ରଥମ, ଅନନ୍ୟ ଓ ବିରଳ**

## ୧ ଲକ୍ଷ କୋଟିର ଯୁବ ବଜେଟ

ଯୁବଶକ୍ତିଙ୍କ ନିକଟରେ ହିଁ ରାଜ୍ୟ, ଦେଶର ପରିଚୟକୁ ସୁରକ୍ଷିତ ଏବଂ ସୁଦୃଢ଼ ରଖିପାରିବାର କ୍ଷମତା ରହିଛି। ଯାହାକୁ ହୃଦ୍‌ବୋଧ କରିପାରିଛନ୍ତି ନବୀନ। ରାଜ୍ୟର ଯୁବକ ହିଁ ଓଡ଼ିଶା ସଫଳତାର କାହାଣୀ ଲେଖିବେ। ଏକ ନମ୍ବର ରାଜ୍ୟର ଭବିଷ୍ୟତ ଲେଖିବା ପାଇଁ ସେମାନଙ୍କୁ ସଶକ୍ତ ଓ ସମୃଦ୍ଧ କରିବେ ରାଜ୍ୟ ସରକାର। ଏଥିପାଇଁ ରାଜ୍ୟର ଯୁବକମାନଙ୍କ ପାଇଁ ୧୦ ବର୍ଷରେ ଏକ ଲକ୍ଷ କୋଟି ଟଙ୍କାର ଅଲଗା ବଜେଟ ରଖିବ ବୋଲି ବିଜେଡି ନିଜ ଇସ୍ତାହାରରେ ଦର୍ଶାଇଛି। ଏହି ଯୁବ ବଜେଟ ଜଳବାୟୁ ଏବଂ ଜେଣ୍ଡର ବଜେଟ ଭଳି ବିଧାନସଭାରେ ଉପସ୍ଥାପିତ ହେବ। ଯୁବକମାନଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶକୁ ଆଧାର କରି ପ୍ରତିବର୍ଷ ଏଥିରୁ ୧୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ବିଶ୍ୱରେ ଏହା ପ୍ରଥମ ପ୍ରକାରର ପ୍ରୟାସ ହେବ, ଯେଉଁଠାରେ ଯୁବକମାନେ ନିଜ ପରିଚୟ ଏବଂ ଓଡ଼ିଶାର ପରିଚୟ ସୃଷ୍ଟି କରିପାରିବେ।



**■ ୨ ଲକ୍ଷକୁ ବୃଦ୍ଧି ହେବ ସ୍ୱୟମ୍ ଉଦ୍ୟୋଗୀ ଋଣ**

## ୫ ବର୍ଷରେ ୨ ଲକ୍ଷ ସରକାରୀ ଚାକିରି

ଆସନ୍ତା ୫ ବର୍ଷରେ ରାଜ୍ୟର ଯୁବ ବର୍ଗଙ୍କୁ ୨ ଲକ୍ଷ ସରକାରୀ ଚାକିରି ଯୋଗାଇ ଦିଆଯିବ। ସ୍ୱୟମ୍ ଉଦ୍ୟୋଗୀ ଋଣ ପରିମାଣକୁ ବ୍ୟାପକ କଭରେଜ୍ ସହିତ ଏକ ଲକ୍ଷରୁ ୨ ଲକ୍ଷକୁ ବୃଦ୍ଧି କରାଯିବ ବୋଲି ବିଜେଡି ଘୋଷଣା କରିଛି। ଓଡ଼ିଶାରେ ଏକ ନୂତନ କୌଶଳ ଓ ଉଦ୍ୟୋଗୀ ବିଶ୍ୱବିଦ୍ୟାଳୟ, ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି ଏବଂ ଏଆଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ସେହିପରି ଆମେ ରାଜ୍ୟରେ ଷ୍ଟାର୍ଟ ଅପ୍ ଇକୋସିଷ୍ଟମକୁ ଆହୁରି ମଜଭୁତ କରିବୁ ଏବଂ ସକ୍ରିୟ ଭାବରେ ଯୁବକମାନଙ୍କର ଉଦ୍ୟୋଗକୁ ସମର୍ଥନ କରିବୁ। 'ଓ ହବ'କୁ ଆହୁରି ବିସ୍ତାର କରାଯିବ ଏବଂ ଷ୍ଟାର୍ଟ ଅପ୍ ପାଇଁ ପ୍ଲଗ୍ ଆଣ୍ଡ ପ୍ଲେ କୋ ୱାର୍କିଂ ପ୍ଲେସ ସହ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଏହି ସମସ୍ତ ପଦକ୍ଷେପ ଯୁବକମାନଙ୍କୁ ସଶକ୍ତ କରିବା ଏବଂ ଓଡ଼ିଶାକୁ ଏକ ବୃହତ ଅଭିବୃଦ୍ଧି ପଥରେ ଆଗେଇ ନେବାକୁ ସକ୍ଷମ କରିବ ବୋଲି ବିଜେଡି କହିଛି।

**ପ୍ରତିଶ୍ରୁତି ପ୍ରାଥମିକତା**

## ୨୦୩୪ ସୁଦ୍ଧା ସ୍ୱାସ୍ଥ୍ୟ କ୍ଷେତ୍ରରେ ସର୍ବାଧିକ ଅର୍ଥ ଖର୍ଚ୍ଚ କରିବ ଓଡ଼ିଶା

ଇସ୍ତାହାରରେ ବିଜେଡି କହିଛି ଯେ ରାଜ୍ୟରେ ପ୍ରାୟ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଆମେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନୁବନ୍ଧିତ ଡାକ୍ତରଖାନାର ନେଟୱର୍କକୁ ଆହୁରି ବିସ୍ତାର କରିବୁ। ଜିଏସଡିପିର ଶତକଡ଼ା ହିସାବରେ ଓଡ଼ିଶାର ସ୍ୱାସ୍ଥ୍ୟ ଖର୍ଚ୍ଚ ୨୦୩୪ ସୁଦ୍ଧା ଦେଶରେ ସର୍ବାଧିକ ହେବ। ସେହିପରି ଦେଶର ସମସ୍ତ ରାଜ୍ୟ ମଧ୍ୟରୁ ଆସନ୍ତା ୧୦ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ଉପରେ ଓଡ଼ିଶାର ଲୋକମାନଙ୍କ ପକେଟ୍‌ରୁ ସବୁଠୁ କମ୍ ଖର୍ଚ୍ଚ ହେବ ବୋଲି ବିଜେଡି ପ୍ରତିଶ୍ରୁତି ଦେଇଛି। ଏହାସହ ଫୁଲବାଣୀ, ଯାଜପୁର ଏବଂ ତାଳଚେରରେ ନୂଆ ମେଡିକାଲ କଲେଜଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ ଏବଂ ଅନ୍ୟ ମେଡିକାଲ କଲେଜଗୁଡ଼ିକୁ ଆହୁରି ସୁଦୃଢ଼ କରାଯିବ। ଏମକେସିଜି ବ୍ରହ୍ମପୁର ଓ ଭିମସାର ବୁର୍ଲାରେ ବ୍ୟାପକ ଭିତ୍ତିଭୂମି ବିକାଶ କରାଯିବ।



## ଶିଳ୍ପ କ୍ଷେତ୍ରରେ ଶିଖର ଛୁଇଁବ ଓଡ଼ିଶା

ଓଡ଼ିଶା ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ଆକୃଷ୍ଟ କରିବା ଜାରି ରଖିବ ବୋଲି ବିଜେଡି ଇସ୍ତାହାରରେ ପ୍ରତିଶ୍ରୁତି ପ୍ରଦାନ କରିଛି। ବିଜୁ ଏକ୍ସପ୍ରେସୱେ ସହିତ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାରେ ବିଜୁ ଅର୍ଥନୈତିକ କରିଡରର ବିକାଶ, ଶିଳ୍ପ ପ୍ରତିଷ୍ଠା ପାଇଁ ସମସ୍ତ ସୁବିଧା ସହିତ ସୁପରିକଳ୍ପିତ ଶିଳ୍ପ ପାର୍କ ପ୍ରତିଷ୍ଠା କରାଯିବ। ପାରାଦ୍ୱୀପ, ଧାମରା, ଗୋପାଳପୁର, ସୁବର୍ଣ୍ଣରେଖା ଏବଂ ଅନ୍ୟାନ୍ୟ ବନ୍ଦର ନିକଟରେ ବୃହତ ଶିଳ୍ପ କ୍ଷେତ୍ରର ବିକାଶ କରାଯିବ ଯାହାଦ୍ୱାରା ବନ୍ଦର ଭିତ୍ତିକ ଶିଳ୍ପ ଅଭିବୃଦ୍ଧି ସମ୍ଭବ ହୋଇପାରିବ। ସମ୍ବଲପୁର ଏବଂ ପୁରୀ ଅଞ୍ଚଳରେ ଯୁଗପୋଯୋଗୀ ଅର୍ଥନୈତିକ ଉଦ୍ୟୋଗର ବିକାଶକୁ ପ୍ରାଥମିକତା ଦିଆଯିବ। କଳିଙ୍ଗନଗର, ଝାରସୁଗୁଡ଼ା, ବଡବିଲ, ରାଉରକେଲା, ସମ୍ବଲପୁର ଆଦି ସ୍ଥାନରେ ଇସ୍ପାତ ଆଧାରିତ ୟୁନିଟ ଏବଂ ଆଲୁମିନିୟମ ପାଇଁ ଡାଉନ ଷ୍ଟ୍ରିମ ପାର୍କର ବିକାଶ କରାଯିବ ବୋଲି ବିଜେଡି କହିଛି।



## ବିଏସ୍‌କେୱାଇ ନବୀନ କାର୍ଡରେ ଯୋଡ଼ିହେବେ ସମସ୍ତ ବର୍ଗ




ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟବାସୀ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବରଦାନ ସାଜିଛି। ଏହି ଯୋଜନାରେ ଉପକୃତ ହେଉଥିବା ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ମାସିକ ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଜେଡିର ନିର୍ବାଚନୀ ଇସ୍ତାହାରରେ ଏନେଇ ଆଉ କେତେକ ନୂଆ ଘୋଷଣା କରାଯାଇଛି। ନୂଆ ଘୋଷଣାରେ ବିଏସ୍‌କେୱାଇ ନବୀନ କାର୍ଡ ପ୍ରବର୍ତ୍ତନ ପ୍ରାୟ ସମସ୍ତ ବର୍ଗଙ୍କୁ କଭରେଜ୍ କରିବ। ଏଥିରେ ମଧ୍ୟବିତ୍ତ, ସରକାରୀ କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକମାନେ ପର୍ଯ୍ୟାୟ କ୍ରମେ ଅନ୍ତର୍ଭୁକ୍ତ ହେବେ।

## ଶ୍ରମିକଙ୍କ ସାଥୀ ନବୀନ

ଇସ୍ତାହାରପତ୍ରରେ ବିଜେଡି କହିଛି ଯେ ଶ୍ରମିକମାନେ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ। ସେମାନେ ସମାଜ ନିର୍ମାଣରେ ବିପୁଳ ଯୋଗଦାନ ଦେଇଥାନ୍ତି। ସରକାରକୁ ଯଦି ବିଜେଡି ଆସେ ତା'ହେଲେ ମହିଳା ଶ୍ରମିକଙ୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠି ଦୁଇଗୁଣ ହେବ। ଶ୍ରମିକମାନଙ୍କ ପିଲାମାନଙ୍କ ପାଇଁ ଛାତ୍ରବୃତ୍ତି ସହ ଅଣସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ମୃତ୍ୟୁ ବାବଦରେ ପରିବାରକୁ ୨ଲକ୍ଷ ଟଙ୍କାର କ୍ଷତିପୂରଣ ମିଳିବ। ଶିଳ୍ପ-ବ୍ୟବସାୟିକ ପ୍ରତିଷ୍ଠାନ ନିକଟରେ ୫୦୦ଟି ସୁଲଭ ଶିଶୁ ଯତ୍ନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ।

# ଜଗତସିଂହପୁର ଲୋକସଭା ଓ ୪ ବିଧାନସଭା ପାଇଁ ନାମାଙ୍କନ ଦାଖଲ କଲେ ୧୪ ପ୍ରାର୍ଥୀ







**ଜଗତସିଂହପୁର,୧୦।୫(ସମିସ)**

:ନାମାଙ୍କନ ପତ୍ର ଦାଖଲର ଚତୁର୍ଥ ଦିନରେ ଜଗତସିଂହପୁର ଲୋକସଭା ଓ ୪ଟି ବିଧାନସଭା ପାଇଁ ସମୁଦାୟ ୧୪ ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ସକାଳେ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଝଙ୍କଡ଼ ବାସିନୀ ମା ଶାରଳାଙ୍କ ପୀଠକୁ ଯାଇ ମା'ଙ୍କର ଆଶୀର୍ବାଦ ନେବା ସହ ଆଜ୍ଞାମାଳ ନେଇ ସେଠାରୁ ନାମାଙ୍କନ ପତ୍ର ଦାଖଲ କରିବାକୁ ବାହାରିଥିଲେ। ନିଜ ନିର୍ବାଚନମଣ୍ଡଳୀର ବାଲି ଭଉଁରୀ ଛକଠାରୁ ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କ ସହ ଏକ ସୁସଜ୍ଜିତ ଖୋଲା ଜିପରେ ପାଖାପାଖି ୧୦ କିଲୋମିଟର ବାଟ ଏକ ବିଶାଳ ଶୋଭାଯାତ୍ରାରେ ନିଜ ସମର୍ଥକ ମାନଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ । ୧୦୪ ଜଗତସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଆଜି ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ନିକଟରେ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଶ୍ରୀ ମୁଦୁଲି ନାମାଙ୍କନ ପତ୍ର ଦାଖଲ କରିଥିଲେ ।ସେହିପରି ୧୬ ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଅନୁପମ ସାହା ଙ୍କ ନିକଟରେ କମୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ ର ପ୍ରାର୍ଥୀ ରମେଶ ଚନ୍ଦ୍ର ସେଠୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତାଙ୍କ ସହିତ ଦଳର ରମଣୀ ରଞ୍ଜନ ରାଉତରାୟ, ଅଜୟ ସାମଲ, ସୁହାନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ ।ସେହିପରି ଜଗତସିଂହପୁର ଲୋକସଭା ସଂରକ୍ଷିତ ଆସନ ପାଇଁ ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ବିଭୁତି ଭୂଷଣ ମାଝୀ, ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ଏସିଆଇ ପାର୍ଟିର ପ୍ରାର୍ଥୀ ପିୟୁଷ ଦାସ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ୧୦୪- ଜଗତସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଆଜି ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ନିକଟରେ ଭାରତୀୟ ଜାତୀୟ କଂଗ୍ରେସ ର ପ୍ରାର୍ଥୀ ପ୍ରତିମା ମଲ୍ଲିକ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ୧୦୧- ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆଜି ୪ ଜଣ ପ୍ରାର୍ଥୀ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରାଙ୍କ ନିକଟରେ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ସିପିଆଇର ଜିନ୍ମୟୀ ସାହାଣୀ, ଭାରତୀୟ ଜନତା ପାର୍ଟି ର ସମ୍ପଦ ଚନ୍ଦ୍ର ସ୍ୱାଇଁ, ଭାରତୀୟ ଜାତୀୟ କଂଗ୍ରେସର ନିରଞ୍ଜନ ନାୟକ ଓ ବିଜୁ ଜନତା ଦଳ ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ। ଅନ୍ୟ ପକ୍ଷରେ ୧୦୩ ବାଲିକୁଦା -ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ରାକେଶ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସମ୍ବିତ୍ ରାଉତଙ୍କ ନିକଟରେ ଓ ୧୦୨- ତିର୍ତ୍ତୋଲ ବିଧାନସଭା(ସଂ) ନିର୍ବାଚନମଣ୍ଡଳୀ ନିମନ୍ତେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ରାଜକିଶୋର ବେହେରା, ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଅଭିମନ୍ୟୁ ବେହେରା ଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ।

## କଂଗ୍ରେସ ପ୍ରାର୍ଥୀ ନିରଞ୍ଜନଙ୍କ ନାମାଙ୍କନ

**ପାରାଦୀପ, ୧୦।୫ (ସମିସ) :** ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପକ୍ଷରୁ ଆଜି ପ୍ରାର୍ଥୀପତ୍ର ଦାଖଲ କଲେ ନିରଞ୍ଜନ ନାୟକ ।ଆଜି ଅକ୍ଷୟ ତୃତୀୟା ଅବସରରେ ସକାଳେ ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ ମନ୍ଦିରରେ ସମର୍ଥକଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରିଥିଲେ କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ । ଏହା ପରେ ପାରାଦୀପ ଜଗନ୍ନାଥ ମନ୍ଦିରଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ। ପାରାଦୀପଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ନିରଞ୍ଜନଙ୍କୁ ଦଳୀୟ କର୍ମୀମାନେ ଭବ୍ୟ ସ୍ୱାଗତ କରି ଶୋଭାଯାତ୍ରାରେ ସାମିଲ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପାରାଦୀପ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ନିରଞ୍ଜନ ନାୟକ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।



### ବେଆଇନ କୋଇଲା ପରିବହନ ପାଇଁ ପାରାଦୀପ ପରିବେଶ ପ୍ରଦୂଷିତ

## ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

**କଟକ, ୧୦।୫(ସମିସ):** ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପ ସହରାଞ୍ଚଳ ଦେଇ ଯାଇଥିବା ଭୁତମୁଣ୍ଡାଇ-ଅଠରବାଙ୍କୀ ଜାତୀୟ ରାଜପଥ ଅଞ୍ଚଳ ସମେତ ପାରାଦ୍ୱୀପ ସହର ବେଆଇନ କୋଇଲା ପରିବହନ ପାଇଁ ପ୍ରଦୂଷିତ ହେଉଥିବା ଅଭିଯୋଗରେ ରୁଜୁ ମାମଲାକୁ ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ (ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ପ୍ରିୟବ୍ରତ ଉତ୍ତମ ନାୟକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ସମସ୍ତ ପ୍ରତିପକ୍ଷଙ୍କୁ ଏନଜିଟି ନୋଟିସ୍ ଜାରି କରିଛନ୍ତି। ସ୍ଥିତି ଅନୁଧ୍ୟାନ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଏନଜିଟି ଏକ କମିଟି ଗଠନ କରିଛନ୍ତି । ଏହି କମିଟିରେ ଜଗତସିଂହପୁର ଜିଲ୍ଲାପାଳ କିମ୍ବା ଏଡିଏମ ପାହ୍ୟାର ଅଧିକାରୀ, ରାଜ୍ୟ ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଲେଖାଁଏ ବରିଷ୍ଠ ବୈଜ୍ଞାନିକ ରହିବେ ବୋଲି ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଜଗତସିଂହପୁର ଜିଲ୍ଲାପାଳ ଏହି କମିଟିର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ। କମିଟି ଘଟଣା ସ୍ଥଳ ପରିଦର୍ଶନ କରି ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବ। ଏଥିସହ କମିଟି ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସତ୍ୟପାଠ ଦାଖଲ କରିବ।

ମାମଲାରୁ ପ୍ରକାଶ ଯେ ଭୂତମୁଣ୍ଡାଇ-ଅଠରବାଙ୍କୀ ୫(କ)ଜାତୀୟ ରାଜପଥ ତଥା ପାରାଦ୍ୱୀପ ସହର ଦେଇ ଦୈନନ୍ଦିନ ୫ରୁ୧୦ହଜାର କୋଇଲା ବୋଝେଇ ଟ୍ରକ ଚଳାଚଳ କରୁଛି। କୋଇଲାକୁ ଆବଦ୍ଧ କରି ନିଆଯାଉ ନଥିବାରୁ ବହୁ ପରିମାଣରେ କୋଇଲା ଗୁଣ୍ଡ ଉଡ଼ି ପରିବେଶ ପ୍ରଦୂଷିତ କରୁଛି। ଏଥିସହ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଫୁସଫୁସ୍ ସଂକ୍ରାନ୍ତ ରୋଗ ବୃଦ୍ଧି ପାଉଛି। ଓଡ଼ିଶା ସରକାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପାରାଦ୍ୱୀପ ମ୍ୟୁନସିପାଲଟି, ଜାତୀୟ ରାଜପଥ ପ୍ରାଧିକରଣ ଓ ଜଗତସିଂହପୁର ଜିଲ୍ଲାପାଳଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ୨୦୨୪, ଜୁଲାଇ ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଫରାଜ ସୁହେଲ ମାମଲା ପରିଚାଳନା କରୁଛନ୍ତି।

## ଖାଉଟି ସୁରକ୍ଷା ଆଇନ ଅନୁସାରେ ପିଡିଏସ୍ ହିତାଧିକାରୀ ଜଣେ ଉପଭୋକ୍ତା: ହାଇକୋର୍ଟ

କଟକ, ୧୦।୫(ସମିସ): ପିଡିଏସ୍ (ସାଧାରଣ ବଣ୍ଟନ ବ୍ୟବସ୍ଥା) ହିତାଧିକାରୀଙ୍କୁ ଜଣେ ଉପଭୋକ୍ତା ବା ଗ୍ରାହକ ଭାବେ ବିବେଚନା କରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପିଡିଏସ ହିତାଧିକାରୀ ବ୍ୟକ୍ତିଗତ ଉପଯୋଗ ପାଇଁ ଆବଶ୍ୟକ ସାମଗ୍ରୀ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ମାଧ୍ୟମରେ ପାଇଥାନ୍ତି। ତେଣୁ ଖାଉଟି ସୁରକ୍ଷା ଆଇନ ଅନୁସାରେ, ପିଡିଏସ ହିତାଧିକାରୀଙ୍କୁ ଜଣେ ଗ୍ରାହକ ବୋଲି ବିବେଚନା କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଯୋଗାଣ ବିଭାଗର ଜନୈକ ଡିଲର ଏସ. ତ୍ରିପାଠୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ପିଡିଏସ ହିତାଧିକାରୀ ଜଣେ ଗ୍ରାହକ ଓ ତାଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯାଉ ବୋଲି ଜଗତସିଂହପୁର ଜିଲ୍ଲା ଖାଉଟି ବିବାଦ ସମାଧାନ କମିସନ୍ ୨୦୨୦, ନଭେମ୍ବର ୩ରେ ପ୍ରଦାନ କରିଥିବା ଆଦେଶ କାଏମ ରହିଛି ଓ ଏହା ବିରୋଧରେ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ପିଡିଏସ ସାମଗ୍ରୀ ପାଉଥିବା ହିତାଧିକାରୀ ଖାଉଟି ସୁରକ୍ଷା ଆଇନ ଅନୁସାରେ ଜଣେ ଉପଭୋକ୍ତା ନୁହେଁ ବୋଲି ହାଇକୋର୍ଟରେ ଦାୟର ଆବେଦନରେ ଉଲ୍ଲେଖ କରାଯାଇଥିଲା। ପିଡିଏସ ସାମଗ୍ରୀ ନ ମିଳିବା ପ୍ରସଙ୍ଗ ନେଇ ଖାଉଟି କମିସନରେ ମାମଲା ଦାୟର କରିବା ବଦଳରେ ହିତାଧିକାରୀ ଜଣକ ଜିଲ୍ଲା ଅଭିଯୋଗ ସମାଧାନ ଅଧିକାରୀଙ୍କ ଦ୍ୱାରସ୍ଥ ହେବା କଥା ବୋଲି ଦର୍ଶାଯାଇଥିଲା।

ମାମଲାରୁ ପ୍ରକାଶ ଯେ ଜଣେ ମହିଳାଙ୍କ ରାସନ୍ କାର୍ଡ ରହିଥିବା ବେଳେ ତାଙ୍କୁ ପିଡିଏସ ସାମଗ୍ରୀ ନମିଳିବା ନେଇ ସେ ଜଗତସିଂହପୁର ଖାଉଟି କମିସନରେ ୨୦୧୮ରେ ମାମଲା ଦାୟର କରିଥିଲେ। ଖାଉଟି କମିସନ ମାମଲାର ଶୁଣାଣି କରି ହିତାଧିକାରୀ ମହିଳା ପିଡିଏସ ସାମଗ୍ରୀ ପାଇବାକୁ ଯୋଗ୍ୟ ବୋଲି ମତ ଦେଇଥିଲେ। ଖାଉଟି କମିସନଙ୍କ ୨୦୨୦, ନଭେମ୍ବର ୩ର ରାୟକୁ ଚାଲେଞ୍ଜ କରି ପିଡିଏସ ସାମଗ୍ରୀର ପ୍ରାଧିକୃତ ଡିଲର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଶିଶୁରୋଗ ବିଶେଷଜ୍ଞଙ୍କ ପତ୍ନୀ ବିୟୋଗ

**ରଘୁନାଥପୁର,୧୦।୫(ସମିସ):** ରଘୁନାଥପୁର ଅଞ୍ଚଳର ସୁନାମଧନ୍ୟ ଶିଶୁ ରୋଗ ବିଶେଷଜ୍ଞ ଡ.ରାଜକିଶୋର ବରାଳଙ୍କ ପତ୍ନୀ ଶକୁନ୍ତଳା ବରାଳ (୭୨)ଙ୍କ ଗତକାଲି ହୃଦଘାତରେ ଜଗନ୍ନାଥପୁରସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଜଣେ ମେଳାପୀ, ପରୋପକାରୀ, ଶ୍ରଦ୍ଧାଳୁ, ଧର୍ମପରାୟଣା ମହିଳା ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ପ୍ରଭାକର ଖଟୁଆ, ନିର୍ମଳ ମହାପାତ୍ର, କାର୍ତ୍ତିକ ସାହୁ, ସରପଞ୍ଚ ଅନାଦି ଚରଣ ସିଂହ, ସରୋଜ ବରାଳ, ଗୋଲେଖ ସାହୁଙ୍କ ସମେତ ଏ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପାର୍ଥିବ ଶରୀର ନିକଟରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ମର ଶରୀରକୁ ତାଙ୍କ ଗ୍ରାମ କୁଣ୍ଟିଆରକୁ ଅଣାଯାଇ ଗ୍ରାମ ମଶାଣିରେ ଗ୍ରାମବାସୀ, ପରିବାର ସଦସ୍ୟ ଓ କୁଟୁମ୍ବ ଶରତ ଚନ୍ଦ୍ର ବରାଳ, ସରୋଜ ବରାଳ, ରଜନୀ ପଟ୍ଟନାୟକ, କାର୍ତ୍ତିକ ବସ୍ତିଆଙ୍କ ଉପସ୍ଥିତିରେ ଶେଷକୃତ ସମ୍ପନ୍ନ କରା ଯାଇଥିଲା। ପୁତ୍ର ସୀତାଂଶୁ ଶେଖର ବରାଳ ମାଙ୍କର ମୁଖାଗ୍ନି ଦେଇଥିଲେ।

## ନାରାୟଣୀ ପୀଠରେ ୪୩ତମ ବିଶ୍ୱଶାନ୍ତି ମହାଯଜ୍ଞ

**ରଘୁନାଥପୁର,୧୦।୫(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁରସ୍ଥିତ ମହାନଦୀ କୂଳରେ ଅବସ୍ଥାପିତ ପ୍ରସିଦ୍ଧ ନାରାୟଣୀ ପୀଠ ପରିସରରେ ଆଜି ପବିତ୍ର ଅକ୍ଷୟ ତୃତୀୟା ଦିବସରେ ୫ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ କରାଯାଇଛି। ଏଥିନିମନ୍ତେ ଗତକାଲି ଅଧିବାସ ଓ ଅଙ୍କୁରାରୋପଣ କରାଯିବା ପରେ ଆଜି ୧୦୮ କଳସ ଯାତ୍ରା, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ ଏବଂ ଗ୍ରାମରେ ଥିବା ସର୍ବ ଦେବାଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରା ଯାଇଥିଲା। ମେ ୧୧ତାରିଖରେ ଗୋପୂଜା, ସୂର୍ଯ୍ୟନାରାୟଣ ପୂଜା, ରୁଦ୍ରାଭିଷେକ, ୧୨ତାରିଖରେ ଯଜ୍ଞାହୁତି ପ୍ରଦାନ, ୧୩ ତାରିଖରେ ଅଷ୍ଟମ ପ୍ରହର ନାମଯଜ୍ଞର ଅଧୀବାସ କରାଯିବ। ଆସନ୍ତା ମେ ୧୪ତାରିଖ(ମଙ୍ଗଳବାର) ଦିନ ଯଜ୍ଞର ପୂର୍ଣ୍ଣାହୁତି କରାଯିବା ସହ ନାମଯଜ୍ଞ ଓ କଟକ ସୁର ଲହରୀ କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ କରାଯିବ। ଏହି ଯଜ୍ଞରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ମା'ଙ୍କ ଆଶୀଷ ଭିକ୍ଷା ଲାଭ କରିବାକୁ କମିଟି ପକ୍ଷରୁ ମଧୁସୂଦନ ସାହୁ, ନବଘନ ରାଉତ, ରାଜୀବ ଚରଣ ସାହୁ, ପ୍ରଦୀପ ନାୟକ, ପ୍ରବୀର ସ୍ୱାଇଁ, ପ୍ରତାପ ରାଉତ, ବିଜୟ ରାଉତ ନିବେଦନ କରିଛନ୍ତି।

## କାଳବୈଶାଖୀ ପ୍ରଭାବରେ ବଳଦେବଜୀଉ ବନ ପ୍ରକଳ୍ପର ବ୍ୟାପକ କ୍ଷତି

**ଡେରାବିଶ, ୧୦।୫ (ସମିସ):** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ାସ୍ଥିତ ବଳଦେବଜୀଉ ବନ ପ୍ରକଳ୍ପରେ ଗତ ମଙ୍ଗଳବାର ଅପରାହ୍ନରେ ହୋଇଥିବା କାଳବୈଶାଖି ପ୍ରଭାବରେ ବ୍ୟାପକ କ୍ଷତି ହୋଇଥିବା ଜଣାଯାଇଛି। କେନ୍ଦ୍ରାପଡ଼ାର ପରମ ଆରାଧ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ଫାଶି ଓ ଆକାଶୀ ଭଳି କାଠ ଯୋଗାଇବା ପାଇଁ ଜୟଭାରତୀ ସମାଜ ତତ୍ତ୍ୱାବଧାନରେ ପରିଚାଳିତ ୭ ଏକର ଜମିରେ ନିର୍ମିତ ବଳଦେବଜୀଉ ବନ ପ୍ରକଳ୍ପ ରହିଛି। ଗତ ଫାଇଲିନ୍ ବାତ୍ୟାରେ ଏହି ଜଙ୍ଗଲରୁ ଶହଶହ ଗଛ ଉପୁଡ଼ି ଓ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ବେଳେ ସେଗୁଡ଼ିକୁ ସାଥୀସମାଜ ପକ୍ଷରୁ ବଳଦେବଜୀଉ ମନ୍ଦିର ଟ୍ରଷ୍ଟିଙ୍କୁ ପ୍ରଦାନ କରାଯାଇଥିଲା। ତେବେ ଗତ ମଙ୍ଗଳବାରଦିନ କଳବୈଶାଖିରେ ଅନେକ ଗଛ ଉପୁଡ଼ିବା ସହିତ କେତେଗୁଡ଼ିଏ ଭାଙ୍ଗିରୁଜି ଯାଇଥିବା ଦେଖାଯାଇଛି। ଏହାର ପୁନରୁଦ୍ଧାର ପାଇଁ ସରକାରଙ୍କ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି ସାଥୀ ସମାଜର ସମ୍ପାଦକ ନିରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଜୟଦେବଙ୍କ ଜୟନ୍ତୀ ପାଳିତ

**ଜଗତସିଂହପୁର,୧୦।୫(ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟଠାରେ ଓଡ଼ିଶାରେ ଜନ୍ମିତ ପ୍ରଖ୍ୟାତ ସଂସ୍କୃତ ଭାଷାର କବି ତଥା ଗୀତିଗୋବିନ୍ଦର ରଚୟିତା କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଅଧ୍ୟକ୍ଷତା କରି ଜୟଦେବ ଓଡିଶା ମାଟିର କବି ବୋଲି କହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜୟଦେବ ଦ୍ୱାଦଶ ଶତାବ୍ଦୀର କବି ବୋଲି କହିଥିଲେ । ସେ ଓଡ଼ିଶାର ପୁରୀ ଜିଲ୍ଲାର ଏକ ବ୍ରାହ୍ମଣ ଶାସନରେ ଜନ୍ମ ଗ୍ରହଣ କରିଥିଲେ । କବି ଜୟଦେବ ଜଗନ୍ନାଥ ମନ୍ଦିର ସହିତ ଜଡିତ ରହିଥିଲେ। ତାଙ୍କ ରଚିତ ଗୀତିଗୋବିନ୍ଦ ମନ୍ଦିରର ମହାରୀ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇ ଆସୁଛି । ସମଗ୍ର ଗୀତିଗୋବିନ୍ଦ କାବ୍ୟ କୃତିରେ ଶ୍ରୀରାଧା ଓ ଗୋପାଙ୍ଗନାମାନଙ୍କ ଶ୍ରୀକୃଷ୍ଣଙ୍କ ପ୍ରତି ପ୍ରଗାଢ଼ ପ୍ରୀତି ବର୍ଣ୍ଣିତ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।ଏଥିରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି,ସହକାରୀ ଜିଲ୍ଲାପାଳ ପ୍ରତାପ କୁମାର ଜେନା ପ୍ରମୁଖ ଯୋଗଦେଇ ଜୟଦେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ , ଜିଲ୍ଲା ସମାଜ କଲ୍ୟାଣ ବିଭାଗ ସେକ୍ସନ ଅଫିସର କବିତା ମୁର୍ମୁ, ସ୍ୱଳ୍ପ ସଂଚୟ ବିଭାଗର ଶାରଦା ପ୍ରସନ୍ନ ସାହୁ, ଝଲକ ଷଡ଼ଙ୍ଗୀ, ସୁରେନ୍ଦ୍ର ମଲ୍ଲିକ, ରାଧାମୋହନ ଜେନା ଉପସ୍ଥିତ ରହି ଜୟଦେବଙ୍କ ଫୋଟ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



## ଅକ୍ଷୟ ତୃତୀୟା ପାଳିତ



**ବାଲିକୁଦା,୧୦।୫ (ସମିସ) :** ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ପୋଦରୁଆଁ ଗ୍ରାମର ଗ୍ରାମବାସୀଙ୍କ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି ।ଏହି ଅବସରରେ ଦେବୀ ନଦୀ କୂଳରେ ମୁଠି ଅନୁକୂଳ ହୋଇଥିଲା ।ପ୍ରଥମେ ରୀତି ନୀତି ଅନୁଯାୟୀ ପୁରୋହିତ ପ୍ରସନ୍ନ ଶତପଥୀ ପୂଜା ଅର୍ଚ୍ଚନା କରିବା ପରେ ପାରମ୍ପରିକ ରୀତିରେ ବଳଦ ହଳ ଲଙ୍ଗଳ ସହାୟତାରେ ଚାଷ କରାଯାଇ ବିହନ ପକାଯାଇ ମୁଠି ଅନୁକୂଳ କରାଯାଇଥିଲା ।ଓଡ଼ିଶାର ଚାଷୀ ଆଜିର ଦିନରେ ଚାଷର ଶୁଭାରମ୍ଭ କଲେ କ୍ଷେତରେ ସୁନାର ଫସଲ ଅମଳ ହୋଇଥାଏ ବୋଲି ବିଶ୍ୱାସ ରଖିଥାନ୍ତି ।ଏହି କାର୍ଯ୍ୟକ୍ରମରେ ଗ୍ରାମର ସନ୍ତୋଷ କୁମାର ବିଶ୍ୱାଳ,ସତ୍ୟବ୍ରତ ବିଶ୍ୱାଳ,ବାଇଧର ବିଶ୍ୱାଳ,କଇନ ବିଶ୍ୱାଳ,କୈଳାଶ ଚନ୍ଦ୍ର ବିଶ୍ୱାଳ, ତପନ ବିଶ୍ୱାଳ,ଅଜୟ ମହାନ୍ତି,ଜଗନ୍ନାଥ ମହାନ୍ତି,ସଞ୍ଜୟ ବିଶ୍ୱାଳ,ପ୍ରତାପ ମହାନ୍ତି,ସତ୍ୟାନନ୍ଦ ବିଶ୍ୱାଳ,ଜୟରାମ ବିଶ୍ୱାଳ,ବିପିନ ବିଶ୍ୱାଳ,ବାବୁଲା ବିଶ୍ୱାଳଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

## କଲେଜ ଛାତ୍ରୀଙ୍କ ଅକାଳ ବିୟୋଗ



**ପଟ୍ଟାମୁଣ୍ଡାଇ,୧୦।୫(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ଅଳପୁଆଗ୍ରାମର ସ୍ମୃତିପ୍ରଜ୍ଞା ସାହୁ (୧୭)ଙ୍କର ଅକାଳ ବିୟୋଗ ଘଟିଛି । ଅଳପୁଆ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଚନ୍ଦନ ସାହୁ ଓ ପଟ୍ଟାମୁଣ୍ଡାଇ ପୌରପରିଷଦ ୧ନମ୍ବର ୱାର୍ଡର କାଉନସିଲର ଲକ୍ଷ୍ମୀପ୍ରିୟା ସାହୁଙ୍କ ଝିଅ ସ୍ମୃତି କଟକ ସରକାରୀ ବୋଷ କଲେଜରେ ଡିପ୍ଲୋମା ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ଗୁରୁତର ଅସୁସ୍ଥ ହୋଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ । ତାଙ୍କ ଅକାଳ ବିୟୋଗରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁ ଖବର୍ ପାଇ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ବିଜୁଜନତା ଦଳର ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା,ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଦସ୍ୟ ପ୍ରିୟଦର୍ଶନୀ ତରାଇ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ଅକାଳ ବିୟୋଗରେ କେନ୍ଦ୍ରାପଡା ବିଜେଡି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଶୋକ ପ୍ରକାଶ କରିବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ସ୍ମୃତିର ମରଶରୀରକୁ ଏକ ଶୋଭାଯାତ୍ରାରେ ନେଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।ଏଥିରେ ଗ୍ରାମବାସୀ ,ବନ୍ଧୁ, ପରିବାରବର୍ଗ ଓ ବୋଷ କଲେଜର ବହୁ ସାଙ୍ଗମାନେ ଭାଗ ନେଇ ଥିଲେ।

## ତାରପୁର ଶିବମନ୍ଦିରରୁ ଚୋରି

**ରଘୁନାଥପୁର,୧୦।୫(ସମିସ):** ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ବାନାମ୍ବର ଶିବମନ୍ଦିରରୁ ଦୁର୍ବୃତ୍ତମାନେ ଶିବ ମନ୍ଦିରର ଘର ତାଲା ଭାଙ୍ଗି ମନ୍ଦିର ଭିତରେ ପ୍ରବେଶ କରି ମନ୍ଦିର ଭିତରେ ଥିବା ଦୁଇଟି ହାତଘଣ୍ଟା, ବଡ଼ପିତଳ ଥାଳି, ଛୋଟପିତଳ ଥାଳି ୩ଟି, ୨ଟି ପିତଳ ହଣ୍ଡା , ପିତଳ ମୂର୍ତ୍ତି ୨ଟା, ରୂପାର ନଟରାଜ ମୂର୍ତ୍ତି ୧ଟି, ପିତଳ ଢ଼ାଳ ୨ଟି, ପିତଳ ଷଣ୍ଡମୂର୍ତ୍ତି ୧ଟି, ଠାକୁରଙ୍କ ଆଳତୀ ଦୀପଥାଳି ଆଦି ବିଭିନ୍ନ ସାମଗ୍ରୀ ଦୁର୍ବୃତ୍ତମାନେ ଚୋରିକରି ନେଇଛନ୍ତି। ଘଟଣା ସମ୍ପର୍କରେ ମନ୍ଦିର ସେବକ ଥିବା ବିଷ୍ଣୁ ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଗ୍ରହଣ କରି ରଘୁନାଥପୁର ଥାନା ଆଇଆଇସି. ସୁଶାନ୍ତ କୁମାର ସେଠୀ ମାମଲ ରୁଜୁ କରି ତଦନ୍ତ ଚଳାଇଛି ।

### ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ ପାଳିତ

## 'ଠିକ୍ ସମୟରେ ଚାଷୀଙ୍କୁ ପସନ୍ଦ ଅନୁସାରେ ବିହନ ଯୋଗାଣ ଉପରେ ଗୁରୁତ୍ୱ'

**ଜଗତସିଂହପୁର, ୧୦।୫(ସମିସ)**

ନିମକଣାସ୍ଥ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ଶୁକ୍ରବାର ସକାଳେ ଅନୁଷ୍ଠିତ ହୋଇଯାଇଛି ।ଏହି ଉପଲକ୍ଷେ ସକାଳ ୭.୩୦ ସମୟରେ ଭୂମିପୂଜନ, ଅର୍ଣ୍ଣପୂର୍ଣ୍ଣା ମା ଭୂମିଲକ୍ଷ୍ମୀଙ୍କୁ ଆବାହନ ଏବଂ ପୂର୍ବାହ୍ନ ୮.୩୦ରେ ଅକ୍ଷିମୁଠି ଅନୁକୂଳ କରାଯାଇଥିଲା । ଏଥିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଂଜୀବ କୁମାର ମୁଦାଲି ଯୋଗଦେଇ ବିହନ ଗୁଣେ ଫସଲ ବୋଲି କହିବା ସହିତ ଠିକ୍ ସମୟରେ ଓ ପସନ୍ଦ ଅନୁସାରେ ଚାଷୀଙ୍କୁ ଉନ୍ନତ ମାନର ବିହନ ଯୋଗାଣ ଉପରେ ଗୁରୁତାରୋପ କରିଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ,କୃଷି ବିଭାଗର ସମସ୍ତ ବ୍ଲକ କୃଷି ଅଧିକାରୀ ,ସହକାରୀ କୃଷି ଅଧିକାରୀ ,ଗ୍ରାମ୍ୟ କୃଷି କର୍ମଚାରୀ ଯୋଗ ଦେଇଥିଲେ। ସମସ୍ତ ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କୁ ନେଇ ସାଧାରଣ ସଭା କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ ଜୀବନଜିତ୍ ସେନ୍ ପବିତ୍ର ଅକ୍ଷୟ ତୃତୀୟାର ବୈଶିଷ୍ଟ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କୃଷି କ୍ଷେତ୍ରରେ ପ୍ରଗତି ବା ଉତ୍ପାଦନ ବଢ଼ାଇବା ଲକ୍ଷ୍ୟରେ ପ୍ରକୃତିକୁ ନଷ୍ଟ ନକରିବାକୁ ସେ ପରାମର୍ଶ ଦେଇଥିଲେ। ନିରବଚ୍ଛିନ୍ନ ଭାବରେ ରାସାୟନିକ ସାର ଓ କୀଟନାଶକ ଅବିଚାରିତ ଭାବରେ ପ୍ରୟୋଗ ଫଳରେ ମୃତ୍ତିକାର ମାନ ନଷ୍ଟ ହେଉଛି ବୋଲି କହିଥିଲେ। କୃଷି ରସାୟନବିତ୍ ସମଲେଇ ପରିଡା ମୃତ୍ତିକା ନମୁନା ସଂଗ୍ରହ ପାଇଁ ଆପ୍‌ର ପ୍ରଚଳନ ଉପରେ ବକ୍ତବ୍ୟ ରଖିଥିଲେ। କୃଷି ଜିଲ୍ଲା ଅଧିକାରୀ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ ରାସାୟନିକ କୃଷି ବଦଳରେ ଜୈବିକ ଚାଷ ଉପରେ ଗୁରୁତାରୋପ କରିଥିଲେ। ମାଟିର ସ୍ୱାସ୍ଥ୍ୟ ଓ ଉତ୍ପାଦନ କ୍ଷମତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଇଂ ସନ୍ତୋଷ କୁମାର ନାୟକ ଜଳସେଚନ ଆପ୍ ଉପରେ ବକ୍ତବ୍ୟ ରଖିଥିଲେ। ସହକାରୀ ନିର୍ଦ୍ଦେଶକ (ଉଦ୍ୟାନ କୃଷି) ଅନିଲ୍ କୁମାର ସେଠୀ ଉଦ୍ୟାନ ବିଭାଗର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସର୍ବଶେଷରେ ପ୍ରଭାସଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ନୃପଚରଣ ଓ ରତ୍ନାକର ବିଜେଡି ରାଜ୍ୟ ସମ୍ପାଦକ ନିଯୁକ୍ତ

**ଭୁବନେଶ୍ୱର, ୧୦।୫(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ନୃପଚରଣ ଦଣ୍ଡସେନା ଓ ରତ୍ନାକର କିଶାନଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫୁଲ୍ଲ ସୁନାନିଙ୍କୁ ସୁନ୍ଦରଗଡ଼ ସଦର ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ପ୍ରଭାତ ମହାନ୍ତିଙ୍କୁ ପଦ୍ମପୁର ବିଧାନସଭା କ୍ଷେତ୍ର ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ଅମରେଶ ପତ୍ରୀଙ୍କୁ ଦେବଗଡ଼ ବିଧାନସଭାର ନିର୍ବାଚନ ସଂଯୋଜକ ଏବଂ ଉଦଳା ବିଧାନସଭାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଅନୁପ କୁମାର ସାମଲ ଓ ସୁଶାନ୍ତ ଦାସଙ୍କୁ ରାଜ୍ୟ ଯୁବ ବିଜେଡିର ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିବା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହି ସୂଚନା ଦେଇଛନ୍ତି।

**ପ୍ରଫୁଲ୍ଲ ସୁନ୍ଦରଗଡ଼, ପ୍ରଭାତ ପଦମ୍ପୁର ବିଧାନସଭା କ୍ଷେତ୍ର ସଂଯୋଜକ**

# ଅନିମା ଓ ରାଜେନ୍ଦ୍ର ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର, ୧୦।୫(ସମିସ): କନ୍ଧମାଳ ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଅନିମା କହଁର ଏବଂ ଜିଲ୍ଲା ବିଜେଡି ସମ୍ପାଦକ ରାଜେନ୍ଦ୍ର କହଁରଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଦଳବିରୋଧୀ କାର୍ଯ୍ୟ ପାଇଁ ଉଭୟଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିବା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି।

# ଦୁର୍ଘଟଣା ନେଲା ୮ ଜୀବନ

**ଟିକିରି/ରଘୁନାଥପୁର/ଦାନଗଦି/ଝାରସୁଗୁଡ଼ା, ୧୦।୫ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଆଜି ୮ଜଣଙ୍କ ଜୀବନ ଯାଇଛି। ରାୟଗଡ଼ାରେ ଦୁଇ ବାଇକ୍ ମୁହାଁମୁହିଁ ହେବାରୁ ୨ଜଣ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ କାର୍ ଧକ୍କାରେ ୨ ବାଇକ୍ ଚାଳକ ଏବଂ ଯାଜପୁର ଜିଲ୍ଲାରେ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଗୁମାଡେରା ମାଉସୀ ମା' ମନ୍ଦିର ନିକଟରେ ଟାଟା ମ୍ୟାଜିକ୍ ଧକ୍କାରେ ୨ଜଣ ସ୍କୁଟି ଆରୋହୀ ପ୍ରାଣ ହରାଇଛନ୍ତି। ରାୟଗଡ଼ା ଜିଲ୍ଲାର ମୃତକ ନାବାଳକଦ୍ୱୟ ହେଲେ, ସାହିଲ ନାଏକ ଓ ସ୍ନେହାଶିଷ ଭତ୍ରା। କାଶୀପୁର ବ୍ଲକ୍ ଦୋରାଗୁଡ଼ା ଥାନା ଅନ୍ତର୍ଗତ ଦଶହରା ପଡ଼ିଆ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏହି ଅଘଟଣ ଘଟିଥିଲା। ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ଅନ୍ୟ ଏକ ବାଇକ୍‌ରେ ବସିଥିବା ଦୁଇ ଜଣ ମଧ୍ୟ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ଉତ୍କଳ ହସ୍ପିଟାଲ ଓ ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସେହିପରି ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ ବାଲିକୁଦାଠାରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦୁଇ ଯୁବକ ହେଲେ, ତଅଁରା ଗ୍ରାମର ଶାରଦା ବାରିକଙ୍କ ପୁଅ ଶୁକଦେବ ବାରିକ(୨୫) ଏବଂ ସେହି ଗ୍ରାମର ଅଶୋକ ବାରିକଙ୍କ ପୁଅ ଶଶିକାନ୍ତ ବାରିକ(୩୫)। ସେମାନେ ତଅଁରା-ବାଲିକୁଦା ରାସ୍ତାରେ ବାଇକ୍‌ରେ ଆସୁଥିବା ବେଳେ ଲକ୍ଷ୍ମୀଛକ ନିକଟରେ ଏକ କାର୍ ସହ ତାଙ୍କର ଧକ୍କା ହୋଇଥିଲା। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁଇ ବାଇକ ଆରୋହୀ କାର ତଳେ ପଶି ଯାଇଥିଲେ। ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଚୋରଦା-ଡୁବୁରୀ ରାସ୍ତାର ସାରଙ୍ଗପୁର ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ, ସାରଙ୍ଗପୁର ଗାଁର ଭଟା ମାଝୀ (୪୦)। ଦୁହେଁ ଏକ ବାଇକ୍‌ରେ ସୁକିନ୍ଦା ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ରାସ୍ତାରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ ପଛରେ ସେମାନଙ୍କ ବାଇକ୍‌ଟି ଦ୍ରୁତ ଗତିରେ ପିଟି ହୋଇଯାଇଥିଲା। ଅନ୍ୟ ଏକ ଘଟଣାକ୍ରମେ ଝାରସୁଗୁଡ଼ା ବେଲପାହାଡ଼ ଗୁମାଡେରା ମାଉସୀ ମା' ମନ୍ଦିର ନିକଟରେ ପ୍ରାଣ ହରାଇଥିବା ଦୁଇ ସ୍କୁଟି ଆରୋହୀ ହେଲେ, ଲଖନପୁର ସୁଲଦିଆ ଗ୍ରାମର ସନ୍ତୋଷ କିଶାନଙ୍କ ପତ୍ନୀ ମିଥିଲା କିଶାନ (୫୦) ଓ ଗୁମାଡେରା ମାଳିପଡ଼ାର ଅଭିମନ୍ୟୁ ପ୍ରଧାନ (୪୦)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଦୟାନିଧି ଧୁରୁଆ (୪୮) ଆହତ ହୋଇଛନ୍ତି।

# ଅଖିମୁଠି ଅନୁକୂଳ କଲେ ପ୍ରଣବ ପ୍ରକାଶ



**ସମ୍ବଲପୁର, ୧୦।୫ (ସମିସ):** ସମ୍ବଲପୁର ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରେଙ୍ଗାଲିରେ ଅଖିମୁଠି ଅନୁକୂଳ କରିଛନ୍ତି। ମୁଣ୍ଡରେ ପଗଡ଼ି, ହାତରେ ବାଡ଼ି ଧରି, ପୂରା ଚାଷୀ ବେଶରେ ପ୍ରଣବ ରେଙ୍ଗାଲିସ୍ଥିତ ଢୋରୋପାଣିଠାରେ ପହଞ୍ଚିବା ପରେ ଚାଷୀ ଓ ଜନସାଧାରଣ ବେଶ୍ ଉତ୍ସାହିତ ହୋଇପଡ଼ିଥିଲେ। ପରେ ପ୍ରଣବ ଚାଷ ଜମିରେ ପୂଜାର୍ଚ୍ଚନା କରି ଅଖିମୁଠି ବୁଣିଥିଲେ। ଲଙ୍ଗଳ ଧରିବା ସହ ସେ ଧାନ ବୁଣିଥିଲେ। ଚାଷୀଭାଇଙ୍କ କ୍ଷେତ ଶସ୍ୟଶ୍ୟାମଳା ହୋଇ ପୂରିଉଠୁ ବୋଲି ଏହି ଅବସରରେ ସେ କାମନା କରିଥିଲେ। ପ୍ରଭୁ ଜଗନ୍ନାଥ, ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ଏବର୍ଷ ଭଲ ବର୍ଷା ହେଉ ଏବଂ ଚାଷୀଙ୍କ ଉନ୍ନତି ହେଉ ବୋଲି ପ୍ରଣବ ପ୍ରାର୍ଥନା କରିଥିଲେ।

**ହଳ ଲଙ୍ଗଳ ଧରି ଧାନ ବୁଣିଲେ**

ଏହି ଅବସରରେ ସେ କହିଥିଲେ ଯେ ଚାଷୀ ଭାଇଟିଏ ସାରା ଦୁନିଆକୁ ଆହାର ଯୋଗାଉଛି। ତେଣୁ ଚାଷୀ ଭାଇଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସଦା ତତ୍ପର ରହିଛନ୍ତି। ସମ୍ବଲପୁର ସଂସଦୀୟ କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ଏଠାକୁ ପଠାଇଛନ୍ତି। ଯେଉଁମାନଙ୍କୁ ଆପଣ ଭୋଟ ଦେଇ ବାଛିଥିଲେ, ବିଜେପିର ସେହି ନେତାମାନେ ଚାଷୀଙ୍କ ସ୍ୱାର୍ଥ ପାଇଁ କିଛି କରିନାହାନ୍ତି ବୋଲି କହିଥିଲେ। ଚାଷ ଓ ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଜଳସେଚନ ପ୍ରକଳ୍ପ କରିଛନ୍ତି। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ରେ ଦାଦାଗିରି ସତ୍ତ୍ୱେ ଆବଶ୍ୟକ ପାଣି ଯୋଗାଉଛନ୍ତି। କାଳିଆ ଯୋଜନାରେ ରାଜ୍ୟର ଅନେକ ଚାଷୀ ଉପକୃତ ହେଉଛନ୍ତି। ସେହିଭଳି ମୁଖ୍ୟମନ୍ତ୍ରୀ ତାଙ୍କର ନିର୍ବାଚନୀ ଇସ୍ତାହାରରେ କୃଷି ଉଦ୍ଦେଶ୍ୟରେ ମାଗଣା ବିଦ୍ୟୁତ ପ୍ରଦାନ କରିବାକୁ ଉଲ୍ଲେଖ କରିଛନ୍ତି। ଆଗାମୀ ଦିନରେ ଚାଷୀଙ୍କ ପାଇଁ ଆହୁରି ଉନ୍ନୟନମୂଳକ ଯୋଜନା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ସହ ସେମାନଙ୍କର ଆର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି।

## ଅବଶିଷ୍ଟାଂଶ...

### ସରକାର ଗଢ଼ି...

ବଡ଼ କଥା କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରିବାକୁ ତାଙ୍କର ସାହସ ଆସିଲା କୋଉଁଠୁ? ମୋତେ ଯାହାବି କହିଲେ କିଛି ଅସୁବିଧା ନାହିଁ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କଲେ ମୁଁ ସହିବି ନାହିଁ। ସେମାନେ କ ଓଡ଼ିଶାରେ ପରିବର୍ତ୍ତନର ହାୱା ବହୁଛି ବୋଲି କହୁଛନ୍ତି। ମୁଁ ତାଙ୍କୁ ଆଜି ଚ୍ୟାଲେଞ୍ଜ କରୁଛି ଯଦି ନବୀନ ପଟ୍ଟନାୟକ ତିନି-ଚତୁର୍ଥାଂଶ ବହୁମତରେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ନ ହୁଅନ୍ତି, ଜୁନ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନ ନିଅନ୍ତି, ତା'ହେଲେ ମୁଁ ରାଜନୀତିରୁ ସନ୍ୟାସ ନେବି। ମାତ କେନ୍ଦ୍ରମନ୍ତ୍ରୀ ଏହି ଚ୍ୟାଲେଞ୍ଜକୁ ସ୍ୱୀକାର କରିପାରିବେ କି? ତାଙ୍କ ଦଳ ସରକାର ନ କଲେ ସେ ରାଜନୀତିରୁ ସନ୍ୟାସ ନେବେ କି ବୋଲି ପଚାରିଛନ୍ତି ଶ୍ରୀ ପାଣ୍ଡିଆନ।

ସେ ପୁଣି କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ପ୍ରଥମେ ଢେଙ୍କାନାଳରୁ ପ୍ରାର୍ଥୀ ହେବା ପାଇଁ ୧୦ ବର୍ଷ କାଳ ଉଦ୍ୟମ କଲେ । ମାତ୍ର ନାମାଙ୍କନ ବେଳକୁ ଡର ପଶିଲା, ସେ ସମ୍ବଲପୁରରୁ ଆସି ଛିଡ଼ା ହେଲେ। ଏବେ ନିର୍ବାଚନ ବେଳକୁ ଜଣକ ପରେ ଜଣେ ବିରୋଧୀ ନେତାମାନେ ଆସି ମିଛକଥା କହିବା ଆରମ୍ଭ କଲେଣି। ସେମାନେ ଆପଣଙ୍କ ଭୋଟ ପାଇଁ ପ୍ରଲୋଭନ ଦେଖାଇବେ, ଭୋଟ ପାଇଁ ନେହୁରା ହେବେ। ଭୋଟ ନେବା ପରେ ଆଉ ଖୋଜିଲେ ବି ଦର୍ଶନ ମିଳିବ ନାହିଁ। ସେମାନେ କେବେ ଆପଣମାନଙ୍କୁ ହିସାବ ଦେବେନାହିଁ। ପୂର୍ବ ନିର୍ବାଚନରେ ଦରଦାମ୍ କମିବ ବୋଲି ସେମାନେ କହିଥିଲେ। ଏଲ୍‌ପିଜି, ପେଟ୍ରୋଲ, ଡିଜେଲ ଦାମ୍ କମିଲା କି? କିନ୍ତୁ ମୁଁ ଆପଣମାନଙ୍କୁ କାମର ହିସାବ ଦେବି। ମୁଖ୍ୟମନ୍ତ୍ରୀ ଆମକୁ କାମର ହିସାବ ଦେବାପାଇଁ ସବୁବେଳେ ନିର୍ଦ୍ଦେଶ ଦେଇଥାନ୍ତି। ଆମେ ତାହାର ଅନୁପାଳନ କରିଚାଲିଛୁ।

ପାଣ୍ଡିଆନ କହିଛନ୍ତି ଯେ ହୀରାକୁଦ ବିସ୍ଥାପିତମାନଙ୍କର ୫୦-୬୦ ବର୍ଷର ସମସ୍ୟା ମୁଖ୍ୟମନ୍ତ୍ରୀ ଦୂର କରିଛନ୍ତି। ବ୍ରଜରାଜନଗରର ୧୮ଟି ଗାଁର ୨୧୦୦ ବିସ୍ଥାପିତଙ୍କୁ ପଟ୍ଟା ଦିଆଯାଇଛି। ବ୍ରଜରାଜନଗର ମାଁ ରାମଚଣ୍ଡୀ ମନ୍ଦିର ପାଇଁ ୪.୫୦ କୋଟି, କୋଇଲି ଘୁଗର ଇକୋ ଟୁରିଜିମ୍ ପାଇଁ ୩ କୋଟି, ଲଖନପୁର ଆଇଟିଆଇ ପାଇଁ ୩୦ କୋଟି, ବ୍ରଜରାଜନଗରରେ ଅଡିଟୋରିଅମ ନିର୍ମାଣ ପାଇଁ ୧୦ କୋଟି, ଲଖନପୁରର ୧୬ ଟି ପଞ୍ଚାୟତରେ ପାଇପ୍ ପାଣି ପାଇଁ ୧୨୪ କୋଟି, ହାଇସ୍କୁଲ ଓ କଲେଜ ରୂପାନ୍ତର ପାଇଁ ୩୦ କୋଟି ଟଙ୍କା ଦିଆଯାଇଛି। କାଳିଆ ଯୋଜନାରେ ଏହି ନିର୍ବାଚନ ମଣ୍ଡଳୀର ୩୦,୬୦୦ ଚାଷୀ ଉପକୃତ ହେଉଛନ୍ତି। ବିଏସ୍‌କେୱାଇରେ ୬୦,୫୦୦ ଲୋକ ଉପକାର ପାଉଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ ସୂଚନା ଦେଇଥିଲେ।

ଝାରସୁଗୁଡ଼ାରେ ସ୍ୱର୍ଗତ ନବଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଛନ୍ତି ଯେ ଝାରସୁଗୁଡ଼ାର ବିକାଶରେ ସ୍ୱର୍ଗତ ନବ ବାବୁଙ୍କର ବହୁତ ଅବଦାନ ରହିଛି। ତାଙ୍କ ପ୍ରଚେଷ୍ଟାରେ ଝାରସୁଗୁଡ଼ାରେ କ୍ୟାନସର ହସ୍ପିଟାଲ, ହାର୍ଟ କେୟାର ହସ୍ପିଟାଲ ନିର୍ମାଣ ହୋଇଛି। ଦୀପାଳି ଆପଣମାନଙ୍କ ଝିଅ, ନବ ବାବୁଙ୍କର ଝାରସୁଗୁଡ଼ା ପାଇଁ ଯେଉଁ ସ୍ୱପ୍ନ ଥିଲା ତାକୁ ସାକାର କରିବେ ଦୀପାଳି। ମୁଖ୍ୟମନ୍ତ୍ରୀ ଏସ୍‌ଏଚ୍‌ଜି ପାଇଁ ପେନସନ୍ ଓ ଗରିବ ଲୋକଙ୍କ ପାଇଁ ମାଗଣାରେ ବିଜୁଳି ଘୋଷଣା କରିଛନ୍ତି। ମା'ମାନେ ହେଉଛନ୍ତି ନବୀନବାବୁଙ୍କ ସେନାପତି। ଜଣେ ସାଧାରଣ ମହିଳାଙ୍କୁ ଏଠାରେ ଲୋକସଭା ପ୍ରାର୍ଥୀ କରିଛନ୍ତି। ଏହି ଦୁଇ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଝାରସୁଗୁଡ଼ା ବିକାଶ ଯାତ୍ରାକୁ ଆହୁରି ମଜବୁତ୍ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ବରଗଡ଼ ଲୋକସଭା ପ୍ରାର୍ଥୀ ପରିଣିତା ମିଶ୍ର, ଝାରସୁଗୁଡ଼ା ବିଧାନସଭା ପ୍ରାର୍ଥୀ ଦୀପାଳି ଦାସ ଓ ବ୍ରଜରାଜନଗର ବିଧାନସଭା ପ୍ରାର୍ଥୀ ଅଳକା ମହାନ୍ତିଙ୍କୁ ଶଙ୍ଖରେ ଭୋଟ ଦେଇ ଜିତେଇବାକୁ ଶ୍ରୀ ପାଣ୍ଡିଆନ୍ ଅନୁରୋଧ କରିଥିଲେ।

### ରାଉରକେଲାରେ ପାଣ୍ଡିଆନଙ୍କ...

ହେଲେ ଆହୁରି ଯୋଜନା ଓ ବିକାଶ କରାଯିବ। ତେଣୁ ରାଉରକେଲା ବିଧାନସଭା ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ଓ ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ରୋଡ ଶୋ' ମଧୁସୂଦନ ଛକ, ଡେଲି ମାର୍କେଟ, ଆମ୍ବେଦକର ଛକ, ବାସନ୍ତୀ କଲୋନୀ, ଡିଏଭି ଛକ, ଲେବର ଟେନାମେଣ୍ଟ ହୋଇ ପାନପୋଷ ଛକରେ ଶେଷ ହୋଇଥିଲା। ଏହି ରୋଡ୍ ଶୋ' ୩ ଘଣ୍ଟା ଧରି ଚାଲିଥିଲା। ତାଙ୍କୁ ସ୍ୱାଗତ କରିବା ପାଇଁ ହଜାର ହଜାର ସଂଖ୍ୟାରେ ଜନସାଧାରଣ, ବିଜେଡି ନେତା, କର୍ମୀ ଓ ସମର୍ଥକ ବିଭିନ୍ନ ସ୍ଥାନରେ ଉପସ୍ଥିତ ଥିଲେ। ଢୋଲ ବଜାଇ ବାଣ ଫୁଟାଇ ସ୍ୱାଗତ କରିଥିଲେ। ଲୋକେ ହାତରେ ବିଜେଡି ପତାକା, ଶଙ୍ଖ ଧରିଥିବା ଦେଖିବାକୁ ମିଳିଥିଲା। ରାସ୍ତାର ଉଭୟ ପାଶ୍ୱର୍ରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପାଣ୍ଡିଆନ୍ ଏହି ଅବସରରେ ସହରର ବିଭିନ୍ନ ଛକରେ ରହି ଉପସ୍ଥିତ ଜନତାଙ୍କ ସହ ହାତ ମିଳାଇବା ସହିତ ଉଦବୋଧନ ଦେଇଥିଲେ। ପାଣ୍ଡିଆନ୍‌ଙ୍କ ପଛରେ ଏକ ଖୋଲା ଗାଡ଼ିରେ ବିଜେଡିର ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କୀ ଓ ବିଧାନସଭା ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ରହି ଭୋଟଭିକ୍ଷା କରିଥିଲେ।

ଆଜି ରାତିରେ ପାଣ୍ଡିଆନ୍ ପାନ୍ଥନିବାସରେ ରାତ୍ରିଯାପନ କରିବେ। ଶନିବାର ସକାଳ ୬ଟାରେ ସେ ସେକ୍ଟର-୩ସ୍ଥିତ ଅହିରାବନ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଛେଣ୍ଡ କଲୋନୀ ଭିଏସଏସ ମାର୍କେଟ ଯାଇ ବ୍ୟବସାୟୀଙ୍କୁ ଭେଟିବା ସହ କୋଏଲନଗର ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟକୁ ଯାଇ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିବେ। ପୂର୍ବାହ୍ନ ୧୧ଟାରେ ସେକ୍ଟର-୨ ଦୁର୍ଗାପୂଜା ପଡ଼ିଆରେ ଏକ ସାଧାରଣ ସଭାରେ ଉଦବୋଧନ ଦେବା କାର୍ଯ୍ୟକ୍ରମ ରହିଛି।

### ଶ୍ରେଷ୍ଠ ଓଡ଼ିଶାର...

ଡ଼ ପଟ୍ଟନାୟକ କହିଛନ୍ତି। କମିଟିର ସହ ଆବାହକ ତଥା ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର କହିଛନ୍ତି ଯେ ଓଡ଼ିଶାର ସୁବର୍ଣ୍ଣ ସମୟକୁ ଦୃଷ୍ଟିରେ ରଖି ବିଜେଡି ନିର୍ବାଚନ ଘୋଷଣାପତ୍ର ପ୍ରସ୍ତୁତ କରିଛି। ଏଥିରେ ଯୁବଗୋଷ୍ଠୀ, ମହିଳା, କୃଷକ, ଆଦିବାସୀ, ଜନଜାତି, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ପ୍ରାଥମିକତା ଦିଆଯାଇଛି। ଆମର ଯୁବକ ଯୁବତୀମାନେ ହିଁ ଓଡ଼ିଶାର ସଫଳତାର କାହାଣୀ ଲେଖିବେ। ଏକ ନମ୍ବର ରାଜ୍ୟର ଭବିଷ୍ୟତ ପାଇଁ ସେମାନଙ୍କୁ ସଶକ୍ତ ଓ ସମୃଦ୍ଧ କରାଯିବ। ଯୁବକମାନଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶକୁ ଆଧାର କରି ପ୍ରତିବର୍ଷ ହଜାରେ କୋଟି ଟଙ୍କା ଖର୍ଚ୍ଚ ହେବ। ବିଶ୍ୱରେ ଏହା ପ୍ରଥମ ପ୍ରକାରର ପ୍ରୟାସ ହେବ, ଯେଉଁଠାରେ ଯୁବକମାନେ ନିଜ ପରିଚୟ ଏବଂ ଓଡ଼ିଶାର ପରିଚୟ ସୃଷ୍ଟି କରିପାରିବେ। ଆସନ୍ତା ପାଞ୍ଚ ବର୍ଷରେ ୨ ଲକ୍ଷ ସରକାରୀ ଚାକିରି ଯୋଗାଇ ଦିଆଯିବ। ପ୍ରତି ସହରରେ, ପ୍ରତି ଗ୍ରାମରେ ସଫଳ ଉଦ୍ୟୋଗୀ ସୃଷ୍ଟି ହେବେ। ଖଣିଜ ଭିତ୍ତିକ ଶିଳ୍ପ ବ୍ୟତୀତ ସେମିକଣ୍ଡକ୍ଟର, ଆଇଟି ଶିଳ୍ପ, କୃତ୍ରିମ ବୁଦ୍ଧିମତା ଆଦି ସହିତ ନୂତନ ଯୁଗ, ବୈଷୟିକ ଏବଂ ନୂତନ ଅର୍ଥନୀତି ଉପରେ ଧ୍ୟାନ ଦିଆଯିବ। ଉତ୍ପାଦନ ଭିତ୍ତିକ ନିବେଶକୁ ଆକର୍ଷିତ କରିବା ପାଇଁ ଆହୁରି ପ୍ରୋତ୍ସାହନ ଦିଆଯିବ ବୋଲି ସେ କହିଛନ୍ତି।

ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି ଯେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସମାନ୍ତରାଳ ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାର ଅଭିବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ମହିଳାମାନଙ୍କୁ ଆହୁରି ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପଣ କରିଛନ୍ତି, ଯାହା ଏହି ନିର୍ବାଚନୀ ଘୋଷଣାପତ୍ରରେ ଉଲ୍ଲେଖ ରହିଛି। ମିଶନଶକ୍ତି ମହିଳାଙ୍କୁ ବିନା ସୁଧରେ ୧୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାରେ ଓଡ଼ିଶା ହେବ ଦେଶରେ ପ୍ରଥମ ରାଜ୍ୟ। ଆସନ୍ତା ୫ ବର୍ଷ ମଧ୍ୟରେ ଆମର ଏସଏଚଜି ଗୁଡ଼ିକୁ ୧.୫ ଲକ୍ଷ କୋଟି ଟଙ୍କାର ଆର୍ଥିକ ଲିଙ୍କେଜ ହାସଲ କରି ୨୫୦୦ କୋଟି ଟଙ୍କାର ସୁଧ ସେମାନଙ୍କ ନିକଟକୁ ଫେରାଇ ଦିଆଯିବ। ବିଜେଡି ପ୍ରବକ୍ତା ସ୍ୱୟମ୍ ପ୍ରକାଶ ମହାପାତ୍ର କହିଛନ୍ତି ଯେ ଆମର ସମୃଦ୍ଧ ସଂସ୍କୃତି ଏବଂ ଭାଷାର ପ୍ରୋତ୍ସାହନ ଏବଂ ସଂରକ୍ଷଣ ସହିତ ଅର୍ଥନୈତିକ ଅଭିବୃଦ୍ଧି ଅଙ୍ଗାଙ୍ଗୀ ଭାବେ ଜଡିତ। ତେଣୁ ଆମ ଇସ୍ତାହାରରେ ଐତିହ୍ୟ ଓ ଭାଷାର ବିକାଶ ପାଇଁ ସ୍ୱତନ୍ତ୍ର ଗୁରୁତ୍ୱଦିଆଯାଇଛି। ସେଥିପାଇଁ ଏକ ଐତିହ୍ୟ ପାଣ୍ଠି ଭାବରେ ୧୦୦୦ କୋଟିର ଏକ କର୍ପସ ପାଣ୍ଠି ଗଠନ କରାଯିବ। ବିଜେଡିର ନିର୍ବାଚନୀ ଇସ୍ତାହାର ନୂଆ ଇତିହାସ ରଚିବ, ଏଥିରେ ସନ୍ଦେହ ନାହିଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

### ଅନୁକୂଳ ହେଲା...

ଦକ୍ଷିଣକାଳୀଙ୍କ ମନ୍ଦରେ ନୂତନ ଭାବେ ଅଣାଯାଇଥିବା ତିନୋଟି କୁରାଢ଼ି ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ରାଜପ୍ରତିନିଧି ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ, ଆଚାର୍ଯ୍ୟ ଭାବେ ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ ଏଥିରେ ସାମିଲ ଥିଲେ। ତିନିବାଡ଼ର ମୁଖ୍ୟ ବିଶ୍ୱକର୍ମା ନନ୍ଦିଘୋଷ ରଥର ବିଜୟ କୁମାର ମହାପାତ୍ର, ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ନରସିଂହ ମହାପାତ୍ର, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର କୃଷ୍ଣଚନ୍ଦ୍ର ମହାରଣାଙ୍କ ସମେତ ୮ଜଣ ମହାରଣା ଶାଢ଼ି ବନ୍ଧାଇଥିଲେ। ସେହିପରି ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ, ରୂପକାର ସେବକ ପ୍ରମୁଖ ଶାଢ଼ି ବନ୍ଧାଇଥିଲେ। ଶ୍ରୀମନ୍ଦିରରୁ ଆସିଥିବା ତିନି ଆଜ୍ଞାମାଳ ରଥକାଠରେ ଲାଗି ହେବା ପରେ ଦେଉଳ ପୁରୋହିତ ପୂଜା ହୋଇଥିବା ସୁନା କୁରାଢ଼ିରେ ସ୍ୱର୍ଶ କରି ରଥ ନିର୍ମାଣ ଅନୁକୂଳ କରିଥିଲେ। ରଥକାର୍ଯ୍ୟ ନିମନ୍ତେ ବିଶ୍ୱକର୍ମାମାନଙ୍କୁ ବରଣ କରାଯାଇଥିଲା। ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ଦେଉଳକରଣ ଚନ୍ଦ୍ରଶେଖର ମଙ୍ଗରାଜ ରଥ ନିର୍ମାଣ ସହିତ ସମ୍ପୃକ୍ତ ବିଶ୍ୱକର୍ମାଙ୍କୁ ଶାଢ଼ି ବାନ୍ଧିଥିଲେ।

ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଶୁକ୍ରବାର ପୂଜା ହୋଇଥିବା ତିନିଖଣ୍ଡ ଧଉରା କାଠରେ ନୃସିଂହ ଚତୁର୍ଦ୍ଦଶୀ ଦିନ ରଥର କଣଗୁଜ ଅନୁକୂଳ ହେବ। ରୂପକାର ସେବକମାନେ କଣଗୁଜ ତଥା ନୃସିଂହ ଗୁଜ ନିର୍ମାଣ କରିବେ।

### ବିହାର ପାଇଁ...

ହୋଇଛି। ପ୍ରଫେସର, ଅତିରିକ୍ତ ପ୍ରଫେସର, ସହକାରୀ ପ୍ରଫେସର ନିଯୁକ୍ତି, ଅଧ୍ୟାପକ ଓ ଏକାଡେମିକ୍ ଷ୍ଟାଫ୍‌ଙ୍କ ଯୋଗ୍ୟତା ସ୍ଥିର କରି ପରୀକ୍ଷା କରିବା ପାଇଁ ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟ କର୍ମଚାରୀଙ୍କୁ ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ନିଯୁକ୍ତି କରିବ। ୨୦୨୦ ମସିହା ସେପ୍ଟେମ୍ବର ୪ ତାରିଖରେ ଏହି ନିୟମ ପ୍ରଣୟନ ହେଲା ପରେ ଏହା ବିରୋଧରେ ହାଇକୋର୍ଟରେ ମାମଲା ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିନାୟକ ରଥ ହାଇକୋର୍ଟରେ ଏକ ମାମଲା କରିଥିଲେ। ତତ୍କାଳୀନ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍ ମୁରଲିଧରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ୨୦୨୨ ମସିହା ଜାନୁଆରୀ ମାସରେ ଏହି ନୂତନ ନିୟମକୁ ବଳବତ୍ତର ରଖି ସମସ୍ତ ମାମଲା ଖାରଜ କରିଥିଲେ।

ମାତ୍ର ହାଇକୋର୍ଟଙ୍କ ରାୟ ଆସିବା ପରେ ଜେଏନ୍‌ୟୁର ଅବସରପ୍ରାପ୍ତ ପ୍ରଫେସର ଅଜିତ୍ କୁମାର ମହାନ୍ତି ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଏହି ମାମଲାରେ ନିଜ ପକ୍ଷରୁ ୟୁଜିସି ପକ୍ଷଭୁକ୍ତ ହୋଇଛି। ସୁପ୍ରିମକୋର୍ଟ ଏହାର ପ୍ରାରମ୍ଭିକ ଶୁଣାଣି କରି ସଂଶୋଧିତ ଆଇନର କାର୍ଯ୍ୟକାରିତା ଉପରେ ୨୦୨୨ ମସିହା ମେ ୨୦ ତାରିଖରେ ରହିତାଦେଶ ଜାରି କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କୁ ପକ୍ଷ ରଖିବାକୁ ନୋଟିସ୍ ଜାରି କରିଛନ୍ତି। ରାଜ୍ୟ ସରକାର ନିଜର ପକ୍ଷ କୋର୍ଟରେ ରଖି ସାରିଥିବା ବେଳେ ୟୁଜିସି ପକ୍ଷରୁ କମ୍ପ୍ଲାଏ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପର୍ଯ୍ୟନ୍ତ ୟୁଜିସି ପକ୍ଷରୁ କୌଣସି ଉତ୍ତର ରଖାଯାଇ ନ ଥିବାରୁ ମାମଲାର ଶୁଣାଣି ଆଗକୁ ବଢ଼ିପାରୁ ନାହିଁ।

ହାଇକୋର୍ଟଙ୍କ ଚୂଡାନ୍ତ ନିଷ୍ପତ୍ତି ଆସିବା ପୂର୍ବରୁ ଓ ୟୁଜିସି ମାମଲାରେ ପକ୍ଷଭୁକ୍ତ ହେବା ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱରେ ଅଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଓ ଓଡ଼ିଶାର ହୋଇଥିବାରୁ ୟୁଜିସି ପକ୍ଷରୁ ବିଳମ୍ବ ନ ହେବା ନେଇ ନିର୍ଦ୍ଦେଶ ଦେଇପାରିଥାନ୍ତେ। ହେଲେ ଏଥିପ୍ରତି ଆନ୍ତରିକତା ପ୍ରକାଶ କରୁନାହାନ୍ତି। ଫଳରେ ଶିକ୍ଷକ ନିଯୁକ୍ତି ଠପ୍ ହୋଇଯାଇଛି। ୟୁଜିସି ଯାଚିକାରେ ମୁଖ୍ୟତଃ କୁଳପତି ଚୟନ ଓ ଅଧ୍ୟାପକ ଚୟନ ପ୍ରକ୍ରିୟାକୁ ବିରୋଧ କରାଯାଉଛି। ଓଡ଼ିଶା ପୂର୍ବରୁ ବହୁ ରାଜ୍ୟରେ ବିଶ୍ୱବିଦ୍ୟାଳୟ ଆଇନରେ ସଂଶୋଧନ କରାଯାଇଛି। ବିହାରରେ ବହୁ ଦିନରୁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଆୟୋଗ ମଧ୍ୟ ଗଠନ କରାଯାଇଛି। ବିହାର କ୍ଷେତ୍ରରେ ୟୁଜିସି ବିରୋଧ କରି ନ ଥିବା ବେଳେ ଓଡ଼ିଶା କ୍ଷେତ୍ରରେ କାହିଁକି ଏତେ ତତ୍ପର ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ବିଶ୍ୱବିଦ୍ୟାଳୟ ନିଯୁକ୍ତିରେ ଅନେକ ସମୟରେ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ ହେଉଥିଲା। ତେଣୁ ରାଜ୍ୟ ସରକାର ସଂସ୍କାର ଆଣିବାକୁ ଆଇନ୍ ସଂଶୋଧନ କଲେ। ହେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ୟୁଜିସି ଏହାକୁ ବିରୋଧ କରିବା ଘଟଣାକୁ ଶିକ୍ଷାବିତ ମାନେ ସହଜରେ ଗ୍ରହଣ କରୁନାହାନ୍ତି।

ହାଇକୋର୍ଟଙ୍କ ସବୁଜ ସଂକେତ ପରେ ଓପିଏସ୍‌ସି ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨ଶହରୁ ଅଧିକ ନିଯୁକ୍ତି ମଧ୍ୟ ଦିଆଯାଇଥିଲା। ହେଲେ ୟୁଜିସି ପକ୍ଷରୁ ମାମଲା ପରେ ଆଇନ୍‌ରେ ରହିତାଦେଶ ଜାରି କରିଯାଇଛି। ଫଳରେ ଦ୍ରୁତ ଗତିରେ ଚାଲିଥିବା ଅଧ୍ୟାପକ ଚୟନ ଓ ନିଯୁକ୍ତି ପ୍ରକ୍ରିୟା ବନ୍ଦ ହୋଇଯାଇଛି। ନିଯୁକ୍ତି ପ୍ରକ୍ରିୟା ବନ୍ଦ ହୋଇଯିବାରୁ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଉତ୍କଟ ହୋଇଛି।

### ଫମ୍ପା 'ଆକାଂକ୍ଷୀ...

ଟଙ୍କାର ଅନୁଦାନର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏନ୍‌ଡ଼ିଏ ସରକାର କ୍ଷମତାକୁ ଆସିବା ପରେ ବିଆର୍‌ଜିଏଫ୍‌କୁ ବନ୍ଦ କରିବା ସହ ପରବର୍ତ୍ତୀ ସମୟରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମାତ୍ର ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରଦର୍ଶନ ଆଧାରରେ ଯେଉଁ ପାଣ୍ଠି ପ୍ରଦାନ କରାଯାଉଛି, ତାହା ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଆଦୌ ଗ୍ରହଣୀୟ ହୋଇ ପାରିନାହିଁ। ଯୋଜନାରେ ଓଡ଼ିଶାର ୧୦ ପଛୁଆ ଜିଲ୍ଲାକୁ ସାମିଲ କରାଯାଇଥିବା ବେଳେ, ବ୍ୟାପକ କେନ୍ଦ୍ରୀୟ ସହାୟତା ଫଳରେ ଏହି ଜିଲ୍ଲାଗୁଡ଼ିକର ଦ୍ରୁତ ବିକାଶ ହେବାନେଇ ଅନୁମାନ କରାଯାଉଥିଲା। ମାତ୍ର କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ଏହି କାର୍ଯ୍ୟକ୍ରମ ପ୍ରଣୟନ ହେବା ପରଠାରୁ ଓଡ଼ିଶାର ୧୦ ଜିଲ୍ଲାକୁ ମାତ୍ର ୭୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅର୍ଥାତ୍ ଗତ ୫ ବର୍ଷରେ ଜିଲ୍ଲା ପ୍ରତି ହାରାହାରି ୭.୩ କୋଟି ପ୍ରଦାନ କରାଯାଇଛି। ଏହି ଅର୍ଥ ଉପରୋକ୍ତ ଜିଲ୍ଲାଗୁଡ଼ିକର ପ୍ରଦର୍ଶନ ଆଧାରରେ ଦିଆଯାଇଥିବା କୁହାଯାଇଛି। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାର ଜୋର୍‌ସୋରରେ ପ୍ରଚାର କରୁଛନ୍ତି। ମାତ୍ର ଏହି କାର୍ଯ୍ୟକ୍ରମରେ ଜିଲ୍ଲାଗୁଡ଼ିକୁ ଦିଆଯାଉଥିବା ଅନୁଦାନ ରାଶିକୁ ବିଚାରକୁ ନେଲେ 'ଆକାଂକ୍ଷୀ'କୁ ଏକ ଫମ୍ପା କାର୍ଯ୍ୟକ୍ରମ ବୋଲି ବିଶେଷଜ୍ଞମାନେ ଅଭିହିତ କରିଛନ୍ତି।


**AFFIDAVIT**

I, Ashok Kumar Agrawala, S/o- Sitaram Agrawala, resident of At-Ramji Road, Po/Ps-Balangir, Dist- Balangir, Pin-767001, Odisha declare by this affidavit No-855, date-8/5/2024, that now onwards I shall be known as **ASHOK KUMAR AGRAWAL** for all future purposes.

**AFFIDAVIT**

By virtue of an affidavit sworn before the Notary Public Bhatli I Premakumari Patel aged about 57 years W/o-Rajkumar Patel Residence of Village Kandapala P.O- Kandapala,P.S/TAH.- Ambabhona Dist.- Bargarh, Odisha do hereby solemnly affirm and declare that both the name **Premakumari Patel & Prem Kuenra** is the name of same and single person for all purposes.

**AFFIDAVIT**

I, Priti Bhawmer, W/o- Virendra Bhammar, resident of At-Palace Line, Po/Ps-Balangir, Dist- Balangir, Pin-767001, Odisha declare by this affidavit No-852, date-29/4/2024, that now onwards I shall be known as **PRITI BHAMMAR** for all future purposes.

**AFFIDAVIT**

I, Sanju Agrawala, W/o- Ashok Kumar Agrawal, resident of At-Ramji Road, Po/Ps- Balangir, Dist-Balangir, Pin-767001, Odisha declare by this affidavit No-853, date-8/5/2024, that now onwards I shall be known as **SANJU AGRAWAL** for all future purposes.

**AFFIDAVIT**

I, Ruby Agrawala, W/o- Mohan Lal Agrawal, resident of At-Loisingha, Po/Ps -Loisingha, Dist-Balangir, Pin-767020, Odisha declare by this affidavit No-854, date-8/5/2024, that now onwards I shall be known as **RUBY AGRAWAL** for all future purposes.

**AFFIDAVIT**

I, Viren Kumar Bhawmer, S/o- Lalji Devchand, resident of At-Palace Line, Po/Ps-Balangir, Dist- Balangir, Pin-767001, Odisha declare by this affidavit No-851, date- 29/4/2024, that now onwards I shall be known as **VIRENDRA BHAMMAR** for all future purposes.

**ଓଡ଼ିଶା ସରକାର** XXVII-46

**ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

File No.40 Date 13.02.2024

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାର ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାରୀ (Appropriate Government) ବ୍ୟୟରେ ମୌଜା- ଡଙ୍ଗରପାଲି, ଥାନା- ମୁଦୁଲିପଡା ନଂ.-୩୩, ତହସିଲ- ଖଇରପୁଟ, ଜିଲ୍ଲା- ମାଲକାନଗିରିରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୦.୦୨୯୧ ଡି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R, Act 2013) ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ , ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିକ ସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

<u>ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ</u>

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ କୋରାପୁଟ ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ସଂଲଗ୍ନ କରାଗଲା ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ମାଲକାନଗିରି ।
୬- ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ୍ ନମ୍ବର | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥି ସହିତ ସଂଲଗ୍ନ କରାଗଲା | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ସରକାରୀ ସଂରକ୍ଷିତ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ସତନ୍ତ୍ର ଭୂ-ଅର୍ଜନ, ଅଧିକାରୀ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମାଲକାନଗିରି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

ଭୂମି ଅନୁସୂଚୀ
ମୌଜା: ଡଙ୍ଗରପାଲି, ଥାନା: ମୁଦୁଲିପଡା ନଂ.-୩୩, ତହସିଲ- ଖଇରପୁଟ, ଜିଲ୍ଲା- ମାଲକାନଗିରି
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୧୧ | ୪୭ | ୧.୮୫୮ | ୦.୦୨୯୧ | ଡଙ୍ଗର ଦୁଇ | ସୁନାଧର ଗୌଡ, ପି- ସମ୍ରା ଗୌଡ, ବା- ଅଁଳିପୁଟ ପଡା ରାଜଁଳିଗୁଡା |

Special Land Acquisition Officer,
Jeypore-Malkangiri New
BG Rail Link Project, Jeypore,Koraput

OIPR-24382/14/0001/2425

## ବିଶାଳ ରୋଡ୍ ଶୋ'ରେ ଆସି ଅତନୁଙ୍କ ପ୍ରାର୍ଥିପତ୍ର ଦାଖଲ



**ମାର୍ଶାଘାଇ, ୧୦।୫(ସମିସ):** ମହାକଳାପଡ଼ା ନିର୍ବାଚନ ମଣ୍ଡଳୀର ହଜାର ହଜାର ବିଜେଡି ସମର୍ଥକଙ୍କ ବିଶାଳ ରୋଡ୍ ଶୋ'ରେ ବିଜେଡି ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ମାର୍ଶାଘାଇ ପାର୍ଟି କାର୍ଯ୍ୟାଳୟରୁ ସମର୍ଥକଙ୍କ ଗହଣରେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳଦେବଜୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରି ତୁଳସୀ ମହିଳା ମହାବିଦ୍ୟାଳୟ ନିକଟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏ ଅବସରରେ ମହାକାଳପଡ଼ାକୁ ଶିଳ୍ପ ସମୃଦ୍ଧ କରି ଗଢ଼ିତୋଳିବା ସହ ସାମଗ୍ରୀକ ବିକାଶ ପାଇଁ ସୁଯୋଗ ଦେବାକୁ ମହାକାଳପଡ଼ା ଓ ମାର୍ଶାଘାଇ ଭାଇଭଉଣୀ, ଗୁରୁଜନଙ୍କ ଆଶୀର୍ବାଦ କାମନା କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଗଙ୍ଗାଧର ପରିଡ଼ା, ଅଶୋକ ମହାପାତ୍ର, ପ୍ରଦୀପ୍ତ ଗାହାଣ ନାମାଙ୍କନରେ ପ୍ରସ୍ତାବକ ରହିଛନ୍ତି। ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ନାରୀନେତ୍ରୀ ସୁରଭୀ ଜେନା, ଜିଲ୍ଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଜିଲ୍ଲା ପରିଷଦ ସଭ୍ୟା, ଜିଲ୍ଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ୍ ପ୍ରମୁଖ ଯୋଗ ଦେଇଥିଲେ।

### ୪ ଲୋକସଭା ପ୍ରାର୍ଥୀ, ୯ ବିଧାନସଭା ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲ

# ନାମାଙ୍କନ ରୋଡ୍ ଶୋ'ରେ କମ୍ପିଲା କେନ୍ଦ୍ରାପଡ଼ା

**କେନ୍ଦ୍ରାପଡ଼ା, ୧୦।୫(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲାର ଆଜି ପ୍ରାର୍ଥୀପତ୍ର ଦାଖଲର ୪ର୍ଥ ଦିନରେ ବିଭିନ୍ନ ଦଳର ହେବିୱେଟ ନେତାମାନେ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।ବିଜେଡ଼ି ଓ ବିଜେପି ଲୋକସଭା ପ୍ରାର୍ଥୀଙ୍କ ସହିତ ପ୍ରମୁଖ ଦଳଗୁଡ଼ିକର ୬ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହାଛଡ଼ା ଅନ୍ୟାନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ସମୁଦାୟ ୪ ଲୋକସଭା ଏବଂ ୯ ବିଧାନସଭାରେ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ଦାଖଲ କରିଛନ୍ତି।ଦଳୀୟ କର୍ମୀଙ୍କ ସହ ଶୋଭାଯାତ୍ରାରେ ପ୍ରାର୍ଥୀମାନେ ନିଜ ନିଜର ଶକ୍ତି ପ୍ରଦର୍ଶନ କରି ସହର ପରିକ୍ରମା କରାଯାଇ ଜିଲ୍ଲାପାଳ ତଥା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ୧୫-କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ର ନିମନ୍ତେ ବିଜୁ ଜନତା ଦଳରୁ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଭାରତୀୟ ଜନତା ପାର୍ଟିରୁ ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ଓ ସ୍ୱାଧୀନପ୍ରାର୍ଥୀ ଭାବେ ସୌଭାଗ୍ୟକେତନ ସାମଲ ଏବଂ ପ୍ରଜ୍ଞାନ ପ୍ରକାଶ ମହାପାତ୍ର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନଳିନୀ ମହାନ୍ତିଙ୍କ ସୁପୁତ୍ର ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଗରାପୁର ଠାରୁ ଏକ ବିଶାଳଶୋଭାଯାତ୍ରାରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସି ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ପାଖରେ ମନୋନୟନପତ୍ର ଦାଖଲ କରିଥିବା ବେଳେ ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ଦୁହୁରିଆ ପାର୍ଟି କାର୍ଯ୍ୟାଳୟ ନିକଟରୁ ଏକ ରାଲିରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିଭଳି ୯୬-ପାଟକୁରା ବିଧାନସଭା କ୍ଷେତ୍ର ନିମନ୍ତେ ବିଜୁ ଜନତାଦଳରୁ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ସୁପୁତ୍ର ଅରବିନ୍ଦ ମହାପାତ୍ର ଡେରାବିଶ ବ୍ଲକର ବାଲିପାଟଣା ଲଛମନଜୀଉ ମନ୍ଦିର ନିକଟରୁ ଏକ ରାଲିରେ ଆସି ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନଙ୍କ ନିକଟରେ ମନୋନୟନପତ୍ର ଦାଖଲ କରିଥିବା ବେଳେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ରତିକାନ୍ତ କାନୁନଗୋ ପାଟକୁରାର ଚଁପୁର ପାର୍ଟି କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆପ୍ ପ୍ରାର୍ଥୀ ଅଶୋକ କୁମାର ତ୍ରିପାଠୀ ଚାନ୍ଦୋଳର ମା' କନ୍ତରେଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ରାଲିରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ।





୯୭-କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଜଜାଙ୍ଗସ୍ଥିତ ପାର୍ଟି କାର୍ଯ୍ୟାଳୟ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ତିନିମୁହାଣି ଛକ ଓ ସହର ମଧ୍ୟଦେଇ ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନଙ୍କ ନିକଟରେ ମନୋନୟନପତ୍ର ଦାଖଲ କରିଥିଲେ। ସେହିଭଳି ୯୯-ରାଜନଗର ବିଧାନସଭା କ୍ଷେତ୍ର ପାଇଁ ବିଜେଡିର ଧ୍ରୁବ ଚରଣ ସାହୁ ଗରାପୁର ଠାରୁ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ସହ ଏକ ଶୋଭାଯାତ୍ରାରେ ଆସି ରିଟର୍ଣ୍ଣିଂ ଅଫିସର ନିଲୁ ମହାପାତ୍ରଙ୍କ ନିକଟରେ ମନୋନୟନପତ୍ର ଦାଖଲ କରିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ମନୋଜ କୁମାର ରାଉତ ମଧ୍ୟ ନାମାଙ୍କନପତ୍ର ଦାଖଲ କରିଥିଲେ। ୧୦୦-ମହାକାଳପଡ଼ା ବିଧାନସଭା କ୍ଷେତ୍ର ପାଇଁ ବିଜୁଜନତା ଦଳ ପ୍ରାର୍ଥୀ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରି କେନ୍ଦ୍ରାପଡ଼ା ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରାରେ ଆସି ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାସଙ୍କ ନିକଟରେ ମନୋନୟନପତ୍ର ଦାଖଲ କରିଥିଲେ। ବିଜେପି ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ପାତ୍ରଗଡ଼ର ରାଧାକୃଷ୍ଣ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଆସି ରିଟର୍ଣ୍ଣିଂ ଅଫିସରଙ୍କ ପାଖରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସ୍ୱାଧୀନପ୍ରାର୍ଥୀ ଭାବେ ସୁପ୍ରଭା ମଲିକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

## ଲଛମନଜୀଉ ମନ୍ଦିରରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ବାହାରିଲେ ଅରବିନ୍ଦ



**ଡେରାବିଶ, ୧୦।୫ (ସମିସ):** ପବିତ୍ର ଅକ୍ଷୟ ତୃତୀୟ ଅବସରରେ ଆଜି ପାଟକୁରା ନିର୍ବାଚନମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ଆଜି ପୂର୍ବାହ୍ନରେ ଡେରାବିଶ ବ୍ଲକ ଅଧିନସ୍ଥ କୁଶିଆପାଳ ପଞ୍ଚାୟତ ବାଲିପାଟଣାସ୍ଥିତ ଶ୍ରୀ ଶ୍ରୀ ଲଛମନଜୀଉଙ୍କ ମନ୍ଦିରରେ ବିଜେଡ଼ି ପ୍ରାର୍ଥୀ ଶ୍ରୀ ମହାପାତ୍ର ଶ୍ରୀ ଜୀଉଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ପ୍ରଥମେ ତାଙ୍କ ବାପା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ଆଶିର୍ବାଦ ନେବା ପରେ ଏକ ବିଶାଳ ଶୋଭାଯାତ୍ରାରେ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ତେବେ ପାଟକୁରା ନିର୍ବାଚନ ମଣ୍ଡଳୀର ହଜାର ହଜାର କର୍ମୀଙ୍କ ଗହଣରେ ଅରବିନ୍ଦଙ୍କ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ବ୍ଲକ ବିଜେଡ଼ି ସଭାପତି ଦେବାଶୀଷ ଆଚାର୍ଯ୍ୟ, ଯୁବ ବିଜେଡ଼ି ସଭାପତି ଗୋଲଖ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ବରିଷ୍ଠ ନେତା ସରୋଜକାନ୍ତ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ବିଭୁଦେନ୍ଦୁ ପଣ୍ଡା, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଚାଟରାଚକଡ଼ା ପଞ୍ଚାୟତ ବିଜେଡ଼ି ସଭାପତି ହେମନ୍ତ କୁମାର ନାୟକ, ଚାଟରାଚକଡ଼ାର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ, ସମାଜସେବୀ ରଜତ ବଳ, ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦିକା ସରଳରେଖା ସାହୁ, ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ବହୁ ଦଳୀୟ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ବିରାଟ ଶୋଭାଯାତ୍ରାରେ ଆସି ନାମାଙ୍କନ ଦାଖଲ କଲେ ଧ୍ରୁବ, ଅଂଶୁମାନ





**ରାଜନଗର, ୧୦।୫(ସମିସ):** ଆଜି ପବିତ୍ର ଅକ୍ଷୟତୃତୀୟା ଅବସରରେ କେନ୍ଦ୍ରାପଡ଼ା ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ବିଜୁ ଜନତା ଦଳର ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଧ୍ରୁବ ଓ ଅଂଶୁମାନ ଏକାଠି ଗୋଟିଏ ଖୋଲା ଜିପରେ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିବା ସହ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଗରାପୁରସ୍ଥିତ ମା'କାଳି ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ଖୋଲାଗାଡିରେ ଉଭୟ ନେତାଙ୍କୁ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ପାଛୋଟି ନେଇଥିଲେ। ଧ୍ରୁବ ଓ ଅଂଶୁମାନଙ୍କ ସହିତ ସାଲେପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଅନନ୍ତ କୁମାର ସାହୁଙ୍କ ସମେତ ହଜାର ହଜାର କର୍ମୀ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଗରାପୁର ଦେଇ ପଟ୍ଟାମୁଣ୍ଡାଇ ଆଡକୁ ୩ କିମି ଦୂର ଯାଏଁ ଶୋଭାଯାତ୍ରା ଲମ୍ବିଥିଲା। ମା'କାଳୀଙ୍କ ମନ୍ଦିର ନିକଟରେ ମାଆମାନେ ଧ୍ରୁବ ଓ ଅଂଶୁମାନଙ୍କୁ ବନ୍ଦାପନା କରିବା ପରେ ଉଭୟନେତା ନାମାଙ୍କନ ଶୋଭାଯାତ୍ରାରେ ବାହାରିଥିଲେ। ଧ୍ରୁବ ଓ ଅଂଶୁମାନ ଆଜି ନାମାଙ୍କନ ଦାଖଲ କରିବା ବେଳେ ସେମାନଙ୍କ ପ୍ରତି ଥିବା ରାଜନଗରବାସୀଙ୍କ ଭଲପାଇବା ଆଜି ସ୍ପଷ୍ଟ ଭାବେ ବାରିହୋଇ ପଡ଼ିଥିଲା। ହଜାର ହଜାର ସଂଖ୍ୟାରେ କର୍ମୀ ଓ ସାଧାରଣ ଲୋକେ ସ୍ୱତଃପ୍ରୋତଃ ଭାବେ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହୋଇ ଉଭୟ ନେତାଙ୍କୁ ଆଶ୍ରିର୍ବାଦ କରିଥିଲେ। ଧ୍ରୁବ, ଅଂଶୁମାନଙ୍କ ଶୋଭାଯାତ୍ରା କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟରେ ଛାପ ଛାଡିଛି।

## କଂଗ୍ରେସ ନେତା ରତିକାନ୍ତଙ୍କ ନାମାଙ୍କନ



**ଡେରାବିଶ, ୧୦।୫ (ସମିସ):** ଆଜି ପୂର୍ବାହ୍ନରେ ପାଟକୁରାର କଂଗ୍ରେସ ବିଧାୟକ ପ୍ରାର୍ଥୀ ଡଃ ରତିକାନ୍ତ କାନୁନ୍‌ଗୋ ଏକ ମେଗା ରୋଡ଼ସୋରେ ହଜାର ହଜାର ସମର୍ଥକଙ୍କ ଗହଣରେ ଚାନ୍ଦୋଳ ବାଟ ଦେଇ ଗୋଲରାହାଟସ୍ଥିତ ଶ୍ରୀ ଦଧିବାମନଜୀଉଙ୍କ ଦର୍ଶନ କରିଥିଲେ। ପରେ ସମର୍ଥକଙ୍କ ଗହଣରେ ଅଁଳାବାଙ୍କ ବାଟ ଦେଇ ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚି ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ଡେରାବିଶ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜୟଦେବ ପରିଡ଼ା, ଡେରାବିଶ ବ୍ଲକ କଂଗ୍ରେସ ମହିଳା ସଭାନେତ୍ରୀ ରଶ୍ମିତା ମହାନ୍ତି, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଗୋଲଖ ବିହାରୀ ସ୍ୱାଇଁ, ମାନସ ଜେନା, ଚିତ୍ତରଞ୍ଜନ ରାଉତ, ସୁଧିର ରାଉତ, ବିଧୁଭୂଷଣ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ନାମାଙ୍କନ ପୂର୍ବରୁ ଅରବିନ୍ଦ ବାପା ବିଜୟଙ୍କ ଆଶୀର୍ବାଦ ନେଲେ





**ଗରଦପୁର, ୧୦।୫(ସମିସ):** ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଶୁକ୍ରବାର ବିଶାଳ ରାଲି ସହ ଶକ୍ତି ପ୍ରଦର୍ଶନ କରିଛନ୍ତି। ନିଜ ତଳକୁସୁମା ଗ୍ରାମର ଗ୍ରାମ ଦେବତୀ ମା ଅମ୍ବିଳେଇ ମନ୍ଦିରରେ ପୂଜାର୍ଚ୍ଚନା ସହ ମା ଅମ୍ବିଳେଇ ଓ ବାପା ବିଜୟଙ୍କ ଆଶୀର୍ବାଦ ନେବା ପରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରିଥିଲେ ଯୁବ ନେତା ଅରବିନ୍ଦ। ଏହି ଶୋଭାଯାତ୍ରାରେ ପାଟକୁରା ନିର୍ବାଚନମଣ୍ଡଳୀରୁ ୧୦ ହଜାରରୁ ଅଧିକ ନେତା, କର୍ମୀ ସାମିଲ ହୋଇଥିବା ବେଳେ ପ୍ରଥମେ ଗରଦପୁର ବ୍ଲକର ଶୁଭେଚ୍ଛୁ ଓ ସହଯୋଗୀ ଅରବିନ୍ଦଙ୍କ ସାଥିରେ ପ୍ରଥମେ ଡେରାବିଶ ପ୍ରଭୁ ଲଛମନଜୀୟୁ ମନ୍ଦିର ପାଖରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ସମସ୍ତ କର୍ମୀଙ୍କୁ ସାଙ୍ଗରେ ଧରି କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଉପଜିଲ୍ଲାପାଳଙ୍କ ନିକଟରେ ସେ ୩ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଆସନ୍ତା ଜୁନ ୧ ତାରିଖରେ ହେବାକୁ ଥିବା ମତଦାନରେ ବିଜେଡିର ଦଳୀୟ ପ୍ରାର୍ଥୀ ତଥା ନିଜ ସପକ୍ଷରେ ଭୋଟ୍ ଦେବା ପାଇଁ ଆହ୍ୱାନ କରିଥିଲେ। ଅନୁଷ୍ଠିତ ଏହି ରାଲିରେ ଅରବିନ୍ଦ ମହାପାତ୍ରଙ୍କ ସହିତ ବାପା ବିଜୟ ମହାପାତ୍ର ମଧ୍ୟ ସାମିଲ ହୋଇଥିଲେ। ଏହା ସହ ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ତିନୋଟି ବ୍ଲକର ଏବଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟାଙ୍କ ସହିତ ବ୍ଲକ୍ ଅଧ୍ୟକ୍ଷ ଓ ବ୍ଲକ ସଭାପତି ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ୱାଡ଼ମେମ୍ବରଙ୍କ ସହ ହଜାର ହଜାର ସଂଖ୍ୟାକ ବିଜେଡି କର୍ମୀ ଉପସ୍ଥିତ ଅରବିନ୍ଦ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ଜୟ ଜୟ କାରରେ ପ୍ରକମ୍ପିତ କରିଥିଲେ।

## ଭଉଣୀକୁ ଶାଶୂଘର ଲୋକ ମାରି ଦେଇଥିବା ଅଭିଯୋଗ

**ଡେରାବିଶ, ୧୦।୫(ସମିସ);** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ ପଞ୍ଚାୟତର ଗଣେଶପୁର ଗ୍ରାମରେ ଜଣେ ମହିଳାଙ୍କୁ ତାର ଶାଶୂଘର ଲୋକ ମାରି ଦେଇଥିବା ନେଇ ମହିଳାଙ୍କ ଭାଇ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଛନ୍ତି।।ଅଭିଯୋଗ ଅନୁଯାୟୀ ଡେରାବିଶ ଥାନା ଅଧୀନ ନରସିଂହପୁର ପଞ୍ଚାୟତ ମୁଣ୍ଡିଲୋ ଗ୍ରାମର ନାରାୟଣ ମଳିକଙ୍କ ଝିଅ ରୋଜି ମଳିକ ୨ ବର୍ଷ ତଳେ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁର ଗ୍ରାମର ବିଷ୍ଣୁ ମଳିକଙ୍କ ସାନ ପୁଅ ରଞ୍ଜନ ମଳିକଙ୍କୁ ପ୍ରେମ ବିବାହ କରିଥିଲେ। ଏଥିପାଇଁ ବିବାହ ପରେ ଶାଶୂଘର ପରିବାର ଲୋକେ ରୋଜିକୁ ବାରମ୍ବାର ଯୌତୁକ ନିର୍ଯାତନା ଦେଇଆସୁଥିଲେ। ଏପରିକି ଏକ ବର୍ଷ ତଳେ ଚାନ୍ଦୋଳ ପଞ୍ଚାୟତର ସରପଞ୍ଚ ନିକଟରେ ଅଭିଯୋଗ କରିବାରୁ ଉଭୟ ପକ୍ଷଙ୍କୁ ବସାଇ ମିଳାମିଶା କରାଯାଇଥିଲା। ରୋଜିକୁ ତାର ଶାଶୂଘରପରିବାର ଲୋକେ ଜୀବନରୁ ମାରିଦେଇଥିବା ଖବର ଗତକାଲି ସନ୍ଧ୍ୟାରେ ଗ୍ରାମବାସୀମାନଙ୍କଠାରୁ ରୋଜିର ଭାଇ ପ୍ରକାଶ ଜାଣି ଭଉଣୀ ଘରକୁ ଆସିଥିଲେ। ସେଠାରେ ପ୍ରକାଶ ପହଞ୍ଚି ଦେଖିଲେ ତାଙ୍କ ଭଉଣୀର ଶବକୁ ଛାଡ଼ି ସମସ୍ତେ ଫେରାର ହୋଇଯାଇଛନ୍ତି। ପ୍ରକାଶ ଭଉଣୀ ଶବ ନିକଟକୁ ଯିବାକୁ ଚାହିଁବାରୁ ରୋଜିର ଶାଶୂ ଶଶିଆ ମଳିକ ଏକ ଠେଙ୍ଗାରେ ତାଙ୍କୁ ପିଟିବାରୁ ଗ୍ରାମବାସୀଙ୍କ ସହଯୋଗରେ ଶାଶୂ ଶଶିଆ ଓ ଶ୍ୱଶୁର ବିଷ୍ଣୁଙ୍କୁ କାବୁ କରି ଚାନ୍ଦୋଳ ଫାଣ୍ଡିକୁ ଖବର ଦେଇଥିଲେ। ପରେ ପ୍ରକାଶ ଏ ସମ୍ପର୍କରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜି ପୂର୍ବାହ୍ନରେ ରୋଜିର ଭାଇ ପ୍ରକାଶଙ୍କ ଅଭିଯୋଗ ଅନୁଯାୟୀ ଥାନାରେ କେଶ୍ ନଂ ୨୭୬/୨୪ରେ ମାମଲା ରୁଜୁ କରି ରୋଜିର ମୃତ ଶରୀରକୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ତେବେ ପ୍ରକାଶ ଭଉଣୀ ରୋଜିର ହତ୍ୟା ମାମଲାରେ ରୋଜିର ସ୍ୱାମୀ, ଦୁଇ ଦେଢ଼ଶୁର, ଦୁଇ ଯାଆ ଓ ଶାଶୂ ଶ୍ୱଶୁର ସମ୍ପୃକ୍ତ ଥିବା ନେଇ ଅଭିଯୋଗରେ ଦର୍ଶାଇ ଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତ ଅଧିକାରୀ ତଥା ଚାନ୍ଦୋଳ ଫାଣ୍ଡି ଅଧିକାରୀ ଏସ୍ଆଇ ପ୍ରତାପ କୁମାର ରଥ ପ୍ରକାଶ କରିଛନ୍ତି।

## ଆପ୍ ନେତା ଅଶୋକଙ୍କ ପ୍ରାର୍ଥିପତ୍ର ଦାଖଲ



**ଡେରାବିଶ, ୧୦।୫(ସମିସ):** ଚଳିତ ସାଧାରଣ ନିର୍ବାଚନରେ ପାଟକୁରାରେ ଜାତୀୟ ଦଳ ଭାବେ ପରିଚିତ ଆମ ଆଦମି ପାର୍ଟୀରୁ ବିଶିଷ୍ଟ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିପାଇଁ ଆଜି ଡେରାବିଶ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ମା' କନ୍ତେଇଙ୍କ ପୀଠରୁ ପୂଜାର୍ଚ୍ଚନା କରି ଏକ ବିଶାଳ ଶୋଭାଯାତ୍ରାରେ ଡେରାବିଶ ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରି କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ଅଭିମୁଖେ ନାମାଙ୍କପତ୍ର ଭରିବା ପାଇଁ ଯାଇଥିଲେ। ଜଣେ ଦକ୍ଷ ସଂଗଠକ ଭାବେ ପରିଚିତ ଅଶୋକ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଛନ୍ତି। ପୂର୍ବରୁ ସେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ ରାଜନୈତିକ କ୍ୟାରିଅର ଆରମ୍ଭ କରି ନିଜର ପତିଆରା ସୃଷ୍ଟି କରିଛନ୍ତି। ଆଜିର ଏହି ଶୋଭାଯାତ୍ରାରେ ନିର୍ମାଣ ଶ୍ରମିକ ସଂଘର ବହୁ ସଦସ୍ୟଙ୍କ ସମେତ ମହିଳା ଓ ସାଧାରଣ ବର୍ଗର ଲୋକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

## ଯୁବକଙ୍କ ଆତ୍ମହତ୍ୟା

**ପାରାଦୀପ, ୧୦।୫ (ସମିସ):** ପାରାଦୀପ ଲକ୍ ଥାନା ଅଧୀନ କୋଲଡିଆ ଗ୍ରାମରେ ବିକାଶ ବେହେରା (୨୦) ନାମକ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଅପରାହ୍ଣରେ ଘରେ କେହି ନ ଥିବାବେଳେ ଯୁବକ ଜଣକ ବେକରେ ଗାମୁଛା ବାନ୍ଧି ଫ୍ୟାନ୍‌ରେ ଝୁଲି ପଡିଥିଲେ। ପଡ଼ିଶା ଲୋକେ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଠରବାଙ୍କୀ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସକୁ ଖବର ଦେବା ପରେ ପୁଲିସ ହସ୍ପିଟାଲରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ପଠାଇଥିଲା। ତେବେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ଜଣାପଡି ନ ଥିଲେ ମଧ୍ୟ ପ୍ରେମ ସମ୍ପର୍କକୁ ନେଇ ଏଭଳି ହୋଇଥିବା ପୁଲିସ ଅନୁମାନ କରୁଛି। ଶବ ବ୍ୟବଚ୍ଛେଦ ପରେ ରିପୋର୍ଟ ଆସିଲେ ସତ୍ୟତା ଜଣାପଡିବ ବୋଲି ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଚୋରା ତେଲ ଡିପୋ ଉପରେ ଚଢ଼ଉ

**ପାରାଦୀପ, ୧୦।୫ (ସମିସ):** ପାରାଦୀପ ଲକ୍ ଥାନା ଅଞ୍ଚଳର ନ୍ୟୁ କାର୍ବନ ନିକଟରେ ଥିବା ଏକ ଚୋରା ତେଲ ଡିପୋ ଉପରେ ଚଢଉ କରିଛି ଲକ୍ ଥାନା ପୁଲିସ। ଥାନା ଅଧିକାରୀ କୁଳମଣି ସେଠୀଙ୍କ କହିବା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ ମେରାଇନ ଥାନା ପୁଲିସ ନେହୁରୁ ବଙ୍ଗଳା ମାଛଧରା ବନ୍ଦର ମଧ୍ୟରେ ଏକ ଟ୍ରଲରରେ ଚୋରା ଡିଜେଲ ପଡୁଥିବାବେଳେ ଚଢଉ କରିଥିଲା। ଚଢ଼ଉ ବେଳେ ୧୮ ଶହ ଲିଟର ଡିଜେଲ ୯ଟି ବ୍ୟାରେଲ ଏକ ପିକଅପ ଭ୍ୟାନରେ ଲୋର୍ଡ଼ ହୋଇ ଭାଗ୍ୟ ଶଙ୍କର ନାମକ ଏକ ଟ୍ରଲରରେ ପଡୁଥିବା ସମୟରେ ପୁଲିସ ହାବୁଡ଼ରେ ପଡିଥିଲା। ସେଥିରେ ସମ୍ପୃକ୍ତ ଥିବା ୩ ତେଲ ମାଫିଆଙ୍କୁ ପୁଲିସ ମଧ୍ୟ କାବୁ କରିବା ବେଳେ ଜଣେ ଖସି ପଳାଇଥିଲା। ତେବେ ଗିରଫ ୩ ତେଲ ମାଫିଆଙ୍କ କହିବା ଅନୁଯାୟୀ ଏହି ଚୋରା ତେଲ ଦୋଛକି ନ୍ୟୁ କାର୍ବନ ନିକଟରେ ଥିବା ଏକ ଚୋରା ତେଲ ଡିପୋରୁ ହିଁ ଆସିଥିଲା। ଯେହେତୁ ଏହି ଡିପୋ ଲକ୍ ଥାନା ଅଞ୍ଚଳରେ ରହିଛି, ତେବେ ଲକ ଥାନା ପୁଲିସ ସୂଚନା ପାଇ ଚଢ଼ଉ କରିଥିଲା। ଚଢ଼ଉ ବେଳେ ୫ ହଜାର ଲିଟର ଡିଜେଲ ଏକ ପିକଅପ ଭ୍ୟାନରେ ଲୋଡ୍ ହୋଇ ରହିଥିବା ପୁଲିସ ଦେଖିବାକୁ ପାଇଥିଲା। ସେହି ପିକଅପ ଭ୍ୟାନର ଡ୍ରାଇଭର ରାମନଗର ଅଞ୍ଚଳର ରାଜା ଦାସ (୨୦)କୁ ପୁଲିସ ଗିରଫ କରିଛି। ସେଠାରେ ଥିବା ଏକ ବାଇକ୍ ମଧ୍ୟ ଜବତ ହୋଇଛି। ଗିରଫ ଡ୍ରାଇଭରଙ୍କ କହିବା ଅନୁଯାୟୀ ଏହି ଚୋରା ଡିଜେଲ ରାମନଗର ଅଞ୍ଚଳକୁ ଯାଇ ମାଛ ଘେରି ଅଞ୍ଚଳରେ ସପ୍ଲାଇ କରାଯିବା ନେଇ ପ୍ରସ୍ତୁତ ଥିଲା। ଡ୍ରାଇଭରକୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଅକ୍ଷିମୁଠି ଅନୁକୂଳ କଲେ ଧ୍ରୁବ

**ରାଜନଗର,୧୦।୫ (ସମିସ):** ଓଡିଆ ମାନଙ୍କ ଅସ୍ମିତାର ପ୍ରତୀକ କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟତୃତୀୟା ଅବସରରେ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଅକ୍ଷିମୁଠି ଅନୁକୂଳ କରିବା ସହ ହଳ କରିବା ପରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆଜି ପବିତ୍ର ଅକ୍ଷୟତୃତୀୟା ଅବସରରେ ରାଜନଗର ବିଧାୟକ ତଥା ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ସକାଳେ ନିଜ ଗାଁ ବେଲପାଳରେ



ଅକ୍ଷିମୁଠି ଅନୁକୂଳ କରିବାକୁ ବିଲକୁ ବାହାରିଥିଲେ। କୃଷକ ବେଶରେ ଗାଁର ଆରାଧ୍ୟା ଦେବୀ ମା'ସିଦ୍ଧ ବାସୁଳେଇଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ ବିଲରେ ପହଞ୍ଚି ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଧାନ ବିହନ ପୂଜାର୍ଚ୍ଚନା କରିବା ପରେ ବଳଦ ମାଧ୍ୟମରେ ବିଲରେ ହଳ କରିଥିଲେ। ଏହାପରେ ବିଲରେ ଧାନ ବୁଣିଥିଲେ। ବିଧାୟକ ସକାଳୁ ବିଲରେ ପୂଜାର୍ଚ୍ଚନା ସାରିବା ପରେ ତାଙ୍କ ମାଆଙ୍କ ଆଶୀର୍ବାଦ ନେଇ ନାମାଙ୍କନ ପତ୍ର ଦାଖଲ ପାଇଁ କେନ୍ଦ୍ରାପଡା ଆସିଥିଲେ। ବିଧାୟକ ହେବା ପରେବି ଚାଷୀଘରର ରୀତିନୀତି ଆଜିଯାଏଁ ପାଳନ କରିବା ଘଟଣା ଅଞ୍ଚଳରେ ପ୍ରଶଂସା ଯୋଗ୍ୟ ହୋଇଛି। ଚାଷୀପୁଅ ବିଧାୟକ ହେବ ନାରାଦେଇ ଗତ ନିର୍ବାଚନରେ ବିଜୟ ଲାଭ କରିଥିବା ଧ୍ରୁବ ସାହୁ ଚଳିତବର୍ଷ ନାମାଙ୍କନପତ୍ର ଦାଖଲ ଦିନ ଅକ୍ଷିମୁଠି ଅନୁକୂଳ କରିବା ଓ ହଳ କରି ଚଷାପୁଅର ପରିଚୟ ଦେଇଛନ୍ତି।

## ମା' ରାମଚଣ୍ଡିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୁଜଙ୍ଗ,୧୦।୫(ସମିସ):** ଜଗନ୍ନାଥପୁର ଗ୍ରାମର ରାମଚଣ୍ଡି ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ମହାଯଜ୍ଞ ବୈଦିକ ରୀତିରେ ଅନୁଷ୍ଠିତ ହେଉଛି। ମହାନଦୀରୁ ୧୬୦ ମହିଳା ଓ ପୁରୁଷ ଶୋଭାଯାତ୍ରାରେ କୁଜଙ୍ଗ ବଜାର ପରିକ୍ରମା କରି ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ମା' ରାମଚଣ୍ଡିଙ୍କ ମନ୍ଦିର ପରିସରରେ ଆଧ୍ୟାତ୍ମିକ ଯଜ୍ଞାହୁତି ଆରମ୍ଭ ହୋଇଛି। ଶୁଭାଧିବାସ, ଅଙ୍କୁରାରୋପଣ ଓ ଯଜ୍ଞାହୁତି କର୍ମାଣୀ ଅନୁଷ୍ଠିତ ହେଉଛି। ତିନିଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଭଜନ ସମାରୋହ, ଭାଗବତ କଥା ଅନୁଷ୍ଠିତ ହେଉଛି। ରବୀନ୍ଦ୍ର କୁମାର ନାଥ ଓ କାମିନୀ ଦେବୀ ମହାଯଜ୍ଞରେ କର୍ତ୍ତାକର୍ତ୍ତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପକନ ନାଥ ଓ ଜଗନାଥପୁର ଗ୍ରାମବାସୀ ଉତ୍ସବର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ବାନାମ୍ବର ତ୍ରିପାଠୀ ଓ ସହଯୋଗୀ ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଜଳଛତ୍ର

**କୁଜଙ୍ଗ,୧୦।୫(ସମିସ):** କଟକ-ପାରାଦୀପ ରାସ୍ତାର ବଡ଼ପାଳ ନିକଟ ମନ୍ତ୍ରୀପାଟଣାରେ ଗଜଲକ୍ଷ୍ମୀ ପୂଜା କମିଟି ଓ ମହାବୀର ଯୁବ ପରିଷଦ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ପ୍ରବଳ ଗ୍ରୀଷ୍ମରେ ପଥଚାରୀଙ୍କୁ ଥଣ୍ଡା ଦହି ସରବତ୍ ବଣ୍ଟନ କରାଯାଉଛି। କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ମନ୍ତ୍ରୀପାଟଣା ଗ୍ରାମର ଏହି ଯୁବ ପରିଷଦର ସଭ୍ୟ ପୀତବାସ ମଲ୍ଲ, ନରେଶ ଖଟୁଆ, ସ୍ମୃତିରଞ୍ଜନ ପାଲ, ସାଇସ୍ୱରୂପ ମଲ୍ଲ, ଜଗନ ବେହେରା, ସାଇ ଶୁଭମ ମଲ୍ଲ, ଓମ୍‌ପ୍ରକାଶ ବେହେରା, ସୌମ୍ୟରଞ୍ଜନ ଖଟୁଆ, ଶୁଭରଞ୍ଜନ ଲେଙ୍କା, ଗୁଲିଆ ବେହେରା, ପ୍ରସନ୍ନ ମଲ୍ଲ, ସନ୍ତୋଷ ବେହେରା, ସୁବାସ ଖଟୁଆ, ଚନ୍ଦ୍ରକାନ୍ତ ଖଟୁଆ, ପ୍ରିୟବ୍ରତ ମଲ୍ଲ, ମନୋରଞ୍ଜନ ରାଉତ, ଦେବେନ୍ଦ୍ର ପାଲ, ରାଜକିଶୋର ଦାସ, ଭାଗବତ ଦାସ ପ୍ରମୁଖ ଗାଡ଼ି ଚାଳକ, ପଥଚାରୀଙ୍କୁ ଏହି ଥଣ୍ଡା ଦହି ସରବତ୍ ବଣ୍ଟନ କରିବା ସହ ଗ୍ରୀଷ୍ମରୁ ରକ୍ଷା ନେଇ ସଚେତନତା କରୁଛନ୍ତି।

## ଶିକ୍ଷକଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା

**ରାଜକନିକା,୧୦।୫(ସମିସ):** କାଟଣାର ତାରାମଣି କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ପୂର୍ବତନ ସହକାରୀ ଶିକ୍ଷକ ସ୍ୱର୍ଗତ ରମାକାନ୍ତ ପଣ୍ଡାଙ୍କ ସ୍ମୃତିର ଦ୍ୱାଦଶାହରେ ତାଙ୍କ ଜନ୍ମସ୍ଥାନ ମେଘପୁର ଗ୍ରାମରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି ।ସ୍ୱର୍ଗତ ଶିକ୍ଷକଙ୍କ ପୁରାତନ ଛାତ୍ରଛାତ୍ରୀମାନଙ୍କ ତରଫରୁ ଏକ ଶୋକ ସଭା କରାଯାଇ ସ୍ୱର୍ଗତ ଶିକ୍ଷକଙ୍କ ଛାତ୍ର ବତ୍ସଳତା ଓ କର୍ତ୍ତବ୍ୟନିଷ୍ଠା ଅନନ୍ୟ ବୋଲି ମତପ୍ରକାଶ ପାଇଛି । ଏହି ସ୍ମୃତି ସଭାରେ ୧୦୦୦ ରୁ ଅଧିକ ଲୋକଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟରେ ଶଶିଭୂଷଣ ଦାସ, ଚନ୍ଦନ ନାୟକ,ସୁଶାନ୍ତ ନାୟକ,ରତିକାନ୍ତ ମାହୁନ୍ତ, ନିଗମାନନ୍ଦ ସ୍ୱାଇଁ, ପ୍ରଦୀପ ବେହେରା,ଦେବ ନାୟକ, ରଞ୍ଜନ ପଲାଇ, ଶୈଳେନ୍ଦ୍ର ନାରାୟଣ ଦାସ,ବିକାଶ ଚନ୍ଦ୍ର ଦାଶ, ପିଣ୍ଟୁ ଜେନା,ଦେବେନ୍ଦ୍ର ବିଶ୍ୱାଳ,ଅଣାକାର ରାୟ,ବିଜୟ ପ୍ରଧାନ ଓ ସରୋଜ କୁମାର ପ୍ରଧାନ ସହଯୋଗ କରିଥିଲେ । ମହେନ୍ଦ୍ର କୁମାର ମାହୁନ୍ତ ଓ ବିଶ୍ୱଭୂଷଣ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟ ସଫଳତାର ସହିତ ସମାପନ କରାଯାଇଥିଲା।

### ବିଶ୍ୱ ରେଡକ୍ରସ ଦିବସ ପାଳିତ

# 'ଦୁଃସ୍ଥଲୋକଙ୍କୁ ସେବା ଯୋଗାଇ ଦେବା ହିଁ ପ୍ରକୃତ ମାନବିକତା'

**କେନ୍ଦ୍ରାପଡ଼ା,୧୦।୫(ସମିସ):** ପୌର ପରିଷଦ ଅନ୍ତର୍ଗତ ବଳଦେବ ହାଇସ୍କୁଲରେ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ରେଡକ୍ରସ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଓ ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ 'ମାନବିକତା ଜୀବିତ ରଖିବା' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ, ସାଧାରଣ ଜ୍ଞାନ ଓ ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।




ମାଟିଆପଡ଼ା ଉନ୍ନୀତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ବଳଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୁବିନା ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇ ଜୁନିୟର ରେଡକ୍ରସର ଗୁରୁତ୍ୱ ବର୍ଣ୍ଣନା କରିବା ସହ ଦୁସ୍ଥ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ସେବା ଯୋଗାଇ ଦେବା ହିଁ ପ୍ରକୃତ ମାନବିକତା ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ ଯୋଗଦେଇ ସେବା ହିଁ ପରମ ତପ ବୋଲି ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜୁନିୟର ରେଡକ୍ରସ ଯୁଗ୍ମ ସମ୍ପାଦକ ବଙ୍କିମ ବିହାରୀ ମହାନ୍ତି ଓ ବିପର୍ଯ୍ୟୟ ପରିଚାଳନା ସାଧନକର୍ମୀ ବ୍ରଜସୁନ୍ଦର ଦାସ ଯୋଗ ଦେଇଥିଲେ। ଜିଲ୍ଲା ଜୁନିୟର ରେଡକ୍ରସ ସମ୍ପାଦିକା ସ୍ମିତା ପ୍ରତିଭା ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ସ୍ତରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଜିଲ୍ଲାର ଜୁନିୟର ସ୍ୱାତିସ୍ମିତା ନାୟକ, ରାଜ୍ୟ ସ୍ତରରେ ଶ୍ରେଷ୍ଠ ମାର୍ଗଦର୍ଶିକା ଓ ଶ୍ରେଷ୍ଠ ଜୁନିୟର ଭାବେ ପୁରସ୍କୃତ ହୋଇଥିବା ଜିଲ୍ଲାର ଶୁଭଶ୍ରୀ ବେହେରା ଓ ଦେବାଶ୍ରୀ ରାଉତରାୟଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନାଗ ସମ୍ବର୍ଦ୍ଧିତ କରିଥିଲେ। ସାଧନକର୍ମୀ ତପନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ମାର୍ଗଦର୍ଶକ ଶୁଭେନ୍ଦୁ କୁମାର ନାୟକ, ରାମଚନ୍ଦ୍ର ବେହେରା, ସତ୍ୟାନନ୍ଦ ବେଜ, ରଞ୍ଜନ କୁମାର ଦାଶ, ରାଜେଶ କୁମାର ପଣ୍ଡା, ମାର୍ଗଦର୍ଶିକା ଶୁଭଶ୍ରୀ ବେହେରା, ରୁବିନା ଖାତୁନ, ପ୍ରଭାତୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବକଙ୍କ ଅକାଳ ବିୟୋଗ

**କୁଜଙ୍ଗ,୧୦।୫(ସମିସ):** ସ୍ଥାନୀୟ ଧଳିପଙ୍କ ଗ୍ରାମର ହାଟସାହି ନିବାସୀ ଶିକ୍ଷାବିତ୍ ପ୍ରହଲ୍ଲାଦ ଚରଣ ସାହୁଙ୍କ କନିଷ୍ଠ ପୁଅ ଅମରେଶ ସାହୁ(୪୧)ଙ୍କ ପରଲୋକ ହୋଇଯାଇଛି। ସେ କଟକରେ ଫାର୍ମାସିଷ୍ଟ ରୂପେ କାମ କରୁଥିଲେ। ଯୁବାବସ୍ଥାରୁ ସେବା ଓ ସମର୍ପଣ ନେଇ କାମ କରୁଥିବା ଏହି ଯୁବକ ନିଜ କର୍ମକ୍ଷେତ୍ର ଓ ଗ୍ରାମରେ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ଦେହ କିଛିଦିନ ହେବ ଅସୁସ୍ଥ ହେବା ସହ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ହୃଦଘାତରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ମାଆ ବାସନ୍ତୀ ସାହୁ, ଭାଇ ସୁଶାନ୍ତ ସାହୁ, ରମେଶ ସାହୁ, ସୁକାନ୍ତ ସାହୁ, ଅରବିନ୍ଦ ସାହୁ, ଭଉଣୀ ଆଲୋକ ଓ ଅନୀତା, ଭିଣୋଇ, ପତ୍ନୀ ଓ ୮ ବର୍ଷର ପୁଅ ଉପସ୍ଥିତ ଥିଲେ। କଟକ ସତୀଚଉରା ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

### ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ

## ଅକ୍ଷିମୁଠି ଅନୁକୂଳ କଲେ କୃଷି ଅଧିକାରୀ ଓ ଜିଲ୍ଲା ଅଧିକାରୀ





**କେନ୍ଦ୍ରାପଡ଼ା/ଡେରାବିଶ,୧୦।୫(ସମିସ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ, କେନ୍ଦ୍ରାପଡ଼ା ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆଜି ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡଃ ଅରୋବିନ୍ଦ ଦାସ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ଚାନ୍ଦ ଅତିଥି ଭାବେ ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ପ୍ରଥମେ ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ଉଭୟ ଅଧିକାରୀ ବିଲରେ ଅକ୍ଷିମୁଠି ବୁଣି ଚାଷ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏଥିସହିତ ଚଳିତ ବର୍ଷ ଜିଲ୍ଲାରେ ଚାଷ ଭଲରେ ହେଉ ଏବଂ କୃଷି ଓ କୃଷକଙ୍କ ଶୁଭକାମନା କରି କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ରାଉଳ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦେବଦାସ ଦତ୍ତ, ନାବାର୍ଡର ଡିଡିଏମ ଅଶୋକ କୁମାର ଆଚାର୍ଯ୍ୟ, ସହକାରୀ କୃଷି ଅଧିକାରୀ ନିରଞ୍ଜନ ରାଉତ, ଡିଏଫଓ ଶଶାଙ୍କ ଶେଖର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ (ଆଗ୍ରୋନୋମି) ଡ. ତାପସ ରଞ୍ଜନ ସାହୁ, ବୈଜ୍ଞାନିକ (ଉଦ୍ୟାନକୃଷି) ଡ. ପ୍ରଭଞ୍ଜନ ମିଶ୍ର, ବୈଜ୍ଞାନିକ (ପ୍ଲାଣ୍ଟ ପ୍ରୋଟେକସନ) ଡ. ଗାୟତ୍ରୀ ସାହୁ, ବୈଜ୍ଞାନିକ (ମତ୍ସ୍ୟ) ମାନସ ରଞ୍ଜନ ବେହେରା, ବୈଜ୍ଞାନିକ (ଗୃହ ବିଜ୍ଞାନ) ନମିତା ମହାପାତ୍ର, ଝୋଟ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ସାରିକା ଜେନା ଓ ବୈଜ୍ଞାନିକ ଡ. ପୂଜା କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକଙ୍କ ତ୍ୟାଗ ଓ ସମର୍ପଣକୁ ପ୍ରଶାସନ ବୁଝିବା ଉଚିତ: ସୁଧାକର ମନ୍ତ୍ରୀ

**କୁଜଙ୍ଗ,୧୦।୫(ସମିସ):** ଦେଶରେ ଏବେ ଶ୍ରମିକଙ୍କ ସ୍ଥିତି ଅତି ସଙ୍କଟ ଦେଇ ଗତି କରୁଥିବା ବରିଷ୍ଠ ଶ୍ରମିକ ନେତା ଇଂ ସୁଧାକର ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ବରିଷ୍ଠ ଶ୍ରମିକ ନେତା ୭୦ ଦଶକରେ ଶ୍ରମିକଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ଭାବନାକୁ ସ୍ମରଣ କରିବା ସହ ଶ୍ରମିକଙ୍କ ତ୍ୟାଗ ଓ ସମର୍ପଣକୁ ପ୍ରଶାସନ ବୁଝିବା ଦରକାର ବୋଲି କହିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ହେବା ଓ ବିଭିନ୍ନ ସ୍ଥାନରେ ଠିକାଦାର ଶ୍ରମିକଙ୍କୁ ଶୋଷଣ କରିବା, ଶ୍ରମିକଙ୍କୁ ମିଥ୍ୟା ମକଦ୍ଦମା ସହ ତାଙ୍କ ହକ୍‌କୁ ଦବାଇ ଦେବା, ଏସବୁ କାର୍ଯ୍ୟରେ ପୁଲିସ, ପ୍ରଶାସନ ଓ ଶ୍ରମ ବିଭାଗ ନିରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଦୁଃଖର ଘଟଣା ବୋଲି ଶ୍ରୀ ମନ୍ତ୍ରୀ ପ୍ରକାଶ କରିଛନ୍ତି। କୁଜଙ୍ଗ ବ୍ଲକ ପଣ୍ଡୁଆ ପଞ୍ଚାୟତର କୋଷ୍ଠି ଭଳି ଅପନ୍ତରା ଅଞ୍ଚଳରେ ୧୯୪୪ରେ ଅଲେଖ ଚନ୍ଦ୍ର ମନ୍ତ୍ରୀଙ୍କ ବଡ଼ପୁଅ ହୋଇ ଜନ୍ମ ନେବା ପରେ ନିଜର ବୁଦ୍ଧି, ସାଧନା ଓ ପରିଶ୍ରମ ଯୋଗୁଁ କେବଳ ରାଜ୍ୟ ନୁହେଁ ଦିଲ୍ଲୀରେ ଆନ୍ଦୋଳନ କରି ସେ ସୃଷ୍ଟି କରିଛନ୍ତି ଉଦାହରଣ। ଏଥିପାଇଁ ତାଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଛି। ପତ୍ନୀ ମିତାରାଣୀଙ୍କ ସହ ୫ ଝିଅ ଓ ଗୋଟିଏ ପୁଅଙ୍କୁ ପିତାଙ୍କ ଆନ୍ଦୋଳନ ପାଇଁ ପାଠପଢା ଅଧାରୁ ବନ୍ଦ କରିବାକୁ ପଡିଛି। ୧୯୭୧ରେ ସେ ପାରାଦୀପ ବନ୍ଦରରେ ଯୋଗ ଦେବା ପରେ ପାରାଦୀପ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ରୂପେ ଦାୟିତ୍ୱ ନେଇ ବହୁ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ସମୟରେ ଦିବଂଗତ ଶରତ କର ଏହାର ସଭାପତି ଥିଲେ। ପରେ ୧୯୭୭ରେ ଉତ୍କଳ ପୋର୍ଟ ଡକ୍ ୱାର୍କର୍ସ ୟୁନିଅନ୍ ଗଠନ କରି ସେ ଆଣିଛନ୍ତି ଶହ ଶହ ଶ୍ରମିକଙ୍କ ପାଇଁ ହସ ଓ ଜୀବନ ଜୀଇବାର ସାଧନ। ଠାକୁର ନିଗାମାନ୍ଦ ସରସ୍ୱତୀଙ୍କ ଅନୁଗାମୀ ଶ୍ରୀ ମନ୍ତ୍ରୀ ଉତ୍କଳ ସାହିତ୍ୟ ସମାଜ ସହ ବହୁ ଶିକ୍ଷାନୁଷ୍ଠାନ ଓ ଶ୍ରମିକ ସଂଗଠନର ଉପଦେଷ୍ଟା ରୂପେ ରହି ଆଜିବି କର୍ମଠ ରହିଛନ୍ତି। ସେବା, ସମର୍ପଣ ଓ ସମାଜ ପ୍ରତି ଥିବା ପ୍ରତିବଦ୍ଧତା କାରଣରୁ ବହୁ ସମୟରେ ସେ ଶ୍ରମ ଅଦାଲତରେ ଶ୍ରମିକଙ୍କ ପାଇଁ ନିଜେ ମଧ୍ୟ ମମଲା ପରିଚାଳନା କରନ୍ତି। ଆଜି ବୟସର ଅପରାହ୍ନରେ ନିଜ ଆଖିରେ ଦେଖୁଥିବ କ୍ରମବର୍ଦ୍ଧିଷ୍ଣୁ ଶ୍ରମିକ ଶୋଷଣ ତାଙ୍କୁ ବ୍ୟଥିତ କରିଛି ବୋଲି କ୍ଷୋଭର ସହ କହିଛନ୍ତି।

## ବିଜେପି ପ୍ରଚାର ଗାଡ଼ିକୁ ଜବତ କଲା ଏସ୍‌ଟିଏଫ୍

**ରାଜକନିକା,୧୦।୫(ସମିସ):** ନିର୍ବାଚନ ଆଚରଣ ବିଧି ଅନୁପାଳନ କରିବା ବେଳେ ଆଜି ଗୁଆଳିଗାଁ ଛକରେ ଏସଟିଏଫ ଟିମ ଯାଞ୍ଚରେ ବିଜେପିର ଏକ ପ୍ରଚାର ଗାଡିକୁ ଜବତ କରିଛି ।ତେବେ ଜବତ ହୋଇଥିବା ଏହି ଗାଡ଼ିରେ ପ୍ରଚାର କରିବାକୁ ଅନୁମତି ପତ୍ର ନ ଥିବା ବେଳେ ଏହା ମଧ୍ୟରୁ କେତେକ ହୋର୍ଡିଂ ଓ ବ୍ୟାନରକୁ ପୁଲିସ ଜବତ କରିଛି ।ଓଡି ୦୨ ସି ଇ ୮୦୬୯ ନମ୍ବର ପିକ୍‌ଅପ ଭ୍ୟାନରେ ବିଜେପି ଦଳର ପ୍ରଚାର ପାଇଁ ଏହା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ପାଇଁ ଯାଉଥିବା ବେଳେ ଜବତ ହୋଇ ରାଜକନିକା ଥାନାରେ ଅଟକ ରହିଛି । ତେବେ ନିର୍ବାଚନ ର ସମ୍ବେଦନ ଥିବା କୌଣସି ଦ୍ରବ୍ୟ ଏଥିରୁ ମିଳି ନ ଥିବା ବେଳେ ପୁଲିସ ଏହା ସମ୍ପର୍କିତ ଅନୁମତି କାଗଜ କୁ ଅପେକ୍ଷା କରିଛି।



## ମା' ଶାରଳାଙ୍କ ଚନ୍ଦନ ଯାତ୍ରା ଶୁଭାରମ୍ଭ



**ତିର୍ତ୍ତୋଲ, ୧୦।୫ (ସମିସ):** ଓଡିଶାର ପ୍ରାଚୀନ ଶକ୍ତିପୀଠ କନକପୁରସ୍ଥିତ ଝଙ୍କଡ ଶାରଳା ପୀଠରେ ମା' ଶାରଳା ଠାକୁରାଣୀଙ୍କ ଚନ୍ଦନ ଯାତ୍ରା ପବିତ୍ର ଅକ୍ଷୟ ତୃତୀୟା ଦିବସରୁ ଶୁଭାରମ୍ଭ ହୋଇଛି। ଏହି ଚନ୍ଦନ ଯାତ୍ରା ୨୧ ଦିନ ଧରି ଚାଲିବ। ଶୁକ୍ରବାର ପାରମ୍ପରିକ ପୂଜାର୍ଚ୍ଚନା ପରେ ମଧ୍ୟାହ୍ନ ସମୟରେ ମା'ଙ୍କୁ ବଡସିଂହାର ବେଶ ଓ ଚନ୍ଦନ ଲାଗି କରାଯିବାପରେ ମା'ଙ୍କ ବିଜେ ପ୍ରତିମା ମନ୍ଦିରରୁ ସୁସଜ୍ଜିତ ମଣିମୟ ଆସ୍ଥାନରେ ବିଜେକରି ମନ୍ଦିର ସମ୍ମୁଖକୁ ଆସିଥିଲେ। ପରମ୍ପରା ଅନୁଯାୟୀ ସେଠାରେ ଥିବା ପାଲିଙ୍କିରେ ବିଜେ କଲାପରେ ସେବାୟତ ମାନଙ୍କ ଘଣ୍ଟ ଘଣ୍ଟା, କାହାଳୀ, ମର୍ଦ୍ଦଳ, ପଖଜ, ଗିନି ପ୍ରଭୃତି ବାଦ୍ୟର ତାଳେତାଳେ ଏକ ପଟୁଆରରେ ହରିବୋଲ ଓ ହୁଳହୁଳି ଧ୍ୱନି ମଧ୍ୟରେ ଚନ୍ଦନ ପୋଖରୀ ଅଭିମୁଖେ ଯାତ୍ରା କରିଥିଲେ। ଚନ୍ଦନ ପୋଖରୀରେ ଏକ ସୁସଜ୍ଜିତ ନୌକାରେ ମା'ଙ୍କ ବିଜେ ପ୍ରତିମା ଉପବେଶନ ପରେ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନ ଏକ ଘେରା ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଏହା ପରେ ମା' ଚନ୍ଦନ ପୋଖରୀସ୍ଥିତ ଚନ୍ଦନ କୁଣ୍ଡିରେ ବିଶ୍ରାମ ନେଇଥିଲେ। ରାତିରେ ଏକ ଘେରା ଚାପ ଖେଳ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନରେ ଦୁଇ ଘେରା ଚାପ ଖେଳ ଦିନ ଓ ରାତିରେ ଅନୁଷ୍ଠିତ ହେବ। ଏହିପରି କ୍ରମାନ୍ୱୟରେ ୨୧ ଦିନ ପର୍ଯ୍ୟନ୍ତ ଦିନ ଏବଂ ରାତିରେ ୨୧ ଘେରା ଚାପ ଖେଳ ଅନୁଷ୍ଠିତ ହେବାର ପରମ୍ପରା ରହିଛି। ଏଥି ସହ ଅନ୍ୟାନ୍ୟ ଦେବା ଦେବୀ ପୀଠରେ ଦିନକୁ ଥରେ ଚାପ ଖେଳ ହେଉଥିବାବେଳେ ମା ଶାରଳାଙ୍କ ପୀଠରେ ଦିବା-ରାତ୍ର ଦୁଇଥର ଚାପ ଖେଳର ପରମ୍ପରା ଆବାହନ କାଳରୁ ରହି ଆସିଛି । ଗତ ବର୍ଷ ଚନ୍ଦନ ଯାତ୍ରା ସମୟରେ ଅଘଟଣ ଘଟି ବାଣ ବିସ୍ଫୋରଣ ହୋଇଥିବାରୁ ଚଳିତ ବର୍ଷ ମନ୍ଦିର ପ୍ରଶାସନ ତରଫରୁ ବାଣ ଫୁଟା ବନ୍ଦ କରାଯାଇଛି।

# ଦଶବାଟିଆରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ବାଲିକୁଦା,୧୦।୫(ସମିସ):** ବାଲିକୁଦା ବ୍ଲକ ୪ନଂ ଜୋନ ବରମୁଣ୍ଡଳୀ ପଞ୍ଚାୟତ ଦଶବାଟିଆ ବଜାରଠାରେ ବିଜେଡି ପକ୍ଷରୁ ଏକ ଦଳୀୟ କାର୍ଯ୍ୟାଳୟ ଖୋଲାଯାଇଛି।ଏହି କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଦଳୀୟ ସାଂସଦ ପ୍ରାର୍ଥୀନୀ ଡାକ୍ତର ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ଉଦଘାଟନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ ଗିରୀଷ ଚନ୍ଦ୍ର ଦାସ,ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମୀନକେତନ ଅମାତ,ଜିଲ୍ଲା ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ର,ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ,ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ,ପୂର୍ବତନ ଜିଲ୍ଲା ପରିଷଦ ଯୁଗଳ କିଶୋର ମହାନ୍ତି,ବିଜେଡି ନେତା



ମୁନା ସ୍ୱାଇଁ,ସୁବାସ ନାୟକ,ବନ୍ଧୁ ଚରଣ ନାୟକ,ଆସିକ ମହାନ୍ତି,ମିଟୁ ବେହେରାଙ୍କ ସମେତ ଅନେକ ଜୋନସ୍ତରୀୟ ବିଜେଡି ନେତା ଓ ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିଲେ। ଏହି ଦଳୀୟ କାର୍ଯ୍ୟାଳୟରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯିବା ସହ କିଭଳି ଏହି ଜୋନରୁ ସର୍ବାଧିକ ଭୋଟ ଦଳୀୟ ପ୍ରାର୍ଥୀଙ୍କୁ ଯିବ ସେନେଇ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜିଲ୍ଲା ପରିଷଦ ସଦସ୍ୟା ତଟିନା ସ୍ୱାଇଁ ପ୍ରକାଶ କରିଥିଲେ।ଏପରିକି ଏହି ଯୋନର ୮ଟି ପଞ୍ଚାୟତର ଦଳୀୟ କର୍ମୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ନେତାମାନଙ୍କୁ ଅବଗତ କରାଇଲେ ତାହାର ତୁରନ୍ତ ସମାଧାନ କରାଯିବା ସହ କର୍ମୀମାନଙ୍କ ମନୋବଳ ବୃଦ୍ଧି ପାଇଁ ଏହା ସହାୟକ ହେବ ବୋଲି ପ୍ରକାଶ କରିଥିଲେ।

### ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀ

# ବିଜେଡି ଓ ବିଜେପି ମଧ୍ୟରେ ହେବ ଟକ୍କର; ବାଟ ଖୋଜୁଛି କଂଗ୍ରେସ

**ଢେଙ୍କାନାଳ, ୧୦।୫ (ସମିସ) :** ଢେଙ୍କାନାଳ ଲୋକସଭା ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ଜୋରଦାର ପ୍ରଚାର ଜାରି ରହିଛି। ଏଠାରେ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ଟକ୍କର ଦେଖିବାକୁ ମିଳିବ ବୋଲି କୁହାଯାଉଥିବା ବେଳେ କଂଗ୍ରେସ ନିଜର ସ୍ଥିତି ଜାହିର କରିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛି।

ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଢେଙ୍କାନାଳ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ, ତାଳଚେର, ପାଲଲହଡ଼ା ଏବଂ ଅନୁଗୋଳ ରହିଥିବା ବେଳେ ଚଳିତ ଥର ଲୋକସଭା ପାଇଁ ବିଜେଡି ନୂତନ ପ୍ରାର୍ଥୀ ଭାବରେ ଅବିନାଶ ସାମଲଙ୍କୁ ପ୍ରାର୍ଥୀ କରିଛି। ଲୋକସଭା ପାଇଁ ଉତ୍କଳ ସମାଜ ତରଫରୁ ସ୍ୱପ୍ନାରାଣୀ ଜେମସ, ସ୍ୱାଧୀନ ଭାବରେ କୈଳାସ ଚନ୍ଦ୍ର ପ୍ରଧାନ, ଜନାର୍ଦ୍ଦନ ନାଏକ, ପ୍ରିୟବ୍ରତ ଗଡ଼ନାୟକ, ମହେଶ୍ୱର ସାହୁ, ବହୁଜନ ସମାଜ ପାର୍ଟି ତରଫରୁ ପ୍ରଫୁଲ୍ଲ କୁମାର ନାଏକ, ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ସସ୍ମିତା ବେହେରା, ବିଜେପିର ରୁଦ୍ର ନାରାୟଣ ପାଣି, ଆମ୍ବେଦକର ଦଳ ତରଫରୁ ମାନସୀ ସ୍ୱାଇଁ ଏବଂ ବିଜେଡି ତରଫରୁ ଡ. ଅବିନାଶ ସାମଲ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଢେଙ୍କାନାଳରେ ୯ଲକ୍ଷ ୪୭ ହଜାର ୯୪୧ ଭୋଟର ରହିଥିବା ବେଳେ ଅନୁଗୋଳରେ ୫ଲକ୍ଷ ୩୦ ହଜାର ୪୨୨ ଏଭଳି ମୋଟ ୧୪ଲକ୍ଷ ୭୮ ହଜାର ୩୬୩ ଭୋଟର ରହିଛନ୍ତି। ଗତ ୨୦୧୯ରେ ତଥାଗତଙ୍କ ବଦଳରେ ମହେଶ ସାହୁଙ୍କୁ ବିଜେଡି ଭରସା କରିଥିବା ବେଳେ ଚଳିତ ଥର ଯୁବନେତା, ଶିଳ୍ପପତି, ଡାକ୍ତର ଅବିନାଶ ସାମଲଙ୍କୁ ଭରସା କରି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରିଛି। ଜିଲ୍ଲାରେ ତଥାଗତ ଶତପଥୀ ୧୯୯୮, ୨୦୦୪, ୨୦୦୯ ଏବଂ ୨୦୧୪ରେ ଶାସନ କ୍ଷମତାରେ ରହିଥିବା ବେଳେ ୨୦୧୯ରେ ମହେଶ ସାହୁ ବିଜେଡିରୁ ବିଜୟୀ ହୋଇ ଜିଲ୍ଲାରେ ଦୀର୍ଘଦିନ ହେବ ଚାଲିଥିବା ପରିବାରବାଦର ରାଜନୀତିରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। କଂଗ୍ରେସ ସର୍ବାଧିକ ସମୟ କ୍ଷମତାରେ ରହିବା ସହିତ ବିଜେଡି ୨୦ ବର୍ଷରୁ ଅଧିକ ଶାସନ କ୍ଷମତାରେ ରହିଛି। ଜିଲ୍ଲାରେ ବେକାରୀ, ପାନୀୟଜଳ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ସମସ୍ୟା ରହିଛି। ୨୦୧୪ ନିର୍ବାଚନରେ ତଥାଗତ ଶତପଥୀ ୪ଲକ୍ଷ ୫୩ହଜାର ୨୭୭ଖଣ୍ଡ ଭୋଟ ପାଇଥିବା ବେଳେ ରୁଦ୍ରନାରାୟଣ ପାଣି ୩ଲକ୍ଷ ୧୫ହଜାର ୯୩୭ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ବିଜେପିକୁ ମାତ୍ର ୩୦.୩୨ ପ୍ରତିଶତ ଭୋଟ ମିଳିଥିବା ବେଳେ ବିଜେଡିକୁ ୪୩.୫ ପ୍ରତିଶତ ଭୋଟ ମିଳିଥିଲା। ସେହିପରି ୨୦୧୯ରେ ବିଜେଡିର ମହେଶ ସାହୁ ୫ଲକ୍ଷ ୨୨ହଜାର ୮୮୪ଖଣ୍ଡ ଭୋଟ ପାଇଥିବା ବେଳେ ରୁଦ୍ରନାରାୟଣ ପାଣି ୪ଲକ୍ଷ ୮୭ହଜାର ୪୭୨ଖଣ୍ଡ ଭୋଟ ପାଇଥିଲେ। ବିଜେଡକୁ ୪୬.୨୧ ପ୍ରତିଶତ ଭୋଟ ମିଳିଥିବା ବେଳେ ବିଜେପିକୁ ୪୩.୬ପ୍ରତିଶତ ଭୋଟ ମିଳିଥିଲା। ବିଜେପିର ଗୋଷ୍ଠୀ କନ୍ଦଳ ଦଳ ପାଇଁ ବୁମେରାଂ ସାଜିଛି। ବିଜେପି ଟିକେଟ ବଣ୍ଟନକୁ ନେଇ ଦଳରେ ଗୋଷ୍ଠୀ କନ୍ଦଳ ତୀବ୍ରତର ହୋଇଥିବା ବେଳେ ବାରମ୍ବାର ହାରୁଥିବା ନେତାଙ୍କୁ ଟିକେଟ ଦେବାରୁ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପରଜଙ୍ଗ ବିଧାୟକ ନୃସିଂହ ସାହୁ ନିର୍ବାଚନ ଜିତିବା ପରେ ନିରବତା ଅବଲମ୍ବନ କରି ନିଜ ସାଂଗଠନିକ କାର୍ଯ୍ୟରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସଫଳ ହୋଇଛନ୍ତି। କାମାକ୍ଷାନଗରେ ପ୍ରଫୁଲ୍ଲ କୁମାର ମଲିକଙ୍କର ପଲା ଭାରି ରହିଛି। ଫଳରେ ଚଳିତ ନିର୍ବାଚନରେ ବିଜେଡି ପୁଣି ଥରେ ଲୋକସଭାରେ ବାଜିମାତ କରିବାର ଲକ୍ଷ୍ୟ ରଖିଛି। ଭୋଟରମାନଙ୍କ ମତକୁ ନେଇ ବିଜେଡି ଶୀର୍ଷରେ ରହିଥିବା ବେଳେ ଜିଲ୍ଲାରେ ବିଜେପି ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛି। ଯୁବନେତା ତଥା ସମାଜସେବୀ ଡ. ଅବିନାଶ ସାମଲଙ୍କୁ ବିଭିନ୍ନ ମହଲରୁ ସମର୍ଥନ ମିଳୁଥିବା ଜଣାପଡ଼ିଛି।

## ପବିତ୍ରନଗରରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



**କଣିହାଁ, ୧୦।୫(ସମିସ):** ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ୍ ୧୦ ନଂ ଜୋନ ବିଜୁ ଜନତା ଦଳର କାର୍ଯ୍ୟାଳୟ ପବିତ୍ର ନଗର ମାର୍କେଟଠାରେ ବିଧାୟକ ମୁକେଶ କୁମାର ପାଳଙ୍କ ନିର୍ଦ୍ଦେଶ କ୍ରମେ ଶୁଭ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ବିଜେଡି ସଭାପତି ତଥା ଆମ ଓଡ଼ିଶା- ନବୀନ ଓଡ଼ିଶା ଅନୁଗୋଳ ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହା ଜୋନସ୍ତରୀୟ ବିଜୁ ଜନତା ଦଳର ନିର୍ବାଚନ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସହାୟକ ହେବ। ଏହି କାର୍ଯ୍ୟାଳୟ ମାଧ୍ୟମରେ ଭୋଟରମାନଙ୍କୁ ସଚେତନ କରିବା ସହିତ ବିପୁଳ ଭୋଟରଙ୍କ ଜନମତ ସୃଷ୍ଟି ହୋଇପାରିବ। ଏହି ଅବସରରେ ପାଲଲହଡ଼ା ବିଧାନସଭା କ୍ଷେତ୍ର ବିଜୁ ଜନତା ଦଳ ଯୁବ ସଭାପତି ସୁବାଷ ମହାନ୍ତି, ଯୁଗଳ କିଶୋର ସାହୁ, ଦେବରାଜ ପ୍ରଧାନଙ୍କ ସହ ପ୍ରତ୍ୟେକ ପଞ୍ଚାୟତ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାସୁଦେବପୁରରେ ନଳିନୀକାନ୍ତ ପ୍ରଧାନଙ୍କ ପ୍ରଚାର



**ବଇଣ୍ଡା, ୧୦।୫(ସମିସ):** ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତର ଭୂଇପଡ଼ା, ଘୋଡ଼ାଗାଡ଼, ବରଘାଟ ଆଦି ଗ୍ରାମଗୁଡିକରେ ଶୁକ୍ରବାର ବିଜେଡି ପକ୍ଷରୁ ପ୍ରଚାର କରାଯାଉଛି। ଏଥିରେ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଘର ଘର ବୁଲି ପ୍ରଚାର କରିବା ସହ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ଅଞ୍ଚଳବାସୀଙ୍କୁ ନିବେଦନ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ନବୀନ ପଟ୍ଟନାୟକ ସବୁବେଳେ ଲୋକଙ୍କ ସାଥିରେ ଅଛନ୍ତି, କିନ୍ତୁ ବିରୋଧୀମାନେ କେବଳ ନିର୍ବାଚନ ପାଖେଇ ଆସିଲେ ଦେଖାଦିଅନ୍ତି ବୋଲି କହିଥିଲେ। ଏଥିରେ ବିଜେଡି ନେତା ସୁଦାମ କର୍ଣ୍ଣ, ରବୀନ୍ଦ୍ର ମହାକୁଡ଼, ଉପେନ୍ଦ୍ର କର୍ଣ୍ଣ, କିଶୋର ଚନ୍ଦ୍ର, ସନ୍ତୋଷ ପ୍ରଧାନ, ସୁନିଲ ବିଶ୍ୱାଳ, ମହେଶ୍ୱର ଦେହୁରିଙ୍କ ସମେତ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ



**ଅନୁଗୋଳ, ୧୦।୫(ସମିସ):** ଅନୁଗୋଳ ନିର୍ବାଚନ ମଣ୍ଡଳୀର ବଅଁରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ ଗ୍ରାମ ପଞ୍ଚାୟତ, ବନ୍ଧା ଗ୍ରାମ ପଞ୍ଚାୟତ, ତଳମୂଳ ଗ୍ରାମ ପଞ୍ଚାୟତ ଓ ଅନୁଗୋଳ ବ୍ଲକ ଅନ୍ତର୍ଗତ ଅଙ୍ଗାରବନ୍ଧ ଗ୍ରାମ ପଞ୍ଚାୟତ ଠାରେ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟିକା ପ୍ରାର୍ଥିନୀ ସଂଯୁକ୍ତା ସିଂହ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ବିଜୁ ଜନତା ଦଳର ରାଜ୍ୟ ସଂପାଦକ ବିପ୍ଳବ ଜେନା, ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ବାଉରୀବନ୍ଧୁ ସାହୁ, ୨୭ନଂ. ଯୋନ ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାଏକ, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ସରୋଜ ନାରାୟଣ ସାହୁ, ସୁବାଷ ଚନ୍ଦ୍ର ପଟ୍ଟନାୟକ, ଉଛବ ଦେହୁରୀ, ଯୁବନେତା ଅରୁଣାଭ ସିଂହ, ୪ଟି ପଞ୍ଚାୟତର ବିଜୁ ଜନତା ଦଳ ସଭାପତି ଓ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ସଙ୍ଗଠନ ଓ ଆଗାମୀ ନିର୍ବାଚନ ରଣନୀତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କିପରି ଯୋଡ଼ିଶଙ୍ଖରେ ଲୋକମାନେ ଭୋଟ ଦେବେ, ସେନେଇ କର୍ମୀ ସମ୍ମିଳନୀରେ ଉଦବୋଧନ ଦେଇଥିଲେ ଉପସ୍ଥିତ ଅତିଥି। ଏହି ସମ୍ମିଳନୀରେ ବିଜେପିର କିଛି ଯୁବକ ମୁଖ୍ୟମନ୍ତ୍ରୀ ଓ ବିଧାୟକ ରଜନୀକାନ୍ତ ସିଂହଙ୍କ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ।

### ■ ବିଜେଡିର ଜୋରଦାର ନିର୍ବାଚନ ପ୍ରଚାର

## 'ଯୋଡ଼ିଶଙ୍ଖ'ରେ ଭୋଟ ଦେବାକୁ ମୁକେଶଙ୍କ ଅନୁରୋଧ



**ପାଲଲହଡା, ୧୦।୫(ସମିସ):** ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଜୁ ଜନତା ଦଳ ପକ୍ଷରୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ବିଧିବଦ୍ଧ ଭାବେ ପ୍ରଚାର ଆରମ୍ଭ ହୋଇଛି। ବିଧାୟକ ପ୍ରାର୍ଥୀ ମୁକେଶ ପାଲ ପ୍ରଥମେ ପାଲଲହଡ଼ା ସଦର ମହକୁମା ସ୍ଥିତ ବଳଦେବଜୀଉ ମନ୍ଦିର ଏବଂ ପରେ ମା' କୁଣ୍ଡେଇବୀରାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶ୍ରୀ ପାଲ ଶୁକ୍ରବାର ନିଜିଗଡ଼ ଗ୍ରାମପଞ୍ଚାୟତର ପ୍ରତ୍ୟେକ ଘରକୁ ଘର ବୁଲି ଲୋକଙ୍କ ସହିତ ମିଶି ବିଜୁ ଜନତା ଦଳ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ନିର୍ବାଚନ ମଣ୍ଡଳୀର ସମସ୍ତ ୫ ଟି ଜୋନରେ ପ୍ରଚାରକୁ ଜୋରଦାର କରାଯିବ ଏବଂ ନବୀନ ସରକାରଙ୍କ ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଯିବ। ମୁଖ୍ୟମନ୍ତ୍ରୀ ଗତକାଲି ଘୋଷଣା କରିଥିବା ବିଜେଡିର ଘୋଷଣା ପତ୍ରକୁ ପ୍ରତ୍ୟେକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ଯୋଡ଼ିଶଙ୍ଖରେ ମୋହର ମାରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରାଯାଉଛି ବୋଲି ଶ୍ରୀ ପାଲ କହିଥିଲେ। ପରେ ଈଶ୍ୱରନଗର ଗ୍ରାମପଞ୍ଚାୟତ ଗସ୍ତ କରି ଘରକୁ ଘର ବୁଲି ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ଜୋନ ସଂଯୋଜକ ନରେନ୍ଦ୍ର ଭୁକ୍ତାଙ୍କ ସମେତ ଦଳର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଟାଙ୍ଗିଆ ଚୋଟରେ ଚାଲିଗଲା ମହିଳାଙ୍କ ଜୀବନ

**ଛେଣ୍ଡିପଦା,୧୦।୫(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଭେଜିଡ଼ିହ ଗ୍ରାମରେ ଟାଙ୍ଗିଆ ଚୋଟରେ ଜଣେ ମହିଳା ଗୁରୁତର ହେବା ପରେ ହସ୍ପିଟାଲରେ ଚିକତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ମୃତକ ଜଣଙ୍କ ହେଲେ ବାଗଡ଼ିଆ ଥାନା ଭେଜିଡ଼ିହ ଗ୍ରାମର ବରୁଣ ନାଏକଙ୍କ ସ୍ତ୍ରୀ ଜୟନ୍ତୀ ନାଏକ । ବୁଧବାର ବଗିଚାରେ

### ● ବଗିଚାରେ ଗାଈ ପଶିବାରୁ ବଚସା

ଗାଈ ପଶିବାକୁ କେନ୍ଦ୍ରକରି ସକାଳ ୬ଟା ବେଳେ ସେହି ଗ୍ରାମର ରବି ନାଏକ, ତାଙ୍କ ସ୍ତ୍ରୀ ବାସନ୍ତୀ ନାଏକ, ପୁଅ ବାଦଲ ନାଏକଙ୍କ ପରିବାର ସହିତ ବରୁଣ ନାଏକ ଓ ଜୟନ୍ତୀ ନାଏକଙ୍କ ମଧ୍ୟରେ ତୀବ୍ର ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ବାସନ୍ତୀ ନାଏକ ହାତରେ ଧରିଥିବା ଟାଙ୍ଗିଆକୁ ତାଙ୍କ ପୁଅ ବାଦଲ ନାଏକ ଛଡାଇ ଆଣି ଜୟନ୍ତୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଫଳରେ ଜୟନ୍ତୀ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଜୟନ୍ତୀଙ୍କୁ ଅନୁଗୋଳ ଓ ପରେ କଟକ ନେଇ ଚିକିତ୍ସା କରାଯାଇଥିଲା। ଜୟନ୍ତୀ ଟିକେ ସୁସ୍ଥ ଅନୁଭବ କରିବା ପରେ ପରିବାର ଲୋକ ଘରକୁ ଆଣି ତାଙ୍କ ବାପଘର କଣିହାଁ ଅଞ୍ଚଳରେ ଛାଡି ଦେଇଥିଲେ । ଏନେଇ ବରୁଣ ନାଏକ ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଭିତ୍ତିକରି ଥାନା କେସ ନଂ ୧୧୪/୨୪ରେ ଦଫା ୩୪୧,୨୯୪,୩୨୩,୩୦୭,୫୦୬,୩୪ରେ ମାମଲା ରୁଜୁ କରି ବୁଧବାର ପୁଲିସ ରବି ନାଏକ,ବାସନ୍ତୀ ନାଏକ ଓ ବାଦଲ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଅପର ପକ୍ଷେ ଜୟନ୍ତୀ ଶୁକ୍ରବାର ହଠାତ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତୁରନ୍ତ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଏ ନେଇ ବାଗଡିଆ ଥାନା ପୁଲିସ ଖବର ପାଇ ମୃତ ଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ବାଗଡିଆ ପୁଲିସ ଥାନା କେସ ନଂ ୧୧୪/୨୪ରେ ହୋଇଥିବା ୩୦୭ ଦଫାକୁ ୩୦୨ରେ ପରିବର୍ତ୍ତନ କରିଛି। ଘଟଣାର ତଦନ୍ତ କରାଯିବ ବୋଲି ବାଗଡିଆ ଥାନା ପକ୍ଷରୁ ପ୍ରକାଶ କରାଯାଇଛି।

## ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ମଇଦାନରେ ୮ ପ୍ରାର୍ଥୀ

**ପାଲଲହଡ଼ା, ୧୦।୫(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ ପାଇଁ ପାଲଲହଡ଼ା ୫୯ ନିର୍ବାଚନ ମଣ୍ଡଳୀରେ ୮ ଜଣ ବିଧାୟକ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ଜଣାପଡିଛି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ସର୍ବମୋଟ ୮ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ବଜାୟ ରହିଛି। ବିଜେଡିରୁ ମୁକେଶ କୁମାର ପାଲ, ବିଜେପିରୁ ଅଶୋକ କୁମାର ମହାନ୍ତି, କଂଗ୍ରେସରୁ ଫକୀର ମୋହନ ସାମଲ, ବିଏସପିରୁ ଖଗେଶ୍ୱର ନାଏକ, ଲୋକଶକ୍ତି ଦଳରୁ ଜଗନ୍ନାଥ ଦେହୁରୀ, ଏସ୍ ୟୁ ସି ଆଇରୁ ପରମାନନ୍ଦ ସାହୁ ଏବଂ ସ୍ୱାଧୀନ ଭାବରେ ଯୁଗଳ କିଶୋର ଜିତ ଓ ସତ୍ୟପ୍ରକାଶ ମିଶ୍ର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ପାଲଲହଡା ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି, ସହକାରୀ ରିଟର୍ଣ୍ଣିଂ ଅଫିସର ଆକାଂକ୍ଷା ମହାପାତ୍ର, ପାଲଲହଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ବାରା ଓ ଡେପୁଟି କଲେକ୍ଟର (ନିର୍ବାଚନ ) ଶୁଭଶ୍ରୀ ଟୁଡୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଇନ୍ଦୁମତୀ ପଣ୍ଡିମ କବାଟ ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ନିର୍ବାଚନ କାର୍ଯ୍ୟ ପରିଚାଳନା କରୁଛନ୍ତି।

## ବିଜେଡିର କର୍ମୀ ସମ୍ମିଳନୀ



**ବଇଣ୍ଡା, ୧୦।୫(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ତୁରୁଡ଼ାଠାରେ ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ବିଜେଡି ପାଇଁ ସମସ୍ତେ ଏକଜୁଟ ହୋଇ ସୈନିକ ଭାବରେ କାମ କରିବାକୁ ପରାମର୍ଶ ଦେବା ସହ ନିର୍ବାଚନରେ କିଭଳି ଯୋଡ଼ିଶଙ୍ଖରେ ଲୋକେ ଭୋଟ ଦେବେ, ସେ ନେଇ ଅଧିକ ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟାତିର୍ମୟୀ ସାହୁ, ସସ୍ମିତା ସାହୁ, ପୀତାମ୍ବର ବେହେରା, ସୁଶାନ୍ତ ଦାସ, ବିପିନ ପ୍ରଧାନ, ମନୋରଂଜନ ପ୍ରଧାନ, ଚକ୍ରଧର ସାହୁ, ତ୍ରିପୁରାରି ଦେହୁରି, ରବୀନ୍ଦ୍ର ପ୍ରଧାନ, ଅକୃର ମିର୍ଦ୍ଧା, କାଳନ୍ଦୀ ବେହେରା, ପ୍ରଶାନ୍ତ ଘିଓ୍ୱାଲାଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

## ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ୧୦ ପ୍ରାର୍ଥୀ

**ତାଳଚେର, ୧୦।୫(ସମିସ):** ତାଳଚେର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିବସ ଥିଲେ ସୁଦ୍ଧା କୌଣସି ପ୍ରାର୍ଥୀ ସେମାନଙ୍କର ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିବା ସହ ସେମାନଙ୍କର ଚିହ୍ନ ପ୍ରାର୍ଥୀମାନଙ୍କୁ ପ୍ରଦାନ କରାଯାଇଛି। ବିଜେପିର କାଳନ୍ଦୀ ସାମଲ ପଦ୍ମ ଚିହ୍ନ, କଂଗ୍ରେସର ପ୍ରଫୁଲ୍ଲ ଦାସ ହାତ ଚିହ୍ନ, ବିଜେଡିର ବ୍ରଜକିଶୋର ପ୍ରଧାନ ଶଙ୍ଖ ଚିହ୍ନ, ବହୁଜନ ସମାଜ ପାର୍ଟିର ସର୍ବେଶ୍ୱର ନାଏକ ହାତୀ ଚିହ୍ନ, ଏସୟୁସିଆଇ (କମ୍ୟୁନିଷ୍ଟ) ପ୍ରହଲ୍ଲାଦ ସାହୁ କାଚଗ୍ଲାସ୍ ଚିହ୍ନ, ଏପିଆଇ ବିଜୟ ନାଏକ କୋର୍ଟ ଚିହ୍ନ, ଫରୱାର୍ଡ ବ୍ଲକ ମନୋଜ ଜେନା ସିଂହ ଚିହ୍ନ, ସ୍ୱାଧୀନ ପ୍ରାର୍ଥି ଭୂପେନ ଅମ୍ବ ଟିଭି ଚିହ୍ନ, ସ୍ୱାଧୀନ ପ୍ରାର୍ଥୀ ରୂପକ ପାଣି ଷ୍ଟୁଲ ଚିହ୍ନ, ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ ସାହୁଙ୍କୁ ଟ୍ରକ ଚିହ୍ନ ମିଳିଥିବା ଘୋଷଣା କରାଯାଇଛି। ତେବେ ଆସନ୍ତା ୨୫ ତାରିଖରେ ୬୦ ତାଳଚେର ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅନୁଷ୍ଠିତ ହେବାଥିବାରୁ ଚିହ୍ନ ମିଳିବା ପରେ ପ୍ରାର୍ଥୀମାନେ ଚଳଚଞ୍ଚଳ ହୋଇପଡ଼ିଛନ୍ତି।

## ନୂତନ ମଣ୍ଡପରେ ମା' ତାରିଣୀଙ୍କ ବିଗ୍ରହ ସ୍ଥାପନ



**କଣିହାଁ, ୧୦।୫(ସମିସ):** କଣିହା ବ୍ଲକ ତାଳପଦା ଗ୍ରାମର ମା' ତାରିଣୀ ଦେବୀଙ୍କୁ ପୁରୁଣା ମଣ୍ଡପରେ ବହୁ ଦିନରୁ ପୂଜାର୍ଚ୍ଚନା କରାଯାଉଥିଲା । ରାଜ୍ୟ ସରକାର ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ବିଭିନ୍ନ ଜଗନ୍ନାଥ ସଂସ୍କୃତି ଓ ପୁରାତନ ମଠ, ମନ୍ଦିର ଶକ୍ତିପୀଠର ପୁନଃନିର୍ମାଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଏହି ଆର୍ଥିକ ସହାୟତା ଯୋଗାଇ ଦେଇଥିବା ଯୋଗୁଁ ତାଳପଦା ପୂର୍ବତନ ତାରିଣୀ ପୂଜା ମଣ୍ଡପର ପୁନଃରୁଦ୍ଧାର କରି ନୂତନ ମଣ୍ଡପ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ପୁରୋହିତଙ୍କ ରୀତିନୀତି ବିଧିମତେ ମା' ତାରିଣୀଙ୍କ ନୂତନ ଗୃହ ପ୍ରବେଶ ଓ ବିଗ୍ରହ ପ୍ରତିଷ୍ଠା ସ୍ଥାପନ କରାଯାଇଛି । ଆଖପାଖ ଅଞ୍ଚଳର ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏଥିରେ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ତଥା ଆମ ଓଡ଼ିଶା ନବୀନ ଓଡିଶାର ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ତାଳପଦା ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ।

## ଦୁଇ ହାଇୱା ଜବତ : ୨ ଗିରଫ

**ତାଳଚେର, ୧୦।୫(ସମିସ):** ତାଳଚେର ଟାଉନ ଥାନା ପୁଲିସ୍ ପକ୍ଷରୁ ଚଢ଼ଉ କରାଯାଇ ଦୁଇଟି ଚୋରାବାଲି ଟ୍ରକ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତାଳଚେର ବ୍ଲକ ଅନ୍ତର୍ଗତ ଶିରିଗିଡ଼ା ଅଞ୍ଚଳ ବ୍ରାହ୍ମଣୀ ନଦୀରୁ ବାଲି ଚାଲାଣ ହେଉଥିବା ବେଳେ ବାଙ୍କଧରା ରାସ୍ତାରେ ପୁଲିସ୍ ଅଟକାଇ ସେମାନଙ୍କର କାଗଜପତ୍ର ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଏହାର ଚାଳକ କୌଣସି କାଗଜପତ୍ର ଦେଖାଇ ନଥିବାରୁ ପୁଲିସ୍ ହାଇୱା ଦୁଇଟିକୁ ଜବତକରିବା ସହ ଚାଳକ ଅଶୋକ କୁମାର ଭୂତିଆ ଓ ଦୀନବନ୍ଧୁ ମହାକୂଡ଼କୁ ଗିରଫ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଅକ୍ଷୟ ତୃତୀୟାରେ ରଥ କାଠ ଅନୁକୂଳ

**ନାଲକୋ ନଗର,୧୦।୫(ସମିସ):** ନାଲକୋ ଜଗନ୍ନାଥ ମନ୍ଦିର ପରିସରରେ ଆଜି ରଥ ନିର୍ମାଣର ଆଦ୍ୟପର୍ବ ଆରମ୍ଭ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟାରେ ଚନ୍ଦନଯାତ୍ରା ସହ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ପ୍ରାରମ୍ଭିକ ପର୍ବର ଶୁଭାରମ୍ଭ ହେବା ସହ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ନାଲକୋ ନଗର ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିରରେ ପୂଜକ ସୁଶାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଯଥାବିଧି ଅନୁସାରେ ପୂଜା କାର୍ଯ୍ୟ କରାଯାଇଥିଲା। ପୂଜାରେ ମନ୍ଦିର ପରିଚାଳନା କମିଟିର ଉପସଭାପତି ସତ୍ୟବାଦୀ ମିଶ୍ର କର୍ତ୍ତା ଦାୟିତ୍ୱ ସମ୍ପାଦନା କରିଥିବା ବେଳେ ରଥ କାରୀଗର ତୋଫାନି ମହାରଣା ରଥକାଠ ଶୁଭ ଅନୁକୂଳ କରିଥିଲେ। ପୂଜା କାର୍ଯ୍ୟରେ ମନ୍ଦିର ପୂଜକ ପ୍ରମେଶ ମିଶ୍ରଙ୍କ ସମେତ ସମସ୍ତ ପୂଜକ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

### ଅନୁଗୋଳ ଜିଲ୍ଲା ନିର୍ବାଚନ ମଇଦାନରେ ୩୪ ପ୍ରାର୍ଥୀ

# ବିଜେଡିର ନଳିନୀକାନ୍ତ ଓ କଂଗ୍ରେସର ଅମ୍ବିକା ସବୁଠୁ ଉଚ୍ଚଶିକ୍ଷିତ

**ଅନୁଗୋଳ, ୧୦।୫(ସମିସ):** ମେ ମାସ ୨୫ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇଛି। ଅନୁଗୋଳ ଜିଲ୍ଲାରେ ଚଳିତ ନିର୍ବାଚନରେ ମୋଟ୍ ୩୪ ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବା ବେଳେ ପ୍ରାର୍ଥୀମାନଙ୍କ ଶିକ୍ଷାଗତ ଯୋଗ୍ୟତା ବିଷୟରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରାର୍ଥୀମାନେ ଦାଖଲ କରିଥିବା ସତ୍ୟପାଠ ଅନୁସାରେ ଅନୁଗୋଳ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଅମ୍ବିକା ପ୍ରସାଦ ଭଟ୍ଟ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ବି ଟେକ୍ ହାସଲ କରିଛନ୍ତି। ସେହିଭଳି ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନଳିନୀକାନ୍ତ ପ୍ରଧାନ ୧୯୯୬ ମସିହାରେ ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂ, ବୁର୍ଲାରୁ ସିଭିଲରେ ମାଷ୍ଟର ଅଫ୍ ଇଞ୍ଜିନିୟରିଂ ହାସଲ କରିଛନ୍ତି। ଏହା ସହ ୧୯୯୯ରେ ସମ୍ବଲପୁର ମହାବିଦ୍ୟାଳୟରୁ ପରିବେଶ ଶିକ୍ଷା ଓ ପରିଚାଳନା ପରୀକ୍ଷାରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ପାସ୍ କରିଛନ୍ତି। ସେହିପରି ବିଜେଡି ପ୍ରାର୍ଥିନୀ ସଂଯୁକ୍ତା ସିଂହ ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ ୧୯୮୫ ମସିହାରେ ବିଏ କରିଥିବା ବେଳେ ବିଜେପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ବନ୍ତଲା କଲେଜରୁ ୧୯୯୩ ମସିହାରେ ବିଏ ପାସ୍ କରିଛନ୍ତି। ବିଜେପି ପ୍ରାର୍ଥୀ ସଞ୍ଜୀବ ସାହୁ ୧୯୮୦ ମସିହାରେ ରେଢ଼ାଖୋଲ ସ୍ଥିତ ଭୀମଭୋଇ କଲେଜରୁ ବିଏ ପାସ୍ କରିଥିବା ବେଳେ ୧୯୮୧ରେ ଫକୀରପୁର ସ୍ଥିତ ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜରୁ ବି ଇଡି ପାସ୍ କରିଛନ୍ତି। ସେପଟେ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଚାଉଳିଆ ୧୯୮୧ ମସିହାରେ ଭୋପାଳ ବୋର୍ଡ୍ ଅଫ୍ ସେକେଣ୍ଡାରୀ ସ୍କୁଲରୁ ଯୁକ୍ତ ୨ ( ସେତେବେଳର ଇଣ୍ଟରମିଡିଏଟ୍) ପାସ୍ କରିଛନ୍ତି। ତାଳଚେର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ଓ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ ଚନ୍ଦ୍ର ଦାସ ଯୁକ୍ତ ୨ ଯାଏଁ ପଢ଼ିଛନ୍ତି। ବ୍ରଜକିଶୋର ୧୯୯୬ରେ ପିବିଏମ ମହାବିଦ୍ୟାଳୟ, ମହାବିରୋଡରୁ ଯୁକ୍ତ ୨ ପାସ୍ କରିଥିବା ବେଳେ ପ୍ରଫୁଲ୍ଲ ତାଳଚେର ହିଙ୍ଗୁଳା ମହାବିଦ୍ୟାଳୟରେ ୨୦୦୩ରେ ଯୁକ୍ତ ୨ ପାସ୍ କରିଛନ୍ତି। ସେପଟେ ବିଜେପି ପ୍ରାର୍ଥୀ କାଳନ୍ଦୀ ସାମଲ ତାଳଚେର କଲେଜରୁ ୧୯୯୫ରେ ବିଏ ପାସ୍ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଅନୁଗୋଳ କଲେଜରୁ ୧୯୯୦ରେ ବିଏ ପାସ୍ କରିଛନ୍ତି। ବିଜେପି ପ୍ରାର୍ଥୀ ଅଗସ୍ତି ବେହେରା ୨୦୦୨ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଏମ୍ ଏସ୍ ସି ପାସ୍ କରିଥିବା ବେଳେ ୨୦୦୬ରେ ଏଲ୍ଏଲବି ଡିଗ୍ରୀ ହାସଲ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ନରୋତ୍ତମ ନାଏକ ୨୦୦୦ ମସିହାରେ ବିଜେବି କଲେଜରୁ ଇଂରାଜୀ ଅନର୍ସରେ ବିଏ ପାସ୍ କରିଛନ୍ତି। ପାଲଲହଡା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ମୁକେଶ କୁମାର ପାଳ ମାଲ୍ୟଗିରି ମହାବିଦ୍ୟାଳୟରୁ ୨୦୦୩ ମସିହାରେ ବିଏସସି ପାସ୍ କରିଥିବା ବେଳେ ବିଜେପି ପ୍ରାର୍ଥୀ ଅଶୋକ ମହାନ୍ତି ୧୯୯୨ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍ଏ ପାସ୍ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଫକୀର ମୋହନ ସାମଲ ବାୟୁସେନାରେ ଚାକିରି କରୁଥିବା ବେଳେ ବିଏ ପାସ୍ କରିବା ସହିତ ମେକାନିକାଲ୍ ଆଣ୍ଡ ଏରୋନଟିକାଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା ହାସଲ କରିଛନ୍ତି।



## ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

କୌଶସି ଦେଶ ଶକ୍ତିଶାଳୀ ହେବା ପଛରେ ଟେକ୍ନୋଲୋଜିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ୧୯୯୯ ମସିହାରୁ ପ୍ରତିବର୍ଷ ମେ' ୧୧ ତାରିଖରେ ପାଳନ କରାଯାଉଛି ନେସନ୍ୟାଲ ଟେକ୍ନୋଲଜି ଡେ' ବା 'ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ'। ଇତିହାସରେ ଏହି ଦିନ ଭାରତ ସ୍ୱଦେଶୀ ଜ୍ଞାନ କୌଶଳରେ ବ୍ୟାପକ ଅଗ୍ରଗତି କରିଥିଲା। ନିଜର ଦକ୍ଷତାକୁ ମନେ ପକାଇବାକୁ ଯାଇ ଭାରତ ପ୍ରତିବର୍ଷ ଏହି ଦିବସ ପାଳନ କରୁଛି। ଏହି ଦିନ ପ୍ରଥମେ ସ୍ୱଦେଶୀ ଏୟାରକ୍ରାଫ୍ଟ 'ହଂସ-୩'ର ବେଙ୍ଗାଲୁରୁଠାରେ ସଫଳ ପରୀକ୍ଷଣ କରାଯାଇଥିଲା। ତ୍ରିଶୂଳ କ୍ଷେପଣାସ୍ତ୍ରର ପରୀକ୍ଷଣ ମଧ୍ୟ ଭାରତ ସେହିଦିନ କରିଥିଲା।

୧୯୯୮ ମସିହା ମେ' ୧୧ ତାରିଖରେ ପୋଖରାନରେ ଦ୍ୱିତୀୟ ସଫଳ ପରମାଣୁ ପରୀକ୍ଷଣ କରିଥିଲା। ଏହି ପରୀକ୍ଷଣ ସଫଳ ହେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ଦିନକୁ 'ନ୍ୟାସନାଲ ଟେକ୍ନୋଲୋଜି ଡେ' ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ଏହି ପରୀକ୍ଷା ପରେ ଭାରତ 'ପରମାଣୁ କ୍ଲବ୍'ରେ ଷଷ୍ଠ ଦେଶ ଭାବେ ସାମିଲ ହୋଇଥିଲା। ଏହାପରେ ଭାରତ ଏକ ଅଣୁଶକ୍ତି ସମ୍ପନ୍ନ ରାଷ୍ଟ୍ର ଓ ଅଣୁ ଶକ୍ତିରୁ ଇନ୍ଧନ ସୃଷ୍ଟିକାରୀ ରାଷ୍ଟ୍ରଭାବେ ଭାବେ ବିଶ୍ୱଦରବାରରେ ପରିଚିତ ହେଲା। ଶିକ୍ଷାନୁଷ୍ଠାନ ତଥା ବିଜ୍ଞାନ ଏବଂ ବୈଷୟିକ ଶିକ୍ଷା ସହିତ ସଂପୃକ୍ତ ଅନୁଷ୍ଠାନଗୁଡ଼ିକ ଏହି ଦିବସକୁ ଭାରତର ବୈଷୟିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପାଳନ କରିଥାନ୍ତି। ଏହି ଦିନ 'ପ୍ରାଦ୍ୟୋଗିକ ବିକାଶ ବୋର୍ଡ' ବୈଜ୍ଞାନିକ, ଇଞ୍ଜିନିୟର ତଥା ଟେକ୍ନୋଲୋଜିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ବିଶେଷଜ୍ଞଙ୍କୁ ସମ୍ମାନିତ କରିଥାଏ।

## ଆଜିର ଇତିହାସ

- ୧୯୫୧- ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ନବନିର୍ମିତ ସୋମନାଥ ମନ୍ଦିରର ଉଦ୍‌ଘାଟନ କଲେ।
- ୧୯୫୫- ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ କଲା।
- ୧୯୬୦-ପ୍ରଥମ ଗର୍ଭନିରୋଧ ଔଷଧ ବଜାରକୁ ଆସିଲା।
- ୧୯୬୫-ବାଂଲାଦେଶରେ ଆସିଥିବା ତୋଫାନ୍ ଯୋଗୁଁ ୧୭ ହଜାର ଲୋକଙ୍କ ମୃତ୍ୟୁ।
- ୧୯୮୮- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା।
- ୧୯୯୮- ରାଜସ୍ଥାନର ପୋଖରାନ୍‌ରେ ତିନୋଟି ପରମାଣୁ ପରୀକ୍ଷା କରାଗଲା।
- ୨୦୦୨-ବାଂଲାଦେଶରେ ଏକ ନୌକା ବୁଡ଼ି ୩୬୮ ଲୋକଙ୍କ ମୃତ୍ୟୁ।

ଆଜି ବାହୁଡ଼ିଥିଲେ

## ସମାଜ ସଂସ୍କାରକ ଶ୍ରୀବତ୍ସ ପଣ୍ଡା



ଓଡ଼ିଶାରେ ଆର୍ଯ୍ୟ ସମାଜର ପ୍ରାଣ ପ୍ରତିଷ୍ଠାତା ତଥା ଗଞ୍ଜାମ ଜିଲ୍ଲାର ପ୍ରଥମ ଗ୍ରାଜୁଏଟ ଏବଂ ସମାଜ ସଂସ୍କାରକ ଶ୍ରୀବତ୍ସ ପଣ୍ଡାଙ୍କର ଆଜି ପୁଣ୍ୟତିଥି। ତାଙ୍କୁ ଓଡ଼ିଶାର ବିଦ୍ୟାସାଗର କୁହାଯାଏ। ଜାତିପ୍ରଥା, ଅସ୍ପୃଶ୍ୟତା ନିବାରଣ, ନାରୀଶିକ୍ଷା, ଗୋରକ୍ଷା ଆଦି ଦିଗରେ ତାଙ୍କର ଯୋଗଦାନ ଅତୁଳନୀୟ। ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିକଟବର୍ତ୍ତୀ ମନ୍ଦାର ଗ୍ରାମରେ ୧୮୭୦ ମସିହା ଅକ୍ଟୋବର ୧ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ଶ୍ରୀବତ୍ସଙ୍କ ପରିବାର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାର ଥିଲା। ମାଟ୍ରିକ୍ ପଢୁଥିବା ସମୟରେ ତାଙ୍କର ପ୍ରଥମ ପ୍ରବନ୍ଧ 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶ ପାଇଥିଲା। ଏହାପରେ ତାଙ୍କର ଲେଖା 'ପ୍ରଜାବନ୍ଧୁ', 'ଉତ୍କଳବାସୀ', 'ଉତ୍କଳ ଦର୍ପଣ', 'ଉତ୍କଳ ସେବକ', 'ଉତ୍କଳ ବାର୍ତ୍ତା', 'ଉତ୍କଳ ଦୀପିକା' ଆଦିରେ ପ୍ରକାଶିତ ହୋଇ ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଥିଲା। ଆନ୍ଧ୍ରର ରାଜମହେନ୍ଦ୍ରୀ କଲେଜରେ ଦର୍ଶନ ଶାସ୍ତ୍ରରେ ବି.ଏ କରିବା ସମୟରେ ସେ ରାଜ୍ୟର ବିଖ୍ୟାତ ସଂସ୍କାରକ ବୀରେଶଲିଙ୍ଗମ୍ ପାନ୍ତୁଲୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ। ଏହାପରେ ମାତ୍ର ୨୦ ବର୍ଷ ବୟସରେ ସେ ସବ୍ ରେଜିଷ୍ଟ୍ରାର୍ ପଦବିରେ ଯୋଗ ଦେଲେ। ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ସବ୍ ରେଜିଷ୍ଟ୍ରାର୍ ଭାବେ କାର୍ଯ୍ୟ କରିବା ପରେ ସେ ୧୯୨୦ରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ସରକାରୀ ଚାକିରିରେ ସେ ଯେଉଁସ୍ଥାନରେ ରହୁଥିଲେ ସେଠାକାର ସ୍ଥାନୀୟ ଲୋକଙ୍କୁ ବୁଝାଇ ସେଠାରେ ବାଳିକାଙ୍କ ପାଇଁ ବିଦ୍ୟାଳୟ ସ୍ଥାପନା କରିବା, ପରଦା ପ୍ରଥାର ବିଲୋପ, ଅସ୍ପୃଶ୍ୟତା ଦୂରୀକରଣ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ସ୍ୱରାଜ ପ୍ରାପ୍ତି ନିମନ୍ତେ ସେ ଉଦ୍ୟମ ଅବ୍ୟାହତ ରଖିଥିଲେ। ଭଞ୍ଜନଗର ନିକଟବର୍ତ୍ତୀ ତନରଡ଼ାଠାରେ ସେ ଗୋରକ୍ଷାଶ୍ରମ, ବେଦଭବନ ଓ ଆର୍ଯ୍ୟକନ୍ୟା ଗୁରୁକୁଳ ଆଦି ପ୍ରତିଷ୍ଠା କରିଥିଲେ। ଅସୁସ୍ଥତା ସତ୍ତ୍ୱେ ତାଙ୍କୁ ଦୁଇଥର ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ ମନୋନୀତ କରାଯାଇଥିଲା। ଓଡ଼ିଆ ସାହିତ୍ୟର ପ୍ରସାର ପାଇଁ ସେ ନିଜସ୍ୱ ବ୍ୟୟରେ ଗଞ୍ଜାମର ରସୁଲକୋଣ୍ଡା (ବର୍ତ୍ତମାନର ଭଞ୍ଜନଗର) ଠାରେ ସେ 'ସ୍ୱଦେଶୀ ପ୍ରେସ୍' ନାମକ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ। ତାଙ୍କ ସମ୍ପାଦନାରେ ବ୍ରହ୍ମପୁରରୁ 'ସଂସ୍କାର' ଏବଂ ବେଲଗୁଣ୍ଠା ପଲ୍ଲୀବାସୀ ପ୍ରେସ୍‌ରୁ 'ଆର୍ଯ୍ୟ' ନାମକ ମାସିକ ପତ୍ରିକା ପ୍ରକାଶ ପାଉଥିଲା। ଦୟାନନ୍ଦ ସରସ୍ୱତୀଙ୍କ 'ସତ୍ୟାର୍ଥ ପ୍ରକାଶ'କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ। ସେ ନିଜର ଅଧିକାଂଶ ସମ୍ପତ୍ତି ଶିକ୍ଷାର ପ୍ରସାର, ସମାଜ ସଂସ୍କାର ଓ ବେଦର ପ୍ରଚାର ପାଇଁ ଦାନ କରିଥିଲେ। ୧୯୪୩ ମସିହା ଆଜିର ଦିନରେ ଏହି ସମାଜ ସଂସ୍କାରକଙ୍କ ଦେହାବସାନ ଘଟିଥିଲା।

## ବିବାହକୁ ନେଇ ମୁହଁ ଖୋଲିଲେ ଜାହ୍ନବୀ



ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଅନେକ ଦିନରୁ ଶିଖର ପହାଡ଼ିଆଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଅନେକ ସମୟରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳେ। 'ମୈଦାନ' ଫିଲ୍ମର ସ୍କ୍ରିନିଂ ସମୟରେ ସେ 'ଶିଖୁ' ନାମରେ ଏକ ପେଣ୍ଡାଣ୍ଟ ପିନ୍ଧିଥିବାର ଦେଖାଯାଇଥିଲା। ଏହା ଶିଖରଙ୍କ ଡାକନାମ। ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ଭାଇରାଲ୍ ହୋଇଥିଲା। ଏହି ପୋଷ୍ଟରେ ଜାହ୍ନବୀ ଶିଖରଙ୍କୁ ତିରୁପତି ବାଲାଜି ମନ୍ଦିରରେ ବିବାହ କରିବେ ବୋଲି କୁହାଯାଇଥିଲା। ବିବାହ ସମୟରେ ସେ ସୁନେଲି ରଙ୍ଗର ଏକ ଶାଢ଼ି ପିନ୍ଧିବେ ବୋଲି ମଧ୍ୟ କୁହାଯାଇଥିଲା। ଏହି ପୋଷ୍ଟ ଉପରେ ଜାହ୍ନବୀଙ୍କର ନଜର ପଡ଼ିବା ମାତ୍ରେ 'କିଛି ବି' ବୋଲି ସେ ଉଲ୍ଲେଖ କରିଥିଲେ। ଜାହ୍ନବୀ ଏଥିରେ ପ୍ରତିକ୍ରିୟା ରଖି ଶିଖରଙ୍କ ସହିତ ତାଙ୍କ ବିବାହ ଖବର ଗୁଜବ ବୋଲି ପ୍ରମାଣ କରି ଦେଇଥିଲେ। କିଛିଦିନ ପୂର୍ବରୁ କରନ୍ ଜୋହର୍ ତାଙ୍କ ଚାଟ୍ ଶୋ'ରେ ଜାହ୍ନବୀଙ୍କୁ ଯେତେବେଳେ ପଚାରିଥିଲେ- ସ୍ପିଡ୍ ଡାଏଲ୍ ତାଲିକାରେ ତିନି ଜଣଙ୍କ ନାମ କୁହନ୍ତୁ। ଏହାର ଜବାବରେ ଜାହ୍ନବୀ କହିଥିଲେ ପାପା(ବୋନି କପୁର, ଖୁସୁ (ଜାହ୍ନବୀଙ୍କ ସାନ ଭଉଣୀ ଖୁସି କପୁର) ଓ ଶିଖୁ(ଶିଖର ପହାଡ଼ିଆ)। ଶିଖର ଓ ଜାହ୍ନବୀ ସମ୍ପର୍କ ବହୁତ ପୁରୁଣା। ମଝିରେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଥିଲା। ପରେ ପୁଣି ପ୍ୟାଚଅପ୍ ହୋଇ ଯାଇଥିଲା। ଜାହ୍ନବୀଙ୍କ କାମ କଥା କହିବାକୁ ଗଲେ, ସେ ବହୁତ ଜଲ୍‌ଦି ରାଜକୁମାର ରାଓଙ୍କ ସହ 'ମିଷ୍ଟର ଆଣ୍ଡ ମିସେସ୍ ମାହି'ରେ ଦେଖାଯିବେ। ଏହାବାଦ୍ ସାଉଥ୍ ଫିଲ୍ମ 'ଦେବରା' ଓ 'ଆର୍‌ସି ୧୬'ରେ ମଧ୍ୟ ଦେଖାଯିବେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେଇପାରେ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ମନ ପ୍ରସନ୍ନ ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ବ୍ୟବସାୟକୁ ନେଇ ନୂଆ ଯୋଜନା କରିପାରନ୍ତି। ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ଯାନବାହନ କ୍ରୟ କରିପାରନ୍ତି।

**ବିଛା:** ଆଇଟି ଓ ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ। ପରିବାର ଲୋକଙ୍କ ସମୟଅଧିକ ସମୟ ବିତାଇ ପାରନ୍ତି। ଭଜନ, କୀର୍ତ୍ତନରେ ସାମିଲ ହେବେ।

# ସୁମନ

## ଅକ୍ଷୟ ତୃତୀୟା



ଜଗଦୀଶ ସାହୁ

ଖରା ଖାଇ ମାଟି ଫାଳ ଫାଳ ଫାଟି
ପାଟି ଆଁ କରି ରହିଲା
ଆସି ମେଘଭାଇ ଦେ'ତୁ ଭିଜେଇ
ଚାଷୀ ହାତ ଯୋଡ଼ି କହିଲା !
ଭିଜିଲେ ଧରଣୀ ଅଖିମୁଠି ବୁଣି
ଅକ୍ଷୟ ତୃତୀୟା ଦିନରେ
ଚାଷ ଆରମ୍ଭିବୁ ପରବ ପାଳିବୁ
ଆନନ୍ଦ ଉଲ୍ଲାସ ମନରେ !
ସଠିକ ବେଳରେ ବସୁଧା କୋଳରେ
ସୁନାର ଫସଲ ଫଳିବ
କୃପା କଲେ ହରି ପେଟକୁ ସବୁରି
ଆହାର ମୁଠାଏ ମିଳିବ !■

ସଂଜପଡ଼ା, ହିନ୍ଦୋଳ
ଢେଙ୍କାନାଳ
ମୋ-୯୦୭୮୧୮୫୬୧୬

## ପହେଲି

- ନୂଆ ଗଉଣୀକୁ ସଜେଇ ସିଏ
ବିହନ ଭରିକି ମୁଣ୍ଡରେ ଥୁଏ
ସାଥିରେ ନେଇ ସେ ହଳ ଲଙ୍ଗଳ
କ୍ଷେତକୁ ତାହାର ଯାଏ ସଅଳ
ଚାଷ ଅନୁକୂଳ କରିବା ପାଇଁ
ଖୁସିରେ ବିଭୋର ହୁଅଇ ସେହି
ବୈଶାଖ ଶୁକ୍ଳ ତୃତୀୟା ଦିନ
ଖୁସିରେ ନାଚଇ କୃଷକ ମନ
ଏ ଅଟେ କୃଷକ ଦିବସଟିଏ
ନାମଟି ତାହାର କହିବ କିଏ?
ଉ- ଅକ୍ଷୟ ତୃତୀୟା



- ସେହି ଦରବରେ ଝୋଟି ପକେଇ
ଚନ୍ଦନ ସିନ୍ଦୂରରେ ତାକୁ ସଜେଇ
ଅଖିମୁଠି ଧାନ ସେଥିରେ ଥୋଇ
କ୍ଷେତକୁ ନିଅଇ କୃଷକ ଭାଇ
ଚାଷୀ ଭାଇ ଘରେ ଥିବ ତ ସେହି
ନାମ ତା'ର କିଏ ପାରିବ କହି?
ଉ-ଟୋକେଇ

- ବରଷା ଖରାକୁ ଖାତିରି ନାହିଁ
ଯାଉଥାଏ ସଦା ବିଲକୁ ଧାଇଁ
ରହିଥାଉ ଯେତେ ଜଞ୍ଜାଳେ ସିଏ
ନିଜର କର୍ତ୍ତବ୍ୟ ଭୁଲି ନଯାଏ
ଅନ୍ୟର ପେଟକୁ ଦାନା ସେ ଦିଏ
ନାମଟି ତାହାର କହିବ କିଏ?
ଉ-କୃଷକ ଭାଇ



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର, ମୋ-୮୩୧୦୩୨୮୩୪୫

## ବିଲୁଆ ବଡ଼ ଚତୁର





ସୁଧାଂଶୁ ଶେଖର ଦ୍ୱିବେଦୀ

ଜଙ୍ଗଲର ଗୋଟେ ଗୁମ୍ଫାରେ ବୁଢ଼ା ବିଲୁଆଟିଏ ରହୁଥାଏ। କିଛିଦିନ ଧରି ତାକୁ ଖାଇବାକୁ ନ ମିଳିବାରୁ ଭୋକରେ ବ୍ୟାକୁଳ ହୋଇ ନିକଟସ୍ଥ ଗାଁରେ ପଶିଲା। ଜଣେ ଚାଷୀର ଭାଡ଼ିରୁ କୁକୁଡାଟେ ଉଠେଇଆଣି ଜଙ୍ଗଲର ଗୋଟେ ଗଛ ତଳେ ବସି ଆରାମରେ ଖାଇବାକୁ ଲାଗିଲା। ସେହି ଗଛର ଡାଳରେ ଡାମରା କୁଆଟିଏ ବସିଥାଏ। ବିଲୁଆର କୁକୁଡ଼ାଖିଆ ଦେଖି ତା' ପାଟିରୁ ବି ଲାଳ ବହିଲା। କିନ୍ତୁ ଭୟରେ ବିଲୁଆ ନିକଟକୁ ଆସିପାରୁ ନ ଥାଏ। ତୁରନ୍ତ ସେ ବଡ଼ ଜୋରରେ କାଆ..କାଆ.. ରାବିଲା। ତା' ରାବ ଶୁଣି ସାଥୀ କୁଆମାନେ ଠୁଳ ହୋଇ ତାହାରି ଭଳି ରାବିବାକୁ ଲାଗିଲେ। ଜଙ୍ଗଲ ରାସ୍ତାରେ ଯାଉଥିବା ଜଣେ ଚାଷୀ କୁଆଙ୍କ ରାବ ଶୁଣି କିଛି ଅଘଟଣ ଘଟିଛି ଭାବି ଗଛ ନିକଟକୁ ଆସି ଦେଖେତ ବୁଢ଼ା ବିଲୁଆ କୁକୁଡ଼ା ଖାଉଛି। ଚାଷୀ ଜାଣିପାରିଲା, ବିଲୁଆ ଗାଁରୁ କୁକୁଡ଼ା ଧରି ଆଣିଛି। ସହସା ସେ ପାଟି କରି ଅନ୍ୟ ଗ୍ରାମବାସୀଙ୍କୁ ଡାକ ମାରିଲା। ତା' ଡାକରା ଶୁଣି କେତେକ ଗ୍ରାମବାସୀ ହାତରେ ଠେଙ୍ଗା, ବାଡ଼ି ଧରି ପହଞ୍ଚି ବିଲୁଆକୁ ଘଉଡ଼େଇଲେ। ଏତେଗୁଡ଼ିଏ ଲୋକଙ୍କ ଆକ୍ରମଣରେ ବିଚରା ବିଲୁଆ କୁକୁଡ଼ାକୁ ଅଧାଖିଆରେ ଛାଡ଼ି ଜଙ୍ଗଲ ଭିତରକୁ ଦଉଡ଼ି ପଳାଇଲା। ବିଲୁଆ ଯିବା ପରେ ଡାମରାକାଉ ଓ ତା' ସାଥୀମାନେ କୁକୁଡ଼ା ମାଂସ ଭୋଜିରେ ମାତିଗଲେ। ବିଲୁଆ ମନେମନେ ଭାରି ରାଗିଗଲା। କୁଆଙ୍କ ପାଇଁ କୁକୁଡ଼ା ମାଂସ ପୂରା ଖାଇପାରିଲା ନାହିଁ। ମନରେ ଗଣ୍ଠି ବାନ୍ଧିଲା, ଯେମିତିହେଉ କୁଆମାନଙ୍କଠାରୁ ପ୍ରତିଶୋଧ ନେବ। ଥରେ କିଛି ଦିନଯାଏ ସେ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଲା। କୁଆମାନଙ୍କର ବସା ବର୍ଷାମାଡ଼ରେ ଛିଡ଼ିପଡ଼ିଲା। ଡାମରା କୁଆ ଓ ତା' ସାଥୀ କୁଆମାନେ ବର୍ଷାମାଡ଼ ଖାଇ ଶୀତରେ ଥରିବାକୁ ଲାଗିଲେ। ବିଲୁଆ ଡାମରା କୁଆକୁ ଦେଖି କହିଲା-ଡାମରା ଭାଇ! ତୁମେମାନେ ଯଦି ଚାହିଁବ, ଏ ଝଡ଼ ବର୍ଷାରୁ ରକ୍ଷା ପାଇବା ଲାଗି ମୋ ଗୁମ୍ଫାରେ ରହିପାରିବ। କୁଆମାନେ ଶୀତରେ ଥରୁଥାନ୍ତି। ବିଲୁଆ କଥାକୁ ମାନି ଗୁମ୍ଫାରେ ରହିବାକୁ ୩୦ଟି କୁଆ ରାଜି ହୋଇଗଲେ। ହଠାତ୍ ଦିନେ ରାତିରେ ୧୦ଟି କୁଆ କମିଗଲେ। ଡାମରା କୁଆ ବିଲୁଆକୁ ପଚାରିଲା-ବିଲୁଆ ଭାଇ! କାଲି ରାତିରୁ ୧୦ଟି କୁଆ ଗୁମ୍ଫାରେ ନାହାନ୍ତି। ସେମାନେ ଗଲେ କୁଆଡ଼େ? ଚତୁର ବିଲୁଆ ଉପାୟ ଖଞ୍ଜି କହିଲା- ସେମାନେ ରାତିରେ ଗୁମ୍ଫା ଛାଡ଼ି ଅନ୍ୟଆଡ଼େ ଚାଲିଗଲେ। କାହିଁ ମୋତେ ତ କିଛି ଜଣାଇ ନାହାନ୍ତି? ଡାମରା ଆଶ୍ଚର୍ଯ୍ୟ ହୋଇ ପଚାରିଲା। ସେମାନେ ତୋ' ଉପରେ ବୋଝ ହୋଇ ରହିବାକୁ ଇଚ୍ଛା ନ କରି ନିଜ କାମ ନିଜେ କରିପାରିବେ ବୋଲି କହି ଉଡ଼ିଗଲେ। ଡାମରା ବିଲୁଆ କଥାକୁ ସତ ଭାବି ଚୁପ୍ ରହିଲା। ପୁଣି କିଛିଦିନ ପରେ ଆଉ ୧୦ଟି କୁଆ ଗୁମ୍ଫାରୁ କମିଗଲେ। ଡାମରା ପୁଣିଥରେ ପଚାରିବାରୁ ବିଲୁଆ ବଡ଼ ସରଳତା ଦେଖାଇ କହିଲା-କାଲି ରାତିରେ ୧୦ଟି କୁଆ ମୋ ପାଖକୁ ଆସି କହିଲେ-୧୦ଜଣ ସାଥୀ ଆମଠାରୁ ଚାଲି ଯିବାରୁ ମନ ଗୋଡ଼େଇ ହେଉଛି। ଆମେମାନେ ଯାଉଛୁ ସେମାନଙ୍କୁ ଖୋଜି ଆଣିବୁ। ରାତି ଭିତରେ ସେମାନେ ତାଙ୍କ ସାଥୀଙ୍କୁ ଖୋଜିବା ପାଇଁ ଗୁମ୍ଫା ଛାଡ଼ି ଚାଲିଗଲେ। ବିଲୁଆର ଚତୁର ପଣିଆକୁ ଡାମରା ଆଦୌ ବୁଝିପାରୁ ନ ଥାଏ। ସତକଥା ହେଉଛି, ବିଲୁଆ ରାତିରେ ୧୦-୧୦ କରି ଦୁଇଥର ୨୦ଟି କୁଆ ଖାଇ ସାରିଥାଏ। ଅବଶିଷ୍ଟ ୧୦ଟି କୁଆ କେମିତି ଖାଇବ, ସେଇ ଯୋଜନାରେ ଥାଏ। ତା'ପର ରାତିରେ ସବୁ କୁଆ ଚୁପ୍‌ଚାପ ଶୋଇଥାନ୍ତି। ବିଲୁଆ ଅବଶିଷ୍ଟ ୯ଟି କୁଆ ସହିତ ଡାମରାକୁ ମଧ୍ୟ ମାରି ଖାଇଦେଲା। ନିଜ ଅପମାନର ପ୍ରତିଶୋଧ ନେବାପାଇଁ ଚତୁରତା ସହକାରେ ବିଲୁଆ ୩୦ଟି କୁଆକୁ ଖାଇବା ପରେ ଶାନ୍ତ ହେଲା।■



ସଲ୍‌ଟ ଲେକ୍, କଲକତା
ମୋ-୯୬୮୧୩୭୩୫୧୨

## ଗଛଠାରୁ ବଡ଼ ସାଥୀ



ତପନ କୁମାର ସ୍ୱାଇଁ

ଦିନୁ ଦିନ ଖରା ବଢୁଛି ଏମିତି
ପଦାକୁ ହେଉନି ବାହାରି,
ଗଛଟିଏ ନାହିଁ ବାଡ଼ି ବଗିଚାରେ
ଦେଖିବ ଆସୁନ କାହାରି।
କଂକ୍ରିଟ୍‌ରେ ଗଢ଼ା ରାସ୍ତାଘାଟ ଘର
ଉତ୍ତାପରେ ରହି ହେଉନି,
ପାଣି ମୁନ୍ଦେ କିଏ ମାଗିଲେ ଦାଣ୍ଡରେ
ପଦାକୁ ବାହାରି ଦେଉନି।
ବୁଲା ଗୋରୁ ଗାଈ, କୁକୁର, ବିଲୁଆ
ଉହଳ ବିକଳ ହୁଅନ୍ତି,
ଗଛ ଥିଲା ବେଳେ ଖରା ଦିନେ ସବୁ
ଗଛ ଛାଇ ଦେଖି ଶୁଅନ୍ତି।
ବନ୍ୟା, ବାତ୍ୟାଠାରୁ ରକ୍ଷା ପାଇବାକୁ
କୋଠାଘର ସିନା ଗଢ଼ିଲେ,
ଗଛ କାଟିବାକୁ କୋଉ ବହିଠାରୁ
ଏଇ କଥା କ'ଣ ପଢ଼ିଲେ!
ସୁଖରେ ଦୁଃଖରେ ମାଆ ପରି ସିଏ
ଆମ କଥା ନିତି ବୁଝଇ,
ନିଜ ଜୀବନକୁ ଦାନ କରି ଦେଇ
ଆମ ଋଣ ସିଏ ଶୁଝଇ।
ଦୁନିଆରେ ଯେତେ ଉପକାରୀ ବନ୍ଧୁ
ଗଛଠାରୁ ସବୁ ପଛରେ,
ତା' ଠାରୁ ଅଧିକ ଉପକାରୀ ଆଉ
କିଏ କୁହ ଜଣେ ଅଛରେ।■

ମହାନଦୀ ବିହାର, କଟକ
ମୋ - ୯୦୪୦୦୩୩୩୯୦

## ସକାଳ ଶିଶୁ କୁଇଜ୍-୧୧୭

(୧) 'ଲାବଣି' କେଉଁ ରାଜ୍ୟର ଲୋକନୃତ୍ୟ?
ଉତ୍ତର: ______

(୨) ବଦ୍ରିନାଥ ମନ୍ଦିର ଭାରତ କେଉଁ ରାଜ୍ୟରେ ଅଛି?
ଉତ୍ତର: ______

(୩) ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ କିଏ ଥିଲେ?
ଉତ୍ତର: ______

(୪) ଭାରତର ପ୍ରଥମ ସବାକ୍ ଚଳଚ୍ଚିତ୍ରର ନାମ କ'ଣ?
ଉତ୍ତର: ______

(୫) 'ଦେଶବନ୍ଧୁ' ଉପାଧି କେଉଁ ମହାପୁରୁଷଙ୍କୁ ଦିଆଯାଇଛି?
ଉତ୍ତର: ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଗତ ସପ୍ତାହର କୁଇଜ୍ ବିଜେତା
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଓମ୍ ପ୍ରକାଶ ରଣା, ଚକେଇସିହାଣି, ଭୁବନେଶ୍ୱର
- ପ୍ରତୀକ୍ଷା ପ୍ରିୟଦର୍ଶିନୀ ସାମଲ, ପାରାଦୀପ

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଛୋଟ ଆଙ୍କିଆ







ଶାନ୍ତନୁ ଶାନ୍ତିସ୍ୱରୂପ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର


ଉପାଲି ବେହେରା
ଷଷ୍ଠ ଶ୍ରେଣୀ
ଅମ୍ରିତା ବିଦ୍ୟାଳୟମ୍
ଯାଁଳା, ଭୁବନେଶ୍ୱର


ବିଘ୍ନେଶ ନନ୍ଦନ ମେଣ୍ଡାଲି
ପ୍ରଥମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮
ଭୁବନେଶ୍ୱର


ପ୍ରିୟମ୍ବଦା ହୋତା
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର

### ଗିଲ୍ ଓ ସୁଦର୍ଶନଙ୍କ ଚମତ୍କାର ଶତକ; ଚେନ୍ନାଇ ପରାସ୍ତ

# ଗୁଜରାଟର ପ୍ଲେ ଅଫ୍ ଆଶା ଉଜ୍ଜୀବିତ

**ଅହମ୍ମଦାବାଦ, ୧୦।୫(ଏଜେନ୍ସି):** ଓପନର ଶୁବମାନ ଗିଲ୍ (୧୦୪) ଓ ସାଇ ସୁଦର୍ଶନ (୧୦୩)ଙ୍କ ଚମତ୍କାର ଶତକ ଏବଂ ମୋହିତ ଶର୍ମା (୩/୩୧)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍‌ର ୫୯ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ୩୫ ରନ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ଗୁଜରାଟ ୧୦ ପଏଣ୍ଟ ପାଇ ସାରଣୀର ୮ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଦ୍ୱାଦଶ ମୁକାବିଲାରୁ ଷଷ୍ଠ ପରାଜୟ ସହ ଚେନ୍ନାଇ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିବା ଆଶଙ୍କା ମଧ୍ୟକୁ ଚାଲିଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ୩ ୱିକେଟରେ ୨୩୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଦର୍ଶନ ୫୧ ବଲ୍‌ରେ ୧୦୩ ଓ ଗିଲ୍ ୫୫ ବଲ୍‌ରେ ୧୦୪ ରନ୍ କରିଥିଲେ। ଜବାବରେ ଚେନ୍ନାଇ ସମାନ ସଂଖ୍ୟକ ୨୦ ଓଭରରୁ ୮ ୱିକେଟ ହରାଇ ୧୯୬ ରନ୍ କରିପାରିଥିଲା। ଦଳ ପକ୍ଷରୁ ଡାରିଲ ମିଚେଲ ୬୩ ଓ ମୋଇନ୍ ଅଲି ୫୬ ରନ୍ କରିଥିଲେ। ଏମାନେ ୫୭ ବଲ୍‌ରେ ୧୦୯ ରନ୍ ଉଠାଇଥିଲାବେଳେ ମୋହିତ ଶର୍ମା ଦମ୍‌ରେ ଖେଳୁଥିବା ମିଚେଲଙ୍କୁ ଆଉଟ କରି ଏହି ଯୋଡି ଭାଙ୍ଗିଦେଇଥିଲେ। ଏହା ପରେ ମୋଇନ୍ ଓ ଶିବମ ଦୁବେ (୨୧)ଙ୍କୁ ଆଉଟ କରି ମୋହିତ ଚେନ୍ନାଇର ବିଜୟ ଆଶାକୁ ଧୂଳିସାତ କରିଦେଇଥିଲେ। ରବୀନ୍ଦ୍ର ଜାଡେଜା ୧୦ ବଲ୍‌ରୁ ୧୮ ଓ ଏମ୍‌ଏସ୍ ଧୋନି ୧୧ ବଲ୍‌ରୁ ଅପରାଜିତ ୨୬ ରନ୍ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଗୁଜରାଟ ପକ୍ଷରୁ ମୋହିତ ସର୍ବାଧିକ ୩ଟି ଓ ରଶିଦ୍ ଖାନ ୨ଟି ୱିକେଟ ପାଇଥିଲେ। ପୂର୍ବରୁ ଗୁଜରାଟ ପକ୍ଷରୁ ପ୍ରଥମ ୱିକେଟରେ ଗିଲ୍ ଓ ସୁଦର୍ଶନ ୨୧୦ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ପକ୍ଷରୁ ସର୍ବାଧିକ ଓପନିଂ ପାର୍ଟନରସିପ୍ କରିବାରେ ରେକର୍ଡ କରିଥିଲେ।




### ଗିଲ ବନାମ ସୁଦର୍ଶନ ଲଢ଼େଇ

ଗୁଜରାଟ ପକ୍ଷରୁ ଅଧିନାୟକ ଗିଲ ଓ ସାଇ ସୁଦର୍ଶନ ବ୍ୟାଟିଂ ଆରମ୍ଭ କରି ନିଜ ମଧ୍ୟରେ ରନ୍ ସଂଗ୍ରହ ଓ ସଟ୍ ମାରିବାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଯାହା ଫଳରେ ଚେନ୍ନାଇର ଦୁର୍ବଳ ବୋଲିଂ ଆଗରେ ଗୁଜରାଟ ମନଇଛା ରନ୍ ସଂଗ୍ରହ କରିଥିଲେ। ସମସ୍ତ ବୋଲରଙ୍କୁ ପଡ଼ିଆର ଚାରିଆଡ଼କୁ ସଟ୍‌ମାନ ମାରି ଏମାନେ ପ୍ରଥମ ୱିକେଟରେ ୧୦୪ ବଲ ବା ୧୭.୨ ଓଭରରେ ୨୧୦ ରନ୍ ଉଠାଇ ଦଳ ଲାଗି ଏକ ବିଶାଳ ସ୍କୋର ଛିଡ଼ା କରାଇଥିଲେ। ଏମାନେ ନିଜ ଦଳ ଲାଗି ପ୍ରଥମ ୱିକେଟରେ ସର୍ବାଧିକ ଓ ସମସ୍ତ ଆଇପିଏଲ୍ ପାର୍ଟନରସିପ୍‌ରେ ତୃତୀୟ ଯୁଗ୍ମ ସର୍ବାଧିକ ରନ୍ କରିଥିଲେ। ପ୍ରଥମେ ଆଉଟ ହୋଇଥିବା ସୁଦର୍ଶନ ୩୨ବଲ୍‌ରେ ଅର୍ଦ୍ଧଶତକ ଓ ୫୦ ବଲ୍‌ରେ ଛକା ମାରି ଶତକ ହାସଲ କରିଥିଲେ। ସେହିପରି ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଗିଲ୍ ମଧ୍ୟ ୫୦ତମ ବଲ୍‌ରେ ଛକା ମାରି ଆଇପିଏଲ୍‌ରେ ଷଷ୍ଠ ଶତକ ପୂରଣ କରିଥିଲେ। ସେ ୫୫ ବଲ୍ ଖେଳି ୯ ଚୌକା ଓ ୬ ଛକା ସହାୟତାରେ ୧୦୪ ଓ ସୁଦର୍ଶନ ୫୧ବଲ୍‌ରୁ ୫ ଚୌକା ଓ ୭ଛକା ସହ ୧୦୩ ରନ୍ କରି ଆଉଟ ହୋଇଥିଲେ। ଏହି ଶତକ ସହ ଏହି ଭେନ୍ୟୁରେ ୪ଟି ଶତକ ସହ ହଜାରେ ରନ୍ ପୂରଣ କରିଛନ୍ତି। କିନ୍ତୁ ଶେଷ ଭାଗରେ ଚେନ୍ନାଇର ବୋଲରମାନେ ସୁନ୍ଦର ବୋଲିଂ କରି ୫ ଓଭରରେ ମାତ୍ର ୪୧ ରନ୍ ଦେଇଥିଲେ। ଯାହା ଫଳରେ ଗୁଜରାଟ ଦଳଗତ ବିଭାଗରେ କିଛି ରେକର୍ଡ କରି ପାରି ନଥିଲା। ଏହି ସମୟରେ ଦୁଇ ପେସ୍ ବୋଲର ତୁଷାର ଦେଶପାଣ୍ଡେ ଓ ଶାର୍ଦ୍ଦୁଳ ଠାକୁର ସୁନ୍ଦର ନିୟନ୍ତ୍ରଣ ରଖି ବୋଲିଂ କରିଥିଲେ। ଗୁଜରାଟ ହରାଇଥିବା ୩ଟି ୱିକେଟ ମଧ୍ୟରୁ ତୁଷାରଙ୍କୁ ୨ଟି ୱିକେଟ ମିଳିଥିଲା।

**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**କୋଲକାତା- ମୁମ୍ବାଇ**
**ସ୍ଥାନ**- କୋଲକାତା, **ସମୟ**- ରାତି ୭.୩୦
**- ପ୍ରସାରଣ -**
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ | ୧୧ | ୮ | ୩ | ୧୬ | +୦.୪୭୬ |
| ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ | ୧୨ | ୬ | ୬ | ୧୨ | +୦.୪୯୧ |
| ଦିଲ୍ଲୀ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ | ୧୨ | ୬ | ୬ | ୧୨ | -୦.୭୬୯ |
| ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ | +୦.୨୧୭ |
| ଗୁଜରାଟ | ୧୨ | ୫ | ୭ | ୧୦ | -୧.୦୬୩ |
| ମୁମ୍ବାଇ | ୧୨ | ୪ | ୮ | ୮ | -୦.୨୧୨ |
| ପଞ୍ଜାବ | ୧୨ | ୪ | ୮ | ୮ | -୦.୪୨୩ |

### ଦୋହା ଡାଇମଣ୍ଡ ଲିଗ୍

# ନୀରଜ ଦ୍ୱିତୀୟ, କିଶୋର ୯ମ

**ଦୋହା, ୧୦।୫(ଏଜେନ୍ସି):** ଦୋହା ଡାଇମଣ୍ଡ ଲିଗ୍‌ରେ ପଦାର୍ପଣ କରିଥିବା ଓଡ଼ିଆ ଜାଭେଲିନ ପିଙ୍ଗାଳି କିଶୋର ଜେନା ଆଶାନୁରୂପ ପ୍ରଦର୍ଶନ କରି ନପାରି ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ତେବେ ୨୦୨୦ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ତଥା ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ତାଙ୍କ ଷଷ୍ଠ ତଥା ଅନ୍ତିମ ପ୍ରୟାସରେ ୮୮. ୩୬ ମିଟର ଜାଭେଲିନ ପିଙ୍ଗି ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି ଓ ଟାଇଟଲ ବଜାୟ ରଖିବାରେ ସଫଳ ହୋଇ ନାହାଁନ୍ତି। ଚେକ ଗଣରାଜ୍ୟର ଜାକୁବ ଭାଲଡେଚ୍ ୮୮. ୩୮ ମିଟର ପିଙ୍ଗି ପ୍ରଥମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ସେହିପରି ଗ୍ରେନେଡାର ଆଣ୍ଡରସନ ପିଟର୍ସ ଅନ୍ତିମ ପ୍ରୟାସରେ ୮୬.୬୨ ମିଟର ଥ୍ରୋ କରି ତୃତୀୟ ସ୍ଥାନରେ ରହିଥିଲେ। ପ୍ରଥମ ପ୍ରୟାସରେ କିଶୋର ୭୫. ୭୨ ମିଟର ଜାଭେଲିନ୍ ଫିଙ୍ଗିଥିଲେ। ତାଙ୍କର ଦ୍ୱିତୀୟ ପ୍ରୟସା ଫାଉଲ ଥିଲା। ତୃତୀୟ ପ୍ରୟାସରେ ସେ ୭୬.୩୧ ମିଟର ଥ୍ରୋ କରି ୯ମ ସ୍ଥାନରେ ରହିଥିଲେ। ଅନ୍ତିମ ଦୁଇଟି ସ୍ଥାନରେ ରହିବା କାରଣରୁ ସେ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିଲେ ଓ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।



### ଅନ୍ତିମ ପ୍ରୟାସରେ ନୀରଜଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ନୀରଜଙ୍କ ପଥମ ପ୍ରୟାସ ଫାଉଲ ଥିଲା। ସେହିପରି ସେ ଦ୍ୱିତୀୟ ପ୍ରୟସାରେ ୮୪.୯୪ ମିଟର ପିଙ୍ଗିଥିଲେ। ତୃତୀୟ ପ୍ରୟାସରେ ସେ ୮୬.୨୪ ମିଟର ପିଙ୍ଗି ଦ୍ୱିତୀୟ ସ୍ଥାନକୁ ଫେରିଥିଲେ। ଶ୍ରେଷ୍ଠ ୮ଟି ପ୍ରତିଯୋଗୀ ଅନ୍ତିମ ୩ ରାଉଣ୍ଡରେ ପରସ୍ପରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ଚତୁର୍ଥ ପ୍ରୟାସରେ ନୀରଜ ୮୬.୧୮ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ସ୍ଥିର ରହିଥିଲେ। ୫ମ ପ୍ରୟାସରେ ନୀରଜଙ୍କ ପ୍ରଦର୍ଶନ ନିମ୍ନଗାମୀ ହୋଇଥିଲା ଓ ସେ ୮୨.୨୮ ମି. ଫିଙ୍ଗିଥିଲେ ମଧ୍ୟ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିଲେ। ୫ ପ୍ରୟାସ ପରେ ଶ୍ରେଷ୍ଠ ୩ ପ୍ରତିଯୋଗୀ ଆଉ ଗୋଟିଏ ରାଉଣ୍ଡ ବା ପ୍ରୟାସର ସୁଯୋଗ ପାଇଥିଲେ। ଏହିକ୍ରମରେ ନୀରଜ ତାଙ୍କ ଷଷ୍ଠ ତଥା ଅନ୍ତିମ ପ୍ରୟାସରେ ଶ୍ରେଷ୍ଠ ପ୍ରଦର୍ଶନ କରି ୮୮.୩୬ ମିଟର ଜାଭେଲିନ୍ ଫିଙ୍ଗିଥିଲେ ମଧ୍ୟ ଶୀର୍ଷ ସ୍ଥାନ ଅକ୍ତିଆର କରିବାରେ ସଫଳ ହୋଇ ନଥିଲେ ଓ ସେ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେ ଅଧିକ ୦.୦୨ ମିଟର ଥ୍ରୋ କରିଥିଲେ ଶୀର୍ଷ ସ୍ଥାନରେ ରହିବା ସହ ଟାଇଟଲ ବଜାୟ ରଖିଥାନ୍ତେ।

### ଅନ୍ତର୍ଜାତୀୟ କ୍ରିକେଟରୁ ମୁନରୋଙ୍କ ଅବସର

**ୱେଲିଂଟନ, ୧୦।୫(ଏଜେନ୍ସି):** ନ୍ୟୁଜିଲାଣ୍ଡ ବିସ୍ଫୋରକ ବ୍ୟାଟର କଲିନ ମୁନରୋ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାସେରୁ କମ୍ ସମୟ ଥିବା ବେଳେ ସେ ଏହି ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି। ତେବେ ସେ ଫ୍ରାଞ୍ଚାଇଜି କ୍ରିକେଟ ଖେଳିବା ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି। ଟି-୨୦ ବିଶ୍ୱକପ୍ ପାଇଁ ଘୋଷିତ ଦଳରେ ସେ ସ୍ଥାନ ନପାଇବା ପରେ ସେ ଅବସର ନେଇ ଘୋଷଣା କରିଛନ୍ତି।

# ଜାତୀୟ କରାଟେ: ଶୁଭକାନ୍ତ ବିଶ୍ୱାଳଙ୍କୁ ସ୍ୱର୍ଣ୍ଣ




**ଭୁବନେଶ୍ୱର, ୧୦।୫ (ସମିସ):** ଓଡ଼ିଶାର ଶୁଭକାନ୍ତ ବିଶ୍ୱାଳ ଡେରାଡୁନ୍‌ରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ ୨୧ ବର୍ଷରୁ କମ୍ ପୁରୁଷ ୮୪ କିଲୋରୁ ଉର୍ଦ୍ଧ୍ୱ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଗତକାଲି ପ୍ରଥମ ଦିନରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କରାଟେକା ଭାଲେନା ବ୍ୟକ୍ତିଗତ କାଟା ଓ ଟିମ୍ କାଟାରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଦ୍ୱିତୀୟ ଦିନରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ମିଳିଛି। ପ୍ରଥମ ଦିନରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ କାଂସ୍ୟ ସହ ୪ଟି ପଦକ ମିଳିଥିଲା। ଶୁକ୍ରବାର ଦ୍ୱିତୀୟ ଦିନ ମହିଳା ୫୦ କିଲୋଗ୍ରାମ୍‌ରେ ଲୋମା ସ୍ୱାଇଁ, ୨୧ ବର୍ଷରୁ କମ୍ ବିଭାଗ ବ୍ୟକ୍ତିଗତ କରାଟେରେ ରୌପ୍ୟ, ୨୧ ବର୍ଷରୁ କମ୍ ୫୫ କିଲୋଗ୍ରାମ୍ ମହିଳା ବିଭାଗରେ ପ୍ରିୟଦର୍ଶିନୀ ଦାସ, ଓ ପୁରୁଷ ବିଭାଗରେ ଦିବେଶ କୁମାର ବରଦା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ଦିନ ଶେଷ ସୂଚନା ମିଳିଲାବେଳକୁ ଓଡ଼ିଶା ୩ ସ୍ୱର୍ଣ୍ଣ, ୩ ରୌପ୍ୟ ୩ କାଂସ୍ୟ ସହ ୯ଟି ପଦକ ଜିତିବାରେ ସମର୍ଥ ହୋଇଛି।

# ନୂଆ ଭେନ୍ୟୁରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ

**ନୂଆଦିଲ୍ଲୀ, ୧୦।୫(ଏଜେନ୍ସି):** ଏଥର ୨୦୨୩-୨୦୨୫ ଚକ୍ରର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ନୂଆ ଭେନ୍ୟୁରେ ଆୟୋଜନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଏ ନେଇ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ସହ ସମ୍ଭାବ୍ୟ ଭେନ୍ୟୁ ନେଇ ଆଲୋଚନା କରାଯାଇଛି ବୋଲି ସେ କହିଛନ୍ତି। ୨୦୨୫ରେ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ ପାଇଁ ଭିନ୍ନ ଟାଇମ୍ ସ୍ଲଟ ବା ଅନ୍ୟ ଭେନ୍ୟୁ ଖୋଜିବା କଷ୍ଟକର ହେବ। ତେବେ ଏହା ସତ୍ତ୍ୱେ ନୂଆ ଭେନ୍ୟୁରେ ଏହି ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବା ନେଇ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି। ଇଂଲଣ୍ଡରେ ଜୁନ୍ ମାସରେ ଖେଳାଯାଇଥିବା ୨ଟି ଯାକ ଫାଇନାଲରେ ଭାରତ ପରାଜିତ ହୋଇ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

ଡବ୍ଲ୍ୟୁଟିସିର ଗତ ଦୁଇଟି ଯାକ ସଂସ୍କରଣର ଫାଇନାଲ ମୁକାବିଲା ଇଂଲଣ୍ଡରେ ଖେଳାଯାଇଥିଲା। ଦୁଇଟି ଯାକ ଫାଇନାଲ ଜୁନ୍ ମାସରେ ଆୟୋଜନ ହୋଇଥିଲା। ଭାରତ ଦୁଇଥର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ୨୦୨୧ରେ ପ୍ରଥମ ସଂସ୍କରଣ ଫାଇନାଲରେ ଭାରତ ସାଉଥାମ୍ପଟନରେ ନ୍ୟୁଜିଲାଣ୍ଡଠାରୁ ହାରିଥିଲା। ସେହିପରି ୨୦୨୩ ଫାଇନାଲରେ ଭାରତ ଓଭାଲ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆଠାରୁ ହାରିଥିଲା। ଆଇସିସି ବିସିସିଆଇ ଦ୍ୱାରା ତା'ର ଅଧିକାଂଶ ଆୟ କରିଥାଏ। ଫଳରେ ଆଇସିସି ସବୁ ଟୁର୍ଣ୍ଣାମେଣ୍ଟର ଟାଇମିଂ ଭାରତୀୟ ପ୍ରଶଂସକଙ୍କ ସୁବିଧାକୁ ଦୃଷ୍ଟି ରଖି ନିଷ୍ପତ୍ତି ନେଇଥାଏ।

### ଏସୀୟ ମହିଳା ଭଲିବଲ୍ ଚାମ୍ପିଅନସିପ୍

# ଲୋତକବିନ୍ଦୁ ଭାରତୀୟ ଦଳ ପ୍ରଶିକ୍ଷକ

**ଭୁବନେଶ୍ୱର, ୧୦।୫(ସମିସ):** ଫିଲିପାଇନ୍ସରେ ଆସନ୍ତା ୨୫ରୁ ଜୁନ୍ ୧ ତାରିଖ ମଧ୍ୟରେ ଏସୀୟ ମହିଳା ଭଲିବଲ୍ ଚାମ୍ପିଅନସିପ୍ ଆୟୋଜନ ହେବ। ଏହି



ମେଗା ଇଭେଣ୍ଟ ପାଇଁ ଲୋତକବିନ୍ଦୁ ଦାଶ ଭାରତୀୟ ବିରଷ୍ଠ ମହିଳା ଦଳର କୋଚ୍ ଭାବେ ମନୋନୀତ ହୋଇଛନ୍ତି। ଏଫ୍‌ଆଇଭିବି ଲିଭେଲ-୨ କୋଚ୍ ଭାବେ ମାନ୍ୟତା ପାଇଥିବା ଲୋତକ ଓଡ଼ିଶା ପାଇଁ ସାଫ୍ କ୍ରୀଡ଼ାରେ ପ୍ରଥମ ଭଲିବଲ ଖେଳାଳିଭାବେ ପ୍ରତିନିଧିତ୍ୱ କରିଥିଲେ। ଏବେ ସେ ସ୍ପୋର୍ଟ୍ସ ଇନିସ୍‌ପେକ୍ଟର ଭାବେ କାର୍ଯ୍ୟ କରୁଥିବା ଲୋତକବିନ୍ଦୁ ପୂର୍ବତଟ ରେଳବାଇର ପୁରୁଷ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱରେ ରହିଛନ୍ତି। ଅଧିନରେ ଓଡ଼ିଶା ଦଳ ୩୪ତମ ଫେଡେରେସନ କପ୍ ଭଲିବଲ୍ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିଲା। ପ୍ରଶିକ୍ଷଣ ଶିବିରରେ ଯୋଗ ଦେବାକୁ ଭୁବନେଶ୍ୱର ପୂର୍ବତଟ ରେଲବାଇର କେ ବୀଣା ମନୋନୀତ ହୋଇଛନ୍ତି। ବେଙ୍ଗାଲୁରୁ ସାଇ ସେଣ୍ଟରରେ ଗତ ୮ରୁ ଆରମ୍ଭ ହୋଇ ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୩ ତାରିଖରେ ଶେଷ ହେବ।

#### ଏସିଆନ ମହିଳା ଭଲିବଲ: ଭାରତୀୟ ଦଳରେ ଲିପିକା

୧୮ ବର୍ଷରୁ କମ୍ ଏସିଆନ ମହିଳା ଭଲିବଲ ଚାମ୍ପିଅନସିପ୍ ପାଇଁ ଆଉ ଜଣେ ଓଡ଼ିଆ ଝିଅ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ଲିପିକା ଖେସ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଲିପିକା ଓ ଲୋତକଙ୍କୁ ଓଡ଼ିଶା ଭଲିବଲ ଆସୋସିଏସନ ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି।

# 'ଇମ୍ପାକ୍ଟ ଖେଳାଳି ନିୟମ ସ୍ଥାୟୀ ନୁହଁ'

**ନୂଆଦିଲ୍ଲୀ, ୧୦।୫(ଏଜେନ୍ସି):** ଚଳିତ ଆଇପିଏଲରେ ଇମ୍ପାକ୍ଟ ଖେଳାଳି ନୟମକୁ ନେଇ ଚର୍ଚ୍ଚା ଚାଲିଛି। ଏହାକୁ କେତେକ ଭାରତୀୟ ଖେଳାଳିମାନେ ନାପସନ୍ଦ କରି ଖୋଲାଖୋଲି ମନ୍ତବ୍ୟ ଦେଇଛନ୍ତି। ଏବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶହା ଇମ୍ପାକ୍ଟ ଖେଳାଳି ନିୟମ ନେଇ ନିଜ ମତ ରଖିଛନ୍ତି। ଏହି ନିୟମ ସ୍ଥାୟୀ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ଏହି ନିୟମ ମାଧ୍ୟମରେ ଦୁଇଜଣ ଭାରତୀୟ ଖେଳାଳି ପ୍ରତ୍ୟେକ ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ପାଉଛନ୍ତି। ତେବେ ଏହାକୁ ସମ୍ପୂର୍ଣ୍ଣ ଭାବେ ବାଦ ଦିଆଯିବ ବୋଲି କହୁନାହିଁ। କିନ୍ତୁ ଏହା ସ୍ଥାୟୀ ନୁହଁ। ଏ ନେଇ ଆମେ ଖେଳାଳି, ଫ୍ରାଞ୍ଚାଇଜି, ବ୍ରଡକାଷ୍ଟରଙ୍କ ସହ ଆଲୋଚାନ କରିବୁ ବୋଲି ବୋଲି ସେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ରୋହିତ ଶର୍ମା, ଅକ୍ଷର ପଟେଲ, ମୁକେଶ କୁମାର, ଚେନ୍ନାଇ ସୁପର କିଙ୍ଗସ ବ୍ୟାଟିଂ ପ୍ରଶିକ୍ଷକ ମାଇକ ହସି, ମିଚେଲ ଷ୍ଟାର୍କ ଓ ଅନ୍ୟମାନେ ଏହି ନିୟମର ଖୋଲାଖୋଲି ବିରୋଧ କରିଛନ୍ତି।

### ଜେ୩୦ ଆଇଟିଏଫ୍ ବିଶ୍ୱ କନିଷ୍ଠ ଟେନିସ ଉଦ୍‌ଯାପିତ

# ଓଡ଼ିଶାର ଦେବାଶିଷ, ସୋହିନୀ ରନର୍ସଅପ୍

**ଭୁବନେଶ୍ୱର, ୧୦।୫(ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜେ୩୦ ଆଇଟିଏଫ୍ ବିଶ୍ୱ ଟେନିସ ଟୁର କନିଷ୍ଠ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଓଡ଼ିଶା ଟେନିସ ସଂଘ (ଓଟିଏ), ସର୍ବ ଭାରତୀୟ ଟେନିସ ମହାସଂଘ (ଏଆଇଟିଏ) ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଶେଷ ହୋଇଛି। ବାଳକ ବିଭାଗ ଫାଇନାଲରେ ଭାରତର ପ୍ରନୀଲ ଶର୍ମା ନିଜ ଦେଶର ତଥା ଓଡ଼ିଶାର ଦେବାଶିଷ ସାହୁଙ୍କୁ ୬-୪, ୭-୫ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସେହିପରି ବାଳିକା ବିଭାଗ ଫାଇନାଲରେ ଆମେରିକାର ପ୍ରିୟଙ୍କା ରାଣା ୬-୩, ୬-୦ ସିଧାସଳଖ ସେଟ୍‌ରେ ଭାରତର ପ୍ରିଶା ନିଖିଲ ଶିନ୍ଦେଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଅନ୍ୟପଟେ ବାଳିକା ଯୁଗଳ ପ୍ରତିଯୋଗିତାରେ ଭାରତର ଲକ୍ଷ୍ମୀଶ୍ରୀ ଦଣ୍ଡୁ ଓ ଆମେରିକାର ପ୍ରିୟଙ୍କା ଫାଇନାଲରେ




୬-୭, ୬-୪ ସେଟ୍‌ରେ ଭାରତୀୟ ଯୋଡି ଆକୃତି ସୋନକୁଶାରେ ଓ ସୋହିନି ସଞ୍ଜୟ ମହାନ୍ତିଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ବାଳକ ଯୁଗଳରେ ଭାରତର ଓଜସ ମେହଲାୱତ୍ ଓ ଅଧିରାଜ ଠାକୁର ଫାଇନାଲ ମୁକାବିଲାରେ ୬-୩, ୬-୨ ସେଟ୍‌ରେ ରୋହିତ ହରି ବାଲାଜୀ ଗୋବିନା ଗାବିନାଥ ଓ ଥିରୁମୁରୁଗାନ ବିଶ୍ୱନାଥନଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଓଟିଏ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ୍ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଆଇଟିଏଫ୍ ପର୍ଯ୍ୟବେକ୍ଷକ ପ୍ରବୀଣ କୁମାର ନାୟକ ଓ ସମ୍ବିତ ପଟ୍ଟନାୟକଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ସଫଳ ଭାବେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତ ସମେତ, କାନାଡା, ନେପାଳ, ବାଂଲାଦେଶ ଓ ଆମେରିକାର ମୋଟ୍ ୧୧୫ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA